# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ସେପ୍ଟେମ୍ବର ୨୫/୨୦୧୮ (୧୬ ପୃଷ୍ଠା) Sambalpur, Tuesday, September 25/ 2018 ★★

୧୪ଶ ଭାଗ ୨୭୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




## ୧୫ ଇଶାନଙ୍କ ବିସ୍ଫୋରକ ଶତକ

ଆସାମ ବିପକ୍ଷ ବିଜୟ ହଜାରେ ଟ୍ରଫି ମ୍ୟାଚରେ ଝାଡ଼ଖଣ୍ଡ ବ୍ୟାଟ୍ସମ୍ୟାନ ଇଶାନ କିଷାନ ଏକ ବିସ୍ଫୋରକ ଶତକ ହାସଲ କରିଛନ୍ତି।

## ୦୨ ଚର୍ଚ୍ଚିତ ଚରିତ୍ର ହେବାକୁ ପସନ୍ଦ କରେନାହିଁ: ରାଧିକା

ସବୁ କାମ କରିବାରେ କୃତଜ୍ଞତା ପ୍ରକାଶ କରେ। ତେବେ ଚର୍ଚ୍ଚିତ ଚରିତ୍ର ହେବାକୁ ପସନ୍ଦ କରେନାହିଁ ବୋଲି ବଲିଉଡ୍ ଅଭିନେତ୍ରୀ ରାଧିକା ଆପ୍ଟେ ପ୍ରକାଶ କରିଛନ୍ତି।




DADLS-116

# ରାଜ୍ୟର କୃଷକଙ୍କୁ ସଶକ୍ତ କରୁଛି ଓଡ଼ିଶା

୧୨୯ଟି ବ୍ଲକର ୨୪୨୯ ଗ୍ରାମ ପଞ୍ଚାୟତର ୬୦୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ତାଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା, ନୂତନ ଉତ୍ପାଦନ ଜ୍ଞାନ କୌଶଳ ଏବଂ ଭୁବନେଶ୍ୱରରେ ଅବସ୍ଥିତ ପ୍ରମୁଖ କୃଷି ଗବେଷଣା କେନ୍ଦ୍ର ପରିଦର୍ଶନ ସହ କୃଷି ବୈଜ୍ଞାନିକମାନଙ୍କ ବିଭିନ୍ନ ପରାମର୍ଶ ମାଧ୍ୟମରେ ଦିଆଯାଇଛି ପ୍ରଶିକ୍ଷଣ।

ରାଜ୍ୟର ପ୍ରାୟ ୨ ହଜାର ମହିଳା ଚାଷୀ ମଧ୍ୟ ହୋଇଛନ୍ତି ସାମିଲ ଏହି ପ୍ରଶିକ୍ଷଣରେ।

କୃଷକମାନଙ୍କ ପାଇଁ ସଚେତନତା, ପ୍ରଶିକ୍ଷଣ ଏବଂ ପରାମର୍ଶ ଗ୍ରହଣ ବଢେଇବ ଉତ୍ପାଦନ, ବଢ଼ିବ କୃଷିରୁ ଆୟ।

୨୦ ଜୁନ୍‌ରୁ ଆରମ୍ଭ ହୋଇଥିବା ଏହି କୃଷକ ସଚେତନତା କାର୍ଯ୍ୟକ୍ରମ ପାଇଁ କୃଷକମାନେ ତାଙ୍କ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦେଉଛନ୍ତି ଆନ୍ତରିକ ଧନ୍ୟବାଦ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଓଡ଼ିଶା ସରକାର

15001/13/0250/1819

@Naveen_Odisha CMO.Odisha @CMO_Odisha

ସଚେତନ କୃଷକ, ସଶକ୍ତ କୃଷକ


## ସୋଲି ମାଳଦ୍ୱୀପ ନୂଆ ରାଷ୍ଟ୍ରପତି

**ମାଲେ/ନୂଆଦିଲ୍ଲୀ,୨୪।୯(ପି.ଟି.)**

ବହୁଚର୍ଚ୍ଚିତ ମାଳଦ୍ୱୀପ ରାଷ୍ଟ୍ରପତି ନିର୍ବାଚନରେ ବାଜି ମାରିଛନ୍ତି ବିରୋଧୀ 'ମାଲ୍‌ଡେଭିଏନ୍ ଡେମୋକ୍ରାଟିକ୍ ପାର୍ଟି' (ଏମ୍‌ଡିପି) ପ୍ରାର୍ଥୀ ଇବ୍ରାହିମ୍ ମହମ୍ମଦ ସୋଲି। ଦ୍ୱିତୀୟ ପାଳି ପାଇଁ ଆଶା ରଖିଥିବା ଶାସକ 'ପ୍ରୋଗ୍ରେସିଭ୍ ପାର୍ଟି ଅଫ୍ ମାଳଦ୍ୱୀପ' (ପିପିଏମ୍) ପ୍ରାର୍ଥୀ ତଥା ରାଷ୍ଟ୍ରପତି ୟାମିନ୍ ଅବ୍ଦୁଲ ଗୟୁମ୍‌ଙ୍କୁ ପରାଜୟର ମୁହଁ ଦେଖିବାକୁ ପଡ଼ିଛି। ରବିବାର ଦେଶରେ ଅନୁଷ୍ଠିତ ରାଷ୍ଟ୍ରପତି ନିର୍ବାଚନର ଫଳାଫଳ ସୋମବାର ପ୍ରକାଶ ପାଇଛି। ଏଥିରେ ସୋଲି ୧,୩୪,୬୧୬ (୫୮.୩%) ଭୋଟ୍ ସହ ବିଜୟୀ ହୋଇଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଗୟୁମ୍‌ଙ୍କୁ ମିଳିଛି ୯୬,୧୩୨ (୪୧.୫%) ଭୋଟ୍। ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବା ପାଇଁ ବିପୁଳ ମାତ୍ରାରେ ଭୋଟର ଘରୁ ବାହାରିଥିଲେ। ଏଥର ୮୯.୨୨% ମତଦାନ ହୋଇଥିଲା ବୋଲି ନିର୍ବାଚନ କମିଶନ ସୂଚନା ଦେଇଛନ୍ତି। ନଭେମ୍ବର ୧୭ରେ ସୋଲି ରାଷ୍ଟ୍ରପତି ☞ପୃଷ୍ଠା–୪

# ଧାନ ବିକ୍ରି ପାଇଁ ହଟିଲା କଟକଣା

**ଭୁବନେଶ୍ୱର,୨୪।୯(ବ୍ୟୁରୋ)**

**କ୍ୟାବିନେଟ ନିଷ୍ପତ୍ତି**
- ସବୁ ଧାନ ବିକିପାରିବେ କ୍ଷୁଦ୍ର, ଭାଗ ଚାଷୀ
- ନଭେମ୍ବରରୁ ଆରମ୍ଭ ହେବ ଧାନ ସଂଗ୍ରହ
- ଲକ୍ଷ୍ୟ ୫୫ ଲକ୍ଷ ମେଟ୍ରିକ ଟନ
- ୨୪ ଘଣ୍ଟାରେ ଚାଷୀଙ୍କୁ ମିଳିବ ପ୍ରାପ୍ୟ
- ୧୦୦ ପ୍ରତିଶତ ଚାଉଳ ଫେରାଇ ନ ଥିବା ମିଲରଙ୍କୁ ମନା



ଭାଗ ଚାଷୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏଣିକି ସେମାନଙ୍କ ଧାନ ବିକ୍ରି କରିପାରିବେ। ରାଜ୍ୟ ସରକାର ଏ ନେଇ ପୂର୍ବରୁ ଲଗାଇଥିବା କଟକଣାକୁ ହଟାଇ ଦେଇଛନ୍ତି। ନିଜ ପରିବାର ପାଇଁ ବର୍ଷ ସକାଶେ ଧାନ ରଖିବା ଆବଶ୍ୟକ ନାହିଁ। ସବୁ ଧାନ ଚାହିଁଲେ ସେମାନେ ବିକ୍ରି କରିଦେଇ ପାରିବେ। କେନ୍ଦ୍ର ସରକାର ରାଜ୍ୟରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରିଥିବା ବେଳେ ରାଜ୍ୟ ସରକାର ଆସନ୍ତା ଅକ୍ଟୋବର ୨ ତାରିଖଠାରୁ ଓଡ଼ିଶା ଖାଦ୍ୟ ସୁରକ୍ଷା ଆଇନ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଗରିବ ଲୋକଙ୍କୁ ମୁଣ୍ଡ ପିଛା ୫ କିଲୋ ଚାଉଳ ମିଳୁଥିବାରୁ ଧାନ ରଖିବାର କୌଣସି ଆବଶ୍ୟକତା ନାହିଁ। ଅଧିକ ସଂଖ୍ୟାରେ କ୍ଷେତ୍ର ଚାଷୀଙ୍କୁ ଧାନକିଣା ପ୍ରକ୍ରିୟାରେ ସାମିଲ କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି। ରାଜ୍ୟ ସରକାର ଖାଦ୍ୟ ଓ ଧାନ ସଂଗ୍ରହ ନୀତି–୨୦୧୮ କାର୍ଯ୍ୟକାରୀ କରିଛନ୍ତି। ଏହାକୁ ସୋମବାର ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଏହି ନୂତନ ନୀତି ଅନୁଯାୟୀ, ଭାଗ ଚାଷୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ପୂର୍ବରୁ ଥିବା କଟକଣାକୁ ହଟାଇ ଦିଆଯାଇଛି। ପୂର୍ବରୁ ବାର୍ଷିକ ମୁଣ୍ଡପିଛା ୩ କୁଇଣ୍ଟାଲ ହିସାବରେ ଧାନ ବିକ୍ରି ଉପରେ କଟକଣା ରହିଥିଲା। ଏଥିଯୋଗୁ କ୍ଷୁଦ୍ର ଓ ଭାଗ ଚାଷୀମାନେ ସେମାନଙ୍କର ସ୍ୱଳ୍ପ ପରିମାଣ ଧାନକୁ ବିକ୍ରି କରିପାରୁ ନ ଥିଲେ। କ୍ୟାବିନେଟ ବୈଠକ ଶେଷରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, କ୍ଷୁଦ୍ର ଓ ଭାଗ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ସୋମବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ୩ଟି ☞ପୃଷ୍ଠା–୪

## କୃମିନାଶକ ଔଷଧର ପାର୍ଶ୍ୱ ପ୍ରତିକ୍ରିୟା

■ଶତାଧିକ ଛାତ୍ରୀଛାତ୍ର ଅସୁସ୍ଥ, ୫୧ ଗୁରୁତର

**ବଲାଙ୍ଗୀର ଅଫିସ/ସଇଁତଲା, ୨୪।୯ (ଡି.ଏନ.ଏ.)**

କୃମିନାଶକ ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ଯୋଗୁ ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଘୁନସର ସରକାରୀ ପ୍ରାଥମିକ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ସୋମବାର ଅସୁସ୍ଥ ହୋଇପଡିଥିଲେ। ସେମାନଙ୍କ ମଧ୍ୟରୁ ୫୧ଜଣଙ୍କ ଅବସ୍ଥା

**ଘୁନସରରେ ଉତ୍ତେଜନା**
- ସିଡିଏମ୍‌ଓଙ୍କୁ ଘେରିଲେ
- ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି
- ତଦନ୍ତ ପ୍ରତିଶ୍ରୁତି ଦେଲେ ସିଡିଏମ୍‌ଓ

ଗୁରୁତର ହୋଇପଡିଥିଲା। ଏପରି ପରିସ୍ଥିତିରେ ଗୁରୁତର ଛାତ୍ରୀଛାତ୍ରଙ୍କୁ ଘୁନସର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ସେଠାରେ



ଅସୁସ୍ଥ ଛାତ୍ରୀଛାତ୍ରଙ୍କୁ ସଇଁତଲା ହସପିଟାଲରେ ଭର୍ତ୍ତି କରାଯାଇଛି।

କୌଣସି ଡାକ୍ତର ନ ଥିଲେ। ତୁରନ୍ତ ଏ ନେଇ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଖବର ଦିଆଯାଇଥିଲା। ହେଲେ ସେଠାରୁ ଡାକ୍ତର ଆସିବାରେ ଢେ଼ର ବିଳମ୍ବ ହେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଏହାକୁ ନେଇ କେତେକ ଅଭିଭାବକ ଓ ସ୍ଥାନୀୟ ଲୋକେ ଘୁନସର ପ୍ରାଥମିକ ବିଦ୍ୟାଳୟରେ ଭଙ୍ଗାରୁଜା କରିଥିଲେ। କୃମିନାଶକ ଔଷଧ ଖାଇ ଶତାଧିକ ଛାତ୍ରୀଛାତ୍ର ଅସୁସ୍ଥ ହେବା ଘଟଣାର ବିଚାର ବିଭାଗୀୟ ତଦନ୍ତ କରାଯିବା ସହ ସିଡିଏମ୍‌ଓଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିରୋଧୀଦଳ ନେତା ନରସିଂହ ମିଶ୍ର ଦାବି କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ସଇଁତଲା ବ୍ଲକ ଘୁନସର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ☞ପୃଷ୍ଠା–୪

■ ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ଶାହ

# ୫ ବର୍ଷ ସୁଯୋଗ ଦିଅ, ଓଡ଼ିଶା ହେବ ୧ ନମ୍ବର



ପୁରୀଠାରେ ଅନୁଷ୍ଠିତ ଭାଜପା ମହିଳା ମୋର୍ଚ୍ଚା ପ୍ରତିନିଧି ସଭାରେ ଉପସ୍ଥିତ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ (ମଝି) ଓ ଅନ୍ୟ ନେତୃମଣ୍ଡଳୀ।

**ପୁରୀ ଅଫିସ, ୨୪।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୨୨ ତାରିଖରେ ଦିନିକିଆ ଓଡ଼ିଶା ଗସ୍ତରେ ଆସି ବିଜେଡି ସରକାରକୁ ଟାର୍ଗେଟ କରିଥିଲେ। ସୋମବାର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓଡ଼ିଶା ଆସି ପୁରୀରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଦୁର୍ନୀତି, ଭ୍ରଷ୍ଟାଚାର ଓ ମହିଳା ନିର୍ଯାତନା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରି ଦେଇଛନ୍ତି ପରିବର୍ତ୍ତନ ଲାଗି ଆହ୍ୱାନ। ଭାଜପାକୁ ୫ ବର୍ଷ ଶାସନ କ୍ଷମତାରେ ବସାଇଲେ ଓଡ଼ିଶା ୧ ନମ୍ବର ସ୍ଥାନ ହାସଲ କରିବ ବୋଲି ଶାହ କହିଛନ୍ତି।

ଭାଜପା ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ଅବସରରେ ପୁରୀ ଶରଧାବାଲିରେ ଶକ୍ତିକେନ୍ଦ୍ରସ୍ତରୀୟ ଭାଜପା ମହିଳା ମୋର୍ଚ୍ଚା ପ୍ରତିନିଧି ସଭା ଅନୁଷ୍ଠିତ ହୋଇଥିଲା। ଏହାକୁ ଉଦ୍‌ଘାଟନ କରି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ କହିଥିଲେ ଯେ, ମହିଳା ହେଉଛନ୍ତି ଶକ୍ତିକେନ୍ଦ୍ର। ସେମାନଙ୍କ ପାଖରେ ପରିବର୍ତ୍ତନର ଶକ୍ତି ରହିଛି। ସେମାନେ ଚାହିଁଲେ ପରିବର୍ତ୍ତନ କିଛି ବଡ଼କଥା ନୁହେଁ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୂତ ସାଜି ଓଡ଼ିଶାର କୋଣ ଅନୁକୋଣରେ ପ୍ରତି ଘରେ ପହଞ୍ଚି ରାଜ୍ୟ ସରକାରଙ୍କ ବିଫଳତା ଏବଂ କେନ୍ଦ୍ରର କଲ୍ୟାଣକାରୀ ଯୋଜନାର ଚିତ୍ର ବଖାଣିବାକୁ ଭାଜପା ମହିଳା ପ୍ରତିନିଧିଙ୍କୁ ମନ୍ତ୍ର ଦେଇଛନ୍ତି ଶାହ।

ସେ ଆହୁରି ମଧ୍ୟ କହିଛନ୍ତି, ଓଡ଼ିଶାରେ ଦିନକୁ ଦିନ ମହିଳାଙ୍କ ପ୍ରତି ଅତ୍ୟାଚାର ବଢୁଛି। ମହିଳାଙ୍କୁ ଅସଦାଚରଣ ଏବଂ ଦୁର୍ବ୍ୟବହାରରେ ଓଡ଼ିଶା ସମଗ୍ର ଦେଶରେ ଏକ ନମ୍ବର। ଗଣବଳାତ୍କାରରେ ୫ ନମ୍ବର ଏବଂ ଏସିଡ୍ ମାଡ଼ ଘଟଣାରେ ୬ ନମ୍ବର ସ୍ଥାନରେ ରହିଛି। ବିକାଶ ବଦଳରେ ନବୀନ ସରକାର ମହିଳାଙ୍କୁ ଦୁର୍ବ୍ୟବହାର କ୍ଷେତ୍ରରେ ୧ ନମ୍ବର ଦୁର୍ଭାଗ୍ୟଜନକ। ମହିଳାଙ୍କୁ ସୁରକ୍ଷା ଦେଇପାରୁ ନ ଥିବା ବିଜୁ ଜନତା ଦଳର ଆଉ ଶାସନରେ ରହିବାର ଅଧିକାର ନାହିଁ। ଏ ସରକାରରେ ନାରୀଙ୍କ ପ୍ରତି ଅତ୍ୟାଚାର ବଢୁଥିବା ବେଳେ ମୋଦି ସରକାର ମହିଳାଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି। ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ ଦରମା କେନ୍ଦ୍ର ସରକାର ବୃଦ୍ଧି କରିଛନ୍ତି। ଜନଧନ ଯୋଜନାରେ ୧୬ କୋଟି ମହିଳା ଉପକୃତ ହୋଇଛନ୍ତି। ମୁଦ୍ରା ଯୋଜନାରେ ୧୩ କୋଟି ମହିଳାଙ୍କୁ ଋଣ ଯୋଗାଇ ଦିଆଯାଇଛି। ୭.୫ କୋଟି ଶୌଚାଳୟ ନିର୍ମାଣ କରାଯାଇ ମା' ଭଉଣୀଙ୍କୁ ସମ୍ମାନର ସହ ବଞ୍ଚିବା ଅଧିକାର ଦିଆଯାଇଛି। କଂଗ୍ରେସ ଏବଂ ବିପକ୍ଷ ଦଳ ବ୍ରେକ୍ ଇନ୍ ଇଣ୍ଡିଆ ପଛରେ ପଡିଥିବାବେଳେ ମୋଦି ମେକ୍ ଇନ୍ ଇଣ୍ଡିଆ ପାଇଁ ଲାଗିପଡିଛନ୍ତି। ମୋଦି ଗରିବ ଓ ବେରୋଜଗାରି ହଟାଅ ବିଚାରଧାରାରେ ଆଗକୁ ବଢୁଥିବା ବେଳେ ବିପକ୍ଷ ଦଳ ମୋଦିଙ୍କୁ ☞ପୃଷ୍ଠା–୪

## ଟ୍ରେନ୍‌ରୁ ଜବତ ହେଲା ୨ କେଜି ସୁନା

**ଭୁବନେଶ୍ୱର,୨୪।୯(ବ୍ୟୁରୋ)**

ବିଦେଶରୁ ଭାରତକୁ ଚୋରାରେ ଚାଲାଣ ହେଉଛି ସୁନା। ବିମାନ ବନ୍ଦରରେ ବାରମ୍ବାର ଚଢ଼ାଉ ପରେ ଏବେ ଚାଲାଣକାରୀମାନେ ସେମାନଙ୍କ ତରିକା ବଦଳାଇଛନ୍ତି। ଜିଲା ଯାଞ୍ଚ ହେଉଥିବା ପଡୋଶୀ ରାଷ୍ଟ୍ରକୁ ବିମାନ ଯୋଗେ ସୁନା ଚୋରାଚାଲାଣ ପରେ ସେଠାରୁ ଅଭିନବ ଉପାୟରେ ସୀମାଦେଇ ଭାରତକୁ ଆସୁଛି। ତା'ପରେ ଟ୍ରେନ୍ ଓ ଅନ୍ୟ ମାଧ୍ୟମରେ ବିଭିନ୍ନ ରାଜ୍ୟକୁ ଚାଲାଣ ହେଉଛି। ସୋମବାର ବିଶାଖାପାଟଣା ଷ୍ଟେଶନରୁ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍‌ଆଇ)ର ଅଧିକାରୀମାନେ ଗୁଆହାଟୀ–ଚେନ୍ନାଇ ଏକ୍ସପ୍ରେସ୍‌ରୁ ୧.୯ କେଜି ସୁନା ଜବତ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଦୁଇଜଣ ଭାରତୀୟଙ୍କୁ ଅଟକ ରଖି ପଚରାଉଚରା ପରେ ସୁନା ଚୋରାଚାଲାଣର ଏହି ନୂଆ ଦିଗ ସମ୍ପର୍କରେ ଜାଣିବାକୁ ପାଇଛନ୍ତି। ତେବେ ଜବତ ସୁନାର ମୂଲ୍ୟ ପ୍ରାୟ ୬୪ ଲକ୍ଷ ଟଙ୍କା ହେବ। ଏହି ଘଟଣାରେ ଡିଆର୍‌ଆଇ କଷ୍ଟମ ଆକ୍ଟ ୧୯୬୨ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇ ଦୁଇ ☞ପୃଷ୍ଠା–୪





NECC NATIONAL EGG CO-ORDINATION COMMITTEE 24.09.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 58 | 103 | 113 |
| CTC | 59 | 105 | 115 |
| DKL | 60 | 106 | 116 |
| BDK | 61 | 107 | 117 |
| BLS | 62 | 109 | 119 |
| ANG | 60 | 106 | 116 |

*Conditions Apply

Eggs Retail Price- 47/-Dozen
Issued in the Interest of Consumers


**ଆଜିର ସମ୍ପାଦକୀୟ**

କୃତ୍ରିମ ଜାତୀୟତା

**ଆଜିର ମନ୍ତବ୍ୟ**

"କଶ୍ମୀରରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦର ବିସ୍ତାର ହେଉଛି।

–ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ

## ୫ହଜାର କୋଟି ଋଣ ନେଇ ଗୁଜରାଟ ବ୍ୟବସାୟୀ ଛୁ

**ନୂଆଦିଲ୍ଲୀ,୨୪।୯**

ଗୁଜରାଟର ଫାର୍ମା କମ୍ପାନୀ ଷ୍ଟର୍ଲିଂ ବାୟୋଟେକର ମାଲିକ ତଥା ଡାଇରେକ୍ଟର ନୀତିନ ଜୟନ୍ତୀଲାଲ ସନ୍ଦେସରା ଏବଂ ତାଙ୍କ ପରିବାର ଦେଶ ଛାଡି ଏବେ ନାଇଜେରିଆ ପଳାୟନ କରିଛନ୍ତି। ବିଭିନ୍ନ ବ୍ୟାଙ୍କରୁ ୫,୩୮୩କୋଟି ଟଙ୍କାର ଋଣ ନେଇ ସେ ପରିଶୋଧ କରି ନ ଥିବା ଅଭିଯୋଗ ହୋଇଛି। ତାଙ୍କୁ ଅନ୍ୟ ଏକ ମାମଲାରେ ଦୁବାଇରେ ଅଟକ ରଖାଯାଇଥିବା ପ୍ରଚାରିତ ହୋଇଥିଲେ ହେଁ ଏହା ମିଛ ବୋଲି ପରେ ଜଣାପଡିଥିଲା। ସିବିଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ନୀତିନ ସନ୍ଦେସରା ତାଙ୍କ ପତ୍ନୀ ଓ ପିଲାମାନେ ଏବଂ ଭାଇ ତଥା ଉକ୍ତ କମ୍ପାନୀର ଅନ୍ୟତମ ଡାଇରେକ୍ଟର ଚେତନ, ☞ପୃଷ୍ଠା–୪



କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ହେଉଛନ୍ତି ଦିଗହରା ନେତା । ତାଙ୍କ ଦଳ କ୍ଷମତାକୁ ଆସିବାର ସମ୍ଭାବନା ନ ଥିବାରୁ ସେ ଭାଜପା ନେତୃତ୍ୱାଧୀନ ସରକାର ବିରୋଧରେ ଅପପ୍ରଚାର କରୁଛନ୍ତି ।

- ପ୍ରକାଶ ଜାଭଡେକର, କେନ୍ଦ୍ରମନ୍ତ୍ରୀ

## ସଂକ୍ଷେପରେ

### ୫ ଆତଙ୍କବାଦୀ ନିହତ, ଜଣେ ଯବାନ ଶହୀଦ



**ଶ୍ରୀନଗର,୨୪।୯(ପି.ଟି.)**- ଜମ୍ମୁ-କଶ୍ମୀରର କୁପ୍‌ୱାଡ଼ା ସଂଲଗ୍ନ ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ଅନୁପ୍ରବେଶ ଉଦ୍ୟମ ପଣ୍ଡ ହୋଇଛି। ଅନୁପ୍ରବେଶକାରୀଙ୍କୁ ରୋକିବା ଲାଗି ସୋମବାର ହୋଇଥିବା ଘମାଘୋଟ ଗୁଳିମାଡ଼ରେ ୩ ଆତଙ୍କବାଦୀ ନିହତ ହେବା ସହ ଜଣେ ଯବାନ ଶହୀଦ ହୋଇଛନ୍ତି। ଏଥିସହିତ ଏଠାରେ ନିହତ ଆତଙ୍କବାଦୀଙ୍କ ସଂଖ୍ୟା ୫ ଛୁଇଁଛି। ସେନାର ଜଣେ ମୁଖପାତ୍ରଙ୍କ ସୂଚନା ଅନୁଯାୟୀ, ରବିବାର ଟାଙ୍ଗଧରରେ ଅନୁପ୍ରବେଶକାରୀଙ୍କ ସନ୍ଦେହଜନକ ଗତିବିଧି ଯବାନଙ୍କ ଦୃଷ୍ଟିକୁ ଆସିବା ପରେ ଦମନ ଅଭିଯାନ ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ ୨ ଆତଙ୍କବାଦୀଙ୍କୁ ଦମନ କରାଯାଇଥିବାବେଳେ ସୋମବାର ଆଉ ୩ ଟଳିପଡ଼ିଛନ୍ତି। ଗୁଳିବିନିମୟ ସମୟରେ ଜଣେ ବୀର ଯବାନ ମଧ ଶହୀଦ ହୋଇଛନ୍ତି। ଉକ୍ତ ଅଞ୍ଚଳରେ ଆଉ ଅଧିକ ଆତଙ୍କବାଦୀ ଲୁଚି ରହିଥିବା ସନ୍ଦେହ କରାଯାଉଛି। ତେଣୁ ଶେଷ ଖବର ସୁଦ୍ଧା ସେଠାରେ ଅପରେଶନ ଜାରି ରହିଥିଲା। ସେହିପରି ରାଜ୍ୟର ସୋପୋର୍‌ରେ ଜଣେ ୪୫ ବର୍ଷୀୟ ବ୍ୟକ୍ତିଙ୍କୁ ଆତଙ୍କବାଦୀମାନେ ଅପହରଣ କରିନେଇ ହତ୍ୟା କରିଛନ୍ତି। ସୋମବାର ଏକ ଫଳବଗିଚାରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି।

### ସିକ୍କିମ୍‌ରେ ପ୍ରଥମ ବିମାନବନ୍ଦର

**ପାକ୍ୟୋଙ୍ଗ୍,୨୪।୯(ପି.ଟି.)**-ସିକ୍କିମ୍‌ର ପାକ୍ୟୋଙ୍ଗ୍ ସହରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ରାଜ୍ୟର ପ୍ରଥମ ବିମାନବନ୍ଦର ଉଦ୍‌ଘାଟନ କରିଛନ୍ତି। ଏହା ସହ ଦେଶକୁ ମିଳିଛି ନିଜର ୧୦୦ତମ ବିମାନବନ୍ଦର। ପ୍ରାଥମିକ ଭାବେ କୋଲ୍‌କାତା ଏବଂ ଗୁଆହାଟୀକୁ ଏଠାରୁ ବିମାନ ଉଡ଼ିବ। ପରବର୍ତ୍ତୀ ସମୟରେ ଦେଶର ଅନ୍ୟାନ୍ୟ ପ୍ରାନ୍ତକୁ ଯୋଗାଯୋଗ ସମ୍ଭବ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଭାରତର ବିକାଶ ଗାଥାରେ ଉତ୍ତର-ପୂର୍ବାଞ୍ଚଳକୁ ଇଞ୍ଜିନ କରିବା ନେଇ ତାଙ୍କ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି। ତେବେ ଚାଇନା ସୀମାନ୍ତରେ ଏହି ବିମାନବନ୍ଦର ଭାରତର ରଣନୈତିକ ଦୃଷ୍ଟିକୋଣରୁ ବେଶ୍ ଗୁରୁତ୍ୱ ବହନ କରୁଛି।

### ରାଫାଲ୍ ଦୁର୍ନୀତି: ସିଭିସିଙ୍କୁ ଭେଟିଲା କଂଗ୍ରେସ ଟିମ୍

**ନୂଆଦିଲ୍ଲୀ,୨୪।୯(ପି.ଟି.)**-ରାଫାଲ୍ ଚୁକ୍ତି ଦୁର୍ନୀତିକୁ ନେଇ କଂଗ୍ରେସର ଏକ ପ୍ରତିନିଧି ଦଳ ସୋମବାର କେନ୍ଦ୍ରୀୟ ଭିଜିଲାନ୍ସ କମିଶନର୍ (ସିଭିସି)ଙ୍କୁ ସାକ୍ଷାତ୍ କରିଛି। ସିଭିସି କେ.ଭି. ଚୌଧୁରୀଙ୍କୁ ସାକ୍ଷାତ୍‌କରି ପ୍ରତିନିଧି ଦଳ ଏ ସଂକ୍ରାନ୍ତରେ ଏକ ଦାବିପତ୍ର ଉପସ୍ଥାପନ କରିଛି। ଦୁର୍ନୀତି ଘଟଣାରେ ମାମଲା ଦାଏର କରିବା ଲାଗି ଦାବି କରିଛି। ଚୁକ୍ତି ବେଳେ ସରକାର ମହାଦୁର୍ନୀତି ଘଟାଇ ଦେଶର ରାଜସ୍ୱ ହାନି ଘଟାଇଛନ୍ତି। ନିଜର କେତେଜଣ ବ୍ୟବସାୟୀ ବନ୍ଧୁଙ୍କୁ ଲାଭାନ୍ୱିତ କରିବା ଲାଗି ଶାସକ ଦଳର ନେତାମାନେ ସରକାରୀ ବିମାନ ନିର୍ମାଣକାରୀ କମ୍ପାନୀ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍‌ରୁ ଚୁକ୍ତି ଛଡ଼ାଇ ନେଇଛନ୍ତି। ଏଭଳି କରି ସରକାର ଦେଶର ସୁରକ୍ଷାକୁ ବିପଦକୁ ଠେଲି ଦେଇଛନ୍ତି ବୋଲି କଂଗ୍ରେସ ଅଭିଯୋଗ ପତ୍ରରେ ଦର୍ଶାଇଛି।

### [ଇତିହାସର ଆଇନାରେ]

### ସେପ୍ଟେମ୍ବର ୨୫ର ପ୍ରମୁଖ ଘଟଣା

୧୯୫୯ ସେପ୍ଟେମ୍ବର ୨୫ରେ ଶ୍ରୀଲଙ୍କାର ପୂର୍ବତନ ପ୍ରଧାନମନ୍ତ୍ରୀ ସୋଲୋମନ୍ ବନ୍ଦରନାଏକଙ୍କୁ ତାଲଡୁଏ ସୋମାରାମା ନାମକ ଜଣେ ବୌଦ୍ଧ ଭିକ୍ଷୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କର ପରଲୋକ ହୋଇଥିଲା। ସେ ସିଂହଳ ନ୍ୟାଶନାଲିଷ୍ଟ ଶ୍ରୀଲଙ୍କା ଫ୍ରିଡମ୍ ପାର୍ଟି ଗଠନ କରିଥିଲେ ଏହା ସହ ଦେଶର ୪ର୍ଥ ପ୍ରଧାନମନ୍ତ୍ରୀ ଥିଲେ।

୧୯୭୭ ସେପ୍ଟେମ୍ବର ୨୫ରେ ଆମେରିକା ଆୟୋଜନ କରିଥିବା ଶିକୋଗୋ ମାରାଥନ୍‌ରେ ୪,୫୦୦ ଲୋକ ଭାଗ ନେଇଥିଲେ। ପ୍ରତିବର୍ଷ ସିକାଗୋରେ ଏଭଳି ମାରାଥନର ଆୟୋଜନ କରାଯାଇଥାଏ।

# ମାଳଦ୍ୱୀପରେ କ୍ଷମତା ପରିବର୍ତ୍ତନ

- ସୋଲିଙ୍କ ମସ୍ତକରେ ରାଷ୍ଟ୍ରପତି ମୁକୁଟ
- ପରାଜୟ ସ୍ୱୀକାର କଲେ ଗୟୁମ୍
- ରାଜନୈତିକ ସଙ୍କଟ ଆଶଙ୍କା

**ମାଲି,୨୪।୯(ପି.ଟି.)**

ଦ୍ୱୀପରାଷ୍ଟ୍ର ମାଳଦ୍ୱୀପରେ କ୍ଷମତା ପରିବର୍ତ୍ତନ ସହ ରାଜନୈତିକ ସଙ୍କଟର ଆଶଙ୍କା ପ୍ରକାଶ ପାଇଛି। ରବିବାର ଦେଶରେ ଅନୁଷ୍ଠିତ ରାଷ୍ଟ୍ରପତି ନିର୍ବାଚନର ଫଳାଫଳ ସୋମବାର ପ୍ରକାଶ ପାଇବା ପରେ ଶାସକ 'ପ୍ରୋଗ୍ରେସିଭ୍ ପାର୍ଟି ଅଫ୍ ମାଳଦ୍ୱୀପ' (ପିପିଏମ୍)କୁ ଝଟକା ଲାଗିଛି। ଦଳ ପରାଜିତ ହେବା ସହ ପଦ ଛାଡ଼ିବାକୁ ଯାଉଛନ୍ତି ରାଷ୍ଟ୍ରପତି ୟାମିନ୍ ଅବ୍‌ଦୁଲ ଗୟୁମ୍। ବିରୋଧୀ 'ମାଲ୍‌ଡେଭିଏନ୍ ଡେମୋକ୍ରାଟିକ୍ ପାର୍ଟି' (ଏମ୍‌ଡିପି) ପ୍ରାର୍ଥୀ ଇବ୍ରାହିମ୍ ମହମ୍ମଦ ସୋଲିଙ୍କ ମସ୍ତକରେ ରାଷ୍ଟ୍ରପତି ମୁକୁଟ ସଜାଇବାକୁ ବାଛିଛନ୍ତି ମାଳଦ୍ୱୀପବାସୀ। ସେପଟେ ନିଜର ପରାଜୟ ସ୍ୱୀକାର କରିଛନ୍ତି ଦେଶର ପ୍ରଭାବଶାଳୀ ନେତା ଅବ୍‌ଦୁଲ ଗୟୁମ୍। କିନ୍ତୁ ତାଙ୍କ ବିରୋଧରେ ଉଠୁଥିବା ସ୍ୱରକୁ ଗୟୁମ୍ ପୂର୍ବରୁ ଯେଉଁଭଳି ଦମନ କରିଆସିଛନ୍ତି ପୁଣିଥରେ ସେ ସେଭଳି କିଛି ପଦକ୍ଷେପ ନେଇପାରନ୍ତି ବୋଲି ଆଶଙ୍କା ସୃଷ୍ଟି କରାଯାଉଛି। କାରଣ ନିର୍ବାଚନରେ ହେର୍‌ଫେର୍ ନେଇ ପୂର୍ବରୁ ସେ ଅଭିଯୋଗ ଆଣି ସାରିଛନ୍ତି। ଏଭଳି ସ୍ଥିତିରେ ଦେଶରେ ରାଜନୈତିକ ସଙ୍କଟ ଦେଖା ଦେଇପାରେ ବୋଲି ଭୟ କରାଯାଉଛି।




ବିଜୟ ଉତ୍ସବ ମନାଉଛନ୍ତି ଇବ୍ରାହିମ୍ ମହମ୍ମଦ ସୋଲି (ବାମ)। ୟାମିନ୍ ଅବ୍‌ଦୁଲ ଗୟୁମ୍।

ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ସୋଲିଙ୍କ ସମର୍ଥକମାନେ ରାଜରାସ୍ତାକୁ ଓହ୍ଲାଇ ଉତ୍ସବ ମନାଇଥିଲେ। ୫୬ ବର୍ଷୀୟ ସୋଲି ହେଉଛନ୍ତି ଜଣେ ଗଣତନ୍ତ୍ର ଅଧିକାର କର୍ମୀ। ଦେଶରେ ଦୀର୍ଘ ଏକ ଦଶନ୍ଧି ଧରି ଏକଚ୍ଛତ୍ରବାଦ ଶାସନ ବିରୋଧରେ ସେ ସଂଗ୍ରାମ ଚଳାଇଥିଲେ। ଗୟୁମ୍ କ୍ଷମତାକୁ ଆସିବା ପରେ ତାଙ୍କର ପୂର୍ବସୂରୀ ମହମ୍ମଦ ନଶିଦ୍‌ଙ୍କ ସମେତ ଏମ୍‌ଡିପିର ବହୁ ଶୀର୍ଷସ୍ତରୀୟ ନେତାଙ୍କୁ ଦୁର୍ନୀତି ମାମଲାରେ ଛନ୍ଦି ଜେଲରେ ପୂରାଇ ଦେଇଥିଲେ କିମ୍ବା ଦେଶରୁ ବାହାର କରି ଦେଇଥିଲେ। ଏହାପରେ ଦଳ ସୋଲିଙ୍କୁ ପ୍ରାର୍ଥୀ କରିଥିଲା। ଶ୍ରୀଲଙ୍କାରେ ନିର୍ବାସନ ଦଣ୍ଡ ଭୋଗୁଥିବା ନଶିଦ୍‌ଙ୍କୁ ପ୍ରାର୍ଥୀ କରାଯାଇପାରେ ବୋଲି ପୂର୍ବରୁ ଆଶା କରାଯାଉଥିଲା। କିନ୍ତୁ ଦୀର୍ଘମିଆଦୀ ଜେଲ ଦଣ୍ଡାଦେଶ ଯୋଗୁ ସେ ନିର୍ବାଚନ ଲଢ଼ିବାରେ ଅଯୋଗ୍ୟ ଘୋଷିତ ହୋଇଛନ୍ତି। ନଶିଦ୍‌ଙ୍କ ସମେତ ବିରୋଧୀ ଦଳର ୯ ଜଣ ଶୀର୍ଷସ୍ତରର ନେତାଙ୍କ ଦଣ୍ଡାଦେଶ ରଦ୍ଦ କରିବା ସହ ସେମାନଙ୍କୁ ତୁରନ୍ତ ଖଲାସ କରିବା ପାଇଁ ଚଳିତ ଫେବୃୟାରୀରେ ଦେଶର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଗୟୁମ୍ ଅସ୍ୱୀକାର କରି ଦେଶରେ ଜରୁରୀ ପରିସ୍ଥିତି ଘୋଷଣା କରିଥିଲେ ଏବଂ ଦୁଇ ବିଚାରପତିଙ୍କୁ ଗିରଫ କରାଇଥିଲେ। ଏହାପରେ ଅଦାଲତି ରାୟ ପରିବର୍ତ୍ତନ ହୋଇଥିଲା ଏବଂ ଦେଶରେ ଅସ୍ଥିରତା ଦେଖା ଦେଇଥିଲା।

ବିସ୍ତୀର୍ଣ୍ଣ ଧଳା ସମୁଦ୍ର କୂଳ ଏବଂ ବିଳାସପୂର୍ଣ୍ଣ ହୋଟେଲ୍ ପାଇଁ ଖ୍ୟାତ ମାଳଦ୍ୱୀପ ଅର୍ଥନୈତିକ ଅଭିବୃଦ୍ଧିର ସ୍ୱାଦ ଚାଖିଛି ସତ, କିନ୍ତୁ ଗୟୁମ୍‌ଙ୍କ ନେତୃତ୍ୱ ଦେଶରେ ଗଣତାନ୍ତ୍ରିକ ସ୍ୱାଧୀନତା ସଙ୍କୁଚିତ କରି ଦେଇଥିଲା। ଗଣତନ୍ତ୍ର ସମର୍ଥକ ସୋଲି ଦ୍ୱାର ଦ୍ୱାର ବୁଲି ଲୋକଙ୍କ ନିକଟତର ହୋଇ ମାନବାଧିକାର ସୁରକ୍ଷା ଲାଗି ଆହ୍ୱାନ ଦେଇଥିଲେ। ଗୟୁମ୍‌ଙ୍କ ଗଣତନ୍ତ୍ର ବିରୋଧୀ ନୀତି ବିରୋଧରେ ଲୋକଙ୍କ ବିଶ୍ୱାସଭାଜନ ହେବାକୁ ଚେଷ୍ଟା କରିଥିଲେ। ଏହାର ଫଳ ଆଜି ତାଙ୍କୁ ମିଳିଥିବା ରାଜନୈତିକ ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

## ଭାରତ ପାଇଁ ଶୁଭ ବାର୍ତ୍ତା

**ନୂଆଦିଲ୍ଲୀ,୨୪।୯**–ଭାରତ ମହାସାଗରରେ ଅବସ୍ଥିତ ଦ୍ୱୀପରାଷ୍ଟ୍ର ମାଳଦ୍ୱୀପ ଭାରତର ରଣନୈତିକ ଦୃଷ୍ଟିକୋଣରୁ ବେଶ୍ ଗୁରୁତ୍ୱ ବହନ କରିଥାଏ। କିନ୍ତୁ ସେଠାରେ ଚାଇନାର ବଢୁଥିବା ପ୍ରଭାବ ଏବଂ ବେଜିଂ ପ୍ରତି ରାଷ୍ଟ୍ରପତି ୟାମିନ୍ ଅବ୍‌ଦୁଲ ଗୟୁମ୍ ଢଳିବା ନୂଆଦିଲ୍ଲୀର ଚିନ୍ତା ବଢ଼ାଇବାରେ ଲାଗିଥିଲା। ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ନଶିଦ୍ ଏବଂ ତାଙ୍କ ଦଳ ଏମ୍‌ଡିପି ଭାରତ ପ୍ରତି ସଦା ବନ୍ଧୁତାକୁ ପ୍ରାଧାନ୍ୟ ଦେଇଆସିଛି। ଏବେ ଏମ୍‌ଡିପି ଶାସନ ଗାଦିକୁ ଫେରିବା ଭାରତ ପାଇଁ ଶୁଭ ସଙ୍କେତ କୁହାଯାଇପାରେ। ଅନ୍ୟପକ୍ଷେ ଚାଇନା ମଧ ଏହାକୁ ବଡ଼ ଝଟକା ଭାବେ ଦେଖାଯାଇପାରେ।

ମାଳଦ୍ୱୀପ ଭାରତ, ଚାଇନା ଏବଂ ଜାପାନକୁ ନିରବଚ୍ଛିନ୍ନ ଶକ୍ତି ଯୋଗାଣ କରୁଥିବା ପ୍ରମୁଖ ଶିପିଂ ଲେନ୍‌ର ନିକଟରେ ଅବସ୍ଥିତ। ଭାରତ ମହାସାଗର କ୍ଷେତ୍ରରେ 'ନେଟ୍ ସିକ୍ୟୁରିଟି ପ୍ରୋଭାଇଡର୍' ପାଇଁ ଭାରତକୁ ମାଳଦ୍ୱୀପର ସାମରିକ ସୁରକ୍ଷାର ଆବଶ୍ୟକତା ପଡ଼ିଥାଏ। ଏହାଛଡ଼ା ଦିନକୁ ଦିନ ଚାଇନା ମାଳଦ୍ୱୀପରେ ନିଜର ଅର୍ଥନୈତିକ ପ୍ରଭାବ ବୃଦ୍ଧି କରିବାରେ ଲାଗିଛି। ଜଳଦସ୍ୟୁ ଦମନ ଅଭିଯାନ ନାମରେ ଏହି ଅଞ୍ଚଳରେ ୧୦ ବର୍ଷ ପୂର୍ବରୁ ଚାଇନା ନିଜର ନୌସେନା ଜାହାଜ ମୁତୟନ କରିଛି। ନିଜର ବୈଦେଶିକ ସହଯୋଗରୁ ୭୦% କେବଳ ଚାଇନାରୁ ପାଇଥାଏ। ନଶିଦ୍‌ଙ୍କ ଏମ୍‌ଡିପି ଭଳି ବିରୋଧୀଙ୍କୁ ସମର୍ଥନ କରୁଥିବା ଅନେକ ମାଳଦ୍ୱୀପ ନାଗରିକ ଗୟୁମ୍‌ଙ୍କ ବିରୋଧରେ ଭାରତ କାର୍ଯ୍ୟାନୁଷ୍ଠାନ ନେଉ ବୋଲି ଦାବି କରନ୍ତି। ଉରି ଆକ୍ରମଣ ପରେ ପାକିସ୍ତାନରେ ସାର୍କ ସମ୍ମିଳନୀକୁ ଭାରତ ବର୍ଜନ କରିବା ପରେ ଗାୟୁମ ନେତୃତ୍ୱାଧୀନ ମାଳଦ୍ୱୀପ ହିଁ ପ୍ରଥମେ ଆପତ୍ତି କରିଥିଲା। ଭାରତ ଏବଂ ମାଳଦ୍ୱୀପ ଇତିହାସ, ଭାଷା, ସଂସ୍କୃତି, ଧର୍ମ ଏବଂ ବ୍ୟବସାୟିକ ଦୃଷ୍ଟିକୋଣରୁ ପରସ୍ପର ସହ ଯୋଡ଼ା। ବର୍ତ୍ତମାନ ସେଠାରେ ପ୍ରାୟ ୨୫୦୦୦ ଭାରତୀୟ ବସବାସ କରନ୍ତି। ଶିକ୍ଷା, ଡାକ୍ତରୀ ଚିକିତ୍ସା, ବ୍ୟବସାୟ ଆଦି କ୍ଷେତ୍ରରେ ଭାରତ ପାଇଁ ମାଳଦ୍ୱୀପର ଭୂମିକା ସ୍ୱତନ୍ତ୍ର। ଦେଶ ସ୍ୱାଧୀନ ହେବା ପରେ ଭାରତ ହିଁ ପ୍ରଥମେ ଏହାକୁ ରାଷ୍ଟ୍ରର ମାନ୍ୟତା ଦେଇଥିଲା।

# ଉତ୍ତର ଭାରତରେ ବର୍ଷା ବିପ୍ରାତ

- ହିମାଚଳ ପ୍ରଦେଶରେ ୮ ମୃତ
- ଜମ୍ମୁ-କଶ୍ମୀରରେ କାନ୍ଥ ଭୁଶୁଡ଼ି ୫ ମୃତ
- ପଞ୍ଜାବରେ ରେଡ୍ ଆଲର୍ଟ ଜାରି

**ଶିମ୍‌ଲା, ୨୪।୯(ପି.ଟି.)**

ଉତ୍ତର ଭାରତର ହିମାଚଳପ୍ରଦେଶ, ପଞ୍ଜାବ, ହରିୟାଣା, ଜମ୍ମୁ-କଶ୍ମୀର ଏବଂ ଉତ୍ତରାଖଣ୍ଡରେ ବର୍ଷା ବିପ୍ରାତ ସୃଷ୍ଟି ହୋଇଛି। ହିମାଚଳପ୍ରଦେଶରେ ଲଗାଣ ବର୍ଷା ଯୋଗୁ ସୃଷ୍ଟ ବନ୍ୟାପାଣିରେ ଭାସିଯାଇ ସୋମବାର ସୁଦ୍ଧା ୮ ଜଣଙ୍କ ମୃତ୍ୟୁ ହୋଇଛି। ସ୍କୁଲ ଛାତ୍ରୀଛାତ୍ରଙ୍କ ସମେତ ଶହଶହ ଲୋକ ବିଭିନ୍ନ ଅଞ୍ଚଳରେ ଫସି ରହିଛନ୍ତି। ତିନିଦିନ ପ୍ରବଳ ବର୍ଷା ହେବାରୁ ଅନେକ ସ୍ଥାନରେ ଭୂସ୍ଖଳନ ହେବା ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଜମ୍ମୁ-କଶ୍ମୀରର ଦୋଦା ଜିଲାରେ ଭୂସ୍ଖଳନ ଯୋଗୁ ଏକ ମାଟିଘରର କାନ୍ଥ ଭୁଶୁଡ଼ି ଗୋଟିଏ ପରିବାରର ୫ ଜଣଙ୍କ ପ୍ରାଣହାନି ଘଟିଛି। ଅନ୍ୟପଟେ ପଞ୍ଜାବରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବାରୁ ସତର୍କ ସୂଚନା ଦିଆଯାଇଛି। ମଙ୍ଗଳବାର ରାଜ୍ୟର ସ୍କୁଲ ଓ କଲେଜଗୁଡ଼ିକ ବନ୍ଦ ରହିବ ବୋଲି ଘୋଷଣା କରାଯାଇଛି। ରେଡ୍ ଆଲର୍ଟ ଜାରି ହେବା ପରେ ସେନା ସଜାଗ ରହିଛି।



ପ୍ରବଳ ବର୍ଷା ଲାଗି ରହିବା କାରଣରୁ ହିମାଚଳ ପ୍ରଦେଶରେ ଜୀବନଯାତ୍ରା ବେଶ୍ ପ୍ରଭାବିତ ହୋଇଛି। ରବିବାର ରାତିରେ ମନାଲି ନିକଟସ୍ଥ ବେଆସ୍ ନଦୀରେ ଏକ ଗାଡ଼ି ଭାସିଯିବା ଫଳରେ ୩ ଜଣଙ୍କ ମୃତ୍ୟୁ ହୋଇଥିଲା। ମଣିକରନ୍ ଉପତ୍ୟକା ଦେଇ ବହିଯାଇଥିବା ପାର୍ବତୀ ନଦୀଜଳରେ ୨ ଜଣ ଭାସିଯାଇଥିବାବେଳେ ବଜୌରାରେ ଜଣେ ଝିଅର ମୃତ୍ୟୁ ହୋଇଛି। ଚାମ୍ବା ଜିଲାରେ ୧୦୦୦ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ପଠାଇଦିଆଯାଇଛି। ଗତ ଦୁଇଦିନ ମଧରେ ଭାରତୀୟ ବାୟୁସେନା (ଆଇଏଏଫ୍) ବିଭିନ୍ନ ଜାଗାରେ ୨୧ ଜଣଙ୍କୁ ଉଦ୍ଧାର କରିଛି। ରାସ୍ତାଘାଟ ଧୋଇଯିବା ସହ ଭୂସ୍ଖଳନ ହେବା ଯୋଗୁ ଚଣ୍ଡିଗଡ଼-ମନାଲି ହାଇୱେ ଏବଂ ପଠାନ୍‌କୋଟ-ଚାମ୍ବା ରାଜପଥରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ପ୍ରାୟ ୧୨୬ ରୋଡ୍ ଭାଙ୍ଗିଯିବା ଯୋଗୁ ସାଧାରଣ ପରିବହନ ବାଧାପ୍ରାପ୍ତ ହୋଇଛି ବୋଲି ଭାଜପା ଏମ୍‌ପି ଅନୁରାଗ ଠାକୁର କହିଛନ୍ତି। ପର୍ଯ୍ୟଟନ ନଗରୀ ଡେଲ୍‌ହାଉସୀରେ ସର୍ବାଧିକ ୧୮୦ ମି.ମି. ବର୍ଷା ରେକର୍ଡ କରାଯାଇଛି। ସେପଟେ ବର୍ଷା ମଧ ପଞ୍ଜାବବାସୀଙ୍କୁ ବେହାଲ୍ କରିଛି। ବେଆସ୍ ନଦୀର ଜଳସ୍ତର ବିପଦସଙ୍କେତ ଉପରେ ରହିଥିବାରୁ ପୋଙ୍ଗ୍ ଡ୍ୟାମ୍‌ରୁ ଅତିରିକ୍ତ ଜଳ ନିଷ୍କାସନ ହେବ ବୋଲି ଭାକ୍ରା ବେଆସ୍ ପରିଚାଳନା ବୋର୍ଡ ପକ୍ଷରୁ ପଞ୍ଜାବ ସରକାରଙ୍କୁ ସୂଚନା ଦିଆଯାଇଛି। ଏହାପରେ ବିପର୍ଯ୍ୟୟର ମୁକାବିଲା ଲାଗି ସଜାଗ ରହିବାକୁ ପଞ୍ଜାବ ମୁଖ୍ୟମନ୍ତ୍ରୀ ସେନାକୁ କହିଛନ୍ତି।

ଉତ୍ତରାଖଣ୍ଡର ଡେରାଡୁନ୍ ସମେତ ବିଭିନ୍ନ ସ୍ଥାନରେ ମୁଷଳ ଧାରାରେ ବର୍ଷା ହେବା ଯୋଗୁ 'ଚାର୍‌ଧାମ' ଯାତ୍ରା ପ୍ରଭାବିତ ହୋଇଛି। ଗ୍ରାମାଞ୍ଚଳକୁ ସଂଯୋଗ କରୁଥିବା ପ୍ରାୟ ୪୫ଟି ରାସ୍ତା ଭାଙ୍ଗିଯିବା କାରଣରୁ ଯାତାୟାତ ହୋଇପାରୁ ନାହିଁ। ରାଜସ୍ଥାନରେ ମଧ ରବିବାରରୁ ପ୍ରବଳ ବର୍ଷା ହେଉଛି। ଅରୁଣାଚଳପ୍ରଦେଶ, ଆସାମ, ମେଘାଳୟ, ଉତ୍ତରପ୍ରଦେଶର ପଶ୍ଚିମଭାଗ, ଉତ୍ତରାଖଣ୍ଡ, ହରିୟାଣା, ଚଣ୍ଡିଗଡ଼, ଦିଲ୍ଲୀ ଏବଂ ହିମାଚଳପ୍ରଦେଶରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

## ଫୁର୍‌ସତ

### ଗିରିଶୃଙ୍ଗ ଚଢ଼ିଲେ ଦୃଷ୍ଟିହୀନ

**ମୁମ୍ବାଇ:** ଭାରତ ଏବଂ ଇସ୍ରାଏଲ୍‌ର ୩ ଭିନ୍ନକ୍ଷମଙ୍କ ସମେତ ୧୩ଜଣ ବିଶ୍ୱର ଚତୁର୍ଥ ସର୍ବୋଚ୍ଚ ତଥା ଆଫ୍ରିକାର ଉଚ୍ଚତମ ଗିରିଶୃଙ୍ଗ ମାଉଣ୍ଟ କିଲିମାଞ୍ଜାରୋ (ତାଞ୍ଜାନିଆ) ଆରୋହଣ କରିଛନ୍ତି। ସେପ୍ଟେମ୍ବର ୮ରୁ ୧୪ ତାରିଖ ମଧ୍ୟରେ ଏହି ଦୁଃସାହସିକ ଆରୋହଣ କାର୍ଯ୍ୟକ୍ରମ କରାଯାଇଥିଲା। ୧୦ ସକ୍ଷମ ଆରୋହଣକାରୀଙ୍କ ସମେତ ଭାରତର ୨ଜଣ ଏବଂ ଇସ୍ରାଏଲ୍‌ର ଜଣେ ଦୃଷ୍ଟିବାଧିତ ବ୍ୟକ୍ତି ଏଥିରେ ସାମିଲ ହୋଇଥିଲେ ବୋଲି ସମିଟିଙ୍ଗ୍‌୪ହୋପ୍(ଏସ୍‌୪ଏଚ୍)ର ପ୍ରତିଷ୍ଠାତା ତଥା ଏକ୍ସପେଡିଶନ୍ ଲିଡର ଅନୁଶା ସୁବ୍ରମଣ୍ୟନ୍ ପ୍ରକାଶ କରିଛନ୍ତି।

୫୮୮୫ ମିଟର ବିଶିଷ୍ଟ ମାଉଣ୍ଟ କିଲିମାଞ୍ଜାରୋ ହେଉଛି ବିଶ୍ୱର ସର୍ବୋଚ୍ଚ ଫ୍ରି-ଷ୍ଟାଣ୍ଡିଙ୍ଗ ମାଉଣ୍ଟେନ୍। ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସମାଜରେ ଅକ୍ଷମ ବୋଲି ଗଣ୍ୟ କରାଯାଉଥିବା ବେଳେ ଏହି ବ୍ୟକ୍ତିଙ୍କ ପର୍ବତ ଆରୋହଣ ଆମର ସଂକୁଚିତ ଦୃଷ୍ଟିକୋଣକୁ ପ୍ରସାରିତ କରିପାରିଛି ବୋଲି ସୁବ୍ରମଣ୍ୟନ୍ ପ୍ରକାଶ କରିଛନ୍ତି। ସବୁ ଅଂଶଗ୍ରହଣକାରୀମାନେ ମାଉଣ୍ଟ କିଲିମାଞ୍ଜାରୋର ଶିଖରରେ ପହଞ୍ଚିଥିଲେ ବୋଲି ସେ କହିଛନ୍ତି। ଆରୋହଣକାରୀଙ୍କ ମଧ୍ୟରେ ଇସ୍ରାଏଲ୍‌ର ୧୪ବର୍ଷୀୟ ବାଏପି ଡୋନିଓ ସର୍ବକନିଷ୍ଠ ଥିଲେ। ଦୃଷ୍ଟିହୀନଙ୍କ ମଧ୍ୟରେ ଥିଲେ ପୁନେର ଦିବ୍ୟାଂଶୁ ଗନତ୍ରା।

### ୪୮ ଦିନ ପରେ ସମୁଦ୍ରରୁ ଯୁବକ ଉଦ୍ଧାର

**ଜାକର୍ତ୍ତା:** ଇଣ୍ଡୋନେସିଆର ଜଣେ ଯୁବକ ୪୮ଦିନ ସମୁଦ୍ରରେ ଭାସମାନ ଅବସ୍ଥାରେ ରହିବା ପରେ ତାଙ୍କୁ ଉଦ୍ଧାର କରାଯାଇଛି। ଏକ ମାଲବାହୀ ଜାହାଜ ଦ୍ୱାରା ଉଦ୍ଧାର କରାଯାଇ ଜାପାନ ନିଆଯିବାର କିଛି ଦିନ ପରେ ସେ ସ୍ୱଦେଶ ଫେରିଥିବା ଓସାକାସ୍ଥିତ ଇଣ୍ଡୋନେସୀୟ କୂଟନୀତିଜ୍ଞ ସୂଚନା ଦେଇଛନ୍ତି।



ଆଲ୍‌ଡି ନୋଭେଲ୍ ଆଡିଲାଙ୍ଗ ନାମକ ଏହି ୧୯ବର୍ଷୀୟ ଯୁବକଙ୍କ ସ୍ୱାସ୍ଥ୍ୟ ଭଲ ଅଛି ଏବଂ ନର୍ଥ ସୁଲାୱେସି ପ୍ରଦେଶର ଓରି ସହରରେ ଥିବା ତାଙ୍କ ପରିବାର ସହ ପୁନର୍ମିଳନ ଘଟିଛି। ଏକ ମାଛଧରା ଡଙ୍ଗାରେ ଆଲ୍‌ଡି ଲାଇଟ୍ ଦେଖାଇ ମାଛ ଧରୁଥିଲେ। ଲାଇଟ୍ ଦେଖାଇବା ଦ୍ୱାରା ମାଛ ଡଙ୍ଗା ପାଖକୁ ଆସିବା ପରେ ଧରିବା ସହଜ ହେଉଥିଲା। ନର୍ଥ ସୁଲାୱେସି ଉପକୂଳଠାରୁ ୧୨୫ କିଲୋମିଟର ଦୂରରେ ରହି ସେ ମାଛ ଧରୁଥିଲେ। ଜଣେ ଦୁର୍ବୃତ୍ତ ସଂଗୃହୀତ ମାଛତକ ନେଇଯିବା ପରେ ସେ ନିରାଶ ହୋଇଥିଲେ ଏବଂ ପ୍ରବଳ ପବନରେ ଡଙ୍ଗାଟି ଉପକୂଳଠାରୁ ବହୁ ଦୂରକୁ ଚାଲିଯାଇଥିଲା। ଇଞ୍ଜିନ୍ ଅଚଳ ହୋଇପଡିବାରୁ ଡଙ୍ଗାଟି କେବଳ ଭାସମାନ ଅବସ୍ଥାରେ ରହିଥିଲା। କିନ୍ତୁ ଆଲ୍‌ଡିଙ୍କ ପାଖରେ ରହିଥିଲା ସୌରଶକ୍ତି ଚାଳିତ ଏକ ବେତାର ଯନ୍ତ୍ର। ଏହା ଦ୍ୱାରା ସେ ପାଖାପାଖି ଯାଉଥିବା ପ୍ରାୟ ୧୦ଟି ବୋଟ୍‌ଚାଳକଙ୍କ ସହ ଯୋଗାଯୋଗ କରିଥିଲେ। ଶେଷରେ ପାନାମାନିଆନ୍ ପତାକା ବହନ କରିଥିବା ଏମ୍‌ଭି ଆର୍‌ପେଗିଓ ନାମକ ଏକ ଭେସେଲ୍ ଯୁବକଙ୍କ ବେତାର ସଂକେତକୁ ଧରିପାରିଥିଲା ଏବଂ ତାଙ୍କୁ ଅଗଷ୍ଟ ୩୧ରେ ଉଦ୍ଧାର କରାଯାଇଥିଲା। ଉକ୍ତ ମାଲବାହୀ ଜାହାଜ ଆଲ୍‌ଡିଙ୍କୁ ଜାପାନ ନେଇଯାଇଥିଲା।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧରେ ଓଡ଼ିଶାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୮ | ୨୪.୬ |
| ଚାନ୍ଦବାଲି | ୩୪.୯ | ୨୫.୫ |
| କଟକ | ୩୪.୦ | ୨୩.୦ |
| ପାରାଦ୍ୱୀପ | ୩୨.୫ | ୨୭.୫ |
| ଭୁବନେଶ୍ୱର | ୩୪.୦ | ୨୪.୯ |
| ଗୋପାଳପୁର | ୩୩.୦ | ୨୬.୦ |
| ପୁରୀ | ୩୪.୦ | ୨୬.୮ |
| ଅନୁଗୋଳ | ୩୪.୧ | ୨୨.୬ |
| ବାରିପଦା | ୩୪.୪ | ୨୫.୫ |
| ଝାରସୁଗୁଡ଼ା | ୩୪.୦ | ୨୪.୮ |
| କେନ୍ଦୁଝର | ୩୩.୧ | ୨୨.୪ |
| ସମ୍ବଲପୁର | ୩୪.୯ | ୨୫.୧ |
| ସୁନ୍ଦରଗଡ଼ | ୩୨.୫ | ୨୨.୦ |
| ହୀରାକୁଦ | ୩୪.୭ | ୨୫.୦ |
| ତାଳଚେର | ୩୪.୨ | ୨୪.୭ |
| ଭବାନୀପାଟଣା | --- | ୨୪.୦ |
| ବଲାଙ୍ଗୀର | ୩୪.୫ | ୨୪.୫ |
| କୋରାପୁଟ | ୩୦.୨ | ୨୧.୦ |
| ଫୁଲବାଣୀ | ୩୩.୮ | ୧୯.୫ |
| ଟିଟିଲାଗଡ଼ | ୩୫.୦ | ୨୨.୦ |
| ମାଲକାନଗିରି | ୩୨.୪ | --- |
| ସୋନପୁର | ୩୪.୮ | ୨୨.୬ |
| ଦାରିଙ୍ଗିବାଡ଼ି | ୨୯.୫ | ୧୯.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ଚର୍ଚ୍ଚାରେ ରହିବା ପସନ୍ଦ ନୁହେଁ




**ମୁମ୍ବାଇ:** ଏକ ଚର୍ଚ୍ଚିତ ଚରିତ୍ର ହେବାକୁ ପସନ୍ଦ କରନ୍ତି ନାହିଁ ବଲିଉଡ୍ ଅଭିନେତ୍ରୀ ରାଧିକା ଆପ୍‌ତେ। ଏହି ଅଭିନେତ୍ରୀ ତାଙ୍କର ପ୍ରଥମ ଅଭିନୟ ଆର. ବାଲ୍‌କିଙ୍କ କମେଡି-ଡ୍ରାମା 'ପଦ୍ମନ୍'ରୁ ଆରମ୍ଭ କରିଥିଲେ। ଏହାପରେ 'ଲଷ୍ଟ ଷ୍ଟୋରିଜ୍', 'ସାକ୍ରିଡ ଗେମ୍‌ସ' ଏବଂ 'ଘୋଉଲ୍'ରେ ଅଭିନୟ କରିବା ପରେ ଜଣେ ଲୋକପ୍ରିୟ ଅଭିନେତ୍ରୀ ଭାବରେ ନିଜର ସ୍ଥିତି ବଜାୟ ରଖିଥିଲେ। ତାଙ୍କ କହିବାନୁଯାୟୀ, ମୁଁ ସବୁ କାମ କରିବାରେ କୃତଜ୍ଞତା ପ୍ରକାଶ କରେ। ତେବେ ବେଳେବେଳେ ସବୁ କାର୍ଯ୍ୟ କରିବାକୁ ସମୟ ମିଳେନାହିଁ। ଅଣନିଃଶ୍ୱାସୀ ଲାଗେ। ଏପରି ଅସହ୍ୟ ଲାଗେ ଯେ, ଆଗକୁ କ'ଣ କରିବାକୁ ହେବ ତାହା ମନେପଡେ ନାହିଁ। 'ଟ୍ରୁ ରୁଟ୍‌ସ ବଟାନିକାଲ୍ ହେୟାର ଟନିକ୍' ଲଞ୍ଚ୍ ଅବସରରେ ଅଭିନେତ୍ରୀ ଏହି ବିଷୟ ପ୍ରକାଶ କରିଛନ୍ତି। ରାଧିକାଙ୍କ ଆଗାମୀ ଫିଲ୍ମ ହେଉଛି ସୈଫ ଅଲି ଖାନ୍‌ଙ୍କ 'ବାଜାର' ଏବଂ ହଲିଉଡ୍ ଫିଲ୍ମ ନିର୍ମାତା ମାଇକେଲ୍ ୱିଣ୍ଟରବଟମ୍‌ଙ୍କ 'ଦି ୱେଡିଂ ଗେଷ୍ଟ'। ଦର୍ଶକଙ୍କୁ ବିସ୍ମିତ କରିବାରେ ସେ ଖୁସି ହୁଅନ୍ତି। ତେଣୁ ବିଭିନ୍ନ ଚରିତ୍ରରେ ଅଭିନୟ କରିବାକୁ ସେ ଚେଷ୍ଟା କରନ୍ତି ବୋଲି ପ୍ରକାଶ କରିଛନ୍ତି। କୌଣସି ଗୋଟିଏ ସୁଯୋଗ ପାଇବାର ଅର୍ଥ ହେଉଛି ତାହାକୁ ଉପଯୁକ୍ତ ଭାବେ ପରିଚାଳନା କରିବା। ନିଜ ଭିତରେ ନୂଆ କିଛି ଉଦ୍‌ଭାବନ କରିବା ଖୁବ୍ ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ରାଧିକା ପ୍ରକାଶ କରିଛନ୍ତି।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



ପର୍ତ୍ତୁଗାଲ ଉପକୂଳ ଲିସବନ୍ ନିକଟରୁ ମିଳିଛି ୪ ଶହ ବର୍ଷ ତଳର ଭାରତୀୟ ଜାହାଜ। ଏହା ୪୦ ଫୁଟ ଗଭୀର ପାଣିତଳେ ରହିଛି। ଜାହାଜଟି ୧୫୭୫ରୁ ୧୬୨୫ ମଧ୍ୟରେ ବୁଡ଼ି ଯାଇଥିବା ଗବେଷକ ସୂଚିତ କରିଛନ୍ତି। ଏଥିରେ ଗୋଲମରିଚ, ବିଭିନ୍ନ ମସଲା ଓ ଚାଇନା ସିରାମିକ୍ ବୋଝେଇ ହୋଇଥିବା କୁହାଯାଉଛି। ଜାହାଜଟି ଭାରତରୁ ଲିସବନ୍ ଯାଉଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଗବେଷକମାନେ କହିଛନ୍ତି।



PLEDGE 'PLASTIC-FREE' ODISHA
Govinda Poddar
Sports Personality
#PlasticFreeOdisha
ଧରିତ୍ରୀ DHARITRI
TEAM
02 OCTOBER


## ସଂକ୍ଷେପରେ

### ଫେରାର ଗଞ୍ଜେଇ ଚାଷୀ ଗିରଫ

ରେଢ଼ାଖୋଲ,୨୪।୯(ଡି.ଏନ.ଏ.): ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ରାଇଲ ଗ୍ରାମର ଅଞ୍ଚଳ ନାଏକ (୩୦) ନାମକ ଜଣେ ଗଞ୍ଜେଇ ଚାଷୀଙ୍କୁ ପୋଲିସ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ଗଞ୍ଜେଇ ଚାଷ କରୁଥିବା ଅଭିଯୋଗରେ ତାଙ୍କ ନାମରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ସେ କିନ୍ତୁ ଫେରାର ଥିଲେ। ପୋଲିସ ତାଙ୍କ ନାମରେ ଚାର୍ଜଶିଟ ଦାଖଲ କଲା ପରେ ସମ୍ବଲପୁର ଏଡିଜେଙ୍କ ଅଦାଲତ (ଟିଆର କେସ ନଂ.୭/୩୧/୧୧-୧୫) ଏକ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ।

■ ପୋଲିସ-ଆଇନଜୀବୀ ବିବାଦ

# ଗୁରୁବାର ନବୀନ ନିବାସ ଘେରାଉ

**କଟକ ଅଫିସ, ୨୪।୯**

କଟକରେ ଆଇନଜୀବୀ-ପୋଲିସ ବିବାଦକୁ ମାସେ ପୂରିବାକୁ ବସିଲାଣି। ହେଲେ ଏଯାଏ ବିବାଦର କୌଣସି ସ୍ଥାୟୀ ସମାଧାନ ବାହାରିପାରିଲା ନାହିଁ। ଆଇନଜୀବୀ ଦେବୀ ପ୍ରସାଦ ପଟ୍ଟନାୟକଙ୍କୁ ପୋଲିସର ମାଡ଼ ଘଟଣାରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ସୋମବାର ହାଇକୋର୍ଟ ବାର୍ ଆସୋସିଏଶନର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ଆସନ୍ତା ଗୁରୁବାର ଆଇନଜୀବୀମାନେ ନବୀନ ନିବାସ ଘେରାଉ କରିବେ ବୋଲି ବାର୍ ଆସୋସିଏଶନ ସମ୍ପାଦକ ସତ୍ୟବ୍ରତ ମହାନ୍ତି ସୂଚନା ଦେଇଛନ୍ତି। ମଙ୍ଗଳବାର ହାଇକୋର୍ଟ ନିକଟରେ ଥିବା କିଛି ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟକୁ ଆଇନଜୀବୀମାନେ ସଂଘବଦ୍ଧ ଭାବେ ଯାଇ ବନ୍ଦ କରିବାକୁ ନିବେଦନ କରିବେ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ଗତ ୨୮ ଅଗଷ୍ଟ ସନ୍ଧ୍ୟାରେ ଘଟିଥିବା ଆଇନଜୀବୀଙ୍କୁ ମାଡ଼ ଘଟଣାରେ କଟକ ଡିସିପି ସେଦିନ ଡ୍ୟୁଟିରେ ଥିବା ତିନି ଜଣ ପୋଲିସ କର୍ମଚାରୀଙ୍କୁ ନିଲମ୍ବିତ କରିଥିଲେ। ହେଲେ ଦୋଷୀ ପୋଲିସ କର୍ମଚାରୀମାନଙ୍କ ଗିରଫଦାରି ଜିଦରେ ଅଟଳ ରହିଛି ରାଜ୍ୟ ହାଇକୋର୍ଟ ବାର୍ ଆସୋସିଏଶନ। ଏହି ଘଟଣାର ତଦନ୍ତ ପ୍ରଥମେ କ୍ରାଇମବ୍ରାଞ୍ଚ ଓ ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଡିଆଇଜି ର୍ୟାଙ୍କର ଅଧିକାରୀ ହିମାଂଶୁ ଲାଲ କରୁଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୬ ତାରିଖକୁ ରହିଛି। ମିଳିଥିବା ସୂଚନା ମୁତାବକ, ଡିଆଇଜି ହିମାଂଶୁ ଲାଲ ଏହି ଘଟଣାରେ ପୂର୍ବର ପୋଲିସ ରିପୋର୍ଟକୁ ଅନୁଧ୍ୟାନ କରି କଟକ ଡିସିପିଙ୍କ ସହ ଆଲୋଚନା କରିଛନ୍ତି। ହାଇକୋର୍ଟରେ ଏ ନେଇ ହୋଇଥିବା ଏକ ଜନସ୍ୱାର୍ଥ ମାମଲାରେ ସେ ସୋମବାର କୋର୍ଟରେ ହାଜର ହୋଇ ଉତ୍ତର ରଖିଛନ୍ତି। ଦୀର୍ଘଦିନ ଧରି ଆଇନଜୀବୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଥିବାରୁ ବିଭିନ୍ନ ମାମଲା ପରିଚାଳନାରେ ଘୋର ଅସୁବିଧା ହୋଇଛି।




# ଡିଜିସିଏରେ ହାଜର ହେଲେ ବୈଜୟନ୍ତ

**ଭୁବନେଶ୍ୱର,୨୪।୯(ବ୍ୟୁରୋ)**

କେନ୍ଦ୍ରାପଡ଼ା ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଦିଲ୍ଲୀସ୍ଥିତ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ)ରେ ସୋମବାର ହାଜର ହୋଇଛନ୍ତି। ଚିଲିକାରେ ବେଆଇନ ଭାବେ ହେଲିକପ୍ଟର ଉଡ଼ାଇବା ଘଟଣାରେ ତାଙ୍କୁ ହାଜର ହେବା ପାଇଁ କୁହାଯାଇଥିଲା। ଅପରାହ୍ନରେ ଡିଜିସିଏରେ ହାଜର ହୋଇ ପ୍ରାୟ ୩୦ ମିନିଟ୍ କାଳ ନିଜ ପକ୍ଷ ରଖିଥିଲେ ବୈଜୟନ୍ତ। ଏହାପରେ ଗଣମାଧ୍ୟମକୁ ମତାମତ ଦେଇ ସେ କହିଛନ୍ତି ଯେ, ହେଲିକପ୍ଟର ଉଡ଼ାଣ ସମ୍ବନ୍ଧୀୟ ତଥ୍ୟ ମୋତେ ଡିଜିସିଏ ପକ୍ଷରୁ ମଗାଯାଇଥିଲା। ମୁଁ ନିର୍ଦ୍ଦେଶକଙ୍କ ନିକଟରେ ତାହା ଉପସ୍ଥାପିତ କରିଛି। ମୋ ପୂର୍ବରୁ ବହୁ ବ୍ୟକ୍ତି ସେହି ଅଞ୍ଚଳରେ ହେଲିକପ୍ଟର ଉଡ଼ାଇଛନ୍ତି। ହେଲେ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ମୋ ବିରୋଧରେ ହୋଇଥିବା ଅଭିଯୋଗକୁ ୫ଥର ପରିବର୍ତ୍ତନ କରାଯାଇଛି। ଆଶା କରୁଛି, ଡିଜିସିଏ ମୋତେ ନିଶ୍ଚୟ ନ୍ୟାୟ ଦେବ। ପ୍ରକାଶ ଯେ, ବୈଜୟନ୍ତ ଚିଲିକା ଭଳି ଏକ ସମ୍ବେଦନଶୀଳ ସ୍ଥାନରେ ହେଲିକପ୍ଟର ଚଳାଇଥିଲେ। ଯେଉଁଥିପାଇଁ ତାଙ୍କ ବିରୋଧରେ ପୁରୀ ମେରାଇନ୍ ଥାନାରେ ଏକ ମାମଲା ହୋଇଥିଲା। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହି ମାମଲା ରୁଜୁ କରାଯାଇଥିଲା। ଏପରିକି ବୈଜୟନ୍ତ ବ୍ୟବହାର କରୁଥିବା ଇଣ୍ଡିଆନ୍ ମେଟାଲ୍ସ ଏବଂ ଫେରୋ ଆଲଏଜ୍ ଲିଃ ଦ୍ୱାରା ନିୟନ୍ତ୍ରିତ ହେଉଥିବା ଆର୍-୪୪ ହେଲିକପ୍ଟର ରହୁଥିବା ହ୍ୟାଙ୍ଗରକୁ ସିଲ୍ କରାଯାଇଥିଲା।

# ଏଏସ୍‌ଓ-୨୦୧୮ ପାଇଁ ବଣିକ୍‌ର ସ୍ୱତନ୍ତ୍ର ତାଲିମ

**ଭୁବନେଶ୍ୱର, ୨୪।୯**

ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ କୋଚିଂ ପ୍ରଦାନ କରୁଥିବା ଓଡ଼ିଶାର ଅଗ୍ରଣୀ ପ୍ରତିଷ୍ଠାନ ବଣିକ ପକ୍ଷରୁ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଓଡିଶା ଲୋକ ସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ଆଗକୁ ହେବାକୁ ଥିବା ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ)-୨୦୧୮ ପରୀକ୍ଷା ପାଇଁ ଆଶାୟୀ ପ୍ରାର୍ଥୀଙ୍କୁ ଏଥିରେ ତାଲିମ ପ୍ରଦାନ କରାଯିବ। ଏ ସମ୍ପର୍କରେ ବଣିକର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ସୁବ୍ରତ କୁମାର ଛାଟୋଇ କହିଛନ୍ତି, ପ୍ରାୟ ୫୦ରୁ ଅଧିକ ଦକ୍ଷ ପ୍ରଶିକ୍ଷକ ଏବଂ ଶିକ୍ଷାବିତ୍ ଏଥିପାଇଁ ତାଲିମ ପ୍ରଦାନ କରିବେ। ବଣିକର ପ୍ରୟୋଗଶାଳାରେ ଛାତ୍ରୀଛାତ୍ରଙ୍କ ପାଇଁ ପାଠ୍ୟ ଉପକରଣ, ୨୪ ଘଣ୍ଟିଆ

VANIK Leading Institute for Banking, Railway & SSC

ଗ୍ରନ୍ଥାଗାର ବ୍ୟବସ୍ଥା କରାଯାଇଛି। ଏଥିସହିତ ଛାତ୍ରୀଛାତ୍ରଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବା ସକାଶେ ଏଠାରେ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍ ଅଭ୍ୟାସ ପରୀକ୍ଷା ସୁବିଧା ମଧ୍ୟ ଦିଆଯାଉଛି। ଅନୁଷ୍ଠାନର ସୂଚନା ଅନୁସାରେ, ୨୦୧୭ରେ ବ୍ୟାଙ୍କିଙ୍ଗ୍, ଷ୍ଟାଫ୍ ସିଲେକ୍ସନ ଏବଂ ରେଲୱେ ପରୀକ୍ଷାରେ ଓଡିଶାରୁ ସଫଳ ହୋଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଏକ ତୃତୀୟାଂଶ ବଣିକ୍ ଶିକ୍ଷାନୁଷ୍ଠାନରେ ପ୍ରଶିକ୍ଷଣ ଲାଭ କରିଥିଲେ। ୨୦୧୫ରେ ଅନୁଷ୍ଠିତ ଏଏସ୍‌ଓ ପରୀକ୍ଷାରେ ଅନୁଷ୍ଠାନର ସଫଳତା ଆଧାରରେ ଚଳିତ ବର୍ଷ ପାଇଁ ପ୍ରସ୍ତୁତି କରାଯିବ ବୋଲି ଛାଟୋଇ କହିଛନ୍ତି।


FEW SEATS LEFT
Hurry-Up !!
B.Ed, B.P.Ed, B.H.Ed.
10th, +2, +3 (UG, PG, All stream)
PGDCA, BCA, MCA, MSW, B.BA, MBA, BLib,MLib, MEd., MPhil, Ph.D
Regular & Distance at lower rate
Approved by UGC, NCTE & Equivalent to Odisha Board & University
ADHYAN INSTITUTE OF EDUCATION
Jharsuguda, Sundargarh, Sambalpur, Deogarh, Boudh
Mob: 9937693353, 7008624254, 9337325436

ADMISSION OPEN
GNM
Duration : 3 Years
Eligibility: 2 Arts , Science & Commerce
Age: Both Male & Female 17 to 30 Years
ANM
Duration : 2 Years
Eligibility: +2 in any Stream or its equivalent examination
Age: 17 to 30 year
Clinical Training at : □ District Head Quarter Hospital, SBP □ VIMSAR, Burla
Details Contact
KOSHAL ANM & GNM TRAINING SCHOOL
At/Po:Dhanupali(Naxapali) Sambalpur-768005(Odisha)
Phone: (0663) 2546997: Mobile 9938569414
Permitted by: Health & Family Welfare Deptt. Govt of Odisha, Bhubaneswar
Affiliated By : Indian Nursing Council New Delhi and Odisha Nursing Council, Bhubaneswar

www.gandhiinstitute.in
B.ED.
DIRECT ADMISSION
FEW SEATS LEFT - HURRY UP!!
Helpline No.: 9777988870 9348898852

Mahindra Rise.
ଦଶହରାର ବମ୍ପର ଅଫର
HAPPY DUSSEHRA
ଅକ୍ଟୋବର ୮ ତାରିଖ ସୁଦ୍ଧା ପ୍ରତ୍ୟେକ ବୁକିଂରେ ୩୨ ଇଞ୍ଚ ଏଲଇଡି ଟିଭି ଫ୍ରି
* condition apply
ଟ୍ରାକ୍ଟର ସହ ଟ୍ରଲି ଫ୍ରି
ଆବଶ୍ୟକ- Sales Executive
ବାମରା ଓ ରେଢାଖୋଲରେ ଖୁବ ଶୀଘ୍ର ହେବ ନୂତନ ବ୍ରାଞ୍ଚ
Auth Dealer MAHINDRA TRACTORS
SRI SANKAR TRADING
SRI SANKAR MOTORS
SRI SAKNAR ENGG. WORKS
SAMBALPUR- BOUDH-MANSWAR MOB- 9938440689, 9938586559

ଓଡ଼ିଶାର ଘରେ ଘରେ ପରିଚିତ ।
ହାଇପାୱାର ସ୍କେବିଡଲ ®
ମଲମ ଓ ଲୋସନ୍
ଯାଦୁ, ପାଣିକନ୍ଦା ଓ ଗୋଡ଼ଫଟା ପାଇଁ ଫଳପ୍ରଦ

DSPL-164
"ଫାଇଲେରିଆ ନିରାକରଣ ଅଭିଯାନ- ୨୦୧୮"
ଖୋର୍ଦ୍ଧା, କଟକ ଓ ଢେଙ୍କାନାଳ ଜିଲ୍ଲାରେ
ସାମୂହିକ ଔଷଧ ସେବନ
୨୬ ସେପ୍ଟେମ୍ବର (ବୁଧବାର)

ଫାଇଲେରିଆ ବା ବାତଜ୍ୱର(ଗୋଦର) ନିରାକରଣ ନିମନ୍ତେ ଚଳିତ ବର୍ଷ ସେପ୍ଟେମ୍ବର ୨୬ ତାରିଖରେ ରାଜ୍ୟର ୩ଟି ବାତଜ୍ୱର ପ୍ରବଣ ଜିଲ୍ଲା ଯଥା-ଖୋର୍ଦ୍ଧା, କଟକ ଓ ଢେଙ୍କାନାଳରେ ଫାଇଲେରିଆ ପ୍ରତିରୋଧକ ଡିଇସି ଓ ଆଲବେଣ୍ଡାଜଲ୍ ବଟିକାର ସମୂହ ସେବନ ବ୍ୟବସ୍ଥା କରାଯାଇଅଛି ।
■ ଆଶାକର୍ମୀ କିମ୍ବା ସ୍ୱେଚ୍ଛାସେବୀମାନେ ଘରକୁ ଘର ଯାଇ ବିନା ମୂଲ୍ୟରେ ଔଷଧ ଖୁଆଇବେ ।
■ କେବଳ ଗର୍ଭବତୀ ମହିଳା, ୨ ବର୍ଷରୁ କମ୍ ବୟସର ଶିଶୁ, ଗୁରୁତର ଅସୁସ୍ଥ ବ୍ୟକ୍ତି ଏହି ବଟିକା ଖାଇବେ ନାହିଁ ।
■ ଯଦି କୌଣସି କାରଣବଶତଃ ପ୍ରଥମ ଦିନ ଏହି ବଟିକା ଖାଇପାରିନଥିବେ, ତେବେ ପରବର୍ତ୍ତି ଦୁଇଦିନ ଅର୍ଥାତ୍ ୨୭ ଓ ୨୮ ତାରିଖରେ ଆଶାକର୍ମୀ କିମ୍ବା ସ୍ୱେଚ୍ଛାସେବୀମାନେ ଘରକୁ ଘର ଯାଇ ଔଷଧ ଖୁଆଇବେ ।
ଫାଇଲେରିଆ ପ୍ରତିରୋଧକ ବଟିକା ସେବନ କରି ଫାଇଲେରିଆ ନିରାକରଣ ଅଭିଯାନକୁ ସଫଳ କରାନ୍ତୁ ।
facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
10003/13/0079/1819

DADLS-115
ଓଡ଼ିଶା ସରକାର
ଓଡ଼ିଶା ଭବନ
ଚେନ୍ନାଇ
ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
କରକମଳରେ
ଶୁଭ ଉଦ୍‌ଘାଟନ
ତାରିଖ: ୨୫ ସେପ୍ଟେମ୍ବର ୨୦୧୮
ସମୟ: ସନ୍ଧ୍ୟା ୭ ଘଟିକା


15001/13/0248/1819



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................



ରୋହିତ୍
ପରିବାରବର୍ଗ



ଲକି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



# classified



**SALE**

Book duplex (ready to move) Tankapani road, near BJEM-2 school, Ranga bazar. Cost-55 lakhs with bank finance. 8917360040, 7077074156. D-64176

Lingaraj Stationରୁ 5km. ଦୂରତାରେ right side gharabari plot ମିଳୁଛି। 9090963952. D-64320

Core house completed 2BHK/ 3BHK flat at Kalinga Vihar, Bhubaneswar. Price: 37/ 47 lakh onwards. Contact: 7381087905. D-64162

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64325

1BHK, 2BHK, 3BHK approved flats at Hitech Heaven near Gudiapokhari Chowk, Bhubaneswar. 9437285016, 9853035888. D-8495



Three bedroom, Portico boundarywall near Lingaraj Mandir. 9438692977. D-60816

Family accommodation having 2 rooms, 2 bathrooms, modular kitchen and car parking space at Madhusudan Nagar, Bhubaneswar very close to main road Sachibalayamarg near Akash Medical Coaching Centre and Appolo Pharmacy. Rent-12,000/-. Contact: 9861023510. D-63375



Opening newly ayurvedic full body massage ladies, gents. 7609923705, 7438851534. D-38532

All type of massage and good therapy full body massage Sai herbal spa. 7609005923. D-64205

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By an affidavit before Notary public, Titilagarh I Ahmed Alli declared that in my passport my name has been wrongly mentioned as Ahmad Ali and DOB- 22.06.1976 instead of Ahmed Alli & DOB- 22.06.1979. That Ahmed Alli, DOB- 22.06.1979 and Ahmad Ali, DOB- 22.06.1976 is same and one person. D-8548

**Birthday Wish**



**Rohit Kap**
Father: **Rajesh Kap**
Mother: **Snigdhamayee Kap**
At- Balisahi (Mahura), Po- Mahura, P.s- Balanga, Dist- Puri.
ଜଗତରନାଥ ଶ୍ରୀଜଗନ୍ନାଥ ତୁମର ପ୍ରଥମ ଜନ୍ମଦିନରେ ଚଲାପଥ କୁସୁମିତ କରନ୍ତୁ। ଧ-୮୫୪୫

**Birthday Wish**



(Lucky)
**Swayam Swarup Behera**
Qr No.- A/E- 7, Bhimatangi, Housing Board Colony, Kapilaprasad, Bhubaneswar
ଈଶ୍ୱର ସର୍ବଦା ତୁମକୁ ଖୁସିରେ ରଖନ୍ତୁ, ସଫଳତାର ଶୀର୍ଷରେ ପହଞ୍ଚିବାର ଆଶୀର୍ବାଦ ମିଳୁ। ଶୁଭେଚ୍ଛା ସହ: ବାବା, ବୋଉ, ଅଜା, ଆଈ, ମାଉସୀ, ମାମୁ, ଅରୁ ଓ ସମସ୍ତ ପରିବାରବର୍ଗ। ଧ-୮୫୦୦


## ୬ ବ୍ଲକ୍ ଶିକ୍ଷାଧିକାରୀଙ୍କ ବଦଳି

ଭୁବନେଶ୍ୱର, ୨୪।୯(ବ୍ୟୁରୋ)- ୬ ଜଣ ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ)ଙ୍କ ସୋମବାର ବଦଳି ହୋଇଛି। ନବରଙ୍ଗପୁର ଜଲା କୋଷାଗୁମୁଡ଼ା ବିଇଓ ପତିତପାବନ ଦାସଙ୍କୁ ମାଲକାନଗିରର କୋରୁକୋଣ୍ଡା ବ୍ଲକ୍, ମାଲକାନଗିରି ଜିଲା କୁଡୁମ୍ଲୁଗୁମା ବିଇଓ ବିନୋଦ ଚନ୍ଦ୍ର ପଟ୍ଟନାୟକଙ୍କୁ କେରାପୁଟର କୁନ୍ଦୁରା, ସମ୍ବଲପୁର ଜିଲା ରେଢ଼ାଖୋଲ ବିଇଓ ବିଶ୍ୱନାଥ ସାହୁଙ୍କୁ ଜମନକିରା ବ୍ଲକ୍, ଜମନକିରା ବିଇଓ ସୁଷମା ନାୟକଙ୍କୁ ରେଢ଼ାଖୋଲ, କୋରାପୁଟ ଜିଲା ନାରାୟଣପାଟଣା ବିଇଓ ଜଗନ୍ନାଥ ବେହେରାଙ୍କୁ କେରାପୁଟ ବ୍ଲକ୍‌କୁ ବଦଳି କରାଯାଇଥିବାବେଳେ ତାଳଚେର ବିଇଓ ମୌସୁମୀ ସାହୁଙ୍କୁ ତାଳଚେର ହାଣ୍ଡିଧୁଆ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଭାବେ ନିଯୁକ୍ତି ଦିଆଯାଇଛି। ଏ ନେଇ ସୋମବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।


**ମନେ ପଡ଼ନ୍ତି**

ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତ ଯଜ୍ଞେଶ୍ୱର ଦାଶ**
ପ୍ଲଟ- SG-32, ଶ୍ରୀକ୍ଷେତ୍ରବିହାର, ଆଇଗିଣିଆ, ଭୁବନେଶ୍ୱର
ତିରୋଧାନ: ୨୯।୦୯।୨୦୧୨
(ଇନ୍ଦୁ ପୂର୍ଣ୍ଣିମା)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ ପରିବାରବର୍ଗ।
ଧ-୮୫୪୨


## କୃମିନାଶକ ଔଷଧର...

ଛାତ୍ରୀଛାତ୍ରଙ୍କୁ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କୃମିନାଶକ ବଟିକା ଖାଇବା ପାଇଁ ଦିଆଯାଇଥିଲା । ଆଶାକର୍ମୀ କୁନ୍ତଳା କୁମ୍ଭାର ବିଦ୍ୟାଳୟରେ ପହଞ୍ଚି ପ୍ରଧାନଶିକ୍ଷକ ଅନୁଗ୍ରହ ନନ୍ଦଙ୍କ ଅନୁମତି ନେଇ ଛାତ୍ରୀଛାତ୍ରଙ୍କୁ କୃମିନାଶକ ଔଷଧ ଆଲବେଣ୍ଡାଜଲ ୪୦୦ଏମଜି ଖାଇବାକୁ ଦେଇଥିଲେ। ଔଷଧସେବନ କଲାପରେ ଶତାଧିକ ଛାତ୍ରୀଛାତ୍ର ଅସୁସ୍ଥତା ଅନୁଭବ କରିଥିଲେ। କେତେଜଣ ଛାତ୍ରୀଛାତ୍ର ମୁଣ୍ଡ ବୁଲାଉଛି କହି ଚେତାଶୂନ୍ୟ ହୋଇ ପଡ଼ିଥିଲେ । ଅନ୍ୟ କେତେଜଣ ଛାତ୍ରୀଛାତ୍ରଙ୍କ ବାନ୍ତି ହୋଇଥିଲା। ଏ କଥା ଜଣାପଡ଼ିବା ପରେ ସ୍କୁଲରେ ଅଭିଭାବକଙ୍କ ଭିଡ ଜମିଥିଲା। ଏନେଇ ଘୁନସର ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଖବର ଦିଆଯାଇଥିଲା । ତେବେ ସେଠାରେ ଡାକ୍ତର ନ ଥିବାରୁ ସ୍କୁଲ କର୍ତ୍ତୃପକ୍ଷ ଓ ଅଭିଭାବକମାନେ ଚିନ୍ତାରେ ପଡ଼ିଥିଲେ । ଏହାପରେ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଖବର ଦିଆଯାଇ ଛାତ୍ରୀଛାତ୍ରଙ୍କ ଅସୁସ୍ଥତା ସମ୍ପର୍କରେ ଜଣାଇ ଦିଆଯାଇଥିଲା । ଦୀର୍ଘ ସମୟ ଧରି କୌଣସି ସ୍ୱାସ୍ଥ୍ୟ ଅଧିକାରୀ ବିଦ୍ୟାଳୟରେ ନ ପହଞ୍ଚିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଦୀର୍ଘ ଦେଢ଼ଘଣ୍ଟା ପରେ ଜଣେ ଆୟୁଷ ଡାକ୍ତର ଓ ଅନ୍ୟ କେତେକ ସ୍ୱାସ୍ଥ୍ୟକର୍ମୀ ସ୍କୁଲରେ ପହଞ୍ଚିଥିଲେ। ସଇଁତଲା ଥାନା ପୋଲିସ, ବିଡ଼ିଓ ଚିତ୍ତରଞ୍ଜନ ବନଗୁଲା, ଅତିରିକ୍ତ ତହସିଲଦାର ଲକ୍ଷ୍ମଣ ମାଝି ପ୍ରମୁଖ ଘଟଣାସ୍ଥଳକୁ ଆସିଥିଲେ । ୫୧ଜଣ ଛାତ୍ରୀଛାତ୍ରଙ୍କୁ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ସେଠାରେ ଚିକିତ୍ସା କରାଯାଇଥିଲା। ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସୌମ୍ୟ ରଞ୍ଜନ ନାଏକଙ୍କ ନେତୃତ୍ୱରେ ଆକ୍ରାନ୍ତ ଛାତ୍ରୀଛାତ୍ରଙ୍କ ଚିକିତ୍ସା କରାଯାଇଥିଲା। ସିଡିଏମଓ ସୁଜ୍ଞାନେନ୍ଦ୍ର ମିଶ୍ର ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଅସୁସ୍ଥ ଛାତ୍ରୀଛାତ୍ରଙ୍କ ଅବସ୍ଥା ବୁଝିଥିଲେ । ଉତ୍ୟକ୍ତ ଅଭିଭାବକମାନେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସିଡିଏମ୍‌ଓ ମିଶ୍ରଙ୍କୁ କିଛି ସମୟ ଧରି ଘେରାଉ କରି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲେ । ଘୁନସର ସ୍ୱାସ୍ଥ୍ୟକେନ୍ଦ୍ରରେ ଅବସ୍ଥାପିତ ଡ଼ାକ୍ତରଙ୍କ ଅବହେଳା ପ୍ରଦର୍ଶନ ଯୋଗୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଥିଲା । ଟିଟିଲାଗଡ଼ ବିଧାୟିକା ଟୁକୁନୀ ସାହୁ, ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ଭାଜପା ନେତା ଅଶୋକ କୁମାର ଦୋରା, ଜିଲା ପରିଷଦ ଉପାଧ୍ୟକ୍ଷ ପାଣ୍ଡବ ସାହୁ ସଇଁତଲା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଅସୁସ୍ଥ ଛାତ୍ରୀଛାତ୍ରଙ୍କ ଅବସ୍ଥା ପଚାରି ବୁଝିଥିଲେ । ବେଲଗାଁ ସମିତି ସଭ୍ୟ ଦୀପକ ଅଗ୍ରୱାଲ, ଦେବେନ ଯୋଷୀ, ଅଜିତ ସାହୁ, ସନ୍ତୋଷ ବେହେରା ଅସୁସ୍ଥ ଛାତ୍ରଛାତ୍ରୀଙ୍କ ଚିକିତ୍ସାରେ ସହଯୋଗ କରିଥିଲେ। ଏନେଇ ସିଡିଏମ୍‌ଓ ମିଶ୍ରଙ୍କୁ ପଚାରିବାରୁ କୃମିନାଶକ ଔଷଧ ଖାଇ ଛାତ୍ରୀଛାତ୍ର ଅସୁସ୍ଥ ହେବା ଅଭିଯୋଗର ତଦନ୍ତ କରାଯିବ। ବଣ୍ଟନ କରାଯାଇଥିବା ଔଷଧ ଏବଂ ପାଣିର ନମୁନା ସଂଗ୍ରହ କରାଯାଇଥିବା ସୂଚନା ଦେଇଥିଲେ। ତେବେ ଭୟଭୀତ ହୋଇ ଅଧିକ ଛାତ୍ରୀଛାତ୍ର ଚେତାଶୂନ୍ୟ ହୋଇଥିବା ସେ କହିଛନ୍ତି। ସନ୍ଧ୍ୟା ସୁଦ୍ଧା ସମସ୍ତ ଅସୁସ୍ଥ ଛାତ୍ରୀଛାତ୍ରଙ୍କୁ ହସପିଟାଲରୁ ଘରକୁ ଛାଡି ଦିଆଯାଇଥିବା ଜଣାପଡ଼ିଛି।

**କିଛି ତଥ୍ୟ**

ବ୍ୟାଙ୍କଗୁଡ଼ିକ ଅତି କମରେ ୧୦% ଶାଖାରେ ଆଧାର ପଞ୍ଜୀକରଣ ଓ ସଂଶୋଧନ ସୁବିଧା ଦେବା ବାଧ୍ୟତାମୂଳକ।
**-ୟୁଆଇଡିଏଆଇ**

**ପ୍ରଥମ ପୃଷ୍ଠାରୁ...**

## ୫ହଜାର କୋଟି...

ବୋହୂ ଦୀପ୍ତିବେନ ନାଇଜେରିଆରେ ଲୁଚିଛନ୍ତି। ନାଇଜେରିଆ ସହ ଭାରତର ପ୍ରତ୍ୟର୍ପଣ କିମ୍ବା ପାରସ୍ପରିକ ଆଇନ ସହାୟତା ଚୁକ୍ତି ନ ଥିବାରୁ ଗୁଜରାଟର ଏହି ବ୍ୟବସାୟୀ ପରିବାର ଏହାର ଫାଇଦା ଉଠାଇଛନ୍ତି। ସେଠାରୁ ସେମାନଙ୍କୁ ପ୍ରତ୍ୟର୍ପଣ କରିବା ସହଜ ହେବନି ବୋଲି ଅଧିକାରୀଜଣକ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ନାଇଜେରିଆରେ ସନ୍ଦେସରାଙ୍କ କମ୍ପାନୀ ରହିଥିବାରୁ ସେ ସେଠାରେ ଲୁଚିଥାଇ ପାରନ୍ତି ବୋଲି ଅନୁମାନ କରାଯାଉଛି। ସେ ପରିବାର ସହ ଦୁବାଇରେ ରହିଥିବା ଅନୁମାନ କରି ତାଙ୍କୁ ଗିରଫ କରିବାକୁ ସିବିଆଇ ପକ୍ଷରୁ ୟୁନାଇଟେଡ ଆରବ ଏମିରେଟ(ୟୁଏଇ)କୁ ଅନୁରୋଧ କରାଯାଇଥିଲା। ଅନ୍ୟପକ୍ଷରେ ଏହି ଜାଲିଆତି ମାମଲାର ଅନ୍ୟତମ ତଦନ୍ତକାରୀ ସଂସ୍ଥା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ମଧ୍ୟ ବୈଦେଶିକ ମନ୍ତ୍ରଣାଳୟକୁ ପତ୍ର ଲେଖି ସନ୍ଦେସରାଙ୍କୁ ଦୁବାଇରୁ ପ୍ରତ୍ୟର୍ପଣ ଲାଗି ଅନୁରୋଧ କରିଥିଲେ। ସେଠାରେ ତାଙ୍କୁ ସ୍ଥାନୀୟ ଅଭିଯୋଗରେ ଅଟକ ରଖାଯାଇଥିଲା। ଭାରତର ଆବେଦନକୁ ୟୁଏଇ କାହିଁକି ମାନିଲା ନାହିଁ ସେ ସମ୍ପର୍କରେ ଅଦ୍ୟାବଧି କିଛି ସ୍ପଷ୍ଟ ହୋଇନି। ନୀତିନ ଓ ତାଙ୍କ ଭାଇ ଚେତନ ଜୟନ୍ତୀଲାଲ ସନ୍ଦେସରା ବଡୋଦରାସ୍ଥିତ ଷ୍ଟର୍ଲିଂ ବାୟୋଟେକର ଡାଇରେକ୍ଟର ଥିଲେ। ଏହି କମ୍ପାନୀକୁ ଆନ୍ଧ୍ର ବ୍ୟାଙ୍କ ନେତୃତ୍ୱରେ ଗଠିତ ବ୍ୟାଙ୍କସମୂହ ୫୩୮୩ କୋଟି ଟଙ୍କାର ଋଣ ଦେଇଥିଲା, ଯାହାକି ପରେ ଏନ୍‌ପିଏ(ଅନାଦାୟ ଋଣ)ରେ ପରିଣତ ହୋଇଥିଲା। ଏହି ଦୁର୍ନୀତିରେ କିଛି ନେତା ଓ ଅଫିସର ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି ଯାହାର ତଦନ୍ତ ଜାରି ରହିଛି। ସିବିଆଇ ୨୦୧୭ ଅକ୍ଟୋବରରେ ସନ୍ଦେସରାଙ୍କ ବିରୋଧରେ ମାମଲା ଦାଏର କରିବା ପରେ ଦୁଇ ଭାଇ ସେବେଠାରୁ ଫେରାର ରହିଛନ୍ତି। ଅନ୍ୟପକ୍ଷରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ସେମାନଙ୍କ ବିରୋଧରେ ମନି ଲଣ୍ଡରିଂ ମାମଲାର ଯାଞ୍ଚ କରୁଛି। ସିବିଆଇ ପକ୍ଷରୁ ଦୀପ୍ତି ସନ୍ଦେସରାଙ୍କ ସମେତ ଅନ୍ୟମାନଙ୍କ ବିରୋଧରେ ମଧ୍ୟ ମାମଲା ଦାଏର କରାଯାଇଛି। ସେମାନଙ୍କ ମଧ୍ୟରେ ଷ୍ଟର୍ଲିଂ କମ୍ପାନୀର ଅନ୍ୟ ଡାଇରେକ୍ଟର ରାଜଭୂଷଣ ଓମପ୍ରକାଶ ଦୀକ୍ଷିତ, ବିଲାସ ଜୋଷୀ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେମନ୍ତ ହାତୀ ଏବଂ ଆନ୍ଧ୍ର ବ୍ୟାଙ୍କର ପୂର୍ବତନ ନିର୍ଦ୍ଦେଶକ ଅନୁପ ଗର୍ଗ ରହିଛନ୍ତି। ଅନ୍ୟପକ୍ଷରେ ଦିଲ୍ଲୀ ବ୍ୟବସାୟୀ ଗଗନ ଧାୱନ ଏବଂ ଗର୍ଗଙ୍କୁ ଇଡି ଇତିମଧ୍ୟରେ ଗିରଫ କରିଥିବା ବେଳେ ଜୁନରେ ଷ୍ଟର୍ଲିଂ କମ୍ପାନୀର ୪୭୦୦ କୋଟି ଟଙ୍କାର ସମ୍ପତ୍ତିକୁ ଜବତ କରିଛନ୍ତି। ସନ୍ଦେସରା ଭ୍ରାତା ଭାରତ ଓ ବିଦେଶରେ ୩୦୦ ବେନାମୀ କମ୍ପାନୀ ଖୋଲି ଆକାଉଣ୍ଟରେ ହେର୍‌ଫେର କରିଥିଲେ ବୋଲି ଅଭିଯୋଗ ହୋଇଛି। ସେମାନେ ନିଜର କାରବାରକୁ ଅତିରଞ୍ଜିତ କରି ଦେଖାଇବା ସହ ଇନସାଇଡର ଟ୍ରେଡିଂରେ ସାମିଲ ଥିଲେ ବୋଲି ଇଡି କହିଛି। ନୀରବ ମୋଦି, ବିଜୟ ମାଲ୍ୟା ଓ ମେହୁଲ ଚୋକ୍‌ସୀଙ୍କ ଭଳି ବଡ଼ ବଡ଼ ବ୍ୟବସାୟୀ ଋଣ ଦୁର୍ନୀତି କରି ପଳାଇଥିବା ବେଳେ ସନ୍ଦେସରାଙ୍କ ଭାରତ ଛାଡ଼ିବା ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ଋଣ ପରିଶୋଧ ନ କରି ଗୁଜରାଟ ବ୍ୟବସାୟୀ କିପରି ଦେଶ ଛାଡିପାରିଲେ ସେ ନେଇ ସିବିଆଇ ଓ ଇଡିର କାର୍ଯ୍ୟକୁଶଳତା ଉପରେ ଏବେ ପ୍ରଶ୍ନ ଉଠିଛି।

## ଧାନ ବିକ୍ରି ପାଇଁ...

ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି। ଆସନ୍ତା ଅକ୍ଟୋବର ୧ରୁ ରାଜ୍ୟରେ ଖରିଫ ଧାନ ସଂଗ୍ରହ ବର୍ଷ ଆରମ୍ଭ ହେବ। ଏହା ୨୦୧୯ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଚାଲିବ। ଆସନ୍ତା ବର୍ଷ ପାଇଁ ରାଜ୍ୟ ସରକାର ୫୫ ଲକ୍ଷ ମେଟ୍ରିକ୍ ଟନ୍ ଧାନ ତଥା ଚାଉଳ ହିସାବରେ ୩୭ ଲକ୍ଷ ମେଟ୍ରିକ୍ ଟନ୍ ସଂଗ୍ରହ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ଏହାଠାରୁ ଅଧିକ ଧାନ ମଣ୍ଡିକୁ ଆସିଲେ ତାହା ମଧ୍ୟ କ୍ରୟ କରାଯିବ। ଲକ୍ଷ୍ୟଧାର୍ଯ୍ୟ ପୂରଣ ପରେ ଯଦି ଆହୁରି ଧାନ ବଳକା ରୁହେ, ସେଗୁଡ଼ିକୁ କ୍ରୟ କରିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ନିଷ୍ପତ୍ତି ନେଇପାରିବେ। ୨୦୧୭-୧୮ରେ ଉଭୟ ଖରିଫ୍ ଓ ରବିଋତୁ ପାଇଁ ରାଜ୍ୟ ସରକାର ୫୪ ଲକ୍ଷ ମେଟ୍ରିକ୍ ଟନ୍ ଧାନରୁ ୩୯ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରିଥିଲେ। ତେବେ ମାତ୍ର ୪୯.୦୬ ଲକ୍ଷ ମେଟ୍ରିକ୍ ଟନ୍ ଧାନ ତଥା ୩୩.୨୧ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହ କରିଥିଲେ। ୨୦୧୮ ନଭେମ୍ବରରୁ ୨୦୧୯ ଏପ୍ରିଲ ମଧ୍ୟରେ ଖରିଫ୍ ଧାନ ସଂଗ୍ରହ କରାଯିବ। ସେହିପରି ୨୦୧୯ ମେ'ରୁ ଜୁନ୍ ମଧ୍ୟରେ ରବି ଧାନ ସଂଗ୍ରହ ହେବ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି। ବୈଠକ ଶେଷରେ ମୁଖ୍ୟ ଶାସନ ସଚିବ ପାଢ଼ୀ କହିଛନ୍ତି ଯେ, ଗତ ବର୍ଷଗୁଡ଼ିକ ଭଳି ମଧ୍ୟ ଚଳିତ ବର୍ଷ ଧାନ ବିକ୍ରି ପାଇଁ ଚାଷୀମାନଙ୍କୁ ପଞ୍ଜୀକୃତ କରାଯିବ। ଭୂଲେଖ ତଥ୍ୟ ଆଧାରରେ ପଞ୍ଜୀକୃତ କାର୍ଯ୍ୟ ସମ୍ପନ୍ନ ହେବ। ସମବାୟ ସମିତି ଜରିଆରେ ପ୍ରକୃତ ଚାଷୀ, ଭାଗ ଚାଷୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଧାନ ସଂଗ୍ରହ ବ୍ୟବସ୍ଥାରେ ସାମିଲ କରାଯିବ। କେନ୍ଦ୍ର ସରକାରଙ୍କ ଧାନ ମୂଲ୍ୟ ନିର୍ଦ୍ଧାରଣ ନୀତି ଅନୁଯାୟୀ ଚଳିତ ବର୍ଷ ସାଧାରଣ ଧାନ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ୧୭୫୦ ଟଙ୍କା ରଖାଯାଇଥିବା ବେଳେ ଗ୍ରେଡ୍-ଏ ଧାନ ପାଇଁ ୧୭୭୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏମ୍‌ଏସ୍‌ପିଠାରୁ କମ୍ ଦରରେ ଯଦି କୌଣସି ମିଲର ଚାଷୀଙ୍କଠାରୁ ଧାନ କ୍ରୟ କରିବେ, ତେବେ ସେମାନଙ୍କ ବିରୋଧରେ ଅତ୍ୟାବଶ୍ୟକ ସେବା ଆଇନ ୧୯୫୫ ଅନୁଯାୟୀ ଦଣ୍ଡ ବିଧାନ କରାଯିବ। ଚାଷୀଙ୍କୁ ୨୪ରୁ ୭୨ ଘଣ୍ଟା ମଧ୍ୟରେ ଧାନ ମୂଲ୍ୟ ସେମାନଙ୍କ ଆକାଉଣ୍ଟ ଜରିଆରେ ପ୍ରଦାନ କରାଯିବ। ପଞ୍ଜୀକରଣ ପାଇଁ ଚାଷୀମାନେ ପ୍ଲଟ୍ ହିସାବରେ ତଥ୍ୟ ପ୍ରଦାନ କରିବେ। ଚାଷୀମାନେ ମଣ୍ଡିକୁ ଏଫ୍‌ଏକ୍ୟୁ ମାନର ଧାନ ଆଣିବା ଆବଶ୍ୟକ। ଏ ସମ୍ପର୍କରେ ବ୍ୟାପକ ପ୍ରଚାର ଓ ପ୍ରସାର କରାଯିବ। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ରାଜ୍ୟ ପାଇଁ ୧୩ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଆବଶ୍ୟକ ରହିଛି। ବଳକା ଚାଉଳ ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ)କୁ ପ୍ରଦାନ କରାଯିବ। ଗତ ବର୍ଷର ୧୦୦ ପ୍ରତିଶତ ଚାଉଳ ଫେରାଇଥିବା ମିଲରମାନେ ୨୦୧୮-୧୯ରେ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇପାରିବେ। ଯଦି କୌଣସି ବକେୟା ଥିବ, ତେବେ ସେହି ମିଲରମାନେ ଧାନ ସଂଗ୍ରହ ପ୍ରକ୍ରିୟାରେ ଭାଗ ନେଇପାରିବେ ନାହିଁ ବୋଲି ମୁଖ୍ୟ ଶାସନ ସଚିବ ପାଢୀ କହିଛନ୍ତି।

## ୫ ବର୍ଷ ସୁଯୋଗ...

ହଟାଇବା ପାଇଁ ଲାଗିପଡିଛନ୍ତି। କିନ୍ତୁ ବିପକ୍ଷମାନଙ୍କ ପାଖରେ ନେତା, ନୀତି ଓ ସିଦ୍ଧାନ୍ତ ନାହିଁ। ୨୦୧୯ ଲୋକ ସଭା ଓ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଆମେ ସବୁ ଏଠି ଏକତ୍ରିତ ହୋଇଛେ। ୨୧ ଲୋକ ସଭା, ୧୪୭ ବିଧାନସଭା ଏବଂ ୭୮୯୨ ବୁଥ୍‌ରୁ ମହିଳା ପ୍ରତିନିଧି ଏଥିରେ ଯୋଗଦେଇଛନ୍ତି। ଆଗାମୀ ସାଧାରଣ ନିର୍ବାଚନ ପାଇଁ ହିମାଚଳ ପ୍ରଦେଶ, ଗୁଜରାଟ ଆଦି ରାଜ୍ୟର କର୍ମୀ ପରିଶ୍ରମ କଲେ ଭାଜପା କେନ୍ଦ୍ରରେ ଜିତିବ କିନ୍ତୁ ଓଡ଼ିଶାର କର୍ମୀ ଏମିତି ପରିଶ୍ରମ କରନ୍ତୁ ଯେମିତି ରାଜ୍ୟ ଓ କେନ୍ଦ୍ରରେ ଭାଜପା ଶାସନକୁ ଆସିବ।

ଖଣିଜ ସମ୍ପଦରେ ସମୃଦ୍ଧ ଓଡ଼ିଶାର ଭାଇଭଉଣୀମାନେ ଆଜି ଗରିବ। ଏଥିପାଇଁ ନବୀନ ବାବୁଙ୍କ ସରକାର ହିଁ ଦାୟୀ। ଓଡ଼ିଶାର ଚାଷୀମାନଙ୍କୁ ରବି ଓ ଖରିଫ ଫସଲ ଉତ୍ପାଦନ ଉପରେ ଦେଢ଼ଗୁଣା ସର୍ବନିମ୍ନ ସହାୟକ ମୂଲ୍ୟ ଦେବା ଲାଗି କେନ୍ଦ୍ର ସରକାର ଘୋଷଣା କରିଛନ୍ତି। କିନ୍ତୁ ବିଜେଡି ସରକାର ମିଲ୍ ମାଲିକଙ୍କ ସହ ମିଶି ଯଦି କୃଷକଙ୍କୁ ନ ଦେଇ ଭାଗବାଣ୍ଟି ନିଅନ୍ତି, ତବେ ଭାଜପା ଛାଡିବ ନାହିଁ। କୃଷକଙ୍କ ସ୍ୱାର୍ଥକୁ ନେଇ ଭାଜପା ସବୁସ୍ତରରେ ଆନ୍ଦୋଳନ କରିବ ବୋଲି ଶାହ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ନିକଟରେ ପ୍ରଧାନମନ୍ତ୍ରୀ 'ଆୟୁଷ୍ମାନ ଭାରତ' ଯୋଜନାର ଶୁଭାରମ୍ଭ କରିଛନ୍ତି। ଦେଶର ୧୦ କୋଟି ପରିବାରର ୫୦ କୋଟି ସଦସ୍ୟ ଏହି ଯୋଜନାରେ ୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ଚିକିତ୍ସା ସୁବିଧା ପାଇବେ। କିନ୍ତୁ ମୋ ଆଗରେ ଉପସ୍ଥିତ ଥିବା ମାତୃଶକ୍ତି ଓ ଓଡ଼ିଶାର ଜନସାଧାରଣ ଏଥିରୁ ବଞ୍ଚିତ ହେବେ। ଓଡ଼ିଶାରେ ଏହା ଲାଗୁ ହେଲେ ମୋଦିଙ୍କ ଲୋକପ୍ରିୟତା ବୃଦ୍ଧି ପାଇବା ଭୟରେ ବିଜେଡି ସରକାର ଏହାକୁ କାର୍ଯ୍ୟକାରୀ କରିବାକୁ ଚାହୁଁନାହାନ୍ତି। ଖୁବ୍‌ଶୀଘ୍ର ଭାଜପା ମୁଖ୍ୟମନ୍ତ୍ରୀ ଶାସନକୁ ଆସିବ ଏବଂ ଓଡ଼ିଶାରେ 'ଆୟୁଷ୍ମାନ ଭାରତ' ଯୋଜନା କାର୍ଯ୍ୟକାରୀ କରାଯିବ। ଗରିବ ଓ ନିଷ୍ପେଷିତଙ୍କ ସେବା ଚାହୁଁଛନ୍ତି ମୋଦି ସରକାର। କିନ୍ତୁ ୧୮ ବର୍ଷର ବିଜେଡି ସରକାର ସୁଶାସନ ଦେବାରେ ବିଫଳ ହୋଇଛି। ବିଜେଡି ନିଜ ସିଦ୍ଧାନ୍ତକୁ ଭୁଲି ଗଲାଣି। ଏ ସମାବେଶ ନବୀନ ସରକାରଙ୍କ ମୃତ୍ୟୁର ଘଣ୍ଟି ବୋଲି ଶାହ କହିଛନ୍ତି। ଲୋକତନ୍ତ୍ରରେ ନେତା ଶାସନ କରିବା କଥା। କିନ୍ତୁ ଓଡ଼ିଶାରେ ଲୋକତନ୍ତ୍ର ନାହିଁ। ଏଠି ଆଇଏଏସ୍, ଆଇପିଏସ୍ ବାବୁମାନେ ଶାସନ କରୁଛନ୍ତି। ଲୋକପ୍ରତିନିଧିଙ୍କୁ ଏ ରାଜ୍ୟରେ ସମ୍ମାନ ମିଳୁନାହିଁ। ଭାଜପା ଶାସନକୁ ଆସିଲେ ଏହି ଧାରା ବଦଳିବ। ଭ୍ରଷ୍ଟାଚାର, ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ। ଓଡ଼ିଶାରେ ଗୁଣ୍ଡାଗର୍ଦ୍ଦିର ଶାସନ ଚାଲିଛି। ଗତ ୩ ବର୍ଷ ମଧ୍ୟରେ ଭାଜପାର ୧୪ଜଣ କାର୍ଯ୍ୟକର୍ତ୍ତାଙ୍କୁ ହତ୍ୟା କରାଯାଇଛି। ଏହାର ପ୍ରଚ୍ଛଦପଟ୍ଟରେ ରାଜ୍ୟ ସରକାର ରହିଛନ୍ତି। ଏଥିରେ ଭାଜପା ଡରିଯବନି। ପଦ୍ମ ପାଖୁଡ଼ା ଫୁଟିଲା ଭଳି ଭାଜପା କର୍ମୀମାନେ ଆଗକୁ ଆଗକୁ ବଢ଼ି ଚାଲିବେ। ବିଜେଡି ଯେତେ ହିଂସା ସୃଷ୍ଟି କରିବ ଭାଜପା ସେତେ ଶକ୍ତିଶାଳୀ ହେବ। କେନ୍ଦ୍ର ସରକାର ଗତ ୪ବର୍ଷ ମଧ୍ୟରେ ୪ଲକ୍ଷ ୪୫ ହଜାର ୮୬୫ କୋଟି ଟଙ୍କା ଓଡ଼ିଶାକୁ ଦେଇଛନ୍ତି। କିନ୍ତୁ ଏହି ଅନୁଦାନ ଗାଁରେ ପହଞ୍ଚିନାହିଁ। କେନ୍ଦ୍ର ସରକାରଙ୍କ ୧୨୯ଟି ଯୋଜନାରୁ ଓଡ଼ିଶାର ଗରିବ, କୃଷକ, ମହିଳା, ଯୁବକ, ଆଦିବାସୀ ସୁଫଳ ପାଉନାହାନ୍ତି। କେନ୍ଦ୍ର ସରକାରଙ୍କ ଏହି ଅର୍ଥକୁ ରାଜ୍ୟ ସରକାର ଠିକଣା ଦିଗରେ ବିନିଯୋଗ କରୁନାହାନ୍ତି। ଭାଜପାକୁ ୫ ବର୍ଷ କ୍ଷମତାରେ ବସାଇଲେ ଓଡ଼ିଶା ୧ ନମ୍ବର ସ୍ଥାନ ହାସଲ କରିବ। ଗୋଟିଏ ବି ମଦମୃତ୍ୟୁ ଘଟିବ ନାହିଁ ବୋଲି ଶାହ କହିଥିଲେ।ଏହି ସମାବେଶରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ୍, ଧର୍ମେନ୍ଦ୍ର ପ୍ରଧାନ, ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା, ଭାଜପା ବିଧାୟକ ଦଳର ନେତା କନକ ବର୍ଦ୍ଧନ ସିଂଦେଓ, ଭାଜପା ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧକ୍ଷା ବିଜୟା ରାହାଟ୍‌କର, ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା ପ୍ରଭାରୀ ପୁରନ୍ଦେଶ୍ୱରୀ, ମହିଳା ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଭାତୀ ପରିଡ଼ା, ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ, ପୂର୍ବତନ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ଭାଜପା ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ଅପରାଜିତା ମହାନ୍ତି, ପିଙ୍କି ପ୍ରଧାନ ଏବଂ ଅନୁ ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ।

## ସୋଲି ମାଳଦ୍ୱୀପ...

ଭାବେ ଶପଥ ଗ୍ରହଣ କରିବେ ଏବଂ ୨୦୨୩ ଯାଏ ସେ ଏହି ପଦରେ ରହିବେ। ବିଜୟ ପରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ ସୋଲି କହିଛନ୍ତି, ଏହି ଜନାଦେଶର ବାର୍ତ୍ତା ଏକ୍‌ଦମ ସ୍ପଷ୍ଟ ଏବଂ ଶାଣିତ। ଦେଶବାସୀ ପରିବର୍ତ୍ତନ, ଶାନ୍ତି ଏବଂ ନ୍ୟାୟ ଚାହାନ୍ତି। ସେପଟେ ସୋଲି ମାଳଦ୍ୱୀପ ପାଇଁ ସର୍ବୋତ୍କୃଷ୍ଟ ସେବା ପ୍ରଦାନ କରିଛନ୍ତି ବୋଲି ଫଳାଫଳ ଘୋଷଣା ପରେ ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ନଶିଦ ଟୁଇଟ୍ କରି କହିଛନ୍ତି। ସୋଲିଙ୍କ ବିଜୟ ପରେ ଦେଶବିଦେଶରୁ ତାଙ୍କ ନିକଟକୁ ଅଭିନନ୍ଦନର ବାର୍ତ୍ତା ଛୁଟିଛି। ଭାରତ ମଧ୍ୟ ସୋଲି ଏବଂ ଏମ୍‌ଡିପିକୁ ଶୁଭେଚ୍ଛା ବାର୍ତ୍ତା ଜଣାଇଛି। ସେପଟେ ନିଜର ପରାଜୟ ସ୍ୱୀକାର କରିଛନ୍ତି ଦେଶର ପ୍ରଭାବଶାଳୀ ନେତା ଅବ୍‌ଦୁଲ ଗୟୁମ୍।

## ଟ୍ରେନ୍‌ରୁ ଜବତ...

ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଭୁବନେଶ୍ୱର ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ, ଗୁଆହାଟୀ- ଚେନ୍ନାଇ ଏକ୍ସପ୍ରେସ୍‌ରେ ଦୁଇଜଣ ଯାତ୍ରୀ ସୁନା ଚାଲାଣ କରୁଥିବା ନେଇ ଡିଆର୍‌ଆଇ ନିକଟରେ ଖବର ପହଞ୍ଚିଥିଲା। ତେଣୁ ସେମାନଙ୍କୁ ଧରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଏଥିସହ ସେମାନଙ୍କ ଉପରେ ନଜର ରଖାଯିବା ସହ କେଉଁଠିକୁ ଯାଉଛନ୍ତି ତାହାର ଚିକିନିଖି ତଥ୍ୟ ସଂଗ୍ରହ କରାଯାଇଥିଲା। ବିଶାଖାପାଟନା ଷ୍ଟେଶନରେ ଅଧିକାରୀମାନେ ଛକି ରହିଥିଲେ। ଟ୍ରେନ୍ ସେଠାରେ ପହଞ୍ଚିବା ପରେ ଯାଞ୍ଚ ଆରମ୍ଭ ହୋଇଥିଲା। ଉକ୍ତ ଦୁଇଜଣଙ୍କୁ ଯାଞ୍ଚବେଳେ ପ୍ରଥମେ ସେମାନଙ୍କଠାରୁ କିଛି ସୁନା ମିଳି ନ ଥିଲା। ତେବେ ସେମାନଙ୍କ ବ୍ୟବହାର ସନ୍ଦେହଜନକ ଥିବାରୁ ଅଧିକ ଯାଞ୍ଚ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ଯାତ୍ରୀ ପିଠିରେ ପକାଇଥିବା ଏକ ଗୀଟାରକୁ ଡିଆର୍‌ଆଇ ଅଧିକାରୀମାନେ ଖୋଲିବା ପରେ ସେଥିରେ ସୁନା ଭର୍ତ୍ତି ହୋଇଥିବା ଦେଖି ଚକିତ ହୋଇଯାଇଥିଲେ। ସୁନାକୁ ପାତ ଆକାରରେ ଗୀଟାର ଭିତରେ ସେଟ୍ କରି ରଖାଯାଇଥିଲା। ସେହିପରି ସେମାନଙ୍କ ନିକଟରେ ଥିବା ଦୁଇଟି ବ୍ୟାଗ୍‌ରୁ ମଧ୍ୟ ଆଉ କିଛି ସୁନା ମିଳିଥିଲା। ଏହାର କାଗଜପତ୍ର ମାଗିବାରୁ ସେମାନେ କିଛି ଦେଖାଇପାରି ନ ଥିଲେ। ପରେ ଉକ୍ତ ସୁନାକୁ ଜବତ କରାଯିବା ସହ ସମ୍ପୃକ୍ତ ଦୁଇଜଣଙ୍କ ଉପରେ ପଦକ୍ଷେପ ନିଆଯାଇଛି। ତେବେ ଏହା ଏକ ଅନ୍ତର୍ଦ୍ଦେଶୀୟ ବେଆଇନ କାରବାର ପ୍ରସଙ୍ଗ ହୋଇଥିବାରୁ ଡିଆର୍‌ଆଇ ପକ୍ଷରୁ ସେମାନଙ୍କ ପରିଚୟ କିମ୍ବା ଅଧିକ କିଛି ସୂଚନା ଦିଆଯାଇନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଲାଭ ସ୍ଥାନରେ ଚନ୍ଦ୍ରଙ୍କ ସ୍ଥିତି କାରଣରୁ ଅର୍ଥ ଲାଭ ସାଙ୍ଗକୁ କାର୍ଯ୍ୟସିଦ୍ଧି ଘଟିବ। ବନ୍ଧୁଙ୍କ ସହ ଯାତ୍ରାକାଳୀନ ସୁମଧୁର ଅନୁଭୂତି ନେଇ ଦିନଟି ଖୁସିରେ ବିତାଇବେ। ଜମିଜମା, ଟଙ୍କା ପଇସା ପ୍ରଭୃତିକୁ କେନ୍ଦ୍ରକରି କଳହର ଆଶଙ୍କା ଦେଖାଦେଇପାରେ। ସ୍ୱାର୍ଥହାନି ଆଶଙ୍କାରେ ନିଜ ଲୋକ ଦୂରେଇଯାଇପାରନ୍ତି।

**ବୃଷ**
ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ହିତୈଷୀମାନଙ୍କ ସହଯୋଗରେ ପୂର୍ବ ପରିକଳ୍ପିତ ନୂତନ ଗୃହ, ଅନୁଷ୍ଠାନ, ବାଣିଜ୍ୟାରମ୍ଭ କରିପାରନ୍ତି। ହଠାତ୍ ବାହାରକୁ ଯିବା ସମୟରେ କୌଣସି ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରନ୍ତି।

**ମିଥୁନ**
ରାହୁଙ୍କ କୁପ୍ରଭାବରେ ପାରିବାରିକ ଭୁଲ୍ ବୁଝାମଣା କାରଣରୁ ଅସ୍ଥିରତା ଓ ଅଶାନ୍ତି କାରଣରୁ ମନ ଭଲ ରହିବ ନାହିଁ। ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟାକରିବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାକୁ ନିଷ୍ପତ୍ତି ନେବେ। ବ୍ୟବସାୟ କ୍ଷେତ୍ରରେ କୌଣସି ପ୍ରକାରର ଅସୁବିଧା ନ ହେଲେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ହେତୁ ମନ ଅସ୍ଥିର ରହିବ।

**କର୍କଟ**
ଚନ୍ଦ୍ରଙ୍କ ଦୁଃସ୍ଥାନ ଜନିତ ମାନସିକ ଶିଥିଳତା, କାର୍ଯ୍ୟରେ ବିଳମ୍ବ ଘଟିଲେ ମଧ୍ୟ ଆର୍ଥିକ ସ୍ଥିତି ମଜଭୁତ ରହିବ। ଆଜି ଯେଉଁ ଆଶା ନେଇ କାହା ପାଇଁ କିଛି କରିବେ, ତଥାପି ତାହାଠାରୁ ପ୍ରତିବଦଳରେ କିଛି ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ। ସାଧାରଣ ଯୁକ୍ତିତର୍କରୁ ସମ୍ପର୍କ ହାନି ଘଟିପାରେ।

**ସିଂହ**
ଶନିଙ୍କ ସ୍ଥିତି ଆପଣଙ୍କ ନିଷ୍ପତ୍ତିକୁ ଭୁଲ୍ ପ୍ରମାଣିତ କରିବା ସହ ଅପଦସ୍ଥ କରାଇବ। କିଛି କହିବା ଓ କରିବା କ୍ଷେତ୍ରରେ ଭାବିଚିନ୍ତି ପଦକ୍ଷେପ ନେବା ଭଲ ହେବ। ଈର୍ଷାପରାୟଣ ମନୋଭାବ ପୋଷଣକରି ନିକଟସ୍ଥ ବ୍ୟକ୍ତିବିଶେଷମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ତରବରିଆ ଯାତ୍ରାରୁ ଦୂରେଇ ରହିଲେ ଭଲ।

**କନ୍ୟା**
ଧନାଧିପ ଧନସ୍ଥ ହେତୁ ଅର୍ଥର ପ୍ରାଚୁର୍ଯ୍ୟ ସାଙ୍ଗକୁ ସାମାଜିକ ସମ୍ମାନ ଓ ପ୍ରତିଷ୍ଠାଲାଭ କରିବେ। ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି, ତାହା ନିଶ୍ଚୟ ପାଇବେ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡ଼ିକର ସମୀକ୍ଷାକରି ବ୍ୟସ୍ତତା ଅନୁଭବ କରିପାରନ୍ତି। ପିଲାମାନଙ୍କ କାର୍ଯ୍ୟକଳାପରୁ ମନସ୍ତାପ କରିପାରନ୍ତି।

**ତୁଳା**
ଆଶା ଓ ଅଭିଳାଷ ପୂରଣ କରିବାରେ ଆଜି କୌଣସି ଅସୁବିଧା ରହିବ ନାହିଁ। ଅଫିସ ଭିତରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ବ୍ୟବସାୟରେ ନିଜ ଜିଦ୍‌ରେ ଅଟଳ ରହିବେ, ଅବଶ୍ୟ ଲାଭବାନ୍ ହେବେ। କଚେରି ମାମଲା ସକାଶେ ଚିନ୍ତା ବଢ଼ିପାରେ। ଆନୁଷ୍ଠାନିକ କାମରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ।

**ବିଛା**
ବ୍ୟୟଭାବରେ ଶୁକ୍ର ଓ ଚତୁର୍ଥରେ ଚନ୍ଦ୍ର ରହିଥିବାରୁ ଆଜି ସକାଳୁ ସକାଳୁ ଦୂରଯାତ୍ରା କରିବାକୁ ପଡ଼ିପାରେ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣକଲେ କ୍ଷତିରେ ପଡ଼ିବେ। ଉପକାର କରିଥିବା ବ୍ୟକ୍ତିଙ୍କ ଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇପଡ଼ିବ।

**ଧନୁ**
ଚନ୍ଦ୍ରଙ୍କ ସହ ଗୁରୁ ଓ ଶୁକ୍ର କୋଣଭାବସ୍ଥ ହେତୁ ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀମାନଙ୍କ ସହଯୋଗ ଆଜିର କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଦୀର୍ଘଦିନରୁ ପ୍ରତୀକ୍ଷିତ କାର୍ଯ୍ୟ ସକାଶେ ଆତ୍ମୀୟସ୍ୱଜନଙ୍କ ଉପସ୍ଥିତି ଯୋଗୁ ଖୁସି ହେବେ। ପାରିବାରିକ ଭୁଲ୍ ବୁଝାମଣା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିବ।

**ମକର**
ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ବ୍ୟତିକ୍ରମ ଲାଗି ରହିଲେ ମଧ୍ୟ ବ୍ୟବସାୟ,ବାଣିଜ୍ୟ ଓ ପରିବହନରେ ଉନ୍ନତି ଘଟିବ। ଆକସ୍ମିକ ଭାବେ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ନିର୍ମାଣାଧୀନ କାମଟି ଆଜି ସମ୍ପୂର୍ଣ୍ଣ କରିପାରିବେ ନାହିଁ। ବନ୍ଧୁଙ୍କଠାରୁ କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ଦୁର୍ଭାବନା ସୃଷ୍ଟି ହୋଇପାରେ।

**କୁମ୍ଭ**
ନୂତନ କର୍ମାରମ୍ଭ ସକାଶେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଅନୁଭବ କରିବେ। ସାମୟିକ ଭାବପ୍ରବଣତାରେ ହଜି ନ ଯାଇ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ଚେଷ୍ଟାକଲେ ଉପକାର ମିଳିବ। ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ଅନୁକୂଳ ରହିବ।

**ମୀନ**
ଆପଣ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ଭଲ ସମ୍ପର୍କ ରଖୁ ନ ଥିବା ବନ୍ଧୁମାନେ ସମସ୍ୟା ସମାଧାନ ବଦଳରେ ସମସ୍ୟାକୁ ବଢ଼ାଇଦେଇପାରନ୍ତି। ବ୍ୟବସାୟ ଓ କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତବିବ୍ରତ ହୋଇପାରନ୍ତି।

ଆଜି ଭାଦ୍ରବ ପୂର୍ଣ୍ଣିମା ଯୁକ୍ତ ପ୍ରତିପଦା ମଙ୍ଗଳବାର, ଶ୍ରୀମଦ୍ ଭାଗବତ ଜନ୍ମ, ଅପରପକ୍ଷାରମ୍ଭ, ସେପ୍ଟେମ୍ବର ୨୫ ତାରିଖ, ରାଶି ନକ୍ଷତ୍ର- ଉତ୍ତରଭାଦ୍ରପଦ/ମୀନ, ଧନୁ ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ପ୍ରତିପଦାର ଶ୍ରାଦ୍ଧ (ମହାଳୟା ବିଧିରେ କରଣୀୟ)। ଦିବା ଘ୮।୪୦ମି. ଗତେ ଘ୧୦।୧୦ମି. ମଧ୍ୟେ, ଘ୧୧।୪୦ମି. ଗତେ ଘ୧।୧୦ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୧୦ମି. ଗତେ ଘ୧୧।୪୦ମି. ମଧ୍ୟେ, ଘ୨।୪୦ମି. ଗତେ, ଘ୪।୧୦ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୨।୩୮ମି. ଗତେ ଘ୪।୦୭ମି. ମଧ୍ୟେ ରାହୁକାଳ।



ଚାଇନା ୪ ହଜାର ଅଶ୍ଳୀଳ ୱେବ୍‌ସାଇଟ୍‌କୁ ବନ୍ଦ କରିଛି। ସମାଜ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡୁଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ସରକାରଙ୍କ ପକ୍ଷରୁ ସଫେଇ ଦିଆଯାଇଛି। ପର୍ନ ୱେବ୍‌ସାଇଟ୍‌ଗୁଡ଼ିକ ସୋସିଆଲ୍ ମିଡିଆ ଉପରେ ହାନିକାରକ ପ୍ରଭାବ ପକାଉଛି। ଏହାକୁ କମ୍ ବୟସ୍କ ପିଲା ଦେଖୁଥିବାରୁ ଦେଶରେ ଅପରାଧ ସଂଖ୍ୟା ବଢ଼ିବାର ଆଶଙ୍କା ରହିଛି ବୋଲି ସରକାର ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଆଇଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୨୪।୯(ବ୍ୟୁରୋ): ରାଜ୍ୟ ପ୍ରଶାସନରେ କାର୍ଯ୍ୟରତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ(ଆଇଏଏସ୍)ସ୍ତରରେ ସାମାନ୍ୟ ଅଦଳବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସୋମବାର ଏଥିପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ନୂତନ ବିଜ୍ଞପ୍ତି ଅନୁଯାୟୀ, ପର୍ଯ୍ୟଟନ ବିଭାଗର ସ୍ୱତନ୍ତ୍ର ସଚିବ ଥିବା ମାଗୁଣି ପାତ୍ର ଏଣିକି ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରିବେ। ଧନଞ୍ଜୟ ହେମ୍ବ୍ରମ୍ ପୂର୍ବଭଳି କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ସଚିବ ଭାବେ କାର୍ଯ୍ୟ କରିବେ। ଏହି ପଦଟି ରାଜ୍ୟ ପ୍ରଶାସନର ଯୁଗ୍ମ ସଚିବ ପାହ୍ୟାର ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ସେହିପରି ହାଉସିଂ ବୋର୍ଡର ସଚିବ ଥିବା ଗଙ୍ଗାଧର ପାତ୍ର ମଧ ପୂର୍ବଭଳି କାର୍ଯ୍ୟ ଜାରି ରଖିବେ। ସେ ଦାୟିତ୍ୱରେ ଥିବା ପଦଟି ମଧ ରାଜ୍ୟ ପ୍ରଶାସନରେ ଯୁଗ୍ମ ସଚିବ ଭାବେ ପରିଗଣିତ ହେବ। ସେହିପରି ଏସ୍‌ସି,ଏସ୍‌ଟି ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ଥିବା ପବିତ୍ର ମଣ୍ଡଳ ଏଣିକି ଯୁଗ୍ମ ସଚିବ ଭାବେ ସମାନ ବିଭାଗରେ କାର୍ଯ୍ୟ କରିବେ। ପଶ୍ଚିମ ଓଡ଼ିଶାର ବିକାଶ ପରିଷଦରେ ସଚିବ ପଦଟି ଯୁଗ୍ମ ସଚିବ ପାହ୍ୟା ଭାବେ ପରିଗଣିତ ହେବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ବର୍ତ୍ତମାନ ଏହି ପଦରେ ସୁନୀଲ କୁମାର ନାୟକ କାର୍ଯ୍ୟ କରୁଛନ୍ତି। ସେହିପରି ଇସ୍ପାତ ଓ ଖଣି ବିଭାଗର ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟରତ ବଟକୃଷ୍ଣ ଦେହୁରୀ ଏଣିକି ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରିବେ।

### ୨୦୦ରୁ ଅଧିକ ଭାଜପା କର୍ମୀ ବିଜେଡିରେ ସାମିଲ

ଭୁବନେଶ୍ୱର,୨୪।୯(ବ୍ୟୁରୋ): ବଡ଼ମ୍ବା-ନରସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀର ୨୦୦ରୁ ଅଧିକ ଭାଜପା କର୍ମୀ ସୋମବାର ବିଜେଡିରେ ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ସରୋଜ କୁମାର ପଟ୍ଟନାୟକ, ଆୟୁଷ୍ମାନ ପଟ୍ଟନାୟକ ଓ ଅବିନାଶ ପଟ୍ଟନାୟକ ରହିଛନ୍ତି। ସମସ୍ତ କର୍ମୀଙ୍କୁ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାଗତ କରିଥିଲେ। ମିଶ୍ରଣ ପରେ ଏସମ୍ପର୍କରେ ମନ୍ତବ୍ୟ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବଡମ୍ବା-ନରସିଂହପୁର ନିର୍ବାଚନ ମଣ୍ଡଳୀର ଭାଜପା କର୍ମୀମାନେ ଦଳରେ ଯୋଗ ଦେଇଥିବାରୁ ମୁଁ ବହୁତ ଖୁସି। ଏହି ଯୋଗଦାନ କଟକ ଜିଲ୍ଲାରେ ଦଳର ଶକ୍ତି ବୃଦ୍ଧି ହେବାରେ ସହାୟକ ହେବ। ସଦ୍ୟ ବିଜେଡିରେ ସାମିଲ ହୋଇଥିବା ସରୋଜ କହିଛନ୍ତି ଯେ, ମୁଁ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମୋର ଛାତ୍ର ଜୀବନରେ ରାଜନୀତି ଆରମ୍ଭ କରିଥିଲି। ଓଡ଼ିଶାରେ ଯଦି ବିକାଶ ହେଉଛି, ତାହା କେବଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଗୁ ବୋଲି ସରୋଜ କହିଛନ୍ତି। ମିଶ୍ରଣ ପର୍ବରେ ବଡମ୍ବା-ନରସିଂହପୁର ବିଧାୟକ ଦେବୀ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

# ସହଜ ଜୀବିକା ନିର୍ବାହ ସୂଚକାଙ୍କରେ ଓଡ଼ିଶା ଦ୍ୱିତୀୟ

ଭୁବନେଶ୍ୱର, ୨୪।୯(ବ୍ୟୁରୋ)

ଅମୃତ ଯୋଜନା
- ଆନ୍ଧ୍ରପ୍ରଦେଶ ପ୍ରଥମ, ମଧ୍ୟପ୍ରଦେଶ ୩ୟ

ଅମୃତ ଯୋଜନାର ସହଜ ଜୀବିକା ନିର୍ବାହ ସୂଚକାଙ୍କ କେନ୍ଦ୍ର ଆବାସ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପ୍ରକାଶ କରିଛି। ଏହି ମାନ୍ୟତାରେ ଆନ୍ଧ୍ରପ୍ରଦେଶ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଓଡ଼ିଶା ଦ୍ୱିତୀୟ ଏବଂ ମଧ୍ୟପ୍ରଦେଶ ତୃତୀୟ ସ୍ଥାନରେ ରହିଛି। ସୋମବାର ନୂଆଦିଲ୍ଲୀରେ କେନ୍ଦ୍ର ଆବାସ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ହରଦୀପ ସିଂହ ପୁରୀ ତିନୋଟି ରାଜ୍ୟର ପ୍ରତିନିଧିଙ୍କୁ ଅଟଳ ମିଶନ ଫର୍ ରେଜୁଭେନେସନ ଏବଂ ଅର୍ବାନ ଟ୍ରାନ୍ସଫରମେଶନ (ଅମୃତ) ଅଧୀନରେ ଥିବା ଜୀବିକା ନିର୍ବାହ ସୂଚକାଙ୍କ-୨୦୧୮ ଉପରେ ଆୟୋଜିତ ଏକ ରାଷ୍ଟ୍ରୀୟ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କୃତ କରିଛନ୍ତି।

ରାଜ୍ୟଗୁଡ଼ିକୁ ପୁରସ୍କାର ପ୍ରଦାନ କରି ମନ୍ତ୍ରୀ ପୁରୀ କହିଲେ, ସହଜ ଜୀବିକା ନିର୍ବାହ ସୂଚକାଙ୍କ ମନ୍ତ୍ରଣାଳୟର ଏକ ପରିବର୍ତ୍ତନୀୟ ପଦକ୍ଷେପ। ଯାହାଦ୍ୱାରା ସହରଗୁଡ଼ିକୁ ରାଷ୍ଟ୍ରୀୟସ୍ତରୀୟ ମାନ ଆଧାରରେ ସେମାନଙ୍କ ଜୀବନଧାରାର ମୂଲ୍ୟାୟନ କରିବାରେ ସହାୟକ ହୋଇପାରିବ। ସହଜ ଜୀବିକା ନିର୍ବାହ ସୂଚକାଙ୍କ ସହରଗୁଡ଼ିକୁ ସହରୀ ଯୋଜନା ଏବଂ ପରିଚାଳନା କ୍ଷେତ୍ରରେ ସହରଗୁଡ଼ିକ ସୁସ୍ଥ ପ୍ରତିଯୋଗିତାକୁ ପ୍ରୋତ୍ସାହିତ କରିବ। ଉତ୍ସବରେ ଓଡ଼ିଶା ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ ଜି. ମାଥିଭାଥନନ୍ ଏବଂ ବିଏମ୍‌ସି ଅତିରିକ୍ତ କମିଶନର ଶୁଭମ୍ ସେକ୍‌ସେନା ଅଂଶ ଗ୍ରହଣ କରି କେନ୍ଦ୍ର ମନ୍ତ୍ରୀଙ୍କ ପାଖରୁ ପୁରସ୍କାର ଗ୍ରହଣ କରିଥିଲେ। ପୁରସ୍କୃତ କରି ମନ୍ତ୍ରୀ ପୁରୀ କହିଲେ, ନିରନ୍ତର ସହରୀକରଣ ଦିଗରେ ପ୍ରମାଣ ଆଧାରିତ ଯୋଜନା ଏବଂ କାର୍ଯ୍ୟ ପ୍ରକ୍ରିୟା ପ୍ରୋତ୍ସାହନ ପ୍ରଦାନ କରିବାରେ ଭାରତ ଲକ୍ଷ୍ୟ ହାସଲ କରି ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ଏହି ସୂଚକାଙ୍କ ସହରଗୁଡ଼ିକର ଶକ୍ତି, ଦୁର୍ବଳତା, ସୁଯୋଗ ଏବଂ ବିପଦର ୩୬୦ ଡିଗ୍ରୀ ମୂଲ୍ୟାୟନ କରିବାରେ ସହାୟକ କରିପାରିବ। ବସବାସ ଉପଯୋଗୀ ସୂଚକାଙ୍କ ଆଧାରରେ ୧୧୬ ସହରକୁ ୨୦୧୭ ଜୁନରେ ମାନ୍ୟତା ପ୍ରଦାନ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ମନ୍ତ୍ରଣାଳୟ ଅଗଷ୍ଟ ୧୩, ୨୦୧୮ରେ ୧୧୧ ସହରକୁ ନେଇ ପ୍ରଥମ ସହଜ ଜୀବିକା ନିର୍ବାହ ସୂଚକାଙ୍କ ମନ୍ତ୍ରଣାଳୟ ଜାରି କରିଛି। ବିଭିନ୍ନ ସହରରେ ଲିଟମସ୍ ପରୀକ୍ଷଣ ଜରିଆରେ ବିକାଶର ମୂଲ୍ୟାୟନ କରାଯାଇଛି। ସମସ୍ତ ସହରଗୁଡ଼ିକର ମୂଲ୍ୟାୟନ ୧୦୦ ମଧ୍ୟରୁ କରାଯାଇଛି। ୧୪୫ ଭୌତିକସ୍ତମ୍ଭ (ଭିତ୍ତିଭୂମି)କୁ ସର୍ବାଧିକ ପ୍ରାଧାନ୍ୟ ଦିଆଯାଇଥିବାବେଳେ ଶାସନ ଏବଂ ସାମାଜିକତାକୁ ୨୫ ଲେଖାଏ ସୂଚକାଙ୍କ ପ୍ରଦାନ କରାଯାଇଛି। ମନ୍ତ୍ରୀ ଆଶାବ୍ୟକ୍ତ କରି କହିଲେ, ଏହି କର୍ମଶାଳା ରାଜ୍ୟଗୁଡ଼ିକ ଏବଂ ସହରଗୁଡ଼ିକ ପାଇଁ ବହୁମୂଲ୍ୟ ମତାମତ ପ୍ରଦାନ କରିବାର ସୁଯୋଗ ପ୍ରଦାନ କରିବ। ଭବିଷ୍ୟତରେ ଏକ ମଜଭୁତ ପଦ୍ଧତି ସୁନିଶ୍ଚିତ କରିବା ପାଇଁ ସୂଚକାଙ୍କଗୁଡ଼ିକୁ ଶିକ୍ଷାଲାଭ କରିବାର ସୁଯୋଗ ପ୍ରଦାନ କରିବ। ମନ୍ତ୍ରୀ ପୁରୀ ରାଜ୍ୟମାନଙ୍କୁ ଏବଂ ସହରଗୁଡ଼ିକୁ ସେମାନଙ୍କ ସହର ଜିଡିପି ଫ୍ରେମ୍‌ୱର୍କ ବିଷୟରେ ସୂଚିତ କରିବା ପାଇଁ ନିବେଦନ କରିଥିଲେ।

କର୍ମଶାଳାରେ ମନ୍ତ୍ରଣାଳୟ ସଚିବ ଦୁର୍ଗା ଶଙ୍କର ମିଶ୍ର, ଅତିରିକ୍ତ ସଚିବ ଏବଂ ସହରାଞ୍ଚଳ ବ୍ୟାପାର ମିଶନ ମୁଖ୍ୟ ଶିବ ଦାଶ ମୀନା ଏବଂ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ସହରାଞ୍ଚଳ ଯୋଜନାକାରୀମାନେ ଉପସ୍ଥିତ ଥିଲେ।



ନୂଆଦିଲ୍ଲୀଠାରେ କେନ୍ଦ୍ର ଆବାସ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କଠାରୁ ଓଡ଼ିଶା ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ ଜି. ମାଥିଭାଥନନ୍ ପୁରସ୍କାର ଗ୍ରହଣ କରୁଛନ୍ତି।

# ଆଇଏଏସ୍ ଅଫିସର ବିନୋଦ କୁମାରଙ୍କୁ ୩ ବର୍ଷ ଜେଲ

କଟକ ଅଫିସ,୨୪।୯

ଆଉ ଏକ ଦୁର୍ନୀତି
- ଭିଜିଲାନ୍ସ କୋର୍ଟରେ ଦଣ୍ଡିତ


ବିନୋଦ କୁମାର

ଓଡ଼ିଶା ଗ୍ରାମ୍ୟ ଗୃହ ନିର୍ମାଣ ନିଗମ (ଓଆର୍‌ଏଚ୍‌ଡିସି)ର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ତଥା ଆଇଏଏସ୍ ଅଫିସର ବିନୋଦ କୁମାର ଆଉ ଏକ ଦୁର୍ନୀତି ମାମଲାରେ ଦଣ୍ଡିତ ହୋଇଛନ୍ତି। ଏକ ଋଣ ଜାଲିଆତି ମାମଲାରେ ସୋମବାର ଭୁବନେଶ୍ୱର ଭିଜିଲାନ୍ସ ସ୍ୱତନ୍ତ୍ର ଅଦାଲତର ବିଚାରପତି ଶ୍ୟାମସୁନ୍ଦର ଦାସ ଅଭିଯୁକ୍ତ ବିନୋଦ କୁମାରଙ୍କ ସହିତ ୬ ଜଣଙ୍କୁ ୩ ବର୍ଷ ସଶ୍ରମ ଜେଲ୍ ଓ ୫୦ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅର୍ଥ ଆଦାୟ ନ ହେଲେ ଅଭିଯୁକ୍ତମାନଙ୍କୁ ଅଧିକ ୬ ମାସ ସଶ୍ରମ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ରାୟ ଦେଇଛନ୍ତି। ଅନ୍ୟ ଅଭିଯୁକ୍ତମାନେ ହେଲେ ଓଆର୍‌ଏଚ୍‌ଡିସିର ପୂର୍ବତନ କମ୍ପାନୀ ସେକ୍ରେଟାରୀ ସ୍ୱପ୍ନରଞ୍ଜନ ମହାପାତ୍ର, ପୂର୍ବତନ ଆକାଉଣ୍ଟାଣ୍ଟ ପ୍ରଦୀପ କୁମାର ରାଉତ, ପୂର୍ବତନ ସିଷ୍ଟମ ଆନାଲିଷ୍ଟ ଜ୍ଞାନେନ୍ଦ୍ର ସ୍ୱାଇଁ, ପୂର୍ବତନ ଜୁନିୟର ଅଫିସର (ଲୋନ୍) ସତ୍ୟପ୍ରକାଶ ବେହେରା ଓ ବିଲଡର ବିଜୟ କୁମାର ବିଶ୍ୱାଳ। ଅନ୍ୟତମ ଅଭିଯୁକ୍ତ ପୂର୍ବତନ ଆକାଉଣ୍ଟାଣ୍ଟ ଚିତ୍ତରଞ୍ଜନ ମଲ୍ଲିକଙ୍କୁ କୋର୍ଟ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ତେବେ ଦଣ୍ଡ ଘୋଷଣା କରାଯିବା ପରେ ଦୋଷୀ ଅଭିଯୁକ୍ତମାନେ ସିଆର୍‌ପିସିର ୩୮୯ ଧାରା ଅନୁଯାୟୀ କୋର୍ଟରୁ ଅନ୍ତରୀଣ ଜାମିନ ପାଇଥିବା ଜଣାପଡ଼ିଛି। ଭିଜିଲାନ୍ସ ପକ୍ଷରୁ ସ୍ୱତନ୍ତ୍ର ପିପି ହେମନ୍ତ କୁମାର ସ୍ୱାଇଁ ମାମଲା ପରିଚାଳନା କରୁଥିଲେ।

ମାମଲାର ବିବରଣୀ ଅନୁଯାୟୀ, ବିନୋଦ କୁମାରଙ୍କ ସମେତ ଅନ୍ୟ ଅଭିଯୁକ୍ତମାନେ ବିଲ୍‌ଡର ବିଶ୍ୱାଳଙ୍କୁ ଅହେତୁକ ଅନୁକମ୍ପା ଦେଖାଇଥିଲେ। ବିଲ୍‌ଡର ବିଶ୍ୱାଳଙ୍କର ଏକ ନିର୍ମାଣ ସଂସ୍ଥା ଅଛି। ୨୦୦୧ରେ ବିନୋଦ କୁମାର ଓଆର୍‌ଏଚ୍‌ଡିସିର ପରିଚାଳନା ନିର୍ଦ୍ଦେଶକ ଥିବା ସମୟରେ ଏହି ଦୁର୍ନୀତି ହୋଇଥିଲା। ବିଲ୍‌ଡର ବିଶ୍ୱାଳଙ୍କୁ ୨୭ ଜଣଙ୍କ ନାମରେ ୧ କୋଟି ୧ ଲକ୍ଷ ୭୦ହଜାର ଟଙ୍କାର ଋଣ ଓଆର୍‌ଏଚ୍‌ଡିସିରୁ ମଞ୍ଜୁର କରାଯାଇଥିଲା। ଭୁବନେଶ୍ୱର ଶାସ୍ତ୍ରୀନଗରଠାରେ ଜ୍ୟୋତ୍ସ୍ନା ଗାର୍ଡେନ ନାମକ ଏକ ଆପାର୍ଟମେଣ୍ଟ ନିର୍ମାଣ ପାଇଁ ଏହି ଲୋନ ଦିଆଯାଇଥିଲା। ମିଥ୍ୟା କାଗଜପତ୍ର ଓ ବେଆଇନ ଉପାୟରେ ଏହି ଲୋନ୍ ମଞ୍ଜୁର ହୋଇଥିବା ଭିଜିଲାନ୍ସ ତଦନ୍ତରୁ ଜଣାପଡ଼ିଥିଲା। ଭିଜିଲାନ୍ସ ତଦନ୍ତ ଅନୁଯାୟୀ, ଜ୍ୟୋତ୍ସ୍ନା ଗାର୍ଡେନ ଆପାର୍ଟମେଣ୍ଟର ନିର୍ମାଣ ୧୯୯୮ରେ ହୋଇଥିଲା ଏବଂ ଆପାର୍ଟମେଣ୍ଟର ଫ୍ଲାଟ୍‌ଗୁଡ଼ିକୁ ବିଭିନ୍ନ ବ୍ୟକ୍ତିଙ୍କୁ ବିକ୍ରି କରାଯାଇଥିଲା। ମାତ୍ର ୨୭ ଜଣଙ୍କୁ ବିଲ୍‌ଡର ବିଶ୍ୱାଳ ଯୋଗାଡ଼ କରି ସେମାନେ ଫ୍ଲାଟ୍ କିଣିଥିବା ଦର୍ଶାଇଥିଲେ। ମାତ୍ର ୨୭ ଜଣଙ୍କ ମଧ୍ୟରୁ କେହି ଜଣେ ହେଲେ ଜ୍ୟୋତ୍ସ୍ନା ଗାର୍ଡେନରୁ ଫ୍ଲାଟ୍ କିଣି ନ ଥିବା ଭିଜିଲାନ୍ସ ତଦନ୍ତରୁ ଜଣାପଡ଼ିଥିଲା। ଏ ନେଇ ୨୦୦୬ରେ ଭିଜିଲାନ୍ସ ସେଲ ଥାନାରେ ୫୬/୨୦୦୬ ନମ୍ବରରେ ଏକ ମାମଲା ରୁଜୁ ହୋଇଥିଲା। ମାମଲାରେ ଭିଜିଲାନ୍ସର ଚାର୍ଜଶିଟ ତଥ୍ୟ ଅନୁଯାୟୀ, ୨୦୦୭ ଡିସେମ୍ବର ୨୮ ସୁଦ୍ଧା ବିଲ୍‌ଡର ବିଶ୍ୱାଳଙ୍କ ଉପରେ ୧ କୋଟି ୬୮ ଲକ୍ଷ ୯୧ହଜାର ୬୦୬ ଟଙ୍କାର ଋଣ ବକେୟା ପଡ଼ିଥିଲା।

ସୂଚନାଥାଉ କି, ବାଲିପାଟଣାଠାରେ ଏକ ରୁରାଲ ବିଲ୍ଡିଂ ସେଣ୍ଟର ନିର୍ମାଣ ବାବଦରେ ଓଆର୍‌ଏଚ୍‌ଡିସିରୁ ଅର୍ଥ ହେରଫେର ହୋଇଥିଲା। ଏହି ଘଟଣାରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଗତ ଜୁଲାଇ ୩ରେ ବିନୋଦ କୁମାରଙ୍କ ସମେତ ୬ ଜଣଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ଅଗଷ୍ଟ ୧୦ରେ ଅଦାଲତ ବିନୋଦ କୁମାରଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ। ଏହାପରେ ତାଙ୍କୁ ଝାରପଡ଼ା ଜେଲ ପଠାଇ ଦିଆଯାଇଥିଲା। ଏହି ମାମଲାରେ କିନ୍ତୁ ପୂର୍ବତନ ଆକାଉଣ୍ଟାଣ୍ଟ ଚିତ୍ତରଞ୍ଜନ ମଲ୍ଲିକ ଦୋଷୀ ସାବ୍ୟସ୍ତ ହୋଇ ଜେଲ ଯାଇଥିଲେ।

# ମାଓବାଦୀ ଅଞ୍ଚଳ ଯିବା ପୂର୍ବରୁ ନେତାଙ୍କୁ ସତର୍କ କଲେ ଡିଜି

- ଆନ୍ଧ୍ର ପୋଲିସ ସହିତ ଓଡ଼ିଶା ପୋଲିସର ଆଲୋଚନା

କଟକ ଅଫିସ, ୨୪।୯

ଓଡ଼ିଶା-ଆନ୍ଧ୍ର ସୀମାରେ ମାଓବାଦୀମାନେ ରକ୍ତାକ୍ତକାଣ୍ଡ ଭିଆଇଛନ୍ତି। ଆନ୍ଧ୍ରପ୍ରଦେଶର ତେଲୁଗୁ ଦେଶମ ପାର୍ଟି(ଟିଡିପି)ର ୨ ନେତା ତଥା ଜଣେ ବିଧାୟକ ଓ ଜଣେ ପୂର୍ବତନ ବିଧାୟକଙ୍କୁ ମାଓବାଦୀମାନେ ରବିବାର ଗୁଳି କରି ହତ୍ୟା କରିଛନ୍ତି। ଏହି ଘଟଣା ପରେ ଓଡ଼ିଶା ପୋଲିସ ତତ୍ପର ହୋଇଉଠିଛି। ମାଓବାଦୀପ୍ରବଣ ଅଞ୍ଚଳକୁ ଯିବା ସମୟରେ ରାଜନେତାମାନେ ସତର୍କତା ଅବଲମ୍ବନ କରିବାକୁ ପୋଲିସ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମା ପରାମର୍ଶ ଦେଇଛନ୍ତି। ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇ ଡିଜିପି ଶର୍ମା କହିଛନ୍ତି ଯେ, ରାଜନେତାମାନେ ମାଓବାଦୀ ଅଞ୍ଚଳକୁ ଯିବା ସମୟରେ ପୋଲିସକୁ ଅବଗତ କରାନ୍ତୁ ଏବଂ ନିଜ ସହ ପର୍ଯ୍ୟାପ୍ତ ପରିମାଣର ସୁରକ୍ଷାବଳ ରଖନ୍ତୁ। ତେବେ ମାଓବାଦୀ ମୁକାବିଲା ପାଇଁ ଅପରେଶନ ଜୋରଦାର କରାଯିବ। ଏନେଇ ଆନ୍ଧ୍ରପ୍ରଦେଶ ପୋଲିସ ଡିଜିଙ୍କ ସହ ଆଲୋଚନା ହୋଇଛି। ଓଡିଶାର ସୀମାବର୍ତ୍ତୀ ଜିଲାଗୁଡିକୁ ମଧ୍ୟ ସଚେତନ କରାଯାଇଛି। ଗ୍ରେହାଉଣ୍ଡ ଅପରେଶନ କରୁଥିବା ଅଫିସରମାନଙ୍କ ସହ ଓଡ଼ିଶା ପୋଲିସ ରୀତିମତ ସମ୍ପର୍କରେ ରଖିଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଶ୍ରୀମନ୍ଦିର ସୁରକ୍ଷା ଯାଞ୍ଚ କଲା ଏନ୍‌ଏସ୍‌ଜି

ପୁରୀ ଅଫିସ, ୨୪।୯

ଯାଞ୍ଚ ହୋଇଛି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା। ନ୍ୟାଶନାଲ ସିକ୍ୟୁରିଟି ଗାର୍ଡ (ଏନ୍‌ଏସ୍‌ଜି)ର ତିନିଜଣିଆ ଟିମ୍ ଏହି ଯାଞ୍ଚ କରିଛନ୍ତି। ରବିବାର ରାତିରେ ଏବଂ ସୋମବାର ସକାଳେ ଦୁଇଟି ପର୍ଯ୍ୟାୟରେ ଏହି ଯାଞ୍ଚ କରାଯାଇଥିବା ସୂଚନା ମିଳିଛି। ସୁରକ୍ଷା ଦୃଷ୍ଟିକୋଣରୁ ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ସେମାନେ ଗୁପ୍ତ ଭାବେ ଯାଇ ଯାଞ୍ଚ କରିଥିବା ଜଣାପଡିଛି। ଏହି ତିନିଜଣିଆ ଟିମ୍ ରବିବାର ସନ୍ଧ୍ୟାରେ ପୁରୀରେ ପହଞ୍ଚି ସର୍କିଟ ହାଉସ୍‌ରେ ରହିଥିଲେ। ବିଳମ୍ବିତ ରାତିରେ ମନ୍ଦିରକୁ ଯାଇ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ।

ସୂଚନାଯୋଗ୍ୟ, ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଛି ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ର। ପ୍ରତିଦିନ ଶ୍ରୀମନ୍ଦିରକୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଆସୁଥିବାରୁ ଏହାର ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ ହେବା ଦରକାର। ୨୦୧୭ ଅଗଷ୍ଟ ୨୬ରେ ଏନ୍‌ଏସ୍‌ଜିର ୩ ଜଣିଆ ଟିମ୍ ଶ୍ରୀମନ୍ଦିରକୁ ଆସି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ। ଏହି ଯାଞ୍ଚର ୨ମାସ ପରେ ଶ୍ରୀମନ୍ଦିର ସୁରକ୍ଷା ନେଇ ଏନ୍‌ଏସ୍‌ଜି ରାଜ୍ୟ ସରକାରଙ୍କୁ କେତେକ ସୁପାରିସ ଦେଇଥିଲେ। ଶ୍ରୀମନ୍ଦିର ସେବାୟତ ଓ କର୍ମଚାରୀଙ୍କୁ ପରିଚୟ ପତ୍ର ପ୍ରଦାନ, ଶ୍ରୀମନ୍ଦିର ପ୍ରବେଶ ପଥରେ ମେଟାଲ ଡିଟେକ୍ଟର ଓ ସ୍କାନର ବ୍ୟବସ୍ଥା ସହ ଶ୍ରୀମନ୍ଦିର ଭିତରରେ ଅଧିକ ଫୋର୍ସ ମୁତୟନ ଲାଗି ସୁପାରିସ କରିଥିଲା। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଥିବା ୪ଟି ୱାଚ ଟାୱାରକୁ ସୁଦୃଢ଼ୀକରଣ କରିବା ସହ ଶ୍ରୀମନ୍ଦିର ପ୍ରବେଶ ଓ ପ୍ରସ୍ଥାନକୁ ଅଲଗା କରିବା ଲାଗି ଏନ୍‌ଏସ୍‌ଜି କହିଥିଲା। ଏହାସହିତ ମେଘନାଦ ପାଚେରିକୁ ଲାଗି ରହିଥିବା ଦୋକାନ ଓ ବିଭିନ୍ନ ଗୃହକୁ ହଟାଇବାକୁ ସୁପାରିସ ଥିଲା। କିନ୍ତୁ ବର୍ଷେ ବିତିଯାଇଥିଲେ ମଧ ଏନ୍‌ଏସ୍‌ଜିର ସୁପାରିସ କାର୍ଯ୍ୟକାରୀ ହୋଇପାରି ନାହିଁ।

# ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନାଁରେ ଭୁଆଁ ବୁଲାଉଛନ୍ତି ରାଜ୍ୟ ସରକାର

ଭୁବନେଶ୍ୱର,୨୪।୯(ବ୍ୟୁରୋ)

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନାଁରେ ରାଜ୍ୟ ସରକାର ଭୁଆଁ ବୁଲାଉଥିବା ଅଭିଯୋଗ କରିଛି କଂଗ୍ରେସ। ପିସିସି ଗଣମାଧ୍ୟମ ପ୍ରମୁଖ ସତ୍ୟପ୍ରକାଶ ନାୟକ କହିଛନ୍ତି ଯେ, ସରକାର ପ୍ରଚାର କରୁଛନ୍ତି ମୋଟ ୪୯୫ କୋଟି ଟଙ୍କାରେ ୭୦ ଲକ୍ଷ ପରିବାରକୁ ଯୋଗାଇ ଦିଆଯିବ ମାଗଣା ସ୍ୱାସ୍ଥ୍ୟସେବା। ଅର୍ଥାତ ସ୍ୱାସ୍ଥ୍ୟ କଲ୍ୟାଣ ନାଁରେ ପରିବାର ପିଛା ମାତ୍ର ୭୦୭.୧୪ ଟଙ୍କା ଖର୍ଚ୍ଚ କରାଯିବ। ବିଧାନସଭାରେ ରଖାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ ଏହି ତଥ୍ୟ ରହିଛି। ତେଣୁ ସ୍ୱାସ୍ଥ୍ୟ କଲ୍ୟାଣ ନାଁରେ ଏହା ରାଜ୍ୟ ସରକାରଙ୍କ ଏକ ଧୂଆଁବାଣ ବୋଲି ସତ୍ୟପ୍ରକାଶ କହିଛନ୍ତି।

ସେହିପରି ଚଳିତ ମାସ ୬ରେ ସରକାରଙ୍କୁ ରାଜ୍ୟରେ କର୍କଟ, ହୃଦ୍‌ରୋଗ, ପେଟରୋଗ, ଯକୃତ, ବୃକକ୍, ଅସ୍ଥିଶଲ୍ୟ, ମଧୁମେହ ଓ ସ୍ନାୟୁଜନିତ ରୋଗୀଙ୍କ ସଂଖ୍ୟା ସମ୍ପର୍କରେ ପ୍ରଶ୍ନ କରାଯାଇଥିଲା। ହେଲେ ଏ ସମ୍ପର୍କିତ ନିର୍ଦ୍ଦିଷ୍ଟ ଉତ୍ତର ରାଜ୍ୟ ସରକାରଙ୍କ ପାଖରେ ନ ଥିବା କୁହାଯାଇଛି। ତେଣୁ ସମସ୍ତ ଜିଲା ମୁଖ୍ୟାଳୟରେ ଆବଶ୍ୟକ ଭିତ୍ତିଭୂମି ନ ଥାଇ କିଭଳି ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ରାଜ୍ୟ ସରକାରଙ୍କ ପ୍ରାଥମିକ ଚିକିତ୍ସାକେନ୍ଦ୍ରରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାୟ ୫୦୩୯ ଜଣ ଡାକ୍ତର, ନର୍ସ ଓ ଟେକ୍ନିସିଆନ ପଦବୀ ଖାଲିପଡିଛି। ଏପରିସ୍ଥଳେ ସରକାରୀ ଚିକିତ୍ସାଳୟରେ ୭୦ ଲକ୍ଷ ପରିବାରଙ୍କୁ କିଭଳି ଚିକିତ୍ସା ସେବା ମିଳିପାରିବ ? ରିପୋର୍ଟ ଅନୁସାରେ, ୩୦ ଶତାଂଶ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ୨୪ ଘଣ୍ଟା ଖୋଲା ରହୁଥିବା ବେଳେ ବାକିଗୁଡିକ ବନ୍ଦ ରହୁଛି। ସର୍ବଭାରତୀୟ ସ୍ତରରେ ୧ ଲକ୍ଷ ଜନସଂଖ୍ୟା ପାଇଁ ୬୨ ଜଣ ଡାକ୍ତରଙ୍କ ଆବଶ୍ୟକତା ରହିଛି। ହେଲେ ଓଡ଼ିଶାରେ ସେହି ସଂଖ୍ୟା ମାତ୍ର ୮। ରାଜ୍ୟରେ ୧୨ଟି ଡାଏଲିସିସ୍ ସେଣ୍ଟର ରହିଛି। ୪ ଜିଲାକୁ ବାଦ୍ ଦେଇ ବାକି ୨୬ ଜିଲାରେ କିଡ୍‌ନୀ ରୋଗୀଙ୍କ ସଂଖ୍ୟା ଅଧିକ। ତେଣୁ ଏଭଳି କ୍ଷେତ୍ରରେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇଦେବାରେ ରାଜ୍ୟ ସରକାର କେତେ ସକ୍ଷମ ହେବ, ତାହା ସହଜରେ ଅନୁମେୟ ବୋଲି ସତ୍ୟପ୍ରକାଶ କହିଛନ୍ତି।


Regional Office-1:
Plot No.: 1556 & 1561,
Jagamara, Khandagiri,
Bhubaneswar - 751 019

सिंडिकेटबैंक SyndicateBank
विश्वसनीय. मैत्रीपूर्ण Faithful. Friendly
भारत सरकार का उपक्रम A Govt. of India Undertaking

NOTICE INVITING TENDERS

Syndicate Bank invites Tenders from reputed, experienced and eligible contractors/firms for Supply, Erection and Commissioning of Passenger Lift of its office complex building at Plot No.: 1556 (P) & 1561(P), Jagamara, Bhubaneswar. The details of the project, eligibility criteria etc., are available in our website: www.syndicatebank.in under Category "Advt/bids/Tenders."

Interested and eligible contractors/firms may apply in the prescribed format in two separate covers i.e. Technical & Financial bids respectively to THE REGIONAL MANAGER, SYNDICATE BANK, REGIONAL OFFICE, BHUBANESWAR at the above address on or before 10.10.2018 upto 3.00 P.M.

Bidders are requested to refer the website for any modifications/ changes/corrigendum & to this notice. No other advertisement will be released in the newspaper in this regard.

Bank reserves the right to accept or reject any or all the applications without assigning any reasons whatsoever.

Place : Bhubaneswar
Date : 24.09.2018
Sd/-
Regional Manager




ନୂଆଁଖାଇ ଜୁହାର
ପଶ୍ଚିମ ଓଡିଶାର ମହାନ ଗଣପର୍ବ ନୂଆଁଖାଇ ଉପଲକ୍ଷେ
ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର।
ଜଗଦୀଶ ବିଭାର
ଜିଲା ସଭାପତି, ବିଏସପି ଏବଂ
ଅବସରପ୍ରାପ୍ତ ସୈନିକ ବଲାଙ୍ଗୀର


ନୂଆଁଖାଇ ଜୁହାର
ପଶ୍ଚିମଓଡିଶାର ମହାନ ଗଣପର୍ବ ନୂଆଁଖାଇ ଅବସରରେ
ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର
ମନରଞ୍ଜନ କୁମ୍ଭାର
ସରପଞ୍ଚ, ପୁଇଁନ୍ତଲା ଗ୍ରାମପଞ୍ଚାୟତ, ବଲାଙ୍ଗୀର


ନୂଆଁଖାଇ ଜୁହାର
ପଶ୍ଚିମଓଡିଶାର ମହାନ ଗଣପର୍ବ ନୂଆଁଖାଇ ଅବସରରେ
ଲୋଇସିଂହା ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ
ନୂଆଁଖାଇ ଜୁହାର
ଓମ ପ୍ରକାଶ କୁମ୍ଭାର
ସଭାପତି, ଲକ୍ଷେ ଘର ଗଣ୍ଡା ସମାଜ, ବଲାଙ୍ଗୀର




ଏପରି ସ୍ଫୁର୍ତ୍ତିଶୀଳ ଅନୁଭୂତି, ଯାହା କରିଦିଏ, ଆପଣଙ୍କ ସାଥୀଙ୍କୁ ମଦମତ୍ତ
ପ୍ରଥମ ଦିନରୁ ହିଁ ପ୍ରଭାବ ଆରମ୍ଭ
ସଉକିଆ ବ୍ୟକ୍ତି ମଧ ଥରେ ନିଶ୍ଚୟ ଆପଣାନ୍ତୁ
୧ କ୍ୟାପ୍‌ସୁଲ୍ ସକାଳେ ଓ ୧ କ୍ୟାପ୍‌ସୁଲ ରାତିରେ ସେବନ କରନ୍ତୁ
କେବଳ ପୁରୁଷଙ୍କ ପାଇଁ
ପ୍ଲେ-ୱିନ୍ କ୍ୟାପ୍‌ସୁଲ
ମହିଳାଙ୍କ ପାଇଁ ମଧ ଉପଲବ୍ଧ
ପ୍ଲେ-ୱିନ୍-F କ୍ୟାପ୍‌ସୁଲ କେବଳ ମହିଳାଙ୍କ ପାଇଁ
ସବୁ ମେଡିକାଲ/ଆୟୁର୍ବେଦିକ ଷ୍ଟୋର୍‌ରେ ଉପଲବ୍ଧ
ଶାରୀରିକ ସୁଖ ଜୀବନର ଏକ ଅମୂଲ୍ୟ ଉପହାର ଅଟେ, ଧାଁଦଉଡ଼ ଏବଂ ଚାପପୂର୍ଣ୍ଣ ଜୀବନରେ ଲୋକମାନେ ନିଜ ଭୋଜନ ଉପରେ ପୂର୍ଣ୍ଣ ଧ୍ୟାନ ଦେଇପାରି ନ ଥାନ୍ତି, ଏହି କାରଣରୁ ଅନେକ ଥର ରୋଗର ଶିକାର ହୋଇଥାନ୍ତି, ଯାହାଦ୍ୱାରା ଲୋକମାନଙ୍କ ଶାରୀରିକ କ୍ଷମତା ଉପରେ ମଧ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ଏହି କାରଣରୁ ସେମାନେ ଶୀଘ୍ରପତନ, ଉତ୍ତେଜନାର ଅଭାବ, ଇନ୍ଦ୍ରିୟ ଶିଥିଳତା, ପୁରୁଷଙ୍କ କ୍ଷେତ୍ରରେ ଉତ୍ତେଜନା ନ ଆସିବା ଇତ୍ୟାଦି ସମସ୍ୟାର ଶିକାର ହୋଇଥାନ୍ତି। ଏହିସବୁ ସମସ୍ୟାକୁ ଦୂର କରିବା ପାଇଁ ପ୍ଲେ-ୱିନ୍ କ୍ୟାପ୍‌ସୁଲର ୨୧ ଦିନର କୋର୍ସ କରି ଭରପୂର ଜୋସ୍, ଶକ୍ତି ଏବଂ ସ୍ଫୁର୍ତ୍ତି ବଢ଼ାନ୍ତୁ। ଉତ୍ତମ ଓ ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲର କେତୋଟି ବୁନ୍ଦା ମାଲିସ କରି ସମସ୍ୟାଗୁଡ଼ିକୁ ଦୂର କରନ୍ତୁ ଏବଂ ନିଜ ବୈବାହିକ ଜୀବନର ଅଦ୍ଭୁତ ଆନନ୍ଦ ଅନୁଭବ କରନ୍ତୁ।


For Order & Enquiry Call : 08657429356
ତେଲ କ୍ୟାପ୍‌ସୁଲ
ଉତ୍ତମ ପରିଣାମ ପାଇଁ ପ୍ଲେ-ୱିନ୍ ତେଲ ମଧ ବ୍ୟବହାର କରନ୍ତୁ।
www.playwincapsule.com
ଜୋଶ୍, ଶକ୍ତି, ଏକ୍ସଟ୍ରା ଟାଇମିଂ ଏବଂ ସ୍ଫୁର୍ତ୍ତି ବଢ଼ାଏ



CLASSIFIED DISPLAY

HURRY UP LIMITED SEATS
FOR YOUR CIVIL SERVICE ASPIRATIONS JOIN
START 15TH SEPTEMBER
Surge Ahead
PANCHASAKHA ACADEMY
FOR
IAS- (PRELIM-CUM-MAINS) |
OAS (ONE MONTH CRASH COURSE)
YES, TOGETHER WE CAN
PH : 6370981054, 8457099246
L-280, HB Colony, Bhubaneswar, www.panchasakha.com

ADMISSION OPEN
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY
(ISO 9001 : 2015 CERTIFIED)
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Estd.2000
Ph.0674-2385773, M:9437114882, 9090366575

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168
5% GST Applicable

ହୃଦ୍‌ଘାତ

ଯେ କୌଣସି ମୁହୂର୍ତ୍ତରେ, ଯେ କୌଣସି ଠାରେ ଆସିପାରେ। ଏଥିପାଇଁ ସଦାସର୍ବଦା ପ୍ରସ୍ତୁତ ଅଶ୍ୱିନୀ ହସ୍ପିଟାଲ୍। ଏଠାରେ ଆନ୍‌ଜିଓଗ୍ରାମ୍, ଆନ୍‌ଜିଓପ୍ଲାଷ୍ଟି, ପେସ୍ ମେକର, ଇସିଜି, ୨ଡ଼ି ଇକୋ, ଟିଏମ୍‌ଟି, ବାଇପାସ୍ ସର୍ଜରୀ ଏବଂ ଭାଲଭ ରିପ୍ଲେସମେଣ୍ଟ, ସୁଲଭ ମୂଲ୍ୟରେ ଅଭିଜ୍ଞ ଡ଼ାକ୍ତରଙ୍କ ଦ୍ୱାରା କରାଯାଏ।
ASHWINI HOSPITAL
ଯୋଗାଯୋଗ - ୭୮୯୪୪୬୦୪୪୩

ପାରିହା ବା ମେହେନ୍ତର ଶ୍ରେଣୀର ଜଣେ ଆଧ୍ୟାତ୍ମିକ ବା ସଂସ୍କୃତିବନ୍ତ ମଣିଷ, ଆଧ୍ୟାତ୍ମିକ ମୂଲ୍ୟ ଅନୁସାରେ ଜଣେ ଅଣଆଧ୍ୟାତ୍ମିକ ଓ ସାଂସାରିକ ଲୋକ ଅଥବା ଜଣେ ସ୍ଥୂଳଚିତ୍ତ। ସଂସ୍କୃତିହୀନ ବ୍ରାହ୍ମଣଠାରୁ ମହତ୍ତର। ଜନ୍ମର ମହତ୍ତ୍ୱ ରହିଛି। କିନ୍ତୁ ସାରସତ୍ତ୍ୱ ରହିଛି ସ୍ୱୟଂ ମନୁଷ୍ୟ ଭିତରେ – ଅନ୍ତରାଳରେ ଥିବା ଆତ୍ମା ଭିତରେ ଏବଂ ତା ପ୍ରକୃତିରେ ଅଭିବ୍ୟକ୍ତି ଭିତରେ। –ଶ୍ରୀଅରବିନ୍ଦ



# କୃତ୍ରିମ ଜାତୀୟତା

ଭାରତ ଯୁଦ୍ଧପ୍ରିୟ ଦେଶ ନୁହେଁ। ଅଦ୍ୟାବଧି ବିଶ୍ୱପ୍ରସିଦ୍ଧ ଯୁଦ୍ଧ ଜିତିଥିବାର ଇତିହାସ ମଧ୍ୟ ଏହା ନାମରେ ନାହିଁ। ୧୯୭୧ରେ ବାଂଲାଦେଶକୁ ସ୍ୱାଧୀନ କରିବା ଲାଗି ପାକିସ୍ତାନ ବିରୋଧରେ ହୋଇଥିବା ଯୁଦ୍ଧ ଏବଂ ୧୯୮୮ରେ ମାଳଦ୍ୱୀପରେ ମୌମୁନ୍ ଅବଦୁଲ୍ ଗୟୁମ୍‌ଙ୍କୁ ଗାଦିଚ୍ୟୁତ କରିବା ସକାଶେ ଅବଦୁଲା ଲୁଥୁଫିଙ୍କ ଦ୍ୱାରା କରାଯାଇଥିବା ସାମରିକ ବିଦ୍ରୋହକୁ ପଣ୍ଡ କରିବାରେ ଭାରତୀୟ ସେନା ସକ୍ଷମ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ, ମାଳଦ୍ୱୀପ ସାମରିକ ବିଦ୍ରୋହରେ ପିପୁଲ୍ସ ଲିବରେଶନ ଅର୍ଗାନାଇଜେଶନ ଅଫ୍ ତାମିଲ ଇଲମ୍ (ପିଏଲ୍‌ଓଟିଇ) ଲୁଥୁଫିଙ୍କୁ ସହଯୋଗ କରିବାରୁ ଭାରତ ଏହା ବିରୋଧରେ ଯାଇ ବିଜୟ ଲାଭ କରିଥିଲା। ଏହି ଦୁଇଟି ଘଟଣାକୁ ଛାଡ଼ିଦେଲେ ଯୁଦ୍ଧ ଇତିହାସରେ ଭାରତ କୌଣସି ନାଁ ଅର୍ଜନ କରିନାହିଁ। ଭିଏତ୍‌ନାମ କିମ୍ବା ଇସ୍ରାଏଲ ପରି ବୀରପଣ ଦେଖାଇବାରେ ଏ ଦେଶ ଅସଫଳ। ଅହିଂସା ମାର୍ଗରେ ସ୍ୱାଧୀନତା ହାସଲ କରିଥିବା ଭାରତବର୍ଷକୁ ବର୍ତ୍ତମାନର କେନ୍ଦ୍ର ସରକାର ଯୁଦ୍ଧଂଦେହି ଡାକରା ମାଧ୍ୟମରେ ଜାତୀୟତା ସୃଷ୍ଟି କରିବା ଲାଗି ଚଳାଇଥିବା ପ୍ରୟାସ ଆଦୌ ଗ୍ରହଣୀୟ ହୋଇପାରୁ ନାହିଁ।

୨୦୧୬ ସେପ୍ଟେମ୍ବର ୨୯ରେ ଭାରତୀୟ ସେନା ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟ ପାକିସ୍ତାନ ପରିଚାଳିତ ଆଜାଦ କଶ୍ମୀର ବା ପାକ୍ ଅଧିକୃତ କଶ୍ମୀର ଉପରେ ସର୍ଜିକାଲ ଷ୍ଟ୍ରାଇକ୍ କରିଥିବା କୁହାଯାଉଛି। ଯଦିଓ ଏହା କରାଯାଇଥିବାର ପ୍ରମାଣ ଅଦ୍ୟାବଧି ମିଳିନାହିଁ, ତଥାପି ଭାରତ ସରକାର ସେହି ଦିନକୁ ସ୍ମରଣୀୟ ରଖିବା ପାଇଁ ଦେଶର ଉଚ୍ଚତର ଶିକ୍ଷାନୁଷ୍ଠାନଗୁଡ଼ିକୁ ଏହି ଦିବସ ପାଳନ କରିବା ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଜରିଆରେ ସବୁ ବିଶ୍ୱବିଦ୍ୟାଳୟକୁ ନିକଟରେ ଚିଠି ଲେଖିଛନ୍ତି। ଦେଶର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ମାନ୍ୟତା ଦେବା ସହ ଉଚ୍ଚଶିକ୍ଷାର ମାନ ବୃଦ୍ଧି କରିବା ହେଉଛି ୟୁଜିସିର ପ୍ରଧାନ ଲକ୍ଷ୍ୟ। କିନ୍ତୁ ମାନବ ସମ୍ବଳ ବିକାଶ (ଏଚ୍‌ଆର୍‌ଡି) ଅଧୀନରେ କାର୍ଯ୍ୟରତ ୟୁଜିସି ସର୍ଜିକାଲ ଷ୍ଟ୍ରାଇକ୍ ଦିବସ ପାଳନ କରିବା ପାଇଁ ଦେଇଥିବା ନିର୍ଦ୍ଦେଶ ଏକ ଦଳୀୟ ରାଜନୈତିକ ସ୍ୱାର୍ଥକୁ ସୁହାଇଲା ଭଳି ମନେହେଉଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏଚ୍‌ଆର୍‌ଡି ଦାୟିତ୍ୱରେ ଥିବା ବେଳେ ସ୍ମୃତି ଇରାନୀ ଅବାନ୍ତର ନିଷ୍ପତ୍ତି ନେଇଥିଲେ। ସେତେବେଳେ ଇରାନୀ କହିଥିଲେ ଯେ, ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ସମେତ ଅନ୍ୟାନ୍ୟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସରରେ ଯୁଦ୍ଧଟ୍ୟାଙ୍କ ରଖିବାର ବ୍ୟବସ୍ଥା କରାଯାଉ। ଯେଉଁ ଦେଶର ଇତିହାସରେ ଯୁଦ୍ଧ କେବଳ ସୀମାନ୍ତରେ ଘଟିଥାଏ ଏବଂ ସ୍ୱଳ୍ପ ଅଞ୍ଚଳରେ ସୀମିତ ରହିଆସିଛି, ସେଭଳି ଦେଶ ହେଉଛି ଭାରତ। ଯେହେତୁ ସାଧାରଣ ଭାରତୀୟ ନାଗରିକଙ୍କର ଯୁଦ୍ଧ ସିନେମା ଦେଖିବା ଓ ଦେଶାତ୍ମବୋଧକ ସଙ୍ଗୀତ ଶୁଣିବା ବ୍ୟତୀତ ଅନ୍ୟ କୌଣସି ଭାବେ ଯୁଦ୍ଧ ସହ ସମ୍ପୃକ୍ତି ନାହିଁ, ସେହେତୁ ସେଭଳି ନାଗରିକଙ୍କୁ ଟ୍ୟାଙ୍କ ବା ବନ୍ଧୁକ ଦେଖାଇ ଦେଶପ୍ରେମ ଜାଗ୍ରତ କରି ହେବନାହିଁ। ଦିଲ୍ଲୀ ସମେତ ଭାରତର ଅନେକ ସହରରେ ଥିବା ସେନା କାର୍ଯ୍ୟାଳୟ ସମ୍ମୁଖରେ ତୋପ, ପୁରୁଣା ଟ୍ୟାଙ୍କ ଏବଂ ଅନେକ ସ୍ଥାନରେ ଯୁଦ୍ଧବିମାନ ଦେଖିବାକୁ ମିଳିଥାଏ। ଏହିସବୁ ଯୁଦ୍ଧସାମଗ୍ରୀ ଦେଖିବା ସତ୍ତ୍ୱେ କୌଣସି ପ୍ରକାର ଦେଶପ୍ରେମ ବୃଦ୍ଧି ପାଉଥିବାର ଲକ୍ଷଣ ଦେଖିବାକୁ ମିଳୁ ନାହିଁ। ଯେହେତୁ ଏହି ଜାତିର ଇତିହାସରେ ପ୍ରତ୍ୟେକ ନାଗରିକର ଜୀବନକୁ ଛୁଇଁଲା ଭଳି ବିରାଟକାୟ ହିଂସାତ୍ମକ ଯୁଦ୍ଧ ଘଟିନାହିଁ, ସେଥିପାଇଁ ଆମେ ଭାରତୀୟ ପରସ୍ପରକୁ ଗଭୀର ଶ୍ରଦ୍ଧା କରିବାରେ ଅକ୍ଷମ। ଏହି ଦେଶରେ ମହିଳା ଓ ଶିଶୁଙ୍କ ପ୍ରତି ବୃଦ୍ଧି ପାଉଥିବା ଅତ୍ୟାଚାର, ଜାତିପ୍ରଥା ମାଧ୍ୟମରେ ଘୃଣା ଓ ହିଂସା ଏବଂ ସର୍ବୋଚ୍ଚରେ ଦେଶର ସମ୍ପତ୍ତିକୁ ଆଖିବନ୍ଦ କରି ଲୁଟିନେବାର ଯେଉଁ ଚରିତ୍ର ତାହା ପ୍ରମାଣ କରେ ଯେ, ଆମେ କେହି ନିଜକୁ ଏହି ମାଟିର ସନ୍ତାନ ବୋଲି ଚିନ୍ତା କରିପାରୁନାହୁଁ।

ବିଶ୍ୱବିଦ୍ୟାଳୟରେ ସର୍ଜିକାଲ ଷ୍ଟ୍ରାଇକ୍ ଦିବସ ପାଳନ ନେଇ ସମାଲୋଚନା ହେବା ପରେ ଏଚ୍‌ଆର୍‌ଡି ମନ୍ତ୍ରୀ ପ୍ରକାଶ ଜାଭଡେକର ଏବେ କହିଛନ୍ତି ଯେ, ବିଶ୍ୱବିଦ୍ୟାଳୟଗୁଡ଼ିକୁ ଦିଆଯାଇଥିବା ପତ୍ର ପରାମର୍ଶମୂଳକ ଥିଲା ଓ କାହା ଉପରେ ବାଧ୍ୟତାମୂଳକ ନୁହେଁ। ପ୍ରଶ୍ନ ଉଠୁଛି, ଭାରତର କୌଣସି ବିଶ୍ୱବିଦ୍ୟାଳୟ ବିଶ୍ୱର ଶ୍ରେଷ୍ଠ ୧୦୦ ତାଲିକା ଭିତରେ ନ ଥିବା ବେଳେ ଏଭଳି କୃତ୍ରିମ ଚିନ୍ତାଧାରା କାହିଁକି ପ୍ରସାର କରାଯାଉଛି। ଭାରତ ସରକାର ସର୍ଜିକାଲ ଷ୍ଟ୍ରାଇକ୍ ବେଳର ବୀରତ୍ୱର ଗାଥା ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଆଗରେ ବଖାଣିବାକୁ ଚାହୁଁଥିବାରୁ ତାହାକୁ ଅନେକ ନାପସନ୍ଦ କରିବା ସ୍ୱାଭାବିକ। ଜେଏନ୍‌ୟୁ ପ୍ରଫେସର ତଥା ଐତିହାସିକ ଆଦିତ୍ୟ ମୁଖାର୍ଜୀ କହିଛନ୍ତି ଯେ, ଭାଜପା ଦେଶର ଜାତୀୟ ଆନ୍ଦୋଳନରେ ସେତେବେଳେ ସାମିଲ ହୋଇ ନ ଥିବାରୁ ଏବେ ଦେଶପ୍ରେମବୋଧ ସୃଷ୍ଟି କରିବାକୁ ଚେଷ୍ଟା କରୁଛି। ସେଥିପାଇଁ ଲୋକଙ୍କ ଉପରେ ଏହା ଲଦିବାକୁ ଚାହୁଁଛି ଏବଂ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌କୁ ସାମରିକ ଆଦର୍ଶରେ ଅନୁପ୍ରାଣିତ କରିବା ଦିଗରେ ପ୍ରୟାସ କରୁଛି ବୋଲି ଆଦିତ୍ୟ କହିଛନ୍ତି। ଏହି ପ୍ରଚ୍ଛଦପଟରେ ତାଙ୍କ ମନ୍ତବ୍ୟର ପ୍ରାସଙ୍ଗିକତା ଅନୁଭବ କରାଯାଇପାରେ। କାରଣ ୨୯ ସେପ୍ଟେମ୍ବର ୨୦୧୬ର ସର୍ଜିକାଲ ଷ୍ଟ୍ରାଇକ୍ ପରେ ସୀମା ଆରପଟୁ ଅସଂଖ୍ୟ ଅନୁପ୍ରବେଶ ଘଟିଛି। ଏପରି କି ୨୦୧୬ ନଭେମ୍ବର ୨୯ରେ ଆତଙ୍କବାଦୀମାନେ ପୋଲିସ ବେଶରେ ଆସି ଜମ୍ମୁର ନାଗ୍ରୋଟା ସେନା କ୍ୟାମ୍ପରେ ଆକ୍ରମଣ କରି ଦୁଇ ଜଣ ଅଧିକାରୀଙ୍କ ସମେତ ୭ ଯବାନଙ୍କ ପ୍ରାଣ ନେଇଥିଲେ। ଏଥିରୁ ବୁଝିବାକୁ ହେବ ଯେ ଆତଙ୍କବାଦୀମାନେ ତଥାକଥିତ ସର୍ଜିକାଲ ଷ୍ଟ୍ରାଇକ୍‌ରେ ଭୟଭୀତ ହୋଇ ନ ଥିଲେ।

ନିକଟ ଅତୀତକୁ ଦେଖିଲେ ସବୁବେଳେ ଧାରଣା ସୃଷ୍ଟି କରାଯାଉଛି ଯେ, ସରକାରଙ୍କ ଦ୍ୱାରା ପରିଚାଳିତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ରାଜନୈତିକ ପକ୍ଷପାତିତା ସୃଷ୍ଟି କରିବାର ଉଦ୍ୟମ ହେଉଛି। ସରକାରକୁ ଆସୁଥିବା ରାଜନୈତିକ ଦଳ ନିଜ କ୍ଷମତାର ସମୟସୀମା ବୃଦ୍ଧି କରିବାକୁ ଚେଷ୍ଟା କରିବା ସ୍ୱାଭାବିକ। କିନ୍ତୁ ଶିକ୍ଷା ବ୍ୟବସ୍ଥାରେ ହସ୍ତକ୍ଷେପ କରିବା ଏକ ସାମାଜିକ ଅପରାଧ ଭାବେ ଅନ୍ୟ ଦେଶଗୁଡ଼ିକରେ ବିବେଚନା କରାଯାଏ। ଭାରତରେ ସବୁ ରାଜନୈତିକ ଦଳ ଏଥିରୁ ଦୂରେଇ ରହିବା ଉଚିତ ହେବ।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 4 | 6 | | | A | 7 | | | | | | |
| | | | | | 2 | | B | D | | 8 | | | 9 | |
| 0 | | | | | 8 | 4 | | 2 | 1 | | | | | |
| | | 6 | 0 | | | 8 | C | | | 2 | 7 | 5 | | |
| 7 | | | | | C | | | | 9 | | | | | |
| | 3 | | | B | | | 9 | 6 | | | | | A | |
| | | 8 | A | 4 | D | | | | | | | | | 0 |
| | B | | C | | | | | | | 5 | A | | 1 | 7 |
| | | 9 | | 2 | 5 | E | 3 | | | | 4 | | | |
| | | 4 | 8 | 9 | | | 2 | 0 | 6 | | | C | | |
| | | | | | 9 | C | D | | | B | | | | A |
| 9 | | 1 | | | B | 2 | | | | | | | | 6 |
| | 7 | | | | | 9 | 6 | | | | 8 | | D | B |
| 8 | | | 1 | | | | | | | E | D | | 3 | |
| | | B | D | 3 | | | | | 2 | A | | | | E |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 7 | 4 | 1 | D | B | 9 | 8 | C | E | A | 0 | 3 | 2 | 6 |
| 1 | E | 3 | 5 | 6 | 4 | B | 2 | 0 | C | 8 | 7 | A | 9 | D |
| 8 | 0 | 9 | 2 | C | 3 | A | D | E | 6 | 4 | 1 | 7 | 5 | B |
| 2 | 6 | A | 8 | 0 | 9 | 3 | 4 | 7 | 5 | B | D | E | C | 1 |
| D | C | B | 7 | A | E | 6 | 1 | 5 | 9 | 3 | 2 | 8 | 0 | 4 |
| E | 3 | 2 | 6 | 8 | A | 5 | B | 9 | 1 | 7 | 4 | 0 | D | C |
| C | 9 | 5 | D | 7 | 2 | 0 | 3 | 4 | A | E | B | 1 | 6 | 8 |
| 4 | 1 | 6 | B | 9 | 0 | D | 7 | 8 | 3 | 5 | C | 2 | E | A |
| B | D | 0 | 3 | 5 | 1 | E | C | A | 2 | 6 | 8 | 9 | 4 | 7 |
| A | 8 | 7 | E | 4 | C | 2 | 6 | 1 | D | 0 | 9 | B | 3 | 5 |
| 7 | B | C | A | E | 6 | 4 | 0 | D | 8 | 2 | 3 | 5 | 1 | 9 |
| 3 | A | 1 | 4 | 2 | 7 | C | 5 | 6 | B | 9 | E | D | 8 | 0 |
| 9 | 5 | E | C | B | D | 8 | A | 2 | 0 | 1 | 6 | 4 | 7 | 3 |
| 0 | 4 | D | 9 | 3 | 8 | 1 | E | B | 7 | C | 5 | 6 | A | 2 |
| 6 | 2 | 8 | 0 | 1 | 5 | 7 | 9 | 3 | 4 | D | A | C | B | E |

ଗତକାଲିର ଉତ୍ତର



# ଧନୀ ବଢ଼ୁଛନ୍ତି, କମୁନି ଗରିବୀ

ସହଦେବ ସାହୁ

ବିଶ୍ୱ ଆର୍ଥିକ ମଞ୍ଚ (ୱାର୍ଲ୍ଡ ଇକୋନୋମିକ୍ ଫୋରମ୍) ସୁଇଜରଲାଣ୍ଡର ଡାଭୋସ୍‌ଠାରେ ତା'ର ଅଧିବେଶନ ଆରମ୍ଭ କରିବା ପୂର୍ବରୁ ୧୦୩ଟି ଦେଶର ଏକ ଅର୍ଥନୈତିକ ସର୍ଭେ କରି ଯେଉଁ ଇନ୍‌କ୍ଲୁସିଭ୍ ଡେଭ୍‌ଲପମେଣ୍ଟ ଇଣ୍ଡେକ୍ସ (ସାର୍ବଜନୀନ ବିକାଶ ସୂଚକାଙ୍କ) ପ୍ରକାଶ କରିଥିଲା ତହିଁରେ ଭାରତର ସ୍ଥାନ ୬୨ତମ। ଜାତିସଂଘ ବିକାଶ କାର୍ଯ୍ୟକ୍ରମ (ୟୁଏନ୍‌ଡିପି) ୧୮୯ ରାଷ୍ଟ୍ରକୁ ସର୍ଭେ କରି ଏହି ସେପ୍ଟେମ୍ବର ମାସରେ ଯେଉଁ ହ୍ୟୁମାନ୍ ଡେଭ୍‌ଲପମେଣ୍ଟ ଇଣ୍ଡେକ୍ସ (ମାନବ ବିକାଶ ସୂଚକାଙ୍କ) ପ୍ରକାଶ କରିଛି ତହିଁରେ ଭାରତର ସ୍ଥାନ ୧୩୦। ଦାରିଦ୍ର୍ୟ ସୀମାରେଖା ତଳୁ କୋଟି କୋଟି ଲୋକ ଉପରକୁ ଉଠିଥିଲେ ବି ଧନୀ–ଗରିବ ବ୍ୟବଧାନ ବଢ଼ିବାରେ ଲାଗିଛି, ଅର୍ଥାତ୍ ଅଭିବୃଦ୍ଧି ସମସ୍ତଙ୍କୁ ସମାନ ଭାବରେ ଛୁଉଁନାହିଁ, ଇନ୍‌କ୍ଲୁସିଭ୍ ହେଉନାହିଁ। ନର୍‌ୱେ ଭଳି ଛୋଟ ଦେଶ ସବା ଉପରେ ପ୍ରଥମ ସ୍ଥାନରେ ଅଛି, ସେଠାରେ ପ୍ରତ୍ୟେକ ଲୋକ ଖୁସି ଓ ସୁଖୀ। ବିକାଶୋନ୍ମୁଖୀ ଦେଶଗୁଡ଼ିକ ଭିତରେ ଛୋଟ ଦେଶ ଲିଥୁଆନିଆ ବି ପ୍ରଥମ। ସନ୍ତ୍ରାସବାଦର କ୍ରୀଡ଼ାସ୍ଥଳ ବୋଲି ଆମେ ଗାଳିଦେଉଥିବା ପାକିସ୍ତାନ ବି ଆମଠାରୁ ୧୫ଟି ପାହାଚ ଉପରେ, ୪୭ତମ ସ୍ଥାନରେ ଅଛି। ସ୍କୁଲରେ ମାଗଣା ମଧ୍ୟାହ୍ନଭୋଜନ, ସମସ୍ତଙ୍କୁ ବ୍ୟାଙ୍କ ସୁବିଧା ଯୋଗାଇବାକୁ ଜନଧନ ଯୋଜନା, ଗାଆଁ ଗରିବ ଲୋକଙ୍କ ହାତରେ ଦି'ପଇସା ଦେବାକୁ ମାସକୁ ୨୦ ଦିନର ନିଶ୍ଚିତ କାମ ଯୋଜନା (ମନରେଗା), ଅଭାବୀକୁ ଖାଦ୍ୟ ଯୋଗାଇବାକୁ ଟଙ୍କିଆ ଚାଉଳ ବା ପାଞ୍ଚଟଙ୍କିଆ ଭାତଡାଲମା– ଏଭଳି ପତିତପାବନ ଯୋଜନା କାହିଁକି ଗରିବଙ୍କୁ ଉପରକୁ ଉଠାଇ ପାରିନାହିଁ?

ଇନ୍‌କ୍ଲୁସିଭ୍ ଡେଭ୍‌ଲପମେଣ୍ଟ ଇଣ୍ଡେକ୍ସରେ ମାନକ ଥିଲା ତିନୋଟି ବ୍ୟକ୍ତିଗତ ସ୍ତମ୍ଭ– ଅଭିବୃଦ୍ଧି ଓ ବିକାଶ, ଇନ୍‌କ୍ଲୁଜନ ବା ସମସ୍ତଙ୍କ ବିକାଶ ଏବଂ ପିଢ଼ିପିଢ଼ି ଭିତରେ ଇକ୍ୟୁଟି ଅର୍ଥାତ୍ ବିକାଶରେ ଅସମାନତା ଦୂର କରିବା। ହ୍ୟୁମାନ୍ ଡେଭ୍‌ଲପମେଣ୍ଟ ଇଣ୍ଡେକ୍ସରେ ମାନକ ଥିଲା ଜୀବନଧାରଣର ମାନ, ଜନ୍ମ ସମୟରେ ବଞ୍ଚିବାର ଆୟୁଷ ଆଶା ଓ ଶିକ୍ଷାର ସୁବିଧା। ହ୍ରାସ ପାଉଥିବା, ଧୀରେ ଧୀରେ ହ୍ରାସ ପାଉଥିବା, ସ୍ଥିର ଥିବା, ଧୀରେ ଧୀରେ ଉନ୍ନତ ହେଉଥିବା ଏବଂ ଉନ୍ନତ ହେଉଥିବା ଏଭଳି ୫ଟି କ୍ରମରେ ୫ ବର୍ଷର ବୃଦ୍ଧି ଢାଞ୍ଚା ଦେଖିଲେ ବି ଭାରତ ଉନ୍ନତ ହେଉଥିବା ସତ୍ତ୍ୱେ ନିମ୍ନତର ସ୍ଥାନରେ ଅଛି। କାରଣ ଜୀବନଧାରଣର ମାନ ବୃଦ୍ଧିର ଉଦ୍ୟମ, ପରିବେଶକୁ ଅକ୍ଷୟ ରଖିବାର ଯୋଜନା ଏବଂ ଭବିଷ୍ୟତ ପିଢ଼ି ଉପରେ ଋଣଭାର ହ୍ରାସ ଉଦ୍ୟମ ଭଳି ତିନୋଟି ବିଷୟର ସଫଳତା ଦେଖିଲେ ଆମେ ବିକାଶର ୬୦ତମରୁ ୧୩୦ତମ ପାହାଚ ଭିତରେ ଅଛୁ। କେବଳ ଜିଡିପି ବା ସ୍ଥୂଳ ଆଭ୍ୟନ୍ତରୀଣ ଉତ୍ପାଦକୁ ଅର୍ଥନୈତିକ ସଫଳତାର ମାପ ଧରିଲେ ସ୍ୱଳ୍ପକାଳୀନ ଲାଭ ଆଖିଦୃଶିଆ ହେଉଛି, କିନ୍ତୁ ଅର୍ଥନୈତିକ ଅସମାନତା ବଢ଼ି ବଢ଼ି ଚାଲିଛି। ଗତବର୍ଷ ୨୦୧୭ରେ ୭୯ଟି ବିକାଶଶୀଳ ରାଷ୍ଟ୍ର ଭିତରେ ଭାରତ ୬୦ତମ ଥିଲା, ଅଥଚ ଚାଇନା ଥିଲା ୧୫ଶ ଓ ପାକିସ୍ତାନ ୫୨ତମ। ୨୦୧୮ ବେଳକୁ ଯଥାକ୍ରମେ ୬୨, ୨୬ ଓ ୪୭। ଅର୍ଥାତ୍ ପାକିସ୍ତାନର ଲୋକେ ଆମଠୁ ଭଲରେ ଅଛନ୍ତି।

ବିଶ୍ୱ ଅର୍ଥନୈତିକ ମଞ୍ଚ ମତରେ ଅର୍ଥନୈତିକ ବିକାଶ ମାନେ ପ୍ରତ୍ୟେକ ପରିବାରର ଆୟ ଦେଶର ମୁଣ୍ଡପିଛା ହାରାହାରି ଆୟର ପାଖାପାଖି ହେବ। ୬୭ କୋଟି ଭାରତୀୟଙ୍କ ଆୟ ଗତ ବର୍ଷ ଭିତରେ ମାତ୍ର ଏକ ଶତାଂଶ ବଢ଼ିଛି। ସେହି ସମୟ ଭିତରେ ମୋଟ ଜନସଂଖ୍ୟାର ମାତ୍ର ଏକ ଶତାଂଶ ଥିବା ଭାରତର ଧନୀ ଲୋକେ ଦେଶରେ ବଢ଼ିଥିବା ଧନର ୭୩ ଶତାଂଶ କରାୟତ୍ତ କରିନେଇଛନ୍ତି। ସାରା ପୃଥିବୀରେ ଏଭଳି ଦୁର୍ଗତି ଘଟିଛି, ଗତବର୍ଷ ସୃଷ୍ଟି ହୋଇଥିବା ନୂଆ ଧନର ଶତକଡା ୮୨ ଭାଗ ପୃଥିବୀ ଜନସଂଖ୍ୟାର ଏକ ଶତାଂଶ ଲୋକଙ୍କ ପାଖକୁ ଯାଇଛି। ୩୭୦ କୋଟି ଲୋକ, ଅର୍ଥାତ୍ ବିଶ୍ୱ ଜନସଂଖ୍ୟାର ଅଧା ଯେମିତି ଗରିବ ଥିଲେ ସେମିତି ଅଛନ୍ତି। ଗତବର୍ଷର ସର୍ଭେରୁ ଦେଖାଯାଇଥିଲା ଭାରତର ଧନୀ ଏକ ଶତାଂଶ ଦେଶର ମୋଟ ଧନର ଶତକଡା ୫୮ଭାଗ କରାୟତ୍ତ କରିନେଇଥିଲେ। ଅର୍ଥାତ୍ ଭାରତର ଧନୀମାନେ ଭାରତରେ ଗରିବୀ ବଢ଼ିବାରେ ଜଡ଼ିତ। ଅକ୍ସଫାମ୍ ଇଣ୍ଡିଆ ରିପୋର୍ଟରେ ନାମ ରଖାଯାଇଛି 'ରିୱାର୍ଡ ୱାର୍କ ନଟ୍ ୱେଲ୍‌ଥ,' (କାମକୁ ପସନ୍ଦ କର, ଧନକୁ ନୁହେଁ)। ଆମେ ଧନକୁ ପୁରସ୍କାର ଦେଉଛୁ– ୨୦୧୭ରେ ଭାରତର ଏକ ଶତାଂଶ ଲୋକଙ୍କ ସମ୍ପତ୍ତିରେ ୨୦.୯ ଲକ୍ଷ କୋଟି ଟଙ୍କା ବଢ଼ିଛି, ଯାହା ଭାରତ ସରକାରଙ୍କର ସେ ବର୍ଷ (୨୦୧୭)ର ବଜେଟ୍ ସାଙ୍ଗେ ସମାନ। କୋଟି କୋଟି ଲୋକ ବକତେ ଖାଦ୍ୟ ପାଇଁ ଖରାବର୍ଷାରେ ଯୁଝୁଥିବା ବେଳେ ଶୀତତାପ ନିୟନ୍ତ୍ରିତ କୋଠାରେ ଅୟସରେ ରହି ଧନୀ ଲୋକେ କୁଢ଼ କୁଢ଼ ଧନ ଜମା କରୁଛନ୍ତି ଏବଂ ସେମାନଙ୍କ ଧନ ପ୍ରତିବର୍ଷ ହାରାହାରି୧୩ ଶତାଂଶ ବଢ଼ୁଛି। ସାଧାରଣ ମୂଲିଆର ମୂଲ ବଢ଼ିବା ହାରର ୬ ଗୁଣ। ଆମ ଗାଁରେ ଥିବା ନ୍ୟୂନତମ ମଜୁରିର ମୂଲିଆଟିଏ ଗୋଟିଏ ଧନୀ ଲୋକର ବର୍ଷକର ରୋଜଗାର ପାଇବା ପାଇଁ ୯୪୧ ବର୍ଷ ଖଟିବ। ଆମେରିକାରେ ସାଧାରଣ ଶ୍ରମିକଟିଏ ବର୍ଷରେ ଯେତେ ରୋଜଗାର କରେ, ଗୋଟିଏ ସିଇଓ (ମୁଖ୍ୟ ପ୍ରଶାସକ) ଦିନକରେ ସେତିକି ରୋଜଗାର କରେ। ଆମ ଦେଶରେ ଅର୍ବୁଦପତି (ବିଲିୟନେୟାର୍ସ) ସଂଖ୍ୟା ବି ବହୁତ ବଢ଼ିଛି, ୨୦୧୭ରେ ପ୍ରତି ୨ଦିନରେ ଜଣେ ଲେଖାଏ।

୧୦ଟି ଦେଶରେ ୭୦,୦୦୦ ଲୋକଙ୍କୁ ସର୍ଭେ କରି ଅକ୍ସଫାମ୍ କହିଛି, ଲୋକେ ବିପ୍ଳବମୁଖୀ ହେଲେଣି। ଧନୀ–ଗରିବ ବ୍ୟବଧାନ ତୁରନ୍ତ ନ କମିଲେ ସର୍ଭେରେ ଦୁଇ ତୃତୀୟାଂଶ ଲୋକ କହୁଛନ୍ତି ଦେଶରେ ବିଶୃଙ୍ଖଳା ବ୍ୟାପିବ। ଧନକୁ ଛଡାଇ ନେବା ପାଇଁ ଚୋରି, ଡକାୟତି, ଲୁଟ୍ ଓ ହତ୍ୟା ଆଦି ବଢ଼ିବ। ବେକାର ଶିକ୍ଷିତମାନଙ୍କର ଏହା ପେସା ହେବ। ନେତାଙ୍କ ଅନୁକମ୍ପାରେ ଚାକିରି ପାଇଥିବା ତଳିଆ ପୋଲିସ ଅପରାଧ ରୋକିବାରେ ଅକୃତକାର୍ଯ୍ୟ ହେବେ। ଆଭ୍ୟନ୍ତରୀଣ ଶୃଙ୍ଖଳା ରକ୍ଷାରେ ସୈନ୍ୟବାହିନୀ ଲାଗିଲେ ସେମାନେ ନେତାଙ୍କ ବଟସ୍କର ହୋଇଯିବେ।

ସମାଧାନର ପଥ ହେଉଛି– କୃଷି ଭଳି ଶ୍ରମଭିତ୍ତିକ କ୍ଷେତ୍ରଗୁଡ଼ିକରେ ଅଧିକ ପୁଞ୍ଜିନିବେଶ ହେଉ। ଯାହାକିଛି ସାମାଜିକ ନିରାପତ୍ତା ଯୋଜନା ଅଛି ସେଗୁଡ଼ିକୁ ଜୋର୍‌ସୋର୍‌ରେ କାର୍ଯ୍ୟକାରୀ କରାଯାଉ। କଳାଧନର ଗଳାବାଟ ନିବୁଜ କରାଯାଉ, ଟିକସଫାଙ୍କି ଓ ଟିକସଲୁଚା ଜୋର୍‌ସୋର୍‌ରେ ଧରାଯାଉ, ସୁପର–ରିଚ୍ (କୁବେର)ମାନଙ୍କ ଉପରେ ଅଧିକ ଟିକସ ବସାଯାଉ ଏବଂ କମ୍ପାନୀମାନଙ୍କ ଟିକସ ଛାଡ ବ୍ୟବସ୍ଥା ଉଠାଇ ଦିଆଯାଉ। ସିଇଓମାନେ ସେମାନଙ୍କ ଦରମାର ଶତକଡା ୬୦ ଭାଗ ଛାଡି ଦିଅନ୍ତୁ। କମ୍ପାନୀର ମାଲିକମାନେ ସେମାନଙ୍କର ଅଂଶୀଦାରମାନଙ୍କ ଲାଭାଂଶ ବଢାଇବା ପାଇଁ ଶ୍ରମିକର ମଜୁରି ଓ ଚାକିରି ସର୍ତ୍ତାବଳୀ ଖିଲାପ ନ କରନ୍ତୁ। ଆୟକର କମାଇବା ପାଇଁ ବିଳାସମୟ ଗାଡି ଓ ବିମାନ କିଣା, ଆବଶ୍ୟକତାଠାରୁ ଅଧିକ ବ୍ୟୟର କୋଠାବାଡି ତିଆରି ଆଦିକୁ କମ୍ପାନୀର ଖର୍ଚ୍ଚରେ ଯେପରି ଯୋଡାଯାଉଛି ତାହା ଉଠାଇ ଦିଆଯାଉ। ଟିକସଫାଙ୍କି ପେଞ୍ଚକୁ ବୈଧ କରିଥିବା ଆଇନଗୁଡ଼ିକୁ ବାତିଲ କରାଯାଉ। ବିଧାୟକ ଓ ସାଂସଦମାନଙ୍କ ପେନ୍‌ସନ୍ ଓ ମାଗଣା ତଥା ରିହାତି ସରକାରୀ ସୁବିଧା ଉପରେ ଆୟକର ଲାଗୁ ହେଉ। ମାତାପିତାଙ୍କ ସମ୍ପତ୍ତି ଉତ୍ତରାଧିକାର ସୂତ୍ରରେ ପାଇଥିବା, ଏଥିଲାଗି ନିଜେ ଘଣ୍ଟାଟାଏ ବି ଖଟି ନ ଥିବା କୁବେରଙ୍କ ଉପରେ ଉତ୍ତରାଧିକାର ଟିକସ ବସାଯାଉ।

ଅର୍ବୁଦପତିଙ୍କ ସଂଖ୍ୟା ବଢ଼ିବା ଏକ ବିକାଶଶୀଳ ଅର୍ଥନୀତିର ଚିହ୍ନ ନୁହେଁ, ଏହା ବିଫଳ ଅର୍ଥନୈତିକ ବ୍ୟବସ୍ଥାର ଜଳଜଳ ଦିଶୁଥିବା ଏକ କୁଲକ୍ଷଣ।

ଇ–ମେଲ୍: sahadevas@yahoo.com

# ପରମଶାସ୍ତ୍ର ଭାଗବତ

ଡ. ହେମନ୍ତ କୁମାର ଛୋଟରାୟ

ଅଷ୍ଟାଦଶ ପୁରାଣ ମଧ୍ୟରେ ଶ୍ରୀମଦ୍‌ଭାଗବତ ହେଉଛି ଏକ ପବିତ୍ର ଗ୍ରନ୍ଥ। ବେଦ, ବ୍ରହ୍ମସୂତ୍ର ଓ ଉପନିଷଦାଦି ଗ୍ରନ୍ଥରେ ବିଷ୍ଣୁଙ୍କ ମହିମା ବର୍ଣ୍ଣିତ ହୋଇଥିଲେ ହେଁ ପରଂବ୍ରହ୍ମ ଶ୍ରୀକୃଷ୍ଣଙ୍କ ଚରିତ ଓ ଲୀଳାମାନ ଶ୍ରୀମଦ୍‌ଭାଗବତରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି। ଭଗବାନ ବିଷ୍ଣୁ ବ୍ରହ୍ମାଙ୍କୁ ଭାଗବତ ତତ୍ତ୍ୱ ଶୁଣାଇଥିଲେ। ବ୍ରହ୍ମା ନିଜର ମାନସପୁତ୍ର ନାରଦଙ୍କୁ ଭାଗବତ ତତ୍ତ୍ୱ ଉପଦେଶ ଦିଅନ୍ତେ, ସେ ମହର୍ଷି ବ୍ୟାସଦେବଙ୍କ ଆଗରେ ଭାଗବତର ମହିମା ବ୍ୟାଖ୍ୟାନ କରି ତା'ର ପ୍ରସାର ନିମନ୍ତେ ପରାମର୍ଶ ଦେଇଥିଲେ। ବ୍ୟାସଦେବଙ୍କଠାରୁ ତାଙ୍କ ପୁତ୍ର ଶୁକଦେବ ଗୋସ୍ୱାମୀ ଓ ଶୁକଦେବଙ୍କଠାରୁ ସୁତ ମହର୍ଷି ଓ ମହର୍ଷିଙ୍କଠାରୁ ନୈମିଷାରଣ୍ୟରେ ମୁନିମାନେ ଭାଗବତ ଶ୍ରବଣ କରି ଜନମାନସରେ ପ୍ରଚାର କରିଥିଲେ। ଏହା ମଧ୍ୟ କଥିତ ଅଛି ଯେ, ବ୍ୟାସଦେବ ବ୍ରହ୍ମସୂତ୍ର, ସର୍ବ ଉପନିଷଦ, ଗାୟତ୍ରୀ ଭାଷ୍ୟ, ପୁରାଣ ତଥା ଉପପୁରାଣମାନଙ୍କର ସାର ଉଦ୍ଧାର କରି ଜନସମାଜର କଲ୍ୟାଣ ପାଇଁ ଏହି ଶ୍ରୀମଦ୍‌ଭାଗବତ ଗ୍ରନ୍ଥ ପ୍ରଣୟନ କରିଥିଲେ। ଶୁକଦେବ ଗଙ୍ଗାକୂଳରେ ବ୍ରହ୍ମଶାପଜନିତ ମରଣାପନ୍ନ ଅବସ୍ଥାରେ ପଡ଼ିଥିବା ପରିକ୍ଷିତ ମହାରାଜାଙ୍କୁ ଭାଗବତ ଶୁଣାଇଥିଲେ। ଭାଗବତ ସ୍ୱୟଂ ଭଗବାନଙ୍କ ମୁଖନିଃସୃତ ବାଣୀ ଭାବରେ ସ୍ୱୀକୃତ। ତାହା କ୍ରମେ ଗୁରୁଶିଷ୍ୟ ବା ପିତାପୁତ୍ର ପରମ୍ପରା ଭାବରେ ସଂରକ୍ଷିତ, ସମୃଦ୍ଧ ତଥା ଭକ୍ତିମୁକ୍ତି ପ୍ରଦାୟକ ଗ୍ରନ୍ଥ ରୂପେ ସର୍ବପୂଜିତ। ଶ୍ରଦ୍ଧା ଓ ବିଶ୍ୱାସର ସହିତ ଚିତ୍ତବୃତ୍ତିକୁ ଏକସୂତ୍ରରେ ସଂଯୁକ୍ତ କରି ଭାଗବତ ଶ୍ରବଣ କଲେ ଜୀବ ପରମଗତି ଲାଭ କରେ। ଭାଗବତର ମହିମା ଅବର୍ଣ୍ଣନୀୟ। ଭାଗବତ ପ୍ରତିଦିନ ଶ୍ରବଣ ଓ କୀର୍ତ୍ତନ କଲେ ମନର ଦୁର୍ଭାବନା ଓ ସଂକୀର୍ଣ୍ଣତା ଦୂର ହୁଏ। ଭାଗବତ କଥାମୃତର ଶ୍ରବଣ ଓ କୀର୍ତ୍ତନ ଦୁଃଖଜର୍ଜରିତ ପ୍ରାଣକୁ ଶୀତଳ କରେ।

ସଂସ୍କୃତ ଭାଗବତ କେବଳ ସଂସ୍କୃତ ଭାଷା ଜାଣିଥିବା ବ୍ୟକ୍ତିମାନେ ହିଁ ପଢ଼ିପାରୁଥିଲେ ଓ ବୁଝିପାରୁଥିଲେ। ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀରେ ଓଡ଼ିଆ ଭାଷାରେ ସର୍ବଜନପ୍ରିୟ ହେଲା ଭଳି ଭାଗବତର ଅନୁବାଦ ସନ୍ଥ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଦ୍ୱାରା ସମ୍ଭବ ହୋଇଥିଲା ତାଙ୍କ ମାତା ପଦ୍ମାବତୀ ଦେବୀଙ୍କ ଅନୁରୋଧକ୍ରମେ। ''ପୁଅରେ! ଏତେ ପାଠ ପଢ଼ିଛୁ। ଭାଗବତ କ'ଣ ଆମ ବୁଝିଲା ଭଳି ଭାଷାରେ ଲେଖିପାରିବୁ ନାହିଁ? ସେତକ ତୋ ଦ୍ୱାରା ହୋଇଗଲେ ଆମେ ଆଉ ସେ ପୁରାଣପଣ୍ଡାଙ୍କ ମୁହଁକୁ ଚାହିଁ ବସନ୍ତୁ ନାହିଁ।''– ବାସ୍, ମା'ଙ୍କର ଏତିକି ନିବେଦନ ଜଗନ୍ନାଥ ଦାସଙ୍କୁ ଓଡ଼ିଆରେ ଭାଗବତ ରଚନା ପାଇଁ ଅନୁପ୍ରେରିତ କରିଥିଲା। ସଂସ୍କୃତ ଭାଗବତକୁ ଓଡ଼ିଆରେ ଲେଖିଲେ ସଂସ୍କୃତ ଭାଷାର ମର୍ଯ୍ୟାଦା ହାନି ହେବ ଓ ଭାଗବତ ମଧ୍ୟ ଅପବିତ୍ର ହୋଇଯିବାର ମତାମତ ପୋଷଣ କଲେ ସଂସ୍କୃତ ଅଭିଜ୍ଞ ପଣ୍ଡିତଗଣ। ଏହିସବୁ ମନ୍ତବ୍ୟକୁ ଭ୍ରୂକ୍ଷେପ ନ କରି ଓଡ଼ିଶାର ଲକ୍ଷ ଲକ୍ଷ ନରନାରୀଙ୍କ ମଙ୍ଗଳ ନିମନ୍ତେ ଜଗନ୍ନାଥ ଦାସ ଓଡ଼ିଆ ଭାଗବତ ରଚନାରେ ମନୋନିବେଶ କଲେ ଶ୍ରୀମନ୍ଦିରର ବଟଗଣେଶଙ୍କ ସାମ୍ନାରେ। ପ୍ରଭୁ ନୃସିଂହଙ୍କୁ ଆରାଧନା କରି ଭାଗବତର ଅଧ୍ୟାୟ ପରେ ଅଧ୍ୟାୟ ଓ ସ୍କନ୍ଧ ପରେ ସ୍କନ୍ଧ ରଚନା କରି ଏହି ଗ୍ରନ୍ଥକୁ ସମାପ୍ତ କଲେ, ଯାହାକି ପରବର୍ତ୍ତୀ ସମୟରେ ପାଲଟିଗଲା ଉତ୍କଳୀୟ ସଂସ୍କୃତିର ପ୍ରାଣକେନ୍ଦ୍ର। ଓଡ଼ିଆ ଜାତିର ଘୋର ବିପର୍ଯ୍ୟୟ ସମୟରେ ଜାତୀୟ ଜୀବନକୁ ମଧ୍ୟ ଏକତା ସୂତ୍ରରେ ବାନ୍ଧି ରଖିପାରିଥିଲା ଏହି ମହାନ୍ ଗ୍ରନ୍ଥ। ଗାଁ ଗାଁରେ ଭାଗବତ ଗାଦି, ଭାଗବତ ଘର, ଭାଗବତ ଟୁଙ୍ଗି ପ୍ରତିଷ୍ଠା ହୋଇ ଏକତା, ସଂହତି ଓ ଶୃଙ୍ଖଳା ରକ୍ଷାର ମାଧ୍ୟମ ରୂପେ ପରିଗଣିତ ହେଲା ଏହି ଶାସ୍ତ୍ର। ସନ୍ଧ୍ୟାରେ ପ୍ରତି ଗ୍ରାମର ଗ୍ରାମବାସୀ ଜାତି, ବର୍ଣ୍ଣ, ବଂଶ ନିର୍ବିଶେଷରେ ଏକତ୍ରିତ ହୋଇ ଭାଗବତ ଘରେ ନିଜ ମଧ୍ୟରେ ଥିବା ବାଦବିବାଦର ସମାଧାନ କରିପାରିଲେ। ଧର୍ମୀୟ ଭାବନା ଓ ଆଧ୍ୟାତ୍ମିକ ଜାଗରଣ କ୍ଷେତ୍ରରେ ଏହି ଭାଗବତ ଘରର ଭୂମିକା ଥିଲା ଅବର୍ଣ୍ଣନୀୟ। ନିରକ୍ଷରତା ଦୂରୀକରଣ ପାଇଁ ଓଡ଼ିଆ ଭାଗବତ ଏକ ବିଶେଷ ଦାୟିତ୍ୱ ତୁଲାଇଲା। ''ଗାଁରେ ପୁଅ ବା ଝିଅଟିଏ ଦି'ଅକ୍ଷର ପଢ଼ୁ। ବଡ଼ ହେଲେ ଅନ୍ତତଃପକ୍ଷେ ଭାଗବତ ପଢ଼ିପାରିବ।'' –ଏହା ଥିଲା ଉତ୍କଳବାସୀଙ୍କ ପ୍ରଧାନ ଉଦ୍ଦେଶ୍ୟ। ସଂସ୍କୃତି ଓ ପରମ୍ପରାରେ ସମୃଦ୍ଧ ଉତ୍କଳର ପୁରପଲ୍ଲୀରେ ଭାଗବତ ପାଲଟିଗଲା ଭାଇଚାରାର ମାଧ୍ୟମ। ଓଡ଼ିଆମାନଙ୍କୁ ଭାଗବତ ଏତେ ମାତ୍ରାରେ ପ୍ରଭାବିତ କରିଥିଲା ଯେ, କଥା କଥାକେ ଭାଗବତର ପଂକ୍ତିମାନ ଉଦ୍ଧାର କରି ଉଦାହରଣ ଦେବାରେ ଅଭ୍ୟସ୍ତ ହେଲେ ଓଡ଼ିଶାବାସୀ। 'ମର୍ତ୍ତ୍ୟମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ,' 'ଅମୃତ ବିନୟ ବଚନ, କହି ତୋଷିବ ଜନ ମନ,' 'ପ୍ରାଣୀର ଭଲ ମନ୍ଦ ବାଣୀ, ମରଣକାଳେ ତାହା ଜାଣି' ଇତ୍ୟାଦି ପଂକ୍ତିମାନ ଓଡ଼ିଆମାନଙ୍କ ତୁଣ୍ଡରୁ ସଦାସର୍ବଦା ନିର୍ଗତ ହୋଇଥାଏ। ଘରେ କେହି ବୃଦ୍ଧ, ବୃଦ୍ଧାଙ୍କ ମୃତ୍ୟୁ ସମୟରେ ମୁକ୍ତି ନିମନ୍ତେ ଭାଗବତ ପାଠ କରିବା ଏକ ବିଧିରେ ପରିଣତ ହେଲା। କ୍ରମେ ଓଡ଼ିଆମାନେ ଭାଗବତ ପ୍ରତି ଆକର୍ଷିତ ହୋଇ ଭାଗବତ ସପ୍ତାହ, ହରିହାଟ, ଭାଗବତ ମେଳଣ, ଭାଗବତ ଜନ୍ମ ଆଦି ସାଂସ୍କୃତିକ ଉତ୍ସବମାନ ପାଳନ ପାଇଁ ମନୋନିବେଶ କଲେ।

## ଭାଗବତ ଜନ୍ମ ଉପଲକ୍ଷେ

କିନ୍ତୁ ଆଜି ଆଉ ସେ ସୁସ୍ଥ ଶୃଙ୍ଖଳିତ ପରମ୍ପରା ଓଡ଼ିଶାର ପୁରପଲ୍ଲୀରେ ଦେଖିବାକୁ ମିଳୁନାହିଁ। ଆଧୁନିକତା କବଳିତ କରିଛି ଗ୍ରାମ୍ୟ ସଂସ୍କୃତିକୁ। ପ୍ରତି ଗ୍ରାମର ଏକତା, ସଂହତି ଆଜି ବାଟବଣା। ଧର୍ମୀୟ ଭାବନା ଓ ଆଧ୍ୟାତ୍ମିକ ଚିନ୍ତାଧାରା କ୍ରମେ ମଣିଷଠାରୁ ଦୂରେଇ ଯାଉଛି। ଏଭଳି ଏକ ସନ୍ଧିକ୍ଷଣରେ ଭାଗବତର ଉପାଦେୟତା ଯଥେଷ୍ଟ ରହିଛି। ସଂସାରର ମାୟାମୋହରୁ ରକ୍ଷା ପାଇବା ନିମନ୍ତେ ଜୀବନ ଥିବା ପର୍ଯ୍ୟନ୍ତ ଭାଗବତ ପାଠ କରିବା ଆବଶ୍ୟକ। ଜଗନ୍ନାଥ ଦାସ ମଧ୍ୟ ଲେଖିଛନ୍ତି– 'ପରମ ଶାସ୍ତ୍ର ଭାଗବତ, ଅଭ୍ୟାସ କରୁଥିବ ନିତ୍ୟ।' ଆମ୍ଭେମାନେ ସେହି ପୁରାତନ ଭାଗବତ ସଂସ୍କୃତିକୁ ଫେରାଇ ଆଣିପାରିଲେ ନିଜ ଜୀବନକୁ ସୁଖମୟ, ଶାନ୍ତିପ୍ରଦ ଓ ଶୃଙ୍ଖଳିତ କରିବା ସହ ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରିବା।

ନାଗାବଗିଚା, ମଧୁବନ, ପୁରୀ,
ମୋ–୯୮୬୧୪୭୨୪୫୭

## ଏଇ ଭାରତରେ

ଟଙ୍କାର ଲୋଭ ମଣିଷ ମନକୁ ପରିବର୍ତ୍ତନ କରିଦିଏ। ଅଭିଯୋଗ କରୁଥିବା ବ୍ୟକ୍ତି ଲୋଭର ବଶବର୍ତ୍ତୀ ହୋଇ ନିଜେ ଅଭିଯୁକ୍ତ ପାଲଟିଯାଏ। ଜଣେ ବାଳିକାଙ୍କୁ ତାଙ୍କ ପ୍ରଧାନଶିକ୍ଷକ ଯୌନ ଉତ୍ପୀଡ଼ନ ଦେଇଥିବା ନେଇ ବାଳିକାଙ୍କ ପିତା ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ମାମଲା ପ୍ରତ୍ୟାହାର ପାଇଁ ଉକ୍ତ ଅର୍ଥଲୋଭୀ ପିତା ପ୍ରଧାନଶିକ୍ଷକଙ୍କଠାରୁ ପ୍ରଚୁର ଟଙ୍କା ନେବାକୁ ଚାହିଁଥିଲେ। ଏହି ଘଟଣାରେ ବାଳିକାଙ୍କ ପିତାଙ୍କୁ ଗିରଫ କରାଯାଇଛି। ଏପରି ଏକ ଘଟଣା ଘଟିଛି ଉତ୍ତରପ୍ରଦେଶର ଗୁରଗାଓଁଠାରେ। ଷଷ୍ଠଶ୍ରେଣୀର ଛାତ୍ରୀଙ୍କ ପିତା ଥାନାରେ ଅଭିଯୋଗ କରିଥିଲେ ଯେ, ତାଙ୍କ ଝିଅକୁ ସ୍କୁଲ୍‌ର ପ୍ରଧାନଶିକ୍ଷକ ଯୌନ ନିର୍ଯାତନା ଦେଇ ଆସୁଛନ୍ତି। ଅଭିଯୋଗ ଭିତ୍ତିରେ ସ୍କୁଲ୍‌ର ପ୍ରଧାନଶିକ୍ଷକଙ୍କୁ ଶୁକ୍ରବାର ଗିରଫ କରାଯାଇଥିଲା। ଶନିବାର ଏସିପି (ମହିଳା ନିରୋଧୀ ଅପରାଧ)ଙ୍କ ନିକଟରେ ଏକ ଅଭିଯୋଗ ପହଞ୍ଚିଥିଲା। ଏଥିରେ ଦର୍ଶାଯାଇଥିଲା, ଉକ୍ତ ମାମଲା ପ୍ରତ୍ୟାହାର କରିବା ପାଇଁ ଅଭିଯୁକ୍ତଙ୍କଠାରୁ ଝିଅର ବାପା ମୋଟା ଅଙ୍କର ଅର୍ଥ ଦାବି କରୁଛନ୍ତି। ଏହାପରେ ସେ ମାଜିଷ୍ଟ୍ରେଟ୍‌ଙ୍କୁ ସାକ୍ଷାତ୍ କରି ମାମଲା ପ୍ରତ୍ୟାହାର କରିବାକୁ ଅନୁରୋଧ କରିବା ବେଳେ ତାଙ୍କ ବୟାନ ରେକର୍ଡ କରାଯାଇଥିଲା। ଉକ୍ତ ଘଟଣାରେ ସାମିଲ ଥିବା ୫ଜଣଙ୍କ ସମେତ ଝିଅର ପିତାଙ୍କୁ ଗିରଫ କରାଯାଇଥିବା ଗୁରଗାଓଁ ପୋଲିସ ପକ୍ଷରୁ ସୂଚନା ମିଳିଛି।

### ଚିରନ୍ତନୀ

ନୟନର ଜଳ ପୋଛ ଗୋ ନୟନୁ
ବଦନେ ବିକାଶେ ହାସ
ଭୁବନ ଡାକିଛି ପବନ ଡାକିଛି
ଚଳିବି ପରବାସ।
(ବିଶ୍ୱର ଆହ୍ୱାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୨୫ ସେପ୍ଟେମ୍ବର ୧୯୯୩

- ୪୦ ବର୍ଷ ଧରି ରାଜା ପଦରୁ ଦୂରେଇ ରହିବା ପରେ ଯୁବରାଜ ନରୋଦମ ସିହାନୁକ କାମ୍ବୋଡିଆର ରାଜା ରୂପେ ଶପଥ ଗ୍ରହଣ କରିଛନ୍ତି।
- ଫିଲିପାଇନ୍ସର ସ୍ୱର୍ଗତ ରାଷ୍ଟ୍ରପତି ଫର୍ଡିନାଣ୍ଡ ମାର୍କୋସଙ୍କ ବିଧବା ପତ୍ନୀ ତଥା ପୂର୍ବତନ ଫାଷ୍ଟ ଲେଡି ଇମେଲଡା ମାର୍କୋସଙ୍କୁ ଦୁର୍ନୀତି ଅଭିଯୋଗରେ ୨୪ ବର୍ଷ କାରାଦଣ୍ଡ।

## ପାଠକ ଶ୍ରେଷ୍ଠ ବିଚାରକ

### ଗୋଦରୀଲୋ ତୋ ଗୋଡ଼କୁ ଅନା

ମହାଶୟ,

୨୦୧୫ରୁ ଓଡ଼ିଶାରେ ଲୋକାୟୁକ୍ତ ଆଇନ ପ୍ରଣୀତ ହୋଇଥିବା ସତ୍ତ୍ୱେ ରାଜ୍ୟ ସରକାର ଲୋକାୟୁକ୍ତ ନିଯୁକ୍ତ କରିବାରେ ପଛଘୁଞ୍ଚା ହେଉଛନ୍ତି ବୋଲି ଭାଜପା ନେତା ଅଭିଯୋଗ କରୁଛନ୍ତି। ଏହି ଅଭିଯୋଗର ନିଶ୍ଚିତ ଭାବେ ସତ୍ୟତା ଅଛି। ତେବେ ଭାଜପା ନେତୃତ୍ୱରେ ଗଠିତ କେନ୍ଦ୍ରର ଏନ୍‌ଡିଏ ସରକାର ମଧ୍ୟ ୨୦୧୩ରେ ଲୋକପାଳ ଆଇନ ପ୍ରଣୀତ ହୋଇଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ଲୋକପାଳ ନିଯୁକ୍ତ କରିନାହାନ୍ତି। ଏପରି କି ସୁପ୍ରିମକୋର୍ଟ ବାରମ୍ବାର ନିର୍ଦ୍ଦେଶ ଦେବା ସତ୍ତ୍ୱେ କେନ୍ଦ୍ର ସରକାର ଏ ପର୍ଯ୍ୟନ୍ତ ଲୋକପାଳ ନିଯୁକ୍ତି ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରିଚାଲିଛନ୍ତି। ଓଡ଼ିଆରେ ଗୋଟିଏ ଲୋକପ୍ରିୟ ଢଗ ଅଛି– ଗୋଦରୀଲୋ ତୋ ଗୋଡ଼କୁ ଅନା। ଉଭୟ କେନ୍ଦ୍ରର ଭାଜପା ସରକାର ଓ ରାଜ୍ୟର ବିଜେଡି ସରକାର ଲୋକପାଳ ଓ ଲୋକାୟୁକ୍ତ ନିଯୁକ୍ତ କରିବାରେ ବିଫଳ ହୋଇଥିବା ସତ୍ତ୍ୱେ ରାଜ୍ୟ ଭାଜପା ରାଜ୍ୟ ସରକାରଙ୍କ ବିରୋଧରେ ଅଭିଯୋଗ ଆଣିଥିବାରୁ ଏହି ଲୋକକଥାଟି ତାଙ୍କ ପାଇଁ ପ୍ରଯୁଜ୍ୟ ହେବନାହିଁ କି?

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ଜଗତ୍‌ସିଂହପୁର

### ସିଂହଦ୍ୱାରରେ ହୋର୍ଡିଂ ଲାଗୁ

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଏଣିକି ଶ୍ରୀମନ୍ଦିରର ସେବାୟତମାନେ ଭକ୍ତଙ୍କଠାରୁ ମହାପ୍ରଭୁଙ୍କ ନାଁରେ ସିଧାସଳଖ ଦାନଦକ୍ଷିଣା ନେଇପାରିବେ ନାହିଁ। ସତ୍ୟପାଠ ଜରିଆରେ ନିଜର ଅସୁବିଧା ସମ୍ପର୍କରେ ଜଣାଇ ପାରିବେ ବୋଲି କୁହାଯାଇଛି। ତେବେ ଏହା ବିଶେଷଭାବରେ ବିଜ୍ଞପିତ ହେବାର ଆବଶ୍ୟକତା ରହିଛି। ଭକ୍ତମାନଙ୍କ ଅବଗତି ନିମନ୍ତେ ଏହା ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରସାରିତ ହେଉ। ପୁଣି ସିଂହଦ୍ୱାରରେ ହୋର୍ଡିଂ ଲଗାଯାଇ ନ୍ୟାୟାଳୟର ନିର୍ଦ୍ଦେଶ ଅନୁପାଳନ ନିମନ୍ତେ ସଚେତନ କରାଯାଉ। ଫଳରେ ଶ୍ରଦ୍ଧାଳୁମାନେ ଆଉ ଶୋଷଣର ଶିକାର ହେବେନାହିଁ। ହୁଣ୍ଡିରେ ଦାନର ପରିମାଣ ବୃଦ୍ଧି ପାଉଥିବାରୁ ଆଉ ଏକ ହୁଣ୍ଡି ସ୍ଥାପନ କଥା ବିଚାର କରାଯାଉ। ପ୍ରତି ହୁଣ୍ଡି ଓ ଦାନବାକ୍ସ ନିକଟରେ ସିସିଟିଭି ଲଗାଯାଉ।

ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୨୫ ସେପ୍ଟେମ୍ବର, ୨୦୧୮



କାହାରି ଅନୁଗ୍ରହ ପ୍ରାର୍ଥୀ ହେବା ଅର୍ଥ ନିଜର ସ୍ୱାଧୀନତାକୁ ବିକି ଦେବା।
-ମହାତ୍ମାଗାନ୍ଧୀ



## ସଂକ୍ଷେପରେ

### ନିଉଟନ୍ କଲେଜ ଛାତ୍ରୀଛାତ୍ର ସର୍ବାଧିକ ଲାପଟପ୍ ପାଇବେ

ସମ୍ବଲପୁର, ୨୪।୯ (ବ୍ୟୁରୋ)

ଚଳିତ ବର୍ଷ ସମ୍ବଲପୁର ମାଝିପାଲି ଦେବେଇପାଲିସ୍ଥିତ ନିୟୁଟନ୍ କଲେଜ ଅଫ୍ ସାଇନ୍ସର ଯୁକ୍ତ ୨ ଛାତ୍ରୀଛାତ୍ର ସର୍ବାଧିକ ଲାପଟପ୍ ପାଇବାକୁ ତାଲିକା ଭୁକ୍ତ ହୋଇଛନ୍ତି। ଯାହାକି ପଶ୍ଚିମ ଓଡିଶାର ଅନ୍ୟ କଲେଜ ତୁଳନାରେ ସର୍ବାଧିକ। ତେଣୁ ଲାପଟପ ପାଇବା ତାଲିକା ଭୁକ୍ତ ହୋଇଥିବା ୧୩୦ ଜଣ ଛାତ୍ରୀଛାତ୍ରଙ୍କୁ ସୋମବାର କଲେଜ ଅଧକ୍ଷ ଡ. ତେଜରାଜ ପାତ୍ରଙ୍କ ସମେତ ଅଧାପିକା, ଅଧାପକ, କର୍ମଚାରୀ ଓ ଅଧିକାରୀମାନେ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ଓଡିଶା ସରକାରଙ୍କ ପକ୍ଷରୁ ଯୁକ୍ତ ୨ ପରୀକ୍ଷାରେ ଅଧିକ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଲାପଟପ ବଣ୍ଟନ କରାଯାଉଛି।

### ବାସୁପାଲି ଗାଁରେ ସଫେଇ

ରେଙ୍ଗାଲି, ୨୪।୯ (ଡି.ଏନ.ଏ)-ରେଙ୍ଗାଲି ବ୍ଲକ ଝାଙ୍କରପାଲି ପଞ୍ଚାୟତ ଅନ୍ତର୍ଗତ ବାସୁପାଲି ଗ୍ରାମରେ ବିଜୁ ଯୁବା ବାହିନୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ମିଳିତ ଭାବରେ ସ୍ୱଚ୍ଛ ଭାରତ ମିଶନରେ ଗାଁକୁ ସଫା କରିଛନ୍ତି। ସୋମବାର ବିଜୁ ଯୁବ ବାହିନୀ ସଭାପତି ଦୀପକ କୁମାର ନାଏକ, ସମ୍ପାଦକ ଲକ୍ଷ୍ୟପତି ଭୋଇଙ୍କ ନେତୃତ୍ୱରେ ୫ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମିଳିତ ଭାବରେ ବାସୁପାଲି ଗ୍ରାମରେ ସଫା କରିଥିଲେ। ଗାଁକୁ ସଫା କରିବା ସହ ସ୍ୱଚ୍ଛ ରହିବା ପାଇଁ ଏକ ସଚେତନତା ବାର୍ତ୍ତା ଦେଇଥିଲେ। ଏଥିରେ ବିଜୁ ଯୁବା ବାହିନୀର ବହୁ କର୍ମକର୍ତ୍ତା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସାମିଲ ହୋଇଥିଲେ।

ଜିଲାପାଳଙ୍କ ଅଫିସ ଆଗରେ ଗର୍ଜିଲେ ଚାଷୀ

# ସରକାର ହୁସିଆର ରୁହ, ନ ହେଲେ ପରିଣାମ ଭୋଗିବ

ସମ୍ବଲପୁର, ୨୪।୯(ବ୍ୟୁରୋ)

ସରକାର ହୁସିଆର ହୁଅ। ନ ହେଲେ ପରିଣାମ ଭୋଗିବ। ଚାଷୀଙ୍କ ପ୍ରତି ଅନ୍ୟାୟ କର ନାହିଁ। ଚାଷୀ ଯେତେବେଳେ ତାତିବ ପରିମାଣ ଭୟଙ୍କର ରୂପ ନେବ। ଚାଷୀଙ୍କୁ ଯେଭଳି ଭାବେ ଅଣଦେଖା କରାଯାଉଛି ଉଚିତ୍ ସମୟରେ ଚାଷୀ ତାହାର ଜବାବ ଦେବେ। ଚାଷୀଙ୍କୁ ଭକୁଆ ଭାବି ବୀମା କମ୍ପାନୀ ସହ ସଲାସୁତୁରା କରି ଏଭଳି ନାଟକବାଜି ଆଉ ଚଳିବ ନାହିଁ। ସରକାରୀସ୍ତରରେ ଚାପ ପକାଇ ଶୀଘ୍ର ଘୋଷଣା କରିଥିବା ଫସଲ ବୀମା ଶୀଘ୍ର ଚାଷୀଙ୍କୁ ପ୍ରଦାନ କର। ଜିଲାପାଳଙ୍କ ଅଫିସ ସମ୍ମୁଖରେ ଚାଷୀମାନେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଉପରେ ଏମିତି ବର୍ଷିଛନ୍ତି।

ପ୍ରଧାନମନ୍ତ୍ରୀ ଫସଲ ବୀମା ପାଇଁ ପ୍ରାୟ ଏକ ମାସ ଧରି ଚାଷୀ ସଂଗଠନ ଆନ୍ଦୋଳନ କରି ଆସୁଥିବାବେଳେ ସୋମବାର ଏହା ଉଗ୍ର ରୂପ ନେଇଥିଲା। ଜିଲା କୃଷକ ସଂଗଠନ ଆହ୍ୱାନକ୍ରମେ ବିଭିନ୍ନ ଅଞ୍ଚଳରୁ ଶତାଧିକ ଚାଷୀ ଆସି ଧାରଣାରେ ବସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଆନ୍ଦୋଳନରେ ଜିଲା ଓକିଲ ସଂଘ ସାମିଲ ହୋଇ ପୂର୍ଣ୍ଣ ସମର୍ଥନ ଜଣାଇଥିଲା। ଓକିଲ ସଂଘର ସଦସ୍ୟ ପ୍ରଦୀପ ବହିଦାର ଚାଷୀଙ୍କ ଧାରଣାରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ସରକାରଙ୍କ ଜାଣତରେ ବୀମା କମ୍ପାନୀ ଚାଷୀମାନଙ୍କୁ ଭୁଆଁ ବୁଲାଉଛି। ଅନ୍ୟପଟେ ପ୍ରଶାସନ ଚାଷୀମାନଙ୍କୁ କିନ୍ତୁ ମିଥ୍ୟା ପ୍ରତିଶ୍ରୁତି ଦେଉଛି। ତେଣୁ ବୀମା ଟଙ୍କା ପ୍ରଦାନ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି। ଆନ୍ଦୋଳନକୁ ଆହୁରି ସୁଦୃଢ କରିବା ପାଇଁ ଜିଲା ଓକିଲ ସଂଘ ଏଥିରେ ସଂପୂର୍ଣ୍ଣ ସହଯୋଗ କରିବ ବୋଲି ସେ ସଭାରେ ଉଦ୍‌ବୋଧନ ଦେଇଥିଲେ। ଓକିଲ ସଂଘର ପ୍ରାୟ ୩୦ରୁ ଅଧିକ ସଦସ୍ୟ ଧାରଣାରେ ବସି ଚାଷୀମାନଙ୍କୁ ସମର୍ଥନ କରିଥିଲେ। ଚାଷୀ ସଂଗଠନ ପକ୍ଷରୁ ପଶ୍ଚିମ ଓଡିଶା କୃଷକ ସଂଗଠନ ଆବାହକ ଅଶୋକ ପ୍ରଧାନ, ଜିଲା ସଭାପତି ମୁରାରି ପୁରୋହିତ, ସମ୍ପାଦକ ବ୍ୟୋମକେଶ ଠାକୁର,ଚନ୍ଦ୍ରଶେଖର ପଣ୍ଡା, ହରିଶଙ୍କର ପୁରୋହିତ, ସରୋଜ ମହାନ୍ତି, କୁଶଧ୍ୱଜ ଚୌଧୁରୀ ପ୍ରମୁଖ ଚାଷୀ ସରକାରଙ୍କ ବିରୋଧରେ ଉଦ୍‌ବୋଧନ ଦେଇ ବର୍ଷିଥିଲେ। ଜିଲାର ପ୍ରାୟ ୨୦୦ରୁ ଅଧିକ ଚାଷୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ତେବେ ଅକ୍ଟୋବର ୨୬ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିବ। ଜିଲାର ବିଭିନ୍ନ କୃଷକ ସଂଗଠନ ଏହି ଧାରଣାରେ ଆସି ବସିବେ। ଯେ ପର୍ଯ୍ୟନ୍ତ ଚାଷୀ ବୀମା ଟଙ୍କା ନ ପାଇବ ସେ ପର୍ଯ୍ୟନ୍ତ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଚାଷୀମାନେ ଧାରଣାରେ ବସିବେ ବୋଲି ସଙ୍ଗଠନ ଚେତାବନୀ ଦେଇଛି।



ସମ୍ବଲପୁର ଜିଲାପାଳ ଅଫିସ ସମ୍ମୁଖରେ ଜିଲା କୃଷକ ସଗଠନ ପକ୍ଷରୁ ଧାରଣାରେ ଓକିଲ ସଂଘ ଓ ଚାଷୀମାନେ।

- ସମର୍ଥନ କଲା ଜିଲା ଓକିଲ ସଂଘ
- ବୀମା ଟଙ୍କା ପାଇବା ପର୍ଯ୍ୟନ୍ତ ଚାଲିବ ଆନ୍ଦୋଳନ

### ପୁରସ୍କାର ବିତରଣ ଉତ୍ସବ

ସମ୍ବଲପୁର,୨୪।୯(ବ୍ୟୁରୋ)

କ୍ରୀଡ଼ା ଓ ସାଂସ୍କୃତିକ ଅନୁଷ୍ଠାନ ସାରଥି ପକ୍ଷରୁ ଗୋବିନ୍ଦତୋଲାଠାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ପ୍ରଦୀପ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବରଗଡ ମହିଳା କଲେଜ ପୂର୍ବତନ ଅଧକ୍ଷ ସୁଦର୍ଶନ ପୂଜାରୀ ମୁଖ୍ୟଅତିଥି, ରବିନାରାୟଣ ନାୟକ, ହେମନ୍ତ ପଣ୍ଡା, ଉମେଶଚନ୍ଦ୍ର ରଥ, କଳା ଓ କଳାକାର ଅଧ୍ୟକ୍ଷ ସଞ୍ଜୟ କୁମାର ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସୂର୍ଯ୍ୟ ପାଣିଗ୍ରାହୀ ଉତ୍ସବ ସଂଯୋଜନା କରିଥିଲେ। ସେହିପରି ଅଧ୍ୟାପକ ବସନ୍ତ ଦାଶ, ଅଧ୍ୟାପକ ଜୟନାରାୟଣ ଶତପଥୀ, ବରିଷ୍ଠ ଚିତ୍ରଶିଳ୍ପୀ ପ୍ରଶାନ୍ତ ମାଝି, ଲିଙ୍ଗରାଜ ସିଂ, ରାଧାରମଣ ମୁଦୁଲି, ଜଗନ୍ନାଥ ବେହେରା, ସୁଦାମ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଜିଏମୟୁରେ ଏନଏସଏସ ଦିବସ ପାଳିତ

ସମ୍ବଲପୁର,୨୪।୯(ବ୍ୟୁରୋ)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରରେ ସୋମବାର ଏନଏସଏସ ଦିବସ ପାଳିତ ହୋଇଯାଇଛି। ଏନଏସଏସ ସଂଯୋଜକ ଡ. ପ୍ରଦୋଷ ଆଚାର୍ଯ୍ୟଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସେ ଜାତୀୟ ସେବା ସମିତିର ଉଦ୍ଦେଶ୍ୟ ଓ କାର୍ଯ୍ୟାବଳୀ ଉପରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ।

## ଠେମେରାରେ ଅନନ୍ତ ମୁଖି ଯଜ୍ଞ

ସମ୍ବଲପୁର, ୨୪।୯ (ବ୍ୟୁରୋ)

ଅନନ୍ତ ମୁଖି ଯଜ୍ଞ ସୋମବାର ସକାଳୁ ସମ୍ବଲପୁର ଜିଲା ଠେମେରା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ୫୦ ଜଣ ବ୍ରାହ୍ମଣମାନେ ସମବେତ ହୋଇ ଭାଗବତ ପଠନ କରିଥିଲେ। ସନ୍ଧ୍ୟାରେ ହୋମଯଜ୍ଞ, ପୂର୍ଣ୍ଣାହୁତୀ ହୋଇଥିଲା। ଏଥିରେ ପୂର୍ଣ୍ଣାନନ୍ଦ ନାଥ ମୁଖ୍ୟକର୍ତ୍ତା ଥିଲେ। ଗ୍ରାମର ବିଜୟ କୁମାର ପଣ୍ଡା, ରମାକାନ୍ତ ନାଥ, କାମାକ୍ଷା ପାଢ଼ୀ, ଦଧିବାମନ ନାଥ, ବୀରେନ୍ଦ୍ର ପଣ୍ଡା, ଅଶ୍ୱିନୀ ଆଚାର୍ଯ୍ୟ, ବାଳକୃଷ୍ଣ ବିଶ୍ୱାଳ, ସମୀର ପାଢ଼ୀ, ଉଦିତକାନ୍ତ ନାଥ, ତାରାକାନ୍ତ ନାଥ ପ୍ରମୁଖ ଅନନ୍ତ ମୁଖି ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ଯଜ୍ଞ କରିବା ଦ୍ୱାରା ଗ୍ରାମର ମଙ୍ଗଳ ହୋଇଥାଏ ବୋଲି ବିଶ୍ୱାସ ରହିଛି।

## ଜେଲଛକ ଓମଫେଡ ପାର୍ଲରରୁ ଚୋରି ଅଭିଯୋଗ

ସମ୍ବଲପୁର୨୪।୯(ବ୍ୟୁରୋ)

ଧନୁପାଲି ଥାନା ଜେଲ ଛକ ଓମଫେଡ ପାର୍ଲରରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପାର୍ଲର ମାଲିକ ଅମରେନ୍ଦ୍ର ପାଢୀ ଧନୁପାଲି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ରବିବାର ରାତିରେ ତାଙ୍କ ଦୋକାନର ତାଲା ଭାଙ୍ଗି ଦୁଇ ପେଟି ଓମଫେଡ ଘିଅ, ଥଣ୍ଡା, ବିସ୍କୁଟ ଭଳି ସାମଗ୍ରୀ ଚୋରି ହୋଇଛି। ଏ ନେଇ ଧନୁପାଲି ପୋଲିସ ମାମଲା (ନଂ.୩୫୪) ରୁଜୁ କରି ଘଟଣାର ତଦନ୍ତ କରୁଛି।

## ସିଆରପିଏଫର ସଫେଇ କାର୍ଯ୍ୟକ୍ରମ

ସମ୍ବଲପୁର, ୨୪।୯ (ବ୍ୟୁରୋ)

ସମ୍ବଲପୁର ୧୨ ବାଟାଲିୟନ୍ ସିଆରପିଏଫ ପକ୍ଷରୁ ସୋମବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମିଶନର୍ସ କଲୋନୀ ପଡିଆ (ହାୱା ମଇଦାନ), ଗାନ୍ଧୀ ପାର୍କ, ସମଲେଶ୍ୱରୀ ମନ୍ଦିର ସଫେଇ କରାଯାଇଥିଲା। ୧୨ ବାଟାଲିୟନ୍ ସିଆରପିଏଫ କମାଣ୍ଡାଣ୍ଟ ପ୍ରମୋଦ କୁମାର ସାହୁଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବାଟାଲିୟନ୍‌ର ସମସ୍ତ ସିଆରପିଏଫ ଯବାନମାନେ ସାମିଲ ହୋଇଥିଲେ।

ସମ୍ବଲପୁର ମହାନଗର ନିଗମ

## ଆଗେଇ ପାରୁନି ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ କାମ

### ସାମିଲ ହୋଇଥିବା ପଞ୍ଚାୟତବାସୀଙ୍କ ବଢୁଛି ଅସନ୍ତୋଷ

ସମ୍ବଲପୁର, ୨୪।୯(ବ୍ୟୁରୋ)

ପ୍ରତ୍ୟେକ ଗରିବ ପରିବାରଙ୍କୁ ପକ୍କା ଘର ଯୋଗାଇ ଦିଆଯିବ। ସମସ୍ତେ ଖରା,ବର୍ଷା ଶୀତରୁ ରକ୍ଷା ପାଇ ଛାତ ତଳେ ରହିବେ। ଏପରି ମହତ ଉଦ୍ଦେଶ୍ୟ ନେଇ ରାଜ୍ୟସରକାର ବିଜୁ ପକ୍କା ଘର ଓ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନାରେ ହଜାର ସଂଖ୍ୟାରେ ପ୍ରତିବର୍ଷ ଘରଗୁଡିକ ଦିଆଯାଉଛି। ଜିଲାର ସମସ୍ତ ବ୍ଲକଗୁଡିକରୁ ଆବାସଗୁଡିକ ଶୀଘ୍ର ସଂପୂର୍ଣ୍ଣ କରିବା ପାଇଁ ଟାର୍ଗେଟ ଦିଆଯାଇଛି। ହେଲେ ସମ୍ବଲପୁର ମହାନଗର ନିଗମ ଅବହେଳା ଯୋଗୁ ଅନେକ ହିତାଧିକାରୀ ଏହି ଘର ପାଇବାରୁ ବଞ୍ଚିତ ରହିଛନ୍ତି। ମହାନଗର ନିଗମ ପକ୍ଷରୁ ସରକାରଙ୍କ ପାଖକୁ ଡିପିଆର ପ୍ରସ୍ତୁତ କରି ପଠାଇବାରେ ବିଳମ୍ବ କରିବାରୁ ଗରିବ ହିତାଧିକାରୀ ଏହି ଯୋଜନାରେ ସାମିଲ ହୋଇପାରୁନାହାନ୍ତି। ଅନ୍ୟପଟେ ମହାନଗର ପକ୍ଷରୁ ଆବଶ୍ୟକ କାଗଜପତ୍ର ଯଥା ଜମିପଟ୍ଟା, ନକ୍ସା ଓ ଅନ୍ୟାନ୍ୟ କାଗଜପତ୍ର ପ୍ରଦାନ କରିପାରୁ ନ ଥିବାରୁ ଏହି ପ୍ରକ୍ରିୟାରେ ବିଳମ୍ବିତ ହେଉଥିବା କହୁଛନ୍ତି। ଯାହା ହେଉନା କାହିଁକି ମହାନଗର ନିଗମରେ ସାମିଲ ହୋଇଥିବା ଧନକଉଡାର ୭ ଓ ମାନେଶ୍ୱର ୫ଟି ପଞ୍ଚାୟତର ଦୁର୍ଦ୍ଦଶା ବଢିଯାଇଛି। ବ୍ଲକ ଅଧୀନରେ ଥିଲେ ପ୍ରାୟତଃ ହିତାଧିକାରୀଙ୍କୁ ଘର ମିଳିସାରିଥାନ୍ତା ଓ ଲୋକମାନେ ଆରାମରେ ରହିଥାନ୍ତେ ବୋଲି ସେମାନେ ଅଭିଯୋଗ କରିଛନ୍ତି। ମହାନଗର ନିଗମରେ ସାମିଲ ହେବା ପରେ ଘର ପାଇଁ ଅନେକ ଥର ଆବେଦନ କରାଯାଇଛି, ହେଲେ ତାଲିକାରେ ତାଙ୍କ ନାମ ଆସୁ ନ ଥିବା ସେମାନେ କହିଛନ୍ତି। ଏପରିକି ମହାନଗର ନିଗମ ଅଫିସ ଦୌଡି ଦୌଡି ନୟାନ୍ତ ହେଉଛନ୍ତି। ଅନେକ ହିତାଧିକାରୀ ଅଭିଯୋଗ କିମ୍ବା ଆବେଦନ କରିବା ପାଇଁ ମଧ୍ୟ ସହରକୁ ଆସିପାରୁନାହାନ୍ତି। ଫଳରେ ସେମାନେ ଏହି ସରକାରୀ ଯୋଜନାଗୁଡିକର ଫାଇଦା ପାଇବାରୁ ବଞ୍ଚିତ ହେଉଛନ୍ତି।

ମିଳିଥିବା ରିପୋର୍ଟ ଅନୁସାରେ ମହାନଗର ନିଗମରେ ଏ ପର୍ଯ୍ୟନ୍ତ ମୋଟ ୫ ହଜାର ୪୫୫ଜଣ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କା ଘର ପାଇଁ ଆବେଦନ କରିଛନ୍ତି। ଏଥିମଧ୍ୟରୁ ମହାନଗର ନିଗମ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୧୬୨, ଦ୍ୱିତୀୟ ପର୍ଯ୍ୟାୟରେ ୧୮୩, ତୃତୀୟ ପର୍ଯ୍ୟାୟରେ ୧୫୫ ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ସେହିପରି ସ୍ୱତନ୍ତ୍ର ଅନୁଦାନରେ ମୋଟ ୩୫୫ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଅନ୍ୟପକ୍ଷେ ଚଳିତବର୍ଷ ୨୦୧୯-୨୦ ଆର୍ଥିକବର୍ଷ ୧୨୫୩ଜଣଙ୍କୁ ଘର ପ୍ରଦାନ କରାଯିବ ବୋଲି ମହାନଗର ନିଗମ ପକ୍ଷରୁ କୁହାଯାଇଛି। ଯାଞ୍ଚ ପ୍ରକ୍ରିୟା ସାରି ସ୍ୱୀକୃତି ପାଇଁ ସରକାରଙ୍କ ପାଖକୁ ପଠାଯାଇଛି। ଖୁବ ଶୀଘ୍ର ସମସ୍ତ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯିବ। ହେଲେ ଏଭଳି ପରିସ୍ଥିତିରେ ପଞ୍ଚାୟତରେ ସାମିଲ ହୋଇଥିବା ଅନେକ ହିତାଧିକାରୀ ପୁଣି ବାଦ ପଡିଯିବେ। ସମସ୍ତ ଗରିବ ପରିବାରଙ୍କୁ ପକ୍କା ଘର ଯୋଗାଇ ଦେବାର ଲକ୍ଷ୍ୟ ଚ୍ୟୁତ ହେବ ଏଥିରେ ସନ୍ଦେହ ନାହିଁ।

## ବାବୁପାଲିରେ ସ୍ୱାସ୍ଥ୍ୟ ଶିବିର

ମାନେଶ୍ୱର, ୨୪।୯(ଡି.ଏନ.ଏ.)

କୁଜୁମୁରା ବ୍ଲକ ବାବୁପାଲିରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଝାଙ୍କରପାଲି ପଞ୍ଚାୟତ କର୍ମଚାରୀ ଓ ରେଡକ୍ରସ ମିଳିତ ଆନୁକୂଲ୍ୟରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଜିଲା ସ୍ୱାସ୍ଥ୍ୟ ଅଧିକାରୀ କଲ୍ୟାଣ କୁମାର ଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମଧୁମେହ, ରକ୍ତଚାପ ସହ ଅନ୍ୟାନ୍ୟ ରୋଗ ଉପରେ ଅଞ୍ଚଳର ୧୮୦ଜଣଙ୍କୁ ପରୀକ୍ଷା କରାଯାଇଥିଲା। ପରେ ସମସ୍ତଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ସୁରେଶଚନ୍ଦ୍ର ଓଝା, ସବିତା ଭୋଇ, ଲିଲି ମହାନନ୍ଦ ପ୍ରମଖ ସହଯୋଗ କରିଥିଲେ। ହେଲପିଂ ହ୍ୟାଣ୍ଡ ଅନୁଷ୍ଠାନ ପକ୍ଷରୁ ସହଯୋଗ କରାଯାଇଥିଲା।

## ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

### ୫୪ ଅଭିଯୋଗ ଦାଖଲ

ଦେବଗଡ଼,୨୪।୯(ସ୍ୱ.ପ୍ର.)

ସ୍ଥାନୀୟ ପୌର ପରିଷଦ କାର୍ଯ୍ୟାଳୟରେ ଦେବଗଡ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସୁଧାଂଶୁ ମୋହନ ସାମଲ ଯୋଗଦେଇ ଉପସ୍ଥିତ ପୌରାଞ୍ଚଳବାସୀଙ୍କ ୫୪ଟି ଅଭିଯୋଗର ଶୁଣାଣି କରିଛନ୍ତି। ଜନସାଧାରଣଙ୍କଠାରୁ ମିଳିଥିବା ୫୪ଟି ବ୍ୟକ୍ତିଗତ ସମସ୍ୟା ଏବଂ ସାମୂହିକ ସମସ୍ୟା ସମ୍ବନ୍ଧୀୟ ଦରଖାସ୍ତର ଶୁଣାଣି କରି ଜିଲାପାଳ ସେଗୁଡିକ ଉପରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଏସପି ଅନୁପମା ଜେମ୍ସ, ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମ କାନ୍ତ ଏକ୍କା, ପୌର ନିର୍ବାହୀ ଅଧିକାରୀ କୁଞ୍ଜବନ ପ୍ରଧାନଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଏବଂ ପୌର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଲୋକାଭିମୁଖୀ ହେଉନି ଜନଶୁଣାଣି

ମାନେଶ୍ୱର,୨୪।୯(ଡି.ଏନ.ଏ.)

### କୁଜୁମୁରାରେ ଜନଶୁଣାଣି

- ୧୮ ପଞ୍ଚାୟତରୁ ୪୦ ଅଭିଯୋଗ ଆସିଲା
- ୩୭ ବ୍ୟକ୍ତିଗତ, ୩ ସାମୂହିକ ଅଭିଯୋଗ
- ପ୍ରଚାର, ପ୍ରସାର ଅଭାବରୁ ଲୋକେ ଜାଣି ପାରୁ ନାହାନ୍ତି
- ସହଯୋଗ କରୁନାହାନ୍ତି ସ୍ଥାନୀୟ ଜନ ପ୍ରତିନିଧି

କୁଜୁମୁରା ବ୍ଲକ ପରିସରରେ ସୋମବାର ଜିଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହେଲେ ପ୍ରଚାର, ପ୍ରସାର ଅଭାବରୁ ୧୮ଟି ପଞ୍ଚାୟତରେ ମୋଟ ୪୦ଟି ଅଭିଯୋଗ ଆସିଥିଲା। ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା ଭଳି ୩୭ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିଲା। ସାମୂହିକ ଭାବେ ମାତ୍ର ୩ଟି ଅଭିଯୋଗ ହୋଇଥିଲା। କୁଜୁମୁରା ବିକାଶ ପରିଷଦ ପକ୍ଷରୁ କୁଜୁମୁରା ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ଦାବିପତ୍ର ପ୍ରଦାନ କରାଯାଇଥିଲା। କୁଜୁମୁରାରୁ ସାପ୍ତାହିକ ବଜାର ପରିବର୍ତ୍ତନ, ପିଡବ୍ଲ୍ୟୁଡି ଡାକବଙ୍ଗଳାରେ ଏକ ସରକାରୀ ମାର୍କେଟ କମ୍ପ୍ଲେକ୍ସ ଓ ବସଷ୍ଟପ ନିର୍ମାଣ କରିବା, କୁଜୁମୁରା କଲେଜକୁ ରାସ୍ତା ନିର୍ମାଣ ପରି ସମସ୍ୟା ରହିଥିଲା। ଏହି ଅବସରରେ ଜିଲାପାଳ ସମର୍ଥ ବର୍ମା, ଏସପି ସଂଜୀବ ଆରୋରା, କୁଜୁମୁରା ବିଡିଓ ଆଶିଷ ପାଟେଲ ଉପସ୍ଥିତ ଥିଲେ। ଅଞ୍ଚଳର ଜନପ୍ରତିନିଧି ଏଥିରେ ସହଯୋଗ କରି ନଥିବାରୁ ଅଭିଯୋଗ ଶୁଣାଣିରେ ଧୀରେ ଧୀରେ ଲୋକଙ୍କ ଭରସା ତୁଟିବାରେ ଲାଗିଛି ବୋଲି ଅଭିଯୋଗ ହୋଇଛି।


କୁଜୁମୁରା ବ୍ଲକ ପରିସରରେ ସୋମବାର ଜନଶୁଣାଣି କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

## ପ୍ରତିଶ୍ରୁତି ଦେଲେ ବିଡିଓ, ଧାରଣାରୁ ଓହରିଲେ ନେତା

ଜମନକିରା,୨୪।୯ (ଡି.ଏନ୍.ଏ)

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ସମ୍ମୁଖରେ ପଞ୍ଚାୟତ ପ୍ରତିନିଧିଙ୍କ ଚାଲିଥିବା ଧାରଣା ସୋମବାର ୨୮ ଦିନରେ ପ୍ରତ୍ୟାହୃତ ହୋଇଛି। ବିଡ଼ିଓ ଅଜୟ କୁମାର ତିୱାରୀ ଧାରଣା ସ୍ଥଳକୁ ଆସି ପଞ୍ଚାୟତ ପ୍ରତିନିଧିଙ୍କୁ ପ୍ରତିଶ୍ରୁତି ଦେଲା ପରେ ସେମାନେ ଧାରଣାରୁ ଉଠିଛନ୍ତି।

ଆମ ଗାଁ ଆମ ବିକାଶ ଯୋଜନାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜୁଲାଇ ୨୨ ତାରିଖ ୪ କୋଟି ୭୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଜମନକିରା ବ୍ଲକ୍‌ର ୨୬୭ଟି ପକଳ୍ପକୁ ମଞ୍ଜୁରି ଦେଇଥିବା ନେଇ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟରେ ଘୋଷଣା କରିଥିଲେ। ପ୍ରକଳ୍ପ ମଞ୍ଜୁରିକୁ ପଞ୍ଚାୟତ ପ୍ରତିନିଧିମାନେ ସ୍ୱାଗତ କରିଥିବା ବେଳେ ସମସ୍ତ ପ୍ରକଳ୍ପ ଗୁଡ଼ିକ ସେମାନଙ୍କ ଅଗୋଚରରେ ହୋଇଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ଏ ନେଇ ବ୍ଲକ୍ ପ୍ରଶାସନ ଓ ଜିଲା ପ୍ରଶାସନକୁ ସମାଧାନ ପାଇଁ ଅନୁରୋଧ କରିଥିଲେ। ଏମିତିକି ସମିତି ବୈଠକକୁ ବର୍ଜନ ମଧ୍ୟ କରିଥିଲେ। ତେବେ ପ୍ରତିକାର କିଛି ନ ହେବାରୁ ଅଗଷ୍ଟ ୨୩ରୁ ବ୍ଲକ୍ ସମ୍ମୁଖରେ ଧାରଣାରେ ବସିଥିଲେ। କୌଣସି ପ୍ରଶାସନିକ ଅଧିକାରୀ ଧାରଣାରତ ପ୍ରତିନିଧିଙ୍କ ସହ ଆଲୋଚନା ମଧ୍ୟ କରି ନ ଥିଲେ। ଶେଷରେ ବିଡ଼ିଓ ତିୱାରୀ ଧାରଣାସ୍ଥଳକୁ ଯାଇ ପଞ୍ଚାୟତ ପ୍ରତିନିଧିଙ୍କୁ ମନିବାରେ ସଫଳ ହୋଇଛନ୍ତି। ଆଜିର ଧାରଣା ଓ ଆଲୋଚନା ବେଳେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ନାଏକଙ୍କ ସମେତ ଉପାଧ୍ୟକ୍ଷା ଲଳିତା କାଲୋ, ହୃଦାନନ୍ଦ ନାଏକ, ସରୋଜ କୁମାର ସେଠ, କେଦାର ବରିହା, ରମେଶ ଭୋଇ, ସୁମନ୍ତ ପଟେଲ, ବିଷ୍ଣୁପ୍ରିୟା ମାଝୀ, କଳ୍ପନା ସେଠ, ବିନତା ପଟେଲ, ସୁଷମା ବାଘ, ସଂଗୀତା ପଟେଲ, ରୋଜି ମୁଣ୍ଡା, ପ୍ରଭାସିନୀ ଠାକୁର, ଅନିତା କୁଜୁର, ପ୍ରତୀମା ମହାନନ୍ଦ, ସନାତନ ନାଏକ, ତୁଳାରାମ ମାଝୀ, ମନୋଜ ନାଏକ, ସନତ ନାଏକ ପ୍ରମୁଖ ସାମିଲ ହୋଇଥିଲେ। ସରପଞ୍ଚ ରାଇଟର ଝାଙ୍କର, ସୁଶାନ୍ତ କୁମୁରା, କୁନିମା ନାଏକ, ରମେଶ କୁମୁରା, ସଞ୍ଜୁ ନେଗୀ, ମଞ୍ଜରୀ କିଣ୍ଡୋ, ଜୟନ୍ତୀ ବାଘ, ସଞ୍ଜୁ ମିର୍ଧା, ପ୍ରଭାସିନୀ ମାଝୀ, ରୁକ୍ମିଣୀ କିସାନ, ସଞ୍ଜୁ ମିର୍ଧା, ସୁଶାନ୍ତ କୁମୁରା, ସଞ୍ଜୟ ଧୁରୁଆ, ଭାସ୍କରଚନ୍ଦ୍ର ଭୋଇ ଏବଂ ଚନ୍ଦ୍ରଶେଖର ପଧାନ ପ୍ରମୁଖ ମଧ ଏଥିରେ ଉପସ୍ଥିତ ଥିଲେ।



ଆନ୍ଦୋଳନରତ ଜନପ୍ରତିନିଧିମାନଙ୍କୁ ଜମନକିରା ବିଡିଓ ଅଜୟ ତିୱାରି ବୁଝାଉଛନ୍ତି।

- ‘ଆମ ଗାଁ ଆମ ବିକାଶ’ଯୋଜନାରେ ଜନପ୍ରତିନିଧିଙ୍କୁ ଉପେକ୍ଷା ଅଭିଯୋଗ
- ପ୍ରତିବାଦରେ ମାସେ ହେଲା ଆନ୍ଦୋଳନରେ ବସିଥିଲେ ସ୍ଥାନୀୟ ଜନପ୍ରତିନିଧି

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ସେପ୍ଟେମ୍ବର ୨୫/୨୦୧୮



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



**ସଂକ୍ଷେପରେ**

## କଣ୍ଟେଳ ଯୁକ୍ତ ୨ ମହାବିଦ୍ୟାଳୟରେ ଜାତୀୟ ସେବା ଦିବସ

ବାରକୋଟ, ୨୪।୯ (ଡି.ଏନ.ଏ): ଦେବଗଡ ଜିଲା ବାରକୋଟ ବ୍ଲକ କଣ୍ଟେଳ ଯୁକ୍ତ ୨ ମହାବିଦ୍ୟାଳୟଠାରେ ଜାତୀୟ ସେବା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷା ରଞ୍ଜିତା ନନ୍ଦ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମ ଅଧିକାରୀ ପଲ୍ଲୀସେବକ ସାହୁ ଛାତ୍ରୀଛାତ୍ରମାନଙ୍କୁ ଜାତୀୟ ସେବା ଯୋଜନାର ସ୍ଥାପନ, ଐତିହ୍ୟ, ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଓଡିଆ ଅଧାପକ ସନ୍ତୋଷ କୁମାର ଦେବତା ଏବଂ ରାଜନୀତି ବିଜ୍ଞାନ ଅଧାପକ ରଞ୍ଜିତ କୁମାର ବେହେରା ଜାତୀୟ ସେବା ଯୋଜନାରେ ଛାତ୍ରୀଛାତ୍ରଙ୍କ ଭୂମିକା ଏବଂ ସମାଜ ପ୍ରତି କର୍ତ୍ତବ୍ୟ ବିଷୟରେ ଆଲୋଚନା କରିଥିଲେ । ଶେଷରେ ଅଧାପକ କପୁର ଚାନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବୁଢ଼ାକଟା ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ

ସମ୍ବଲପୁର,୨୪।୯(ବ୍ୟୁରୋ): ସମ୍ବଲପୁର ଜିଲା ବୁଢ଼ାକଟା ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ବିଶ୍ୱଜିତ ବାଗ ସଭାପତି, ଗୌରାଙ୍ଗ ପ୍ରଧାନ, ଅଶ୍ୱିନୀ ବାରିକ ଓ ପିଙ୍କୁ ପ୍ରଧାନ ଉପସଭାପତି, ସଞ୍ଜୟ ବାଗ, ମନୋରଞ୍ଜନ ପ୍ରଧାନ, ସୁମନ ବାଗ, ଠାକୁର ପ୍ରଧାନ ଓ ଭୁପେଶ ସାହୁ ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି । ସେହିପରି ଲମ୍ବୋଦର ପ୍ରଧାନ, ପ୍ରକାଶ ପ୍ରଧାନ, ସଞ୍ଜୟ ପ୍ରଧାନ, ସୁରିବାବୁ ସାହୁ, ମାନସ ପ୍ରଧାନ କାର୍ଯ୍ୟକାରୀ ସମ୍ପାଦକ, ବିକାଶ ପ୍ରଧାନ, କୈଳାଶ ପ୍ରଧାନ, ପପୁ ପ୍ରଧାନ, ସୁମନ୍ତ ପ୍ରଧାନ, ଶୁଭମ ସାହୁ ଯୁଗ୍ମ ସମ୍ପାଦକ, ସିପନ ସାହୁ କୋଷାଧକ୍ଷ, ତେଜରାଜ ସାହୁ, ପିଣ୍ଟୁ ପ୍ରଧାନ, ବନମାଳୀ ପ୍ରଧାନ, ଅକୃର ପ୍ରଧାନ ସାଂସ୍କୃତିକ ସମ୍ପାଦକ ରହିଛନ୍ତି । ଜୟରାମ ସାହୁ, ଅନୀଲ ବାରିକ, ଅଶ୍ୱିନୀ ବାରିକ, ଅଜିତ ବାରିକ, ସୁବ୍ରତ ପ୍ରଧାନ, ଅମରେଶ ସାହୁ, ମନୋଜ ବାରିକ, ଗୁଲୁ ସାହୁ, ଟୁଲୁ ପ୍ରଧାନ, କାହ୍ନୁ ପ୍ରଧାନ, ସୁଧୀର ଖମାରୀ ଉପଦେଷ୍ଟା ମଣ୍ଡଳୀରେ ରହିଛନ୍ତି ।

## ଅନନ୍ତମୁଖି ବ୍ରତ ପାଳିତ

ପଡିଆବାହାଲ,୨୪।୯(ଡି.ଏନ.ଏ): ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତ ଖଲିଆପାଲି ଏବଂ କବରାପାଲି ପଞ୍ଚାୟତ କବରାପାଲିଠାରେ ଅନନ୍ତ ବ୍ରତ ପାଳନ କରାଯାଇଛି। ଖଲିଆପାଲିରେ ମହେଶ୍ୱର ନାୟକ, ଯୁଗଳ କିଶୋର ମିଶ୍ର, ସୁବୋଧ ନାୟକ, ଅଶୋକ ପୂଜାରୀ, ଅମୂଲ୍ୟ ପୂଜାରୀ, ହୃଦାନନ୍ଦ ପଣ୍ଡା, ରାଧାମୋହନ ଷଡଙ୍ଗୀ, ପ୍ରକାଶ ସୁପକାର, ଅକ୍ଷୟ ନାୟକ, ଆଶିଷ ନାୟକ, ଲକ୍ଷ୍ମଣ କୁମାର ନାୟକ, ପଞ୍ଚାନନ ପୂଜାରୀ, ସୁମିତ ମିଶ୍ର, ଅନୁରାଗ ପୂଜାରୀ, ଅଂଶୁମାନ ପୂଜାରୀ, ପ୍ରବିଣ ସୁପକାର, ଅରବିନ୍ଦ ବଡପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ । ସଚିଦାନନ୍ଦ ନାୟକ, ଚିତ୍ତରଞ୍ଜନ ନାୟକ, ଶିବ ମହାପାତ୍ର, ସୁଧାଂଶୁ ମହାପାତ୍ର ପ୍ରମୁଖ ଯୁବଗୋଷ୍ଠୀ ପରିଚାଳନାରେ ସହଯୋଗ କରିଥିଲେ । ବିହାର ମହାପାତ୍ରଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଭାଗବତ ଶ୍ରବଣ କରିଥିଲେ । କବରାପାଲିଠାରେ ମଧ ଶତାଧିକ ଶ୍ରୋତାଙ୍କ ଉପସ୍ଥିତିରେ ବ୍ରତ ପାଳିତ ହୋଇଯାଇଛି।

# ସରିଛି ନୂଆଁଖାଇ ଜମୁଛି ଭେଟ୍‌ଘାଟ୍‌

ସମ୍ବଲପୁର, ୨୪।୯(ବ୍ୟୁରୋ)

**ମା'ର ଦାୟିତ୍ୱ ତୁଲାଇବା ଶିଖାନ୍ତୁ:** ମା' ହୋଇ ପିଲା ପାଇଁ ପ୍ରତିଟି କ୍ଷେତ୍ରରେ ଆସୁଥିବା ସମସ୍ୟାକୁ ସମାଧାନ କରିବା କଷ୍ଟ। ପିଲାଙ୍କ ପାଠପଢ଼, ତାକୁ ବଡ଼ କରିବା, ତା'ର ଦୁଷ୍ଟାମି ସମାଧାନ କରିବା ସହ ତାକୁ ଉତ୍ତମ ନାଗରିକ କରି ଗଢ଼ି ତୋଳିବା କାଠିକର ପାଠ। ଝିଅକୁ ବୁଝାନ୍ତୁ ଭବିଷ୍ୟତରେ ସେ କାହାର ସ୍ତ୍ରୀ, ମା' ଓ ବୋହୂ ହେବ। ଏଥିପାଇଁ ଦାୟିତ୍ୱକୁ ଅଣଦେଖା କରିବା ଠିକ୍ ନୁହେଁ। ତାକୁ ବୁଝାନ୍ତୁ, ପିଲା ଜନ୍ମଦେବାଠାରୁ ବଡ଼ ଦାୟିତ୍ୱ ହେଉଛି ତା'ର ଲାଳନପାଳନ କରିବା। ଆପଣ ତା'ର ସୁଖ ଭବିଷ୍ୟତ କାମନା କରିପାରିବେ, କିନ୍ତୁ ସବୁଦିନ ତଥା ସବୁବେଳେ ତା' ସହିତ ରହିପାରିବେ ନାହିଁ, ଏକଥା ବୁଝାନ୍ତୁ।









ଯୁଗ ସହ ତାଳଦେଇ ଚାଲିବାକୁ ହେବ। ଏଥିପାଇଁ ନିଜକୁ ପ୍ରସ୍ତୁତ କରିବାକୁ ପଡ଼ିବ ବୋଲି ମୁଁ ମୋ ଝିଅକୁ ବୁଝାଇଥାଏ। ପାଠପଢ଼ି ଚାକିରି ହେଉ ଅବା ବ୍ୟବସାୟିକ ଜ୍ଞାନ ଲାଭ କରିବା ବର୍ତ୍ତମାନ ସମୟରେ ନିହାତି ଜରୁରୀ। ବୟୋଜ୍ୟେଷ୍ଠମାନଙ୍କୁ ସମ୍ମାନ ଦେଖାଇବା ସହ ଜୀବନରେ କୌଣସି କଥାରେ ତରବର ନ ହୋଇ ଭାବିଚିନ୍ତି ନିଷ୍ପତ୍ତି ନେବାକୁ ମୁଁ ତାକୁ କହିଥାଏ।

*– ସବିତା କାନୁନ୍‌ଗୋ, ୱାଟର ୱାର୍କ୍ସ ରୋଡ୍, ପୁରୀ*



ଝିଅର ଡ୍ରେସ୍ ଅପ୍‌ଠାରୁ ଆରମ୍ଭକରି ତା'ର ଚାଲିଚଳନ, କଥାବାର୍ତ୍ତା, ବ୍ୟବହାର ଆଦିକୁ ମୁଁ ନଜର ରଖିଥାଏ। ଭୁଲ୍ କଥାବାର୍ତ୍ତା, ନିଷ୍ପତ୍ତି ନେଉଥିଲେ ତାକୁ ଗାଇଡ୍ କରିଥାଏ। ଅଯଥା ସାମଗ୍ରୀ କିଣି ଟଙ୍କା ଖର୍ଚ୍ଚ ନ କରିବାକୁ ମୁଁ କହିଥାଏ। ଜୀବନରେ ବହୁ ଦାୟିତ୍ୱ ନିଭାଇବାର ଅଛି। ସେଥିପାଇଁ ନିଜକୁ ପ୍ରସ୍ତୁତ କରିବାକୁ କହେ।

*– ସୌଦାମିନୀ ଦାସ, ଗୌତମନଗର, ଭୁବନେଶ୍ୱର*

ଫ୍ୟାଶନ

# ମେହେନ୍ଦି ରସମ୍‌ରେ ରୁହନ୍ତୁ ଷ୍ଟାଇଲିଶ

ରିଙ୍ଗ୍ ସେରିମନିରୁ ଆରମ୍ଭକରି ବିବାହ ପର୍ଯ୍ୟନ୍ତ ପ୍ରତିଟି ଛୋଟ ବଡ଼ ଜିନିଷ କିଣିବା ବେଳେ ଯୁବତୀମାନେ ବେଶ୍ ସଚେତନ ହୋଇଥାନ୍ତି। କିନ୍ତୁ ଏହି ବ୍ୟସ୍ତତା ଭିତରେ ଯଦି ଆପଣ ମେହେନ୍ଦି ରସମ୍‌କୁ ଅଣଦେଖା କରନ୍ତି ତେବେ ବିବାହର ମସ୍ତିରେ କେଉଁଠି ନା କେଉଁଠି କମି ରହିଯିବ। ମେହେନ୍ଦି ରସମକୁ ଖାସ୍ କରିବା ପାଇଁ ଆପଣାନ୍ତୁ କିଛି ଟିପ୍ସ...





**ବ୍ରାଇଟ୍ କଲର ପିନ୍ଧନ୍ତୁ:** ଏହିଦିନ ଆପଣ ଯାହା ବି କପଡ଼ା ପିନ୍ଧନ୍ତୁ ତାହା ଡାର୍କ କଲର ହେବା ଆବଶ୍ୟକ। ଏହାଦ୍ୱାରା ଆପଣ ସୁନ୍ଦର ଓ କିଛି ଡିଫରେଣ୍ଟ ଲାଗିବେ।

**ଟ୍ରେଣ୍ଡିଂ କଲର ପସନ୍ଦ କରନ୍ତୁ:** ମେହେନ୍ଦି ରସମ୍‌ରେ ସେହି ସମୟର ଟ୍ରେଣ୍ଡିଂ କଲର ପିନ୍ଧନ୍ତୁ ଯାହା ଆପଣଙ୍କୁ ବେଶ୍ ମାନିବ। ଏପରି କରିବା ଦ୍ୱାରା ଫଟୋଗ୍ରାଫ୍‌ରେ ବି ଆପଣ ଡିଫରେଣ୍ଟ ଲାଗିବେ। ଯଦି ଆପଣଙ୍କୁ ଡାର୍କ କଲର ପସନ୍ଦ ନୁହେଁ ତେବେ ଲାଇଟ୍ କଲର ମଧ୍ୟ ବାଛିପାରିବେ।

**ଆଉଟ୍‌ଫିଟ୍:** ମେହେନ୍ଦି ସେରିମନି ଆରମ୍ଭ ହେବା ପୂର୍ବରୁ ନିଷ୍ପତ୍ତି ନିଅନ୍ତୁ କ'ଣ ପିନ୍ଧିବେ। ଆପଣଙ୍କ ଆଉଟ୍‌ଫିଟ୍ ଏପରି ହେବା ଦରକାର ଯେପରିକି ଏହା ଅଧିକ ଟାଇଟ୍, ହେଭି ଅବା ପିନ୍ଧିବାବେଳେ କୌଣସି ସମସ୍ୟା ସୃଷ୍ଟି ହେଉ ନ ଥିବ। ଆଉ ସେହି ଆଉଟ୍‌ଫିଟ୍‌ରେ ଯେପରି ଆରାମରେ ଡ୍ୟାନ୍ସ କରିପାରିବେ ସେ କଥାକୁ ମଧ୍ୟ ଧ୍ୟାନରେ ରଖିବେ।

**ଜୁଏଲେରି ସହ କମ୍ପ୍ରୋମାଇଜ୍ କରନ୍ତୁ ନାହିଁ:** ଯଦି ଆପଣ ଭଲ ଡ୍ରେସ୍ ପିନ୍ଧିଛନ୍ତି ତେବେ ଭଲ ଗହଣା ବି ପିନ୍ଧନ୍ତୁ। ଷ୍ଟାଇଲିଶ ଜୁଏଲେରି ପିନ୍ଧି ଲୁକ୍‌କୁ ମଡର୍ନ ରଖନ୍ତୁ। ଯଦି ନିଜକୁ ବୋଲ୍ଡ ଲୁକ୍ ଦେବାକୁ ଚାହୁଁଛନ୍ତି, ତେବେ କୁନ୍ଦନ ବା ପର୍ଲ ସେଟ୍ ଆପଣାଇପାରିବେ।

**ଭଲ ମେକ୍‌ଅପ୍ ନିଅନ୍ତୁ:** ମେହେନ୍ଦି ରସମ୍‌ରେ ଯଦି ଆପଣ ହେଭି ଡ୍ରେସ୍ ସହ ଲାଇଟ୍ ମେକ୍ ଅପ୍ ନିଅନ୍ତି ତେବେ ତାହା ମ୍ୟାଚ୍ କରି ନ ଥାଏ। ମେକ୍‌ଅପ୍ ଡିସେଣ୍ଟ ହେଉ, କିନ୍ତୁ ଡ୍ରେସ୍ ସହ ମ୍ୟାଚିଂ ହେବା ଦରକାର। ମେହେନ୍ଦି ପୂର୍ବରୁ ୱାକ୍ସିଂ କରାନ୍ତୁ। ଏହିଦିନ ୱାଟରପ୍ରୁଫ୍ ମେକ୍‌ଅପ୍ କରାନ୍ତୁ। ଏହାଦ୍ୱାରା ମେକ୍‌ଅପ୍ ଅଧିକ ସମୟ ପର୍ଯ୍ୟନ୍ତ ରହିବ।

**ହେୟାର ଷ୍ଟାଇଲ:** ଆପଣ କେଶକୁ ଖୋଲାରଖନ୍ତୁ ନାହିଁ। ନ ହେଲେ ମେହେନ୍ଦି ଲଗାଇ ସାରିବା ପରେ ଆପଣଙ୍କୁ ଅସୁବିଧା ହେବ। କାରଣ କେଶ ତଳକୁ ଆସିଲେ ଏହାକୁ ଉପରକୁ ନେବା ପାଇଁ ଆପଣଙ୍କୁ ବାରମ୍ବାର ଅନ୍ୟର ସାହାଯ୍ୟ ନେବାକୁ ପଡ଼ିବ। ତେଣୁ ମେହେନ୍ଦି ଲଗାଇବା ପୂର୍ବରୁ କେଶକୁ ଭଲଭାବେ ପିନ୍ ଅପ୍ କରନ୍ତୁ।

# ଗୃହିଣୀଙ୍କ ପାଇଁ...

- ଡିସ୍‌ଇନ୍‌ଫେକ୍ଟେଡ୍ ୱାଇପ୍‌ସରେ ଭ୍ୟାନିଟ୍‌କୁ ୫ ମିନିଟ୍ ପାଇଁ ସଫା କଲେ ତାହା ଭଲଭାବେ ପରିଷ୍କାର ହୋଇଥାଏ।
- କାର୍ପେଟ୍, ଗଦି ଲାଗିଥିବା ଆସବାବପତ୍ର ଏବଂ ମ୍ୟାଟ୍ରେସ୍ ଉପରେ ବେକିଂ ସୋଡା ପକାଇ ୧୫ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ପରେ ଭାକ୍ୟୁମ୍ କ୍ଲିନର ଦ୍ୱାରା ସଫା କଲେ ତାହା ଶୀଘ୍ର ସଫା ହୋଇଥାଏ।
- କିଚେନ୍‌ରେ ଥିବା ଡଷ୍ଟ୍‌ବିନ୍‌କୁ ଲେମ୍ବୁ ଚୋପାରେ ସଫା କରନ୍ତୁ। ଏହାଦ୍ୱାରା ଡଷ୍ଟ୍‌ବିନ୍ ଭଲ ସଫା ହୋଇଥାଏ ଏବଂ ଦୁର୍ଗନ୍ଧ କମ୍ ହୋଇଥାଏ।
- ଘରେ ଡିସ୍ ୱାଶ୍‌ରେ ବାସନକୁସନ ମାଜିବାବେଳେ ପିଲାଙ୍କ ଖେଳଣା ତଥା ଅନ୍ୟ ପ୍ଲାଷ୍ଟିକ୍ ସାମଗ୍ରୀକୁ ମଧ୍ୟ ସଫା କରନ୍ତୁ। ଏହାଦ୍ୱାରା ଅନ୍ୟ ସାମଗ୍ରୀରେ ଥିବା ଅପରିଷ୍କାର କମ୍ ହୋଇଥାଏ ଏବଂ ସମୟ ମଧ୍ୟ ବଞ୍ଚିଥାଏ।
- ମୋବାଇଲ, ରିମୋଟ୍ ଆଦି ସଫା କରିବା ପାଇଁ ଆଲ୍‌କୋହଲ୍ ୱାଇପ୍‌ସ ବ୍ୟବହାର କରନ୍ତୁ।





ଆପଣଙ୍କ ସେବା ଓ ସାମଗ୍ରୀରେ ଯେଉଁ ଗ୍ରାହକ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି ପ୍ରକୃତରେ ସେଇମାନେ ହିଁ ଆପଣଙ୍କ ବ୍ରାଣ୍ଡକୁ ଉନ୍ନତ କରିବାରେ ସାହାଯ୍ୟ କରନ୍ତି।
– ବିଲ୍ ଗେଟ୍ସ,ପ୍ରତିଷ୍ଠାତା, ମାଇକ୍ରୋସଫ୍ଟ



ଯେ ପର୍ଯ୍ୟନ୍ତ ଏକ ସହଜ ଓ ସରଳ ଉପାୟ ନ ବାହାରିଛି ସେ ପର୍ଯ୍ୟନ୍ତ ଚିନ୍ତା କରିବା ପ୍ରକ୍ରିୟା ହେଉଛି ସୃଜନଶୀଳତା।
– ଟିମ୍ କୁକ୍, ସିଇଓ, ଆପଲ୍ ଆଇଏନ୍ସି

## ସଂକ୍ଷେପରେ

### ରିଜୋଲ୍ୟୁଶନ ପ୍ରକ୍ରିୟାକୁ ଆସିବେ ୪୫ ଦେବାଳିଆ କମ୍ପାନୀ

**ନୂଆଦିଲ୍ଲୀ, ୨୪-୯(ପି.ଟି.):** ପାଖାପାଖି ୪୫ଟି ଦେବାଳିଆ କମ୍ପାନୀ ନୂତନ ଇନସଲ୍‌ଭେନ୍ସି ଆଣ୍ଡ୍ ବ୍ୟାଙ୍କରପ୍ସି କୋଡ୍(ଆଇବିସି) ଆଧାରରେ ପୁନଃଉତ୍ଥାନ ବ୍ୟବସ୍ଥାରେ ସାମିଲ ହେବେ। ଫଳରେ ୫ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ଋଣ ଅସୁଲ କରାଯାଇ ପାରିବ। ଏହି କମ୍ପାନୀଗୁଡିକ ଯେତେ ପରିମାଣର ଋଣ କରିଛନ୍ତି ତାହାର ୫୦% ପାଖାପାଖି ଋଣ ଅସୁଲ ହୋଇ ପାରିବ। ଇନ୍‌ସଲଭେନ୍ସି ଆଣ୍ଡ୍ ବ୍ୟାଙ୍କ ରପ୍ସି ବୋର୍ଡ ଅଫ୍ ଇଣ୍ଡିଆ(ଆଇବିବିଆଇ)ର ଅଧ୍ୟକ୍ଷ ମଧୁସୂଦନ ସାହୁ ଏହା କହିଛନ୍ତି। ସେ କହିଛନ୍ତି ୨୦୧୬ ମସିହାରୁ ଆଇବିସି କାର୍ଯ୍ୟକାରୀ ହେବା ପରଠାରୁ ଏଯାଏଁ ପ୍ରାୟ ୧୧୦୦ କମ୍ପାନୀ ରିଜୋଲ୍ୟୁଶନ ପ୍ରକ୍ରିୟାରେ ସାମିଲ ହେବା ପାଇଁ ଆବେଦନ କରିଛନ୍ତି। ସେଥିମଧ୍ୟରୁ ୧୮୦ କମ୍ପାନୀ ଲିକୁଇଡେଶନ ପ୍ରକ୍ରିୟାରେ ଅଛନ୍ତି ବୋଲି ସାହୁ କହିଛନ୍ତି।

### ବ୍ୟାଙ୍କମୁଖ୍ୟମାନଙ୍କ ସହ ଜେଟ୍‌ଲୀଙ୍କ ସମୀକ୍ଷା ବୈଠକ ଆଜି



**ନୂଆଦିଲ୍ଲୀ,୨୪-୯:** କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ ମଙ୍ଗଳବାର ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମୁଖ୍ୟମାନଙ୍କୁ ଏଠାରେ ଭେଟିବେ। ଏହି ବୈଠକରେ ବ୍ୟାଙ୍କମାନଙ୍କର ଆର୍ଥିକ ସମୀକ୍ଷା କରାଯିବ। ବହୁ ପ୍ରସଙ୍ଗରେ ଆଲୋଚନା ହେବାର ଥିଲେ ହେଁ ମୁଖ୍ୟତଃ ଅନାଦାୟ ଋଣ(ଏନ୍‌ପିଏ) ହ୍ରାସ ମୁଖ୍ୟ ପ୍ରସଙ୍ଗ ରହିବ। ଏହାଛଡା ତିନୋଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବ୍ୟାଙ୍କ ଅଫ୍ ବରୋଦା, ବିଜୟା ବ୍ୟାଙ୍କ ଏବଂ ଦେନା ବ୍ୟାଙ୍କକୁ ମିଶାଇ ଦିଆଯିବା ନେଇ ବିକଳ୍ପ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯିବ। ଇତିମଧ୍ୟରେ ବ୍ୟାଙ୍କଗୁଡିକ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ୩୬,୫୫୧ କୋଟି ଟଙ୍କାର ଅନାଦାୟ ଋଣ ଫେରସ୍ତ ପାଇଛନ୍ତି, ଯାହାକି ଗତ ବର୍ଷ ଅପେକ୍ଷା ୪୯ ପ୍ରତିଶତ ଅଧିକ। ୨୦୧୭-୧୮ ଆର୍ଥିକ ବର୍ଷରେ ବ୍ୟାଙ୍କଗୁଡିକ ମୋଟ୍‌ରେ ୭୪,୫୬୨ କୋଟି ଟଙ୍କା ଏନ୍‌ପିଏ ଆଦାୟ କରିସାରିଛନ୍ତି।

### ସେନସେକ୍ସରେ ୫୩୬ ପଏଣ୍ଟ ହ୍ରାସ

**୫ ଦିନରେ ବୁଡିଗଲା ୮.୪୭ ଲକ୍ଷ କୋଟି**



**ମୁମ୍ବାଇ,୨୪-୯:** ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଏବଂ ମାର୍କେଟ ନିୟନ୍ତ୍ରକ ସେବିର ପ୍ରତିଶ୍ରୁତି ସତ୍ତ୍ୱେ ଶେୟାର ମାର୍କେଟ ହ୍ରାସ ଜାରି ରହିଛି। ସୋମବାର ସେନସେକ୍ସ ଏକ ସମୟରେ ୬୦୦ ପଏଣ୍ଟ ହ୍ରାସ ପାଇଥିଲେ ହେଁ ଏହା ଶେଷରେ ୫୩୬.୫୮ ପଏଣ୍ଟ(୧.୪୬%) ଏବଂ ନିଫ୍ଟି ୧୬୮.୨୦ ପଏଣ୍ଟ(୧.୫୧%) ହ୍ରାସ ପାଇ ଯଥାକ୍ରମେ ୩୬,୩୦୫.୦୨ ଏବଂ ୧୦,୯୬୭.୬୫ରେ ବନ୍ଦ ହୋଇଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି, ଟଙ୍କାର ମୂଲ୍ୟ ହ୍ରାସ ପାଇବା, ଅଣବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥାକୁ ନେଇ ଚିନ୍ତା ଓ ଆମେରିକାରେ ଫେଡେରାଲ ରିଜର୍ଭର ଆସନ୍ତା ବୈଠକକୁ ଆଶଙ୍କିତ ନିବେଶକ ଶେୟାର ବିକି ନିଜ ଲାଭ ନେବାକୁ ଅଧିକ ପସନ୍ଦ କରିଥିଲେ। ଅନ୍ୟପକ୍ଷରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଷ୍ଟକ ବଜାରକୁ ଆଶ୍ୱସ୍ତ କରିବାକୁ ଚେଷ୍ଟା କରିଛନ୍ତି। ସେ କହିଛନ୍ତି, ସମସ୍ତ ଅଣବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା ଏବଂ ମ୍ୟୁଚୁଆଲ ଫଣ୍ଡ ପାଇଁ କେନ୍ଦ୍ର ସରକାର ପାଣ୍ଠି ଯୋଗାଇବେ। ଏଥିରେ କୌଣସି ହେଳା ହେବନାହିଁ। ଶୁକ୍ରବାର ସେନସେକ୍ସ ୧୫୦୦ ପଏଣ୍ଟ ଖସିଯିବା ପରେ ସେବି ଓ ଆର୍‌ବିଆଇ କହିଥିଲେ ଯେ, ଏହା ଷ୍ଟକ ମାର୍କେଟର କାରବାର ଉପରେ ନଜର ରଖିଛନ୍ତି। ଆବଶ୍ୟକ ବେଳେ କଡ଼ା ପଦକ୍ଷେପ ନେବେ। ତେବେ ସେମାନଙ୍କ ପ୍ରତିଶ୍ରୁତି ଉପରେ ନିବେଶକଙ୍କ ଭରସା ନ ଥିବା ପରିଲକ୍ଷିତ ହୋଇଛି। ଉଲ୍ଲେଖଥାଉ କି, ସେନସେକ୍ସ କ୍ରମାଗତ ୫ମ ଦିନ ହ୍ରାସ ପାଇଛି। ଇତିମଧ୍ୟରେ ଏହା ପ୍ରାୟ ୧୫୦୦ ପଏଣ୍ଟରୁ ଅଧିକ ଖସି ସାରିଥିବା ବେଳେ ନିବେଶକଙ୍କ ପ୍ରାୟ ୮.୪୭ ଲକ୍ଷ କୋଟି ଟଙ୍କା ବୁଡ଼ିଯାଇଛି।

## ଟଙ୍କାର ଅସ୍ଥିରତା ରୋକିବାକୁ ପ୍ରଥମ ପଦକ୍ଷେପ

# ତେଲ ଆମଦାନୀ କମାଇବେ ବିପଣନ କମ୍ପାନୀ

ନୂଆଦିଲ୍ଲୀ,୨୪-୯



- ବ୍ରେଣ୍ଟ କ୍ରୁଡ୍ ବ୍ୟାରେଲ ପିଛା ୮୦ ଡଲାର ଟପିଲା
- ସର୍ବନିମ୍ନ ସ୍ତରଠାରୁ ୩୦% ବଢ଼ିଛି ତେଲ ଦର
- ଅଗଷ୍ଟରେ ୧୮.୬ ମିଲିୟନ ଟନ ତେଲ ଆମଦାନୀ

ଟଙ୍କାର ମୂଲ୍ୟ ହ୍ରାସ ତଥା ଏଥିରେ ଦେଖାଦେଇଥିବା ଅସ୍ଥିରତାକୁ ରୋକିବା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ପ୍ରଥମ ପଦକ୍ଷେପ ସ୍ୱରୂପ ତେଲ ଆମଦାନୀ କମାଇବା ଲାଗି ନିଷ୍ପତ୍ତି ନିଆଯାଇଛି। ଏନେଇ ଦେଶର ତୈଳ ବିପଣନ କମ୍ପାନୀଗୁଡିକ ଏକ ବୈଠକରେ ବସିଥିଲେ। କେବଳ ଭାରତ ନୁହେଁ ଅନ୍ୟ ବିକାଶଶୀଳ ଦେଶ ମଧ୍ୟ ସମାନ ନିଷ୍ପତ୍ତି ନେବାକୁ ଯାଉଛନ୍ତି। ଏହା ସମ୍ଭବ ହେଲେ ଆଗାମୀ ଦିନରେ ଆନ୍ତର୍ଜାତିକ ବଜାରରେ ତେଲ ଚାହିଦା ଯଥେଷ୍ଟ କମିଯିବ।

ଗୁରୁବାର ଅନ୍ତର୍ଜାତୀୟ ବଜାରରେ ଭାରତ ବ୍ୟବହାର କରୁଥିବା ବ୍ରେଣ୍ଟ କ୍ରୁଡ ତେଲ ଦାମ ବ୍ୟାରେଲ ପିଛା ୮୦ ଡଲାର ଟପିଗଲାଣି। ଏହା ଫେବୃୟାରୀ ୧୩ରେ ସର୍ବନିମ୍ନ ସ୍ତର ଛୁଇଁବା ପରେ ଆଜି ସୁଦ୍ଧା ୩୦ ପ୍ରତିଶତ ବଢ଼ିଛି। ତେବେ ଟଙ୍କା ମୂଲ୍ୟକୁ ହିସାବକୁ ନେଲେ ଏହି ବୃଦ୍ଧିର ପରିମାଣ ୪୬ ପ୍ରତିଶତ ବୋଲି ଧରାଯିବ। ତୈଳ କମ୍ପାନୀଗୁଡିକ ଡଲାର ବିନିମୟରେ ଅଶୋଧିତ ତେଲ କିଣୁଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମୁଣ୍ଡବ୍ୟଥା ବଢ଼ିଯାଇଛି। କାରଣ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ଯୋଗୁ ଦେଶରେ ଏବେ ପେଟ୍ରୋଲ ଓ ଡିଜେଲ ଦର କ୍ରମାଗତ ବଢ଼ିଚାଲିଛି। ଆସନ୍ତା ବର୍ଷ ହେବାକୁ ଯାଉଥିବା ସାଧାରଣ ନିର୍ବାଚନରେ ତେଲ ଦର ବୃଦ୍ଧି ଏକ ମୁଖ୍ୟ ପ୍ରସଙ୍ଗ ହେବାକୁ ଯାଉଥିବାରୁ ଏବଂ ଦେଶର ଚଳନ୍ତି ଜମା ନିଅଣ୍ଟ (ସିଏଡି) ପରିମାଣ ବୃଦ୍ଧିକୁ ରୋକିବା ଲାଗି ଏନ୍‌ଡିଏ ସରକାର ଏବେ ଅଣ୍ଟା ଭିଡିଛନ୍ତି। ଟଙ୍କା ମୂଲ୍ୟକୁ ନିୟନ୍ତ୍ରଣ କରିବା ପାଇଁ ସରକାର ଅନେକ ପଦକ୍ଷେପ ଘୋଷଣା କରିଥିଲେ ହେଁ ଡଲାର ବିନିମୟରେ ଟଙ୍କା ମୂଲ୍ୟ ୭୨ ସ୍ତର ଉପରେ ରହିଛି। ତେଲ ଆମଦାନୀ ବୃଦ୍ଧି ଯୋଗୁ ସିଏଡି ବଢୁଛି। ଏହାମଧ୍ୟ ଟଙ୍କାକୁ ଦୁର୍ବଳ କରୁଛି। ଏହି କାରଣରୁ ଗତ ୧୫ରେ ତୈଳ କମ୍ପାନୀମାନଙ୍କ ମୁଖ୍ୟମାନେ ଏକାଠି ବୈଠକରେ ବସି ସମ୍ଭାବ୍ୟ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଥମ ପଦକ୍ଷେପ ସ୍ୱରୂପ ସ୍ୱଳ୍ପ ଅବଧି ପାଇଁ ବିଦେଶରୁ ତେଲ କିଣିବା ବନ୍ଦ କରିବାକୁ ନିଷ୍ପତ୍ତି ହୋଇଛି। ଏ ସମ୍ପର୍କରେ ସୂଚନା ଦେଇ ଇଣ୍ଡିଆନ ଅଏଲ କର୍ପୋରେଶନର ଅଧ୍ୟକ୍ଷ ସଞ୍ଜୀବ ସିଂହ କହିନ୍ତି ଯେ, ଶନିବାର(ସେପ୍ଟେମ୍ବର ୧୫) ତୈଳ ବିପଣନ କମ୍ପାନୀମାନେ ଏକାଠି ବସି ତୈଳ ଆମଦାନୀ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। ଅଶୋଧିତ ତେଲ ଆମଦାନୀ କମାଇବା ନେଇ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହାଛଡା ଗତ ୩-୪ ମାସ ହେବ ଏସିଆନ ପ୍ରିମିୟମ ବ୍ୟାରେଲ ପିଛା ୩ରୁ ୫ ପ୍ରତିଶତ ବଢ଼ିଯାଇଛି। ତେଲ ଆମଦାନୀ କମାଇବା ନିଷ୍ପତ୍ତି ନେବାରେ ଏହା ମଧ୍ୟ ଆଉ ଏକ କାରଣ ବୋଲି ସେ ଉଲ୍ଲେଖ କରିଛନ୍ତି। ସୂଚନାଥାଉ କି, ଓପେକ୍ ପକ୍ଷରୁ ଏସିଆନ ପ୍ରିମିୟମ ନାମରେ ଏସିଆର ଦେଶଗୁଡିକରୁ ଅତିରିକ୍ତ ଚାର୍ଜ ନିଆଯାଇଥାଏ। ସୂଚନାଥାଉକି, ତୈଳ ବିପଣନ କମ୍ପାନୀମାନେ ମାସକ ପାଇଁ ତେଲ ସାଇତି ରଖନ୍ତି। ଆମଦାନୀ ବନ୍ଦ କରିଦେଲେ ମଧ୍ୟ ଯୋଗାଡ ପ୍ରଭାବିତ ହେବ ନାହିଁ ବୋଲି ମତପ୍ରକାଶ ପାଇଛି। ଉଲ୍ଲେଖଥାଉ କି, ଭାରତ ଅଗଷ୍ଟରେ ୧୮.୬ ମିଲିୟନ ଟନ ତେଲ ଆମଦାନୀ କରିଥିଲା। ଏଥିପାଇଁ ଦେଶକୁ ୯.୮ ବିଲିୟନ ଡଲାର ବ୍ୟୟ କରିବାକୁ ପଡିଥିଲା। ଗତବର୍ଷର ସମାନ ସମୟରେ ଭାରତ ୧୮.୧ ମିଲିୟନ ଟନ ତେଲ ଆମଦାନୀ କରିଥିଲା ଓ ଏଥିପାଇଁ ମାତ୍ର ୬.୪ ବିଲିୟନ ଡଲାର ଖର୍ଚ୍ଚ କରାଯାଇଥିଲା।

### ୯୦ ଟଙ୍କା ଅତିକ୍ରମ କଲା ପେଟ୍ରୋଲ ଦର

**ନୂଆଦିଲ୍ଲୀ, ୨୪-୯(ପିଟି):** ଆଉ ୧୦ ଟଙ୍କା ବଢିଲେ ଦେଶରେ ପେଟ୍ରୋଲ ଦର ୧୦୦ ଟଙ୍କା ଅତିକ୍ରମ କରିଯିବ। ମିଳିଥିବା ସୂଚନା ଅନୁସାରେ ମୁମ୍ବାଇ ସହରରେ ସୋମବାର ପେଟ୍ରୋଲ ଲିଟର ପିଛା ଦର ୯୦ ଟଙ୍କା ଅତିକ୍ରମ କରି ଯାଇଛି। ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ସୋମବାର ପେଟ୍ରୋଲ ଲିଟର ୧୧ ପଇସା ଏବଂ ଡିଜେଲ ଲିଟର ୫ ପଇସା ବୃଦ୍ଧି ପାଇଛି। ଫଳରେ ଏଠାରେ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ(ଆଇଓସି)ର ଫୁଏଲ୍ ଷ୍ଟେଶନରେ ଦର ୯୦ ଟଙ୍କା ୮ ପଇସା ରହିଥିବା ବେଳେ ଏଚ୍‌ପିସିଏଲ୍‌ର ଦର ୯୦ ଟଙ୍କା ୧୭ ପଇସା ରହିଛି। ସେହିଭଳି ବିପିସିଏଲ୍ ପେଟ୍ରୋଲ ଦର ୯୦ ଟଙ୍କା ୧୪ ପଇସା କଷୁଛି। ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ଦର ୮୨ ଟଙ୍କା ୭୨ ପଇସା ଏବଂ ଡିଜେଲ ଦର ୭୪ ଟଙ୍କା ୨ ପଇସା ହୋଇଛି। ସ୍ଥାନୀୟ ସୂଚନା ଅନୁସାରେ ଭୁବନେଶ୍ୱରରେ ପେଟ୍ରୋଲ ଦର ୮୧ ଟଙ୍କା ୫୪ ପଇସା ଏବଂ ଡିଜେଲ ଦର ୭୯ ଟଙ୍କା ୪୩ ପଇସାକୁ ବୃଦ୍ଧି ପାଇଛି।

## ଅଦାଲତରେ ଜବାବ ଦେଲେ ମାଲ୍ୟା

# ଋଣ ଫେରାଇବାକୁ ଚାହୁଁଥିଲି, ଇଡି ରୋକିଲା

ମୁମ୍ବାଇ,୨୪-୯



ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ସମ୍ପତ୍ତି ବାଜ୍ୟାପ୍ତ ମାମଲାରେ ପଳାତକ ମଦ ବ୍ୟବସାୟୀ ବିଜୟ ମାଲ୍ୟା ସୋମବାର ସ୍ଥାନୀୟ ଅଦାଲତରେ ନିଜର ଜବାବ ଉପସ୍ଥାପନ କରିଛନ୍ତି। ସେ ତାଙ୍କର ବକେୟା ଋଣ ଫେରାଇ ଦେବାକୁ ଚାହୁଁଥିଲେ, କିନ୍ତୁ ଇଡି ତାହା କରାଇ ଦେଲେନି ବୋଲି ମାଲ୍ୟା ଅଭିଯୋଗ କରିଛନ୍ତି।

ଇଡିର ଆବେଦନ ଉପରେ ପିଏମ୍‌ଏଲ୍‌ଏ ଅଦାଲତରେ ଶୁଣାଣି ବେଳେ ମାଲ୍ୟା ନିଜର ଓକିଲ ଏମ୍.ଏସ୍ ଆଜମୀଙ୍କ ମାଧ୍ୟମରେ ଜବାବରେ ଦର୍ଶାଇଛନ୍ତି ଯେ, ଗତ ୨-୩ ବର୍ଷ ହେଲା ସେ ବ୍ୟାଙ୍କଗୁଡିକୁ ଋଣ ଫେରାଇବା ଲାଗି ପ୍ରୟାସ କରୁଥିଲେ। ବ୍ୟାଙ୍କକୁ ଟଙ୍କା ଫେରସ୍ତ ଲାଗି ପ୍ରକ୍ରିୟା ଆରମ୍ଭ କରିବା ପରିବର୍ତ୍ତେ ଇଡି ପ୍ରତି ପଦକ୍ଷେପରେ ତାଙ୍କୁ ରୋକିଥିଲା। ଇଡିର ଆବେଦନକୁ ବିରୋଧ କରି ମାଲ୍ୟା କହିଛନ୍ତି ଯେ, ସେ ଲଣ୍ଡନରେ ଚାଲିଥିବା ପ୍ରତ୍ୟର୍ପଣ ମାମଲାରେ ସର୍ବଦା ସହଯୋଗ କରିଆସୁଛନ୍ତି। ଇଡିର ଆବେଦନ ଏବଂ ସମ୍ପତ୍ତି ଜବତ କରିବା ପ୍ରୟାସ ଜନତା ଏବଂ ରାଷ୍ଟ୍ର ହିତକୁ ବିରୁଦ୍ଧାଚରଣ କରୁଛି। ସେ ଭାରତ ଆସିବାକୁ ଚାହୁଁନାହାନ୍ତି ଏହା କହିବା ସମ୍ପୂର୍ଣ୍ଣ ଭୁଲ୍ ହେବ। ଲଣ୍ଡନରେ ରହୁଥିବାରୁ ସେଠାକାର ଆଇନ ଅନୁଯାୟୀ କାର୍ଯ୍ୟ କରୁଥିବା ସେ ଦର୍ଶାଇଛନ୍ତି। ଏଭଳି ସ୍ଥିତିରେ ତାଙ୍କୁ ପଳାତକ ଆର୍ଥିକ ଅପରାଧୀ ଘୋଷଣା କରାଯିବା ଅନୁଚିତ। ଉଲ୍ଲେଖଥାଉକି, ଲଣ୍ଡନରେ ମାଲ୍ୟାଙ୍କ ପ୍ରତ୍ୟର୍ପଣ ମାମଲାର ଶୁଣାଣି ଶେଷ ହୋଇଛି ଏବଂ ଡିସେମ୍ବର ୧୦ରେ ରାୟ ପ୍ରକାଶ ପାଇବ। ସେହିଦିନ ପର୍ଯ୍ୟନ୍ତ ଏହି ମାମଲାକୁ ଟାଳି ଦେବା ଲାଗି ମାଲ୍ୟାଙ୍କ ଓକିଲ ଯୁକ୍ତି ଦର୍ଶାଇଥିଲେ। ଅନ୍ୟପକ୍ଷରେ ଏହି ମାମଲାରେ ଏକାଧିକ ପକ୍ଷଙ୍କ ଆବେଦନ ଉପରେ ଇଡି ତାଙ୍କ ପକ୍ଷ ରଖିଛନ୍ତି। ସୂଚନାଥାଉ କି, ମାଲ୍ୟା ୯ହଜାର କୋଟି ଟଙ୍କାର ଋଣ ନେଇ ପରିଶୋଧ କରିବା ପରିବର୍ତ୍ତେ ଲଣ୍ଡନ ଫେରାର ହୋଇଯାଇଛନ୍ତି। ଦେଶ ତଥା ବିଦେଶରେ ଥିବା ତାଙ୍କର ସମସ୍ତ ଜବତ ସମ୍ପତ୍ତିକୁ ବାଜ୍ୟାପ୍ତ ପାଇଁ ଇଡି ପକ୍ଷରୁ ପିଏମ୍‌ଏଲ୍‌ଏ ଅଦାଲତରେ ଆବେଦନ କରାଯାଇଛି।

# ବଜାରରେ କମୁଛି ନଗଦ

ମୁମ୍ବାଇ,୨୪-୯

**ମେ'ରୁ ହ୍ରାସ ଧାରା ଆରମ୍ଭ**



ବିମୁଦ୍ରୀକରଣ ପରେ ନଗଦ ଅର୍ଥର ପ୍ରବାହ ବହୁଗୁଣିତ ହୋଇଥିଲା। ଯେତିକି ଟଙ୍କା ବ୍ୟାଙ୍କକୁ ଫେରିଥିଲା ତା'ର ୯୯.୯ ପ୍ରତିଶତ ପୁନର୍ବାର ବଜାରରେ ପ୍ରଚଳନ ହୋଇସାରିଥିଲା। ତେବେ ଚଳିତ ବର୍ଷ ମେ'ରୁ ବଜାରରେ ଟଙ୍କାର ପ୍ରବାହ ଧୀରେ ଧୀରେ କମିବାରେ ଲାଗିଛି ବୋଲି ଷ୍ଟେଟ ବ୍ୟାଙ୍କର ରିପୋର୍ଟରେ ପ୍ରକାଶ କରାଯାଇଛି। ତେଲ ଦର ବଢ଼ିବା ଏବଂ ରିଜର୍ଭ ବ୍ୟାଙ୍କ ପକ୍ଷରୁ ବିଦେଶୀ ମୁଦ୍ରା ବଜାରରେ ହସ୍ତକ୍ଷେପ ଯୋଗୁ ଏବେ ବଜାରରେ ନଗଦ ଅର୍ଥର ଅଭାବ ପରିଲକ୍ଷିତ ହେଉଛି। ଏସ୍‌ବିଆଇ ରିସର୍ଚ୍ଚ ରିପୋର୍ଟରେ କୁହାଯାଇଛି ଯେ, ଜାନୁୟାରୀ ୨୦୧୭ରେ ବଜାରରେ ନଗଦ ଅର୍ଥର ପରିମାଣ ୯ଲକ୍ଷ କୋଟି ଟଙ୍କା ଥିବା ବେଳେ ଚଳିତ ବର୍ଷ ସେପ୍ଟେମ୍ବର ୧୪ ତାରିଖ ସୁଦ୍ଧା ଏହା ବଢ଼ି ୧୯.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଯାଇଛି। ତେବେ ଚଳିତ ବର୍ଷ ମେ'ରେ ଏହା ୧୯ରୁ ୧୯.୬ ଲକ୍ଷ କୋଟି ଟଙ୍କା ଥିଲା। ତେଲ ଦର ବଢ଼ିବା କାରଣରୁ ଗ୍ରାମାଞ୍ଚଳର ଲୋକେ ଅଦରକାରୀ ଖର୍ଚ୍ଚକୁ କମାଇବା ଆରମ୍ଭ କରିଛନ୍ତି। ଏହା ପ୍ରଥମ କାରଣ ବୋଲି କୁହାଯାଉଛି। ଦ୍ୱିତୀୟତଃ ଆର୍‌ବିଆଇ ବୈଦେଶିକ ମୁଦ୍ରା ବଜାରରେ ଡଲାର ବିକ୍ରି କରିବାରୁ ଡିଲର/ବ୍ୟାଙ୍କମାନେ ବଜାରରୁ ଟଙ୍କା କାଢ଼ିବା ଆରମ୍ଭ କରିଛନ୍ତି। ଏହା ଦ୍ୱିତୀୟ କାରଣ ହୋଇପାରେ ବୋଲି ରିପୋର୍ଟରେ ଦର୍ଶାଯାଇଛି। ତେବେ ଏହି କାରଣରୁ ବଜାରରେ ନଗଦ ଅର୍ଥ ପ୍ରଚଳନ ଉପରେ ସେଭଳି ପ୍ରଭାବ ପଡିବ ନାହିଁ ବୋଲି ଏଥିରେ କୁହାଯାଇଛି। ଆଉ ଏକ କାରଣ ରହିଛି, ଯାହାକି ବିଶେଷ ଗୁରୁତ୍ୱପୂର୍ଣ୍ଣ ବୋଲି ମନେକରାଯାଉନି। ରିଜର୍ଭ ବ୍ୟାଙ୍କ ଚିରାଫଟା ନୋଟ୍ ବଦଳାଉଥିବାରୁ ନଗଦ ଅର୍ଥର ଅଭାବ ଦେଖିବାକୁ ମିଳୁଛି ବୋଲି ମନେକରାଯାଉଥିବା ରିପୋର୍ଟରେ କୁହାଯାଇଛି।



# ଏସ୍ଏସ୍ଓୟୁକୁ କାର୍ ପ୍ରଦାନ କଲା ଫକ୍ସୱାଗନ

**ପୁଣେ, ୨୪-୯**

ପ୍ରମୁଖ ବିଳାସମୟ କାର୍ ନିର୍ମାତା ଫକ୍ସୱାନ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡେ ସିମ୍ବୋସିସ୍ ସ୍କିଲ୍ ଆଣ୍ଡ୍ ଓପନ ୟୁନିଭର୍ସିଟି (ଏସ୍ଏସ୍ଓୟୁ) ସହିତ ଚୁକ୍ତି ସ୍ୱାକ୍ଷର କରିଛି। ଏହି ଚୁକ୍ତି ଆଧାରରେ ଏସ୍ଏସ୍ଓୟୁର ଅଟୋମୋବାଇଲ୍ ବିଭାଗର ଛାତ୍ରୀଛାତ୍ରଙ୍କ ପାଠପଢା ସୁବିଧା ପାଇଁ କମ୍ପାନୀ ଏହାର ଭେଣ୍ଟୋ ମଡେଲ୍ କାର୍ ପ୍ରଦାନ କରିଛି। ଏହି ଯାନ ଏସ୍ଏସ୍ଓୟୁର ଅଟୋମୋବାଇଲ୍ ଟ୍ରେନିଂ ଲାବୋରେଟୋରିରେ ରଖାଯିବ। ଫକ୍ସୱାଗନର ସଭାପତି ତଥା ପ୍ରବନ୍ଧ ନିର୍ଦ୍ଦେଶକ ଏ. ଲରେମାନ୍ ଏବଂ ଏସ୍ଏସ୍ ଓପନ୍ ୟୁନିଭର୍ସିଟିର ପ୍ରୋ-ଚାନ୍ସେଲର ଡ. ସ୍ୱାତି ମଜୁମଦାର ଏହି ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ସୂଚନା ଅନୁସାରେ ଭାରତରେ କମ୍ପାନୀ ପକ୍ଷରୁ ଫକ୍ସୱାଗନ ଏକାଡେମୀ ପରିଚାଳିତ ହେଉଛି। ମାନୁଫାକ୍ଚରିଂ ଶିଳ୍ପର ବିଭିନ୍ନ କୌଶଳ ଉପରେ ତାଲିମ୍ ପ୍ରଦାନ କ୍ଷେତ୍ରରେ ଏହି ଏକାଡେମୀ କାର୍ଯ୍ୟ କରୁଛି।

### ଫେସବୁକର ଭାରତ ମୁଖ୍ୟ ଅଜିତ ମୋହନ



ନୂଆଦିଲ୍ଲୀ,୨୪-୯

ଷ୍ଟାର ଇଣ୍ଡିଆର ଓଭର ଦି ଟପ୍ ଭିଡିଓ ସେବା ପ୍ରଦାନକାରୀ ହଟ୍‌ଷ୍ଟାରର ସିଇଓ ଅଜିତ ମୋହନଙ୍କୁ ଫେସବୁକ ଭାରତ ପାଇଁ ଭାଇସ ପ୍ରେସିଡେଣ୍ଟ ତଥା ଏମ୍‌ଡି ଭାବେ ନିଯୁକ୍ତ କରିଛି। ଷ୍ଟାର ଇଣ୍ଡିଆ ସିଇଓ ଉଦୟ ଶଙ୍କର ଏଠାରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଏହା ଘୋଷଣା କରିଥିଲେ। ଗତବର୍ଷ ଅକ୍ଟୋବରରେ ଉମଙ୍ଗ ବେଦି ଏମ୍‌ଡି ପଦରୁ ଇସ୍ତଫା ଦେବା ପରେ ଏହି ପଦଟି ଖାଲି ପଡିଥିଲା। ଫେସବୁକ ଭାରତରେ ଏହାର ପରିଚାଳନା ବୋର୍ଡରେ ଆମୂଳଚୂଳ ପରିବର୍ତ୍ତନ କରିବା ପରେ ମୋହନଙ୍କୁ ଭାରତ ପାଇଁ ଭାଇସ ପ୍ରେସିଡେଣ୍ଟ ନିଯୁକ୍ତ କରିବା ବିଶେଷ ଗୁରୁତ୍ୱ ବହନ କରେ। କମ୍ପାନୀ ଭାରତରେ କାରବାର ଉପରେ ବେଶ୍ ଗୁରୁତ୍ୱ ଦେଉଛି। ଫେସବୁକ୍ ଇଙ୍କ୍‌ର ବିଜନେସ ଏବଂ ମାର୍କେଟିଂ ପାର୍ଟନରଶିପ୍ ଭାଇସ ପ୍ରେସିଡେଣ୍ଟ ଡେଭିଡ୍ ଫିସର କହିଛନ୍ତି ଯେ, ଅଜିତଙ୍କ ଅଭିଜ୍ଞତା ଭାରତରେ କମ୍ପାନୀର କାରବାର ବୃଦ୍ଧିରେ ସହାୟକ ହେବ।

# ୧୫% ଅଧିକ ବେଗରେ ଗଡ଼ିବ ଭାରତୀୟ ରେଳ

ନୂଆଦିଲ୍ଲୀ, ୨୪-୯

ଭାରତୀୟ ରେଳପଥ ଏହାର ସମସ୍ତ ନେଟ୍‌ୱର୍କକୁ ବିଦ୍ୟୁତୀକରଣ କରିବ। ଅର୍ଥାତ୍ ଡିଜେଲ ପରିବର୍ତ୍ତେ ସବୁ ଟ୍ରେନ୍ ବିଦ୍ୟୁତ୍‌ରେ ଚାଲିବ। ୨୦୨୧-୨୨ ସୁଦ୍ଧା ଯଦି ଏହା ସମ୍ପୂର୍ଣ୍ଣ ହୋଇଯାଏ ତାହାଲେ ରେଳଗୁଡିକର ଘଣ୍ଟାପ୍ରତି ବେଗ ଆଉ ୧୦ରୁ ୧୫% ବୃଦ୍ଧି ପାଇବ। ରେଳ ବୋର୍ଡ ପକ୍ଷରୁ ଏହା କୁହାଯାଇଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୯ ହଜାର କିଲୋମିଟର ବିଦ୍ୟୁତୀକରଣ ହୋଇସାରିଛି। ୧୩,୦୦୦ କିଲୋମିଟର ରେଳପଥର ବିଦ୍ୟୁତୀକରଣ ପାଇଁ ବୋର୍ଡ ମଞ୍ଜୁରୀ ପ୍ରଦାନ କରିସାରିଥିବା ବେଳେ ଏବେ ଆହୁରି ୨୦,୦୦୦ କିଲୋମିଟର ରେଳପଥରେ ବିଦ୍ୟୁତୀକରଣ ପ୍ରକ୍ରିୟା ଚାଲିଛି। ଭାରତୀୟ ରେଳ ପାଖରେ ବର୍ତ୍ତମାନ ଯେତେ ପରିମାଣରେ ଡିଜେଲ ଇଞ୍ଜିନ ରହିଛି ତାହାକୁ ବିଦ୍ୟୁତ୍‌ଚାଳିତ ଇଞ୍ଜିନ୍‌ରେ ପରିଣତ କରିବାକୁ ହେଲେ ଇଞ୍ଜିନ ପିଛା ପ୍ରାୟ ୨ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଅଧିକାରୀ ଜଣକ କହିଛନ୍ତି।

# ମୋବାଇଲ ଫୋନ୍ ବ୍ୟବହାର: ଭାରତରେ ପୁରୁଷ ଆଗୁଆ

ନୂଆଦିଲ୍ଲୀ, ୨୪-୯(ପି.ଟି.)

**ମାତ୍ର ୧୭.୪% ମହିଳା**



- ଦେଶରେ ମୋବାଇଲ୍ ଉପଭୋକ୍ତା ୯୯ କୋଟି
- ୨.୨୫ କୋଟି ବ୍ୟବହାରକାରୀଙ୍କ ପରିଚୟ ନାହିଁ
- ମୁମ୍ବାଇରେ ୧୧.୮୫% ମହିଳା ଉପଭୋକ୍ତା

ଭାରତରେ ନାରୀମାନଙ୍କ ତୁଳନାରେ ପୁରୁଷମାନେ ଅଧିକ ସଂଖ୍ୟାରେ ମୋବାଇଲ୍ ଫୋନ୍ ବ୍ୟବହାର କରୁଛନ୍ତି। ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ଟେଲିକମ୍ୟୁନିକେଶନ ବିଭାଗ ଯେଉଁ ତଥ୍ୟ ଦେଇଛି ସେଥିରୁ ଜଣାପଡିଛି, ଦେଶରେ ବର୍ତ୍ତମାନ ପ୍ରାୟ ୯୯ କୋଟି ମୋବାଇଲ୍ ଉପଭୋକ୍ତା ଅଛନ୍ତି। ଏଥି ମଧ୍ୟରୁ ମହିଳା ଉପଭୋକ୍ତାଙ୍କ ସଂଖ୍ୟା ମାତ୍ର ୧୭ କୋଟି ୨୪ ଲକ୍ଷ ୨୦ ହଜାର। ଅର୍ଥାତ୍ ମାତ୍ର ୧୭.୪% ମହିଳା ମୋବାଇଲ୍ ବ୍ୟବହାର କରୁଛନ୍ତି। ଅନ୍ୟ ପକ୍ଷରେ ୭୯ କୋଟି ୫୮ ଲକ୍ଷ୯୦ ହଜାର ପୁରୁଷ ଉପଭୋକ୍ତା ଥିବା ବେଳେ ବାକି ୨କୋଟି ୨୫ ଲକ୍ଷ ମୋବାଇଲ୍ ଉପଭୋକ୍ତାଙ୍କ ପରିଚୟ ଜଣାନାହିଁ।

ଏହି ତଥ୍ୟକୁ ଟେଲିକମ୍ ବିଭାଗ ତର୍ଜମାକରି ଜାଣିବାକୁ ପାଇଛି ଯେ, ସବୁଠାରୁ ବ୍ୟସ୍ତବହୁଳ ସହର ତଥା ଦେଶର ଅର୍ଥନୈତିକ ରାଜଧାନୀ ମୁମ୍ବାଇରେ ମାତ୍ର ୧୧.୮୫% ମହିଳା ମୋବାଇଲ୍ ଫୋନ୍ ବ୍ୟବହାର କରନ୍ତି। ଦିଲ୍ଲୀରେ ଏହି ସଂଖ୍ୟା ପ୍ରାୟ ୧୫% ହୋଇଥିବାରୁ ମୁମ୍ବାଇ ତୁଳନାରେ ଏହା ଅଧିକ ବୋଲି ରିପୋର୍ଟରେ କୁହାଯାଇଛି। ଉତ୍ତର ଭାରତରେ ପାଖାପାଖି ୩୧% ମହିଳା ମୋବାଇଲ୍ ବ୍ୟବହାର କରୁଛନ୍ତି। ମୁମ୍ବାଇ ତୁଳନାରେ ଦିଲ୍ଲୀରେ ମହିଳା ମୋବାଇଲ୍ ୟୁଜରଙ୍କ ସଂଖ୍ୟା ଅଧିକ।

ଏ ସମ୍ପର୍କରେ ଟେଲିକମ୍ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ଅନୁସାରେ, ମହିଳାମାନେ ମୋବାଇଲ୍ ବ୍ୟବହାର କରୁଥିଲେ ମଧ୍ୟ ତାହା ସେମାନଙ୍କ ନାମରେ ପଞ୍ଜୀକୃତ ହୋଇନାହିଁ। ତେଣୁ ସେମାନଙ୍କ ସଂଖ୍ୟା ତୁଳନାତ୍ମକ ଭାବେ କମ୍ ରହିଛି। ଅଧିକାଂଶ କ୍ଷେତ୍ରରେ ପରିବାରର ମୁରବିଙ୍କ ନାମରେ ପଞ୍ଜୀକରଣ ହୋଇଥିବାରୁ ମହିଳା ଓ ପିଲାମାନେ ବ୍ୟବହାର କରୁଥିଲେ ମଧ୍ୟ ତାହା ହିସାବରେ ଦର୍ଶାଯାଇ ପାରୁନାହିଁ।

“ଏସିଆ କପ୍‌ରେ ଶ୍ରୀଲଙ୍କା କ୍ରିକେଟ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ନେଇ କ୍ରିକେଟ ବୋର୍ଡ ମୋତେ ଏକାକୀ ଦାୟୀ କରିବା ଠିକ୍ ନୁହେଁ।

–ଆଞ୍ଜେଲୋ ମାଥ୍ୟୁସ, ପୂର୍ବତନ ଶ୍ରୀଲଙ୍କା ଅଧିନାୟକ



“ପାକିସ୍ତାନ କ୍ରିକେଟ ଦଳ ବର୍ତ୍ତମାନ ଭଲ ପ୍ରଦର୍ଶନ କରିପାରୁ ନ ଥିବାର ମୁଖ୍ୟ କାରଣ ହେଉଛି ଘୋର ଆତ୍ମବିଶ୍ୱାସର ଅଭାବ ।

–ମିକି ଆର୍ଥର, ପାକିସ୍ତାନ କୋଚ୍



## ସଂକ୍ଷେପରେ

### ଜୁଭେଣ୍ଟସକୁ ଜିତାଇଲେ ରୋନାଲ୍ଡୋ

**ମିଲାନ,୨୪।୯(ଏପି):** ଚାମ୍ପିୟନ୍ସ ଲିଗ୍ ମ୍ୟାଚ୍‌ରେ ମିଳିଥିବା ରେଡ୍‌କାର୍ଡକୁ ଭୁଲି ଷ୍ଟାର ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋ ସଫଳତାର ସହ ପଡ଼ିଆକୁ ଫେରିଛନ୍ତି। ତାଙ୍କ ପ୍ରତିନିଧିତ୍ୱରେ ଇଟାଲିଆନ କ୍ଲବ ଜୁଭେଣ୍ଟସ ୨-୦ ଗୋଲରେ ଫ୍ରେସିନୋନକୁ ହରାଇ ଦେଇଛି। ପର୍ତ୍ତୁଗୀଜ ଷ୍ଟାର ମ୍ୟାଚ୍‌ର ୮୧ତମ ମିନିଟ୍‌ରେ ଗୋଲ ଦେଇ ଦଳକୁ ୧-୦ ଗୋଲର ଅଗ୍ରଣୀ ଆଣି ଦେଇଥିଲେ। ଚଳିତ ସିଜନରେ ଏହା ତାଙ୍କର ୩ୟ ଗୋଲ। ସେହିଭଳି ଅତିରିକ୍ତ ସମୟରେ ଫେଡେରିକୋ ବେମାର୍ଡେସ୍କି (୯୦+୪) ଜୁଭେଣ୍ଟସ ପାଇଁ ୨ୟ ଗୋଲ ଦେଇଥିଲେ। ଉଲ୍ଲେଖଥାଉ କି, ଗତ ବୁଧବାର ଅନୁଷ୍ଠିତ ଭାଲେନସିଆ ବିପକ୍ଷ ମ୍ୟାଚ୍‌ରେ ରୋନାଲ୍ଡୋଙ୍କ ପ୍ରତିପକ୍ଷ ଦଳର ଖେଳାଳିଙ୍କ ଚୁଟି ଟାଣିବା ଲାଗି ରେଡ୍‌କାର୍ଡ ଦିଆଯାଇଥିଲା। ଚାମ୍ପିୟନ୍ସ ଲିଗ୍ ଇତିହାସରେ ପ୍ରଥମ ଥର ପାଇଁ ରୋନାଲ୍ଡୋଙ୍କୁ ରେଡ୍‌କାର୍ଡ ମିଳିଥିଲା। ରେଫରିଙ୍କ ବିବାଦୀୟ ନିଷ୍ପତ୍ତି ପରେ ୟୁରୋପିଆନ ଫୁଟ୍‌ବଲ ପରିଚାଳକ ସଂସ୍ଥା (ୟୁଫା) ପକ୍ଷରୁ ରେଡ୍‌କାର୍ଡ ପୁନର୍ବିଚାର କରାଯିବ ବୋଲି ଘୋଷଣା ହୋଇଥିଲା।

### ମେସିଙ୍କ ରେକର୍ଡ

**ବାର୍ସିଲୋନା,୨୪।୯:** ଅନ୍ୟତମ ଶ୍ରେଷ୍ଠ ଫୁଟ୍‌ବଲର ଲିଓନେଲ ମେସି ରବିବାର ଏକ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ଅଣ ସ୍ପାନିଶ ଖେଳାଳି ଭାବେ ଲା ଲିଗା ଲିଗ୍‌ରେ ସର୍ବାଧିକ ମ୍ୟାଚ୍ ଖେଳିବାର କୃତିତ୍ୱ ହାସଲ କରିଛନ୍ତି। ଆର୍ଜେଣ୍ଟିନାର ଷ୍ଟାର ଖେଳାଳିଙ୍କ ଗୋଲ ସତ୍ତ୍ୱେ ବାର୍ସିଲୋନା ସମ୍ପୂର୍ଣ୍ଣ ପଏଣ୍ଟ ହାତେଇବାରେ ବିଫଳ ହୋଇଛି। ବାର୍ସିଲୋନା ଓ ଗିରୋନା ମଧ୍ୟରେ ରବିବାର ଖେଳାଯାଇଥିବା ମ୍ୟାଚ୍ ୨-୨ ଗୋଲରେ ବରାବର ରହିଥିଲା। ଲିଗ୍ ସର୍ବାଧିକ ଗୋଲ ସ୍କୋରର ମେସି ନିଜ ଦଳର ପୂର୍ବତନ ସଦସ୍ୟ ଡାନି ଆଲଭେସ(ବ୍ରାଜିଲ)ଙ୍କୁ ଅତିକ୍ରମ କରିଛନ୍ତି। ବାର୍ସିଲୋନା ଦଳ ପକ୍ଷରୁ ମେସି ୧୯ତମ ମିନିଟ୍‌ରେ ଖାତା ଖୋଲିଥିଲେ। ଏହାପରେ କ୍ଲେମେଣ୍ଟ ଲେନଗ୍ଲେଟଙ୍କୁ ରେଡ୍‌କାର୍ଡ ମିଳିଥିଲା। ପ୍ରତିପକ୍ଷ ଦଳ ଲାଗି କ୍ରିଷ୍ଟିଆନ ଟୁଆନି (୪୫ ଓ ୫୧ତମ) ଦୁଇଟି ଗୋଲ ଦେଇଥିଲେ। ଜବାବରେ ଜେରାର୍ଡ ପିକ୍ୟୁ (୬୩ତମ) ଗୋଲ ଦେଇ ମ୍ୟାଚ୍‌କୁ ସମାନ ସ୍ତରକୁ ଆଣିଥିଲେ।

### ୟୁରୋପ ଟିମ୍ ଜିତିଲା ଲାଭର କପ୍

**ଶିକାଗୋ,୨୪।୯:** କିମ୍ବଦନ୍ତୀ ପୁରୁଷ ସିଙ୍ଗଲ୍ସ ଟେନିସ୍ ଖେଳାଳି ରୋଜର ଫେଡେରର ଓ ଆଲେକ୍ସଜାଣ୍ଡର ଜେଭରେଭଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ ୟୁରୋପ ଦଳ ୧୩-୮ ବ୍ୟବଧାନରେ ୱାର୍ଲ୍ଡ ଟିମ୍‌କୁ ହରାଇ ଦେଇଛି। ଫଳରେ କ୍ରମାଗତ ଦ୍ୱିତୀୟ ଥର ଲାଗି ୟୁରୋପ ଦଳ ଲାଭର କପ୍ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛି। ରବିବାର ଖେଳାଯାଇଥିବା ପ୍ରଥମ ସିଙ୍ଗଲ୍ସ ମ୍ୟାଚ୍‌ରେ ଫେଡେରରଙ୍କୁ ଆମେରିକୀୟ ଖେଳାଳି ଜନ ଇସ୍ନର କଡ଼ା ଟକ୍କର ଦେଇଥିଲେ। ଏହାସତ୍ତ୍ୱେ ପୂର୍ବତନ ନଂ ୧ ଖେଳାଳି ୬-୭(୫/୭), ୭-୬(୧୦/୮), ୧୦-୭ ସେଟ୍‌ରେ ମୁକାବିଲାକୁ ଜିତି ନେଇଥିଲେ। ତାଙ୍କ ଭଳି ଜର୍ମାନୀ ଖେଳାଳି ଜେଭରେଭ, କେଭିନ ଆଣ୍ଡରସନଙ୍କୁ ୬-୭(୩/୭), ୭-୫, ୧୦-୭ ସେଟ୍‌ରେ ହରାଇବା ସହ ୟୁରୋପ ଦଳର ଟ୍ରଫି ବଜାୟ ରଖିବା ନିଶ୍ଚିତ କରିଥିଲେ। ଉଲ୍ଲେଖଥାଉ କି, ଏହି ପ୍ରତିଯୋଗିତାର ଡବଲ୍ସ ବିଭାଗରେ ଫେଡେରର ଓ ନୋଭାକ ଜୋକୋଭିଚ୍‌ଙ୍କ ଯୋଡ଼ିକୁ ଆଣ୍ଡରସନ ଓ ଆମେରିକୀୟ ଖେଳାଳି ଜ୍ୟାକ ସକ ହରାଇ ଦେଇଥିଲେ।







ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନ୍‌ଶିପ୍ ପୂର୍ବରୁ ସୋମବାର କଳିଙ୍ଗ ଷ୍ଟାଡ଼ିୟମ୍‌ରେ ଆଥଲେଟଙ୍କ ଅଭ୍ୟାସ।

# ଜାତୀୟ ଓପନ ଆଥଲେଟିକ୍ସ ଆଜିଠାରୁ

**ଭୁବନେଶ୍ୱର, ୨୪।୯(କ୍ରୀଡ଼ା ପ୍ରତିନିଧି)**

- ପର୍ଯ୍ୟାୟକ୍ରମେ ପହଞ୍ଚିଲେ ତାରକା ଆଥଲେଟ୍
- ଅପରାହ୍ନରେ କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ
- ଓଡ଼ିଶାରୁ ଭାଗନେବେ ୧୬ ପ୍ରତିଯୋଗୀ
- ଜଉନା ମୁର୍ମୁ ଓଏନ୍‌ଜିସି ଓ ପୂର୍ଣ୍ଣିମା ହେମ୍ବ୍ରମ ରେଲୱେରୁ ପ୍ରତିନିଧିତ୍ୱ କରିବେ
- ପ୍ରଥମ ଦିବସରେ ୫ ଇଭେଣ୍ଟର ଫାଇନାଲ ଏବଂ ପଦକ ପ୍ରଦାନ ଉତ୍ସବ ହେବ

କଳିଙ୍ଗ ଷ୍ଟାଡିୟମର ଆଥଲେଟିକ୍ସ ଷ୍ଟାଡିୟମ ପୁଣି ଚଳଚଞ୍ଚଳ। ଏଠାରେ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ୫୮ତମ ସଂସ୍କରଣ। ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତା ପାଇଁ ସୋମବାର ଦେଶର ବିଭିନ୍ନ ଭାଗରୁ ଆଥଲେଟ୍‌ମାନେ ପର୍ଯ୍ୟାୟକ୍ରମେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଅନେକ ଆଥଲେଟ୍ ଅପରାହ୍ନରେ କଳିଙ୍ଗ ଷ୍ଟାଡିୟମ ଟ୍ରାକ୍‌ରେ ସେମାନଙ୍କ ପ୍ରସ୍ତୁତିକୁ ଅନ୍ତିମ ରୂପ ଦେଇଛନ୍ତି। ସକାଳ ୭ଟାରେ ପୁରୁଷ ୧୫୦୦ ମିଟର ରେସ୍ ସହ ପ୍ରତିଯୋଗିତା ଆରମ୍ଭ ହେବ। ପ୍ରଥମ ଦିବସରେ ୧୦୦ ମିଟର ମହିଳା ଓ ପୁରୁଷ ପ୍ରିଲିମିନାରୀ ରାଉଣ୍ଡ ସହ ସେମିଫାଇନାଲ ମଧ୍ୟ ଅନୁଷ୍ଠିତ ହେବ। ଏହା ବ୍ୟତୀତ ପୁରୁଷ ଡେକାଥଲନ, ଡିସ୍‌କସ୍ ଥ୍ରୋ, ଶଟ୍‌ପୁଟ୍, ମହିଳା ୪୦୦ ମିଟର, ୧୦୦ ମିଟର ହର୍ଡଲ୍ସ ଆଦି ଡଜନରୁ ଉର୍ଦ୍ଧ୍ୱ ଇଭେଣ୍ଟ ଆୟୋଜିତ ହେବ। ୫ଟି ବିଭାଗର ଫାଇନାଲ ଓ ପଦକ ପ୍ରଦାନ ଉତ୍ସବ ପ୍ରଥମ ଦିବସରେ ଅନୁଷ୍ଠିତ ହେବ। ଏଗୁଡ଼ିକ ହେଲା ମହିଳା ଜାଭେଲିନ ଥ୍ରୋ, ଟ୍ରିପଲ ଜମ୍ପ, ୧୦୦୦୦ ମିଟର ରେସ୍, ପୁରୁଷ ପୋଲ୍ ଭଲ୍ଟ ଓ ୧୦,୦୦୦ ମିଟର ରେସ୍।

ପ୍ରତିଯୋଗିତାରେ ଓଡ଼ିଶାର ୧୬ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଓଡ଼ିଶା ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ସୋମବାର ସ୍ପଷ୍ଟ କରାଯାଇଛି। ଏମାନଙ୍କ ମଧ୍ୟରେ ୫ ମହିଳା ପ୍ରତିଯୋଗୀ ସାମିଲ। ଏମାନଙ୍କ ବ୍ୟତୀତ ଓଡ଼ିଶାର ଅନ୍ୟତମ ତାରକା ଆଥଲେଟ୍ ଜଉନା ମୁର୍ମୁ ଓଏନ୍‌ଜିସି ପକ୍ଷରୁ ପ୍ରତିନିଧିତ୍ୱ କରିବେ। ସେହିପରି ହେପ୍‌ଟାଥଲେଟ୍ ପୂର୍ଣ୍ଣିମା ହେମ୍ବ୍ରମ ମହିଳା ୧୦୦ ମିଟର ହର୍ଡଲ୍ସରେ ଭାଗ୍ୟ ପରୀକ୍ଷା କରିବେ। ସେ ରେଲୱେ ପକ୍ଷରୁ ପ୍ରତିନିଧିତ୍ୱ କରିବେ। “ଏସିଆନ ଗେମ୍ସ ପୂର୍ବରୁ ମୁଁ ହାମ୍‌ଷ୍ଟ୍ରିଙ୍ଗ ଇଞ୍ଜୁରିରେ ଥିଲି। ତେଣୁ ସେଠାରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲି। ଏବେ ମୁଁ ସମ୍ପୂର୍ଣ୍ଣ ଫିଟ୍ ନାହିଁ, ଯନ୍ତ୍ରଣା ଅଛି। ଏଠାରେ ମୁଁ କେବଳ ୧୦୦ ମିଟର ହର୍ଡଲ୍ସରେ ଭାଗନେବି। ଏଥିରେ ଯେତେଦୂର ସମ୍ଭବ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିବି। ତେବେ ଆହତ ସମସ୍ୟା ଯେପରି ବଢ଼ି ନ ଯିବ ତା ଉପରେ ଧ୍ୟାନ ଦେବି, ନଚେତ ଭବିଷ୍ୟତରେ ଅଧିକ ଅସୁବିଧା ହେବାର ସମ୍ଭାବନା ରହିଛି” ବୋଲି ସୋମବାର ଭୁବନେଶ୍ୱରରେ ପହଞ୍ଚିବାପରେ ପୂର୍ଣ୍ଣିମା ପ୍ରକାଶ କରିଛନ୍ତି। ପ୍ରଥମ ଦିବସରେ ହେବାକୁଥିବା ପଦକ ଇଭେଣ୍ଟ ମଧ୍ୟରେ ମହିଳା ୧୦୦୦୦ ମିଟର ଅନ୍ୟତମ। ଏଥିରେ ଭାଗନେବେ ଓଡ଼ିଶାର ସମସାଦ ଆରା ବେଗମ। ତେଣୁ ସ୍ଥାନୀୟ ଖେଳାଳିଭାବେ ପ୍ରଥମ ଦିବସରେ ସମସାଦଙ୍କ ଉପରେ ବିଶେଷ ନଜର ରହିବ। ଏହା ବ୍ୟତୀତ ଜଉନା, ପୂର୍ଣ୍ଣିମା ଏବଂ ଦୀର୍ଘଦିନଧରି ଟ୍ରାକ୍ ବାହାରେ ରହିଥିବା ଧାବକ ଅମିୟ ମଲିକ ମଧ୍ୟ ନଜରରେ ରହିବେ।



ପୂର୍ଣ୍ଣିମା ହେମ୍ବ୍ରମ ଓ ଅମିୟ ମଲିକ।

## କୋରିଆ ଓପନରୁ ଓହରିଲେ କିଡାମ୍ବି

**ସିଓଲ,୨୪।୯(ପି.ଟି.)**

ପୂର୍ବତନ ପୁରୁଷ ସିଙ୍ଗଲ୍ସ କିଡାମ୍ବି ଶ୍ରୀକାନ୍ତ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଥିବା ୬ ଲକ୍ଷ ଡଲାର ପୁରସ୍କାର ରାଶି ବିଶିଷ୍ଟ କୋରିଆ ଓପନ ୱାର୍ଲ୍ଡ ଟୁର ସୁପର ୫୦୦ ଟୁର୍ନାମେଣ୍ଟରୁ ଓହରି ଯାଇଛନ୍ତି। ଦୁଇ ସପ୍ତାହ ମଧ୍ୟରେ କ୍ରମାଗତ ଦୁଇ ଟୁର୍ନାମେଣ୍ଟ ଖେଳିବା କାରଣରୁ ସେ ବିଶ୍ରାମ ନେଇଛନ୍ତି। ଏଥିଯୋଗୁ ଲଣ୍ଡନ ଅଲିମ୍ପିକ୍ ବ୍ରୋଞ୍ଜ ପଦକଧାରୀ ସାଇନା ନେହ୍ୱାଲ ଓ ସମୀର ବର୍ମା ଟୁର୍ନାମେଣ୍ଟରେ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେବେ। ଏସିଆନ୍ ଗେମ୍ସରେ ବ୍ରୋଞ୍ଜ ପଦକ ଜିତିବା ପରେ ସାଇନା ଜାପାନ ଓପନରୁ ଓହରି ଯାଇଥିଲେ। ଚଳିତ ବର୍ଷର ପ୍ରଥମ ଟାଇଟଲ ଲକ୍ଷ୍ୟରେ ଥିବା ବିଶ୍ୱର ୧୦ମ ର୍‍ୟାଙ୍କଧାରୀ ସାଇନା ପ୍ରଥମ ରାଉଣ୍ଡରେ କୋରିଆ କିମ୍ ହ୍ୟୋ ମିନଙ୍କୁ ଭେଟିବେ। ସେହିଭଳି ପୁରୁଷ ସିଙ୍ଗଲ୍ସ ବର୍ଗରେ ସମୀର ଡେନମାର୍କ ଶଟଲର ଆନ୍ଦ୍ରେସ ଆଣ୍ଟୋନସେନଙ୍କ ବିପକ୍ଷରେ ଅଭିଯାନ ଆରମ୍ଭ କରିବେ।

## ସହଜ ବିଜୟ ସହ କ୍ୱାର୍ଟରରେ ତାମିଲନାଡୁ

**କଟକ ଅଫିସ,୨୪।୯**

କଟକରେ ଚାଲିଥିବା ୨୪ତମ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପରେ ସୋମବାର ଗୋଟିଏ ମ୍ୟାଚ୍ ଖେଳାଯାଇଥିଲା । ଏଥିରେ ତାମିଲନାଡୁ ୯-୦ ଗୋଲରେ ମହାରାଷ୍ଟ୍ରକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି । ତାମିଲନାଡୁ ପକ୍ଷରୁ ଫରୱାର୍ଡ ଇନ୍ଦୁମଥୀ ସର୍ବାଧିକ ୫ଟି ଗୋଲ ସ୍କୋର କରିଛନ୍ତି । ସେ ୩୦ତମ, ୪୧ତମ, ୫୫ତମ, ୬୩ତମ, ୬୯ତମ ମିନିଟରେ ଏହି ଗୋଲ ଦେଇଥିଲେ । ଆଉ ସୁମିତ୍ରା ୪୯ତମ, ୬୮ତମ ମିନିଟରେ ୨ଟି ଗୋଲ ଦେଇଥିବା ବେଳେ ଏମ. ନନ୍ଦିନୀ ୫୧ତମ ମିନିଟରେ ଗୋଟିଏ ଗୋଲ ଦେଇଛନ୍ତି । ମଙ୍ଗଳବାର ପ୍ରତିଯୋଗିତାର ଅନ୍ତିମ ଦୁଇଟି ଲିଗ ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ । ବର୍ତ୍ତମାନ ସୁଦ୍ଧା ଘରୋଇ ଓଡ଼ିଶା ଦଳକୁ ମିଶାଇ ରେଲୱେ, ବେଙ୍ଗଲ, ଦିଲ୍ଲୀ, ମଣିପୁର, ତାମିଲନାଡୁ, ହରିୟାଣା କ୍ୱାର୍ଟରରେ ସ୍ଥାନ ସୁରକ୍ଷିତ କରିଛନ୍ତି ।

## ଚାଣ୍ଡିମଲଙ୍କୁ ଦିନିକିଆ ଦଳର ନେତୃତ୍ୱ

**କଲମ୍ବୋ,୨୪।୯**

ଚଳିତ ଏସିଆ କପ୍‌ରେ ପ୍ରାରମ୍ଭିକ ପର୍ଯ୍ୟାୟରୁ ବିଦାୟ ନେବା ପରେ ଶ୍ରୀଲଙ୍କା ଦଳରେ ବଡ଼ ଧରଣର ପରିବର୍ତ୍ତନ ହୋଇଛି। ଶ୍ରୀଲଙ୍କା ଜାତୀୟ ଚୟନକର୍ତ୍ତା ଦିନେଶ ଚାଣ୍ଡିମଲଙ୍କୁ ଦିନିକିଆ ଦଳର ଅଧିନାୟକ ଘୋଷଣା କରିଛନ୍ତି। ଏସିଆ କପ୍‌ରେ ଦଳର ନେତୃତ୍ୱ ନେଇଥିବା ଆଞ୍ଜେଲୋ ମାଥ୍ୟୁସଙ୍କୁ ପଦରୁ ବହିଷ୍କୃତ କରାଯାଇଛି। ଶ୍ରୀଲଙ୍କା କ୍ରିକେଟ ପକ୍ଷରୁ ପ୍ରକାଶ କରାଯାଇଥିବା ବିଜ୍ଞପ୍ତିରେ କୁହାଯାଇଛି, ଜାତୀୟ ଚୟନକର୍ତ୍ତା ଦିନେଶ ଚାଣ୍ଡିମଲଙ୍କୁ ଦିନିକିଆ ଦଳର ନେତୃତ୍ୱ ଦେବା ଲାଗି ରବିବାର ନିଷ୍ପତ୍ତି ନେଇଥିଲେ। ସେ ଇଂଲଣ୍ଡ ସିରିଜ୍‌ରେ ଦଳର ନେତୃତ୍ୱ ନେବେ। ସେମାନେ ମାଥ୍ୟୁସଙ୍କୁ ପଦ ଛାଡ଼ିବା ଲାଗି ନିବେଦନ କରିଥିଲେ। ଫଳରେ ଟେଷ୍ଟ ଅଧିନାୟକ ଚଣ୍ଡିମାଲ ସମସ୍ତ ଫର୍ମାଟରେ ଦଳର ନେତୃତ୍ୱ ନେବେ। ସେ ପୂର୍ବରୁ ୭ ଦିନିକିଆ ଅଧିନାୟକ ଦାୟିତ୍ୱ ତୁଲାଇଥିଲେ। ସେଥି ମଧ୍ୟରୁ ଦଳ ୫ ବିଜୟ ହାସଲ କରିଛି। ଅନ୍ୟପକ୍ଷରେ ଚଳିତ ବର୍ଷ ଜାନୁୟାରୀରେ ମାଥ୍ୟୁସଙ୍କୁ ପୁଣି ଥରେ ଅଧିନାୟକ ପଦରେ ନିଯୁକ୍ତ କରାଯାଇଥିଲା। ତାଙ୍କ ନେତୃତ୍ୱରେ ଶ୍ରୀଲଙ୍କା ମୋଟ ୧୦୬ ଦିନିକିଆ ଖେଳିଥିବାବେଳେ ୪୯ ବିଜୟ ଓ ୫୧ ପରାଜୟ ରେକର୍ଡ ରହିଛି। ଉଲ୍ଲେଖଥାଉ କି, ବାଂଲାଦେଶ ଓ ଆଫଗାନିସ୍ତାନଠାରୁ ଦଳ ପରାଜିତ ହେବା ପରେ ମାଥ୍ୟୁସଙ୍କୁ ପ୍ରବଳ ସମାଲୋଚିତ ହେବାକୁ ପଡ଼ିଥିଲା। ପଦ ତ୍ୟାଗ କରିବା ସମ୍ପର୍କରେ ମାଥ୍ୟୁସ ଲେଖିଛନ୍ତି, ଦଳର ପରାଜୟରେ ମୁଁ ମଧ୍ୟ ଦୋଷୀ। ମାତ୍ର ଏଥିନେଇ ମୁଁ ଏକମାତ୍ର ଦାୟୀ ନୁହେଁ। ପରାଜୟ ଲାଗି ମୋତେ ଦାୟୀ କରାଯାଉଥିବାରୁ ମୁଁ ଦୁଃଖିତ। କିନ୍ତୁ ଚୟନକର୍ତ୍ତା ଓ ମୁଖ୍ୟ କୋଚ୍‌ଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇ ପଦତ୍ୟାଗ କରୁଛି।

## ଭିନେଶଙ୍କ ସ୍ଥାନରେ ରିତୁ, ପିଙ୍କି ଫେରିଲେ

**ନୂଆଦିଲ୍ଲୀ, ୨୪।୯ (ପି.ଟି.)**

ଭିନେଶ ଫୋଗଟ୍ ଆଘାତପ୍ରାପ୍ତ ହୋଇପଡ଼ିବାରୁ ବିଶ୍ୱ କୁସ୍ତି ଚାମ୍ପିୟନଶିପ୍ ପାଇଁ ୫୦ କେଜି କାଟେଗୋରିରେ ତାଙ୍କ ସ୍ଥାନରେ ରିତୁ ଫୋଗଟଙ୍କୁ ଭାରତୀୟ ଦଳରେ ନିଆଯାଇଛି। ଭାରତୀୟ କୁସ୍ତି ମହାସଂଘ(ଡବ୍ଲ୍ୟୁଏଫ୍‌ଆଇ) ତରଫରୁ ସୋମବାର ଏହି ସୂଚନା ପ୍ରଦାନ କରାଯାଇଛି। ଶୁକ୍ରବାର ଅଭ୍ୟାସ ବେଳେ ପଦକ ଫେଭରାଇଟ୍ ଭିନେଶଙ୍କ କହୁଣିରେ ଆଘାତ ଲାଗିଛି। ନିକଟରେ ପ୍ରଥମ ପସନ୍ଦ ପିଙ୍କି ରି-ଟ୍ରାଏଲରେ ଅଂଶଗ୍ରହଣ କରିବା ଲାଗି ରାଜି ନ ହେବାରୁ ଡବ୍ଲ୍ୟୁଏଫ୍‌ଆଇ ୫୩ କେଜି ପାଇଁ ରିତୁଙ୍କୁ ମନୋନୀତ କରିଥିଲା। ମାତ୍ର ଏବେ ଦୃଶ୍ୟପଟର ପରିବର୍ତ୍ତନ ଘଟିଛି। ଡବ୍ଲ୍ୟୁଏଫ୍‌ଆଇ ଆଗରେ କୌଣସି ବିକଳ୍ପ ନ ଥିବାରୁ ରିତୁଙ୍କୁ ତାଙ୍କ ପ୍ରକୃତ ୱେଟ୍ କାଟେଗୋରି ୫୦କେଜି ପାଇଁ ମନୋନୀତ କରାଯାଇଛି। ଫଳସ୍ୱରୂପ ପିଙ୍କି ଆଉ ସମ୍ମାନଜନକ ୟୁନାଇଟେଡ୍ ୱାର୍ଲ୍ଡ ରେସ୍‌ଲିଂ ଇଭେଣ୍ଟ ମିସ୍ କରିବେ ନାହିଁ। ସେ ବର୍ତ୍ତମାନ ୫୩ କେଜି ଶ୍ରେଣୀରେ ଭାଗନେବେ। ଡବ୍ଲ୍ୟୁଏଫ୍‌ଆଇ ଆସିଷ୍ଟାଣ୍ଟ ସେକ୍ରେଟାରୀ ବିନୋଦ ତୋମାର କହିଛନ୍ତି ବର୍ତ୍ତମାନର ପରିସ୍ଥିତି ଅନୁସାରେ ଆମେ ରିତୁଙ୍କୁ ୫୦ କେଜିରେ ଭାଗ ନେବାଲାଗି କହିଛୁ। ଭିନେଶ ଦୁର୍ଭାଗ୍ୟଜନକ ଭାବେ ଆଘାତପ୍ରାପ୍ତ ହୋଇଛନ୍ତି। ତାଙ୍କର ଅନୁପସ୍ଥିତି ଆମେ ଅନୁଭବ କରିବୁ। ୫୩ କେଜି ଶ୍ରେଣୀରେ ପିଙ୍କି ପ୍ରତିନିଧିତ୍ୱ କରିବେ।

**ବିଶ୍ୱ କୁସ୍ତି ଚାମ୍ପିୟନ୍‌ଶିପ୍**

ଗତବର୍ଷ ରିତୁ ପୋଲାଣ୍ଡରେ ଅନୁଷ୍ଠିତ ୨୩ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ଏକ ରୌପ୍ୟ ଜିତିଥିଲେ। ତୁର୍କୀରୁ ବିମାନ ଆସିବାରେ ବିଳମ୍ବ ହେବାରୁ ଉଭୟ ରିତୁ ଓ ତାଙ୍କ ଭଉଣୀ ସଙ୍ଗୀତା ଏସିଆନ ଗେମ୍ସ ଟ୍ରାଏଲରେ ଭାଗ ନେଇ ପାରି ନ ଥିଲେ। ରିତୁ ଓ ଭିନେଶ ହେଉଛନ୍ତି ୫୦କେଜି କାଟେଗୋରିରେ ଦେଶର ଶ୍ରେଷ୍ଠ ରେସ୍‌ଲର। ଭିନେଶ ଚଳିତ ବର୍ଷ ଗୋଲ୍ଡକୋଷ୍ଟ ଏବଂ ଜାକର୍ତ୍ତା ଓ ପାଲେମବାଙ୍ଗଠାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ବିଶ୍ୱ ଚାମ୍ପିୟନଶିପ୍ ଅକ୍ଟୋବର ୨୦ରୁ ୨୮ ପର୍ଯ୍ୟନ୍ତ ହଙ୍ଗେରୀର ବୁଦାପେଷ୍ଟଠାରେ ଅନୁଷ୍ଠିତ ହେବ।



ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ଦଳ।

## ଜାତୀୟ ଶକ୍ତି ଉତ୍ତୋଳନରେ ଭାଗନେବ ଓଡ଼ିଶା

**ଭୁବନେଶ୍ୱର, ୨୪।୯(ସ୍ପୋର୍ଟ୍ସ ବ୍ୟୁରୋ)**

ଉତ୍ତରପ୍ରଦେଶର ଲକ୍ଷ୍ନୌଠାରେ ଆସନ୍ତା ୨୯ରୁ ଅନ୍‌ଇକ୍ୟୁପଟ ବିଭାଗର ଶକ୍ତିଉତ୍ତୋଳନ ପ୍ରତିଯୋଗିତା (ମହିଳା/ପୁରୁଷ) ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ଦଳ ଅଂଶଗ୍ରହଣ କରିବ। ସବ୍‌ଜୁନିୟର ବିଭାରେ ଓଡ଼ିଶାର ଦେବାଶିଷ ଦେ, ଅଭିଷେକ ମହାନ୍ତି ଓ ଶିବମ ମହାନ୍ତି ଭାଗନେବେ। ସେହିଭଳି ରଞ୍ଜନ ହାଁସଦା, ବିଶ୍ୱଜିତ୍ ଜେନା, ସୁଦାମ ସିଂ, ଆଶିଷ କୁମାର ବେଜ୍, ଶରତ ନାଏକ, ଦିନେଶ ଚନ୍ଦ୍ର ସାହୁ ଓ ଦୁଷ୍ମନ୍ତ ସାହୁ ଜୁନିୟର ବାଳକରେ ଏବଂ ସୀମାରାଣୀ ସିଂ, ଭାରତୀ ପାତ୍ର, ଲକ୍ଷ୍ମୀମଣି ସିଂ, ରୂପାଲି ପଲେଇ, ଦେବୀ ସିଂ, ଧନମଣି ଟୁଡୁ, ବନ୍ଦିତା ଟୁଙ୍ଗ୍ ଓ ପଦ୍ମାବତୀ ସିଂ ଜୁନିୟର ବାଳିକାରେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଅପରପକ୍ଷରେ ପୁରୁଷ ସିନିୟରରେ ସୋନୁ ସାହୁ, ବସନ୍ତ ମାଲେକା, ବିଚିତ୍ର ନାୟକ, ମନୋଜ କୁମାର ସାହୁ, ରାକେଶ କୁମାର ଶତପଥୀ, ଦୀପକ କୁମାର ନାୟକ, ସୌମ୍ୟରଞ୍ଜନ ସାହୁ, ତିରନଦୀପ୍ ସିଂ ଓ ସନ୍ତୋଷ କୁମାର ବାରିକ ଏବଂ ସିନିୟର ମହିଳାରେ ଲକ୍ଷ୍ମୀମଣି ସିଂ, ରୂପାଲି ପଲେଇ, ଦେବୀ ସିଂ, ଅନୁପମା ସ୍ୱାଇଁ, ଚନ୍ଦ୍ରବଦନୀ ମହନ୍ତ, ସଙ୍ଗୀତା ସିଂ ଓ ସଯୁକ୍ତା ସାହୁ ରାଜ୍ୟ ଦଳରେ ସ୍ଥାନ ପାଇଛନ୍ତି। ସେହିପରି ସୁଜିତ କୁମାର ଗିରି, ବିଟିଭି ରାମଣାମୂର୍ତ୍ତୀ, ପ୍ରଫୁଲ୍ଲ କୁମାର ଅମଲତ୍ୟା, ନାରାୟଣ ସେଠୀ, ଭାସ୍କର ବେହେରା ଓ ରାଜେନ୍ଦ୍ର ପରିଡ଼ା ମାଷ୍ଟର୍ସ ବର୍ଗରେ ଓଡ଼ିଶାରୁ ଭାଗନେବେ।

ଏହି ପ୍ରତିଯୋଗିତାରେ ସଞ୍ଜୟ କୁମାର ନାୟକ, ସତ୍ୟବ୍ରତ ବେହେରା, ସନ୍ତୋଷ କୁମାର ବାରିକ ଓ ସଂଗ୍ରାମ କେଶରୀ ବେହେରା ଓଡ଼ିଶା ଦଳର କୋଚ୍ ଓ ମ୍ୟାନେଜର ଭାବେ ଗସ୍ତ କରିଛନ୍ତି। ଓଡ଼ିଶାର ଖେଳାଳି ଓ ଅଫିସିଆଲଙ୍କୁ ସଂଘର ସଭାପତି ତଥା ଏମ୍‌ପି କଳିକେଶ ନାରାୟଣ ସିଂଦେଓ, ଉପସଭାପତି ଡ. ହରିପ୍ରସାଦ ପଟ୍ଟନାୟକ, କୋଷାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ସଂଘର ଉପି ସଦସ୍ୟ ନବକୁମାର ସାହୁ ଓ ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ ଶୁଭେଚ୍ଛା ଜଣାଇଛନ୍ତି।

ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ କ୍ରିକେଟ ସିରିଜ କ୍ଷତିପୂରଣ ବିବାଦ ଆପୋସ ଆଲୋଚନା ମାଧ୍ୟମରେ ସମାଧାନ ହେବ।
—ଏହେସାନ ମନି, ପାକିସ୍ତାନ କ୍ରିକେଟ ବୋର୍ଡ ନୂଆ ମୁଖ୍ୟ



ମ୍ୟାନେଜର ଜୋସ୍ ମୋରିନୋଙ୍କ ରକ୍ଷଣାତ୍ମକ ନୀତି ଯୋଗୁ ଆମ ଦଳ ଓଲଭରହାମ୍ପଟନ ୱାଣ୍ଡରର୍ସ ବିପକ୍ଷ ମ୍ୟାଚ ଡ୍ର'ରଖିଥିଲା ।
—ପଲ୍ ପୋଗ୍‌ବା, ମାଞ୍ଚେଷ୍ଟର ୟୁନାଇଟେଡ ଷ୍ଟାର ଖେଳାଳି



## ସଂକ୍ଷେପରେ

### ଈଶାନ କିଶାନଙ୍କ ବିସ୍ଫୋରକ ଶତକ

**ଚେନ୍ନାଇ,୨୪।୯:** ଝାଡ଼ଖଣ୍ଡ ବ୍ୟାଟ୍ସମ୍ୟାନ ଈଶାନ କିଶାନ ସୋମବାର ଖେଳାଯାଇଥିବା ଚଳିତ ବିଜୟ ହଜାରେ ଟ୍ରଫି ଦିନିକିଆ ଟୁର୍ଣ୍ଣାମେଣ୍ଟର ଏକ ମ୍ୟାଚ୍‌ରେ ବିସ୍ଫୋରକ ଶତକ ମାରିଛନ୍ତି। ଏଥିଯୋଗୁ ଆସାମ ପକ୍ଷରୁ ଧାର୍ଯ୍ୟ ୨୨୩ ରନ୍‌ର ବିଜୟ ଲକ୍ଷ୍ୟକୁ ଝାଡ଼ଖଣ୍ଡ ଦଳ ୧୯ ଓଭର୍ ପୂର୍ବରୁ ଓ ହାତରେ ୮ ଉଇକେଟ ରଖି ହାସଲ କରିନେଇଛି। ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଆସାମ ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ ହରାଇ ୨୨୨ ରନ୍ କରିଥିଲା। ଦଳ ପକ୍ଷରୁ ଶିବଶଙ୍କର ରାୟ୍ ୪୬, ୱାସିର ରେହମାନ ୪୩ ଓ ରୋମାରିଓ ଶର୍ମା ୪୨ ରନ୍ କରିଥିଲେ। ବୋଲିଂରେ ଝାଡ଼ଖଣ୍ଡ ପାଇଁ ଶାହବାଜ ନଦୀମ ୩ ଓ ଅନୁକୂଳ ରାୟ୍ ୨ ଉଇକେଟ ନେଇଥିଲେ। ଜବାବରେ ବ୍ୟାଟିଂ ଆରମ୍ଭରୁ କିଶାନ ବିସ୍ଫୋରକ ବ୍ୟାଟିଂ କରିଥିଲେ। ସେ ୯୧ ବଲର ସମ୍ମୁଖୀନ ହୋଇ ୧୩୯ ରନ୍ କରିଥିଲେ। ତାଙ୍କର ଏହି ଇନିଂସ୍‌ରେ ୯ ଛକା ଓ ୧୨ ଚୌକା ସାମିଲ ଥିଲା। କିଶାନ ଦଳର ଅନ୍ୟତମ ଓପନର ଆନନ୍ଦ ସିଂ(୫୮)ଙ୍କ ସହ ମିଶି ଦଳୀୟ ସ୍କୋରକୁ ୨୫ ଓଭର୍‌ରେ ୨୦୦ ରନ୍‌ରେ ପହଞ୍ଚାଇ ଦେଇଥିଲେ। ଏଥିଯୋଗୁ ଝାଡ଼ଖଣ୍ଡ ୩୧ତମ ଓଭର୍‌ରେ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା।

### ଶେହଜାଦଙ୍କୁ ପ୍ରଲୋଭିତ କରାଯାଇଥିଲା



**ଦୁବାଇ, ୨୪।୯ (ପି.ଟି.):** ଆସନ୍ତା ଆଫଗାନ ଟି୨୦ ପ୍ରିମିୟର ଲିଗ୍‌ରେ ଏକ ସ୍ପଟ ଫିକ୍ସିଂ ପାଇଁ ଆଫଗାନିସ୍ତାନ ଉଇକେଟକିପର ବ୍ୟାଟ୍ସମ୍ୟାନ ମହମ୍ମଦ ଶେହଜାଦ ପ୍ରଲୋଭନର ଶିକାର ହୋଇଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ଶେହଜାଦ ବର୍ତ୍ତମାନ ଏସିଆ କପ୍ ଖେଳୁଛନ୍ତି। ଏ ବିଷୟ ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍ସିଲ (ଆଇସିସି)ର ଦୁର୍ନୀତି ନିବାରଣ ୟୁନିଟ୍ (ଏସିୟୁ)ର ନଜରକୁ ଆସିବା ପୂର୍ବରୁ ଆଫଗାନ ଖେଳାଳି ଟିମ୍ ମ୍ୟାନେଜମେଣ୍ଟକୁ ଅବଗତ କରାଇ ଦେଇଥିଲେ। ଆଫଗାନ ପ୍ରିମିୟର ଟି୨୦ ଲିଗ୍ ଅକ୍ଟୋବର ୫ରୁ ୨୩ ପର୍ଯ୍ୟନ୍ତ ହେବ। ଏସିଆ କପ୍ ବେଳେ ଶେହଜାଦଙ୍କୁ ଆପ୍ରୋଚ କରାଯାଇଥିବା ଆଇସିସିର ଜଣେ ଅଫିସିଆଲ ୱେବ୍‌ସାଇଟ୍‌ରେ ପ୍ରକାଶ କରିଛନ୍ତି। ଶେହଜାଦ ଉପଯୁକ୍ତ ମାଧ୍ୟମ ଜରିଆରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦୁର୍ନୀତି ନିବାରଣ ୟୁନିଟ୍ ଏହାର ତଦନ୍ତ କରିବ। ଶେହଜାଦ ହେଉଛନ୍ତି ଆଫଗାନିସ୍ତାନ କ୍ରିକେଟ ଦଳର ଜଣେ ପ୍ରମୁଖ ଖେଳାଳି। ଇତିମଧ୍ୟରେ ସେ ୭୫ ଅନ୍ତର୍ଜାତୀୟ ଦିନିକିଆ ଓ ୬୫ ଟି୨୦ ଖେଳି ସାରିଛନ୍ତି। ତାଙ୍କ ଦେଶ ଜୁନ୍‌ରେ ଭାରତ ବିପକ୍ଷରେ ଏକମାତ୍ର ଟେଷ୍ଟ ମ୍ୟାଚରେ ମଧ୍ୟ ଖେଳିଛନ୍ତି। ଏଠାରେ ଏକ ଇଭେଣ୍ଟରେ ଯୋଗଦାନପୂର୍ବକ ଆଇସିସି ଦୁର୍ନୀତି ନିବାରଣ ମୁଖ୍ୟ ଆଲେକ୍ସ ମାର୍ଶାଲ କହିଛନ୍ତି ଗତ ୧୨ ମାସ ମଧ୍ୟରେ ୫ ଅନ୍ତର୍ଜାତୀୟ ଅଧିନାୟକଙ୍କୁ ଆପ୍ରୋଚ କରାଯାଇଛି। ସେମାନଙ୍କ ମଧ୍ୟରୁ ୪ ଜଣ ହେଉଛନ୍ତି ଟେଷ୍ଟ ଖେଳୁଥିବା ଦେଶର।

# ମିଡିଲ ଅର୍ଡର ଉପରେ ନଜର

**ଦୁବାଇ, ୨୪।୯(ପି.ଟି.)**

ଏସିଆ କପ୍ ସୁପର୍ ଫୋର୍ ପର୍ଯ୍ୟାୟର ଏକ ମୁକାବିଲାରେ ଭାରତୀୟ କ୍ରିକେଟ ଦଳ ମଙ୍ଗଳବାର ଆଫଗାନିସ୍ତାନକୁ ଭେଟିବ। କ୍ରମାଗତ ୨ଟି ମ୍ୟାଚ୍ ଜିତି ଫାଇନାଲରେ ସ୍ଥାନ ପକ୍କା କରିସାରିଥିବାରୁ ରୋହିତ୍ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ପାଇଁ ସୁପର୍ ଫୋର୍‌ର ଏହି ଅନ୍ତିମ ମ୍ୟାଚ୍ ଗୁରୁତ୍ୱହୀନ ହୋଇପଡ଼ିଛି। କିନ୍ତୁ ଫାଇନାଲ ପୂର୍ବରୁ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନଙ୍କ ପରୀକ୍ଷା ଲାଗି ଏହି ମ୍ୟାଚ୍ ସହାୟକ ହେବ ବୋଲି ଆଶା କରାଯାଉଛି। ଅପରପକ୍ଷରେ ଲିଗ୍ ପର୍ଯ୍ୟାୟରେ ଶ୍ରୀଲଙ୍କା ଓ ବାଂଲାଦେଶ ପରି ଶକ୍ତିଶାଳୀ ଦଳକୁ ଚକ୍‌ମା ଦେଖାଇଥିବା ଆଫଗାନିସ୍ତାନ କିନ୍ତୁ ସୁପର୍ ଫୋର୍‌ରେ ସେହି ପ୍ରଦର୍ଶନକୁ ଦୋହରାଇବାରେ ବିଫଳ ହୋଇଥିଲା। ସୁପର ଫୋର୍‌ରେ ପାକିସ୍ତାନ ଓ ବାଂଲାଦେଶଠାରୁ ହାରି ଫାଇନାଲ ଦୌଡ଼ରୁ ବାଦ୍ ପଡ଼ିସାରିଥିଲେ ମଧ୍ୟ ଭାରତ ବିପକ୍ଷରେ ଫଳାଫଳ ଓଲଟ ପାଲଟ କରିବା ଲକ୍ଷ୍ୟରେ ରହିଛି ଆଫଗାନିସ୍ତାନ।

ଭାରତୀୟ ଦଳ ଏସିଆ କପର ପ୍ରଥମ ମୁକାବିଲାରେ ହଂକଂ ବିପକ୍ଷରେ କଡ଼ା ମୁକାବିଲାର ସମ୍ମୁଖୀନ ହୋଇଥିଲେ ମଧ୍ୟ ଏହାପରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଦୁଇଥର ଏବଂ ବାଂଲାଦେଶକୁ ହରାଇ ଶୁକ୍ରବାର ହେବାକୁ ଥିବା ଫାଇନାଲ ମ୍ୟାଚ୍‌ରେ ସ୍ଥାନ ପକ୍କା କରିସାରିଛି। ଦୁଇ ଓପନର ଶିଖର ଧାୱନ (୩୨୭ ରନ) ଓ ଅଧିନାୟକ ରୋହିତ୍ ଶର୍ମା (୨୬୯ ରନ) ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରି ଦଳକୁ ଫାଇନାଲରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ପ୍ରତିଯୋଗିତାରେ ଭାରତୀୟ ମିଡିଲ ଅର୍ଡର (ମହେନ୍ଦ୍ର ସିଂ ଧୋନୀ, କେଦାର ଯାଦବ ଓ ଦୀନେଶ କାର୍ତ୍ତିକ)ଙ୍କୁ ସେହିଭଳିଆ ବ୍ୟାଟିଂ ସୁଯୋଗ ମିଳିନାହିଁ। ତେଣୁ ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍ ଭାରତୀୟ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନଙ୍କ ପାଇଁ ଭଲ ଅଭ୍ୟାସ ସଦୃଶ ହେବ। ଚଳିତ ଏସିଆ କପ୍‌ରେ ରୋହିତ୍ ଓ ଧାୱନ ବର୍ତ୍ତମାନ ସୁଦ୍ଧା ଯଥାକ୍ରମେ ୨୮୪ ଓ ୩୨୧ଟି ବଲ୍ ସାମ୍ନା କରିଥିବାବେଳେ ଅମ୍ବାତି ରାୟୁଡୁ (୧୬୨) ୩ୟ ସ୍ଥାନରେ ରହିଛନ୍ତି। କିନ୍ତୁ କାର୍ତ୍ତିକ (୭୮ ବଲ), ଧୋନୀ (୪୦) ଓ କେଦାର (୨୭)ଙ୍କୁ ପର୍ଯ୍ୟାପ୍ତ ବ୍ୟାଟିଂ ସୁଯୋଗ ମିଳିନାହିଁ। ଆଫଗାନିସ୍ତାନ ତାରକା ସ୍ପିନର ରଶିଦ ଖାଁ ଓ ମୁଜିବ୍ ଉର୍ ରେହମାନଙ୍କୁ ଭାରତୀୟ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ କେଉଁଭଳି ମୁକାବିଲା କରୁଛନ୍ତି ତାହା ଏହି ମ୍ୟାଚ୍‌ରେ ଦେଖିବାକୁ ମିଳିବ। ସେହିଭଳି ଭାରତୀୟ ବୋଲିଂ ବିଭାଗ (ଯଶପ୍ରୀତ୍ ବୁମ୍‌ରା (୭ଟି ଉଇକେଟ୍), ଭୁବନେଶ୍ୱର କୁମାର (୬), ଯୁଜବେନ୍ଦ୍ର ଚହଲ (୫) ଓ କୁଳଦୀପ ଯାଦବ (୫) ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରିବାରେ ସଫଳ ହୋଇଛନ୍ତି। କିନ୍ତୁ ଫାଇନାଲ ପୂର୍ବରୁ ଆଫଗାନିସ୍ତାନ ମ୍ୟାଚ୍‌ରୁ ବୁମ୍‌ରା ଓ ଭୁବନେଶ୍ୱରଙ୍କୁ ବିଶ୍ରାମ ଦିଆଯିବାର ଯଥେଷ୍ଟ ସମ୍ଭାବନା ରହିଛି। ନବାଗତ ଦୀପକ ଚହର, ସିଦ୍ଧାର୍ଥ କାଉଲ ଓ ଖଲିଲ୍ ଅହମ୍ମଦଙ୍କୁ ଏହି ମ୍ୟାଚ୍‌ରେ ଖେଳିପାରନ୍ତି। ଅପରପକ୍ଷରେ ଆଫଗାନିସ୍ତାନ ଫାଇନାଲ ଦୌଡ଼ରୁ ବାଦ୍ ପଡ଼ିସାରିଥିଲେ ମଧ୍ୟ ନିଜର ଅନ୍ତିମ ମ୍ୟାଚ୍‌ରେ ଭାରତକୁ ହରାଇ ଟୁର୍ଣ୍ଣାମେଣ୍ଟରେ ଆଉ ଏକ ବିପର୍ଯ୍ୟୟ ଘଟାଇବା ଲକ୍ଷ୍ୟରେ ରହିଛି। ପୂର୍ବରୁ ଆଫଗାନିସ୍ତାନ ଲିଗ୍ ପର୍ଯ୍ୟାୟରେ ଶ୍ରୀଲଙ୍କା ଓ ବାଂଲାଦେଶ ପରି ଦଳକୁ ଚକ୍‌ମା ଦେବାରେ ସଫଳ ହୋଇଥିଲା।

**ଏସିଆ କପ୍ ପଏଣ୍ଟ ଟେବୁଲ**

| ସୁପର୍ ଫୋର୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ପଏଣ୍ଟ | ନେଟ୍ ରନ୍‌ରେଟ୍ |
|---|---|---|---|---|---|---|
| ଭାରତ | ୨ | ୨ | ୦ | ୦ | ୪ | +୧.୩୩୩ |
| ପାକିସ୍ତାନ | ୨ | ୧ | ୧ | ୦ | ୨ | −୦.୫୫୬ |
| ବାଂଲାଦେଶ | ୨ | ୧ | ୧ | ୦ | ୨ | −୦.୬୪୫ |
| ଆଫଗାନିସ୍ତାନ | ୨ | ୦ | ୨ | ୦ | ୦ | −୦.୦୬୫ |

■ **ଭାରତୀୟ ଦଳ:** ରୋହିତ୍ ଶର୍ମା (ଅଧିନାୟକ), ଶିଖର ଧାୱନ, ଅମ୍ବାତି ରାୟୁଡୁ, ଦିନେଶ କାର୍ତ୍ତିକ, କେଦାର ଯାଦବ, ମହେନ୍ଦ୍ର ସିଂ ଧୋନୀ, ରବିନ୍ଦ୍ର ଜାଡେଜା, କୁଳଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ଭୁବନେଶ୍ୱର କୁମାର, ଯଶପ୍ରୀତ୍ ବୁମ୍‌ରା, ଖଲିଲ୍ ଅହମ୍ମଦ, ଦୀପକ ଚହର, ସିଦ୍ଧାର୍ଥ କାଉଲ ଓ ମନୀଷ ପାଣ୍ଡେ।

■ **ଆଫଗାନିସ୍ତାନ ଦଳ:** ମହମ୍ମଦ ଶେହଜାଦ, ଇସାନୁଲ୍ଲହା ଜାମାତ୍, ଜାଭେଦ ଅହମ୍ମଦି, ରହମତ୍ ଶାହ, ଅସଘର ଷ୍ଟାନିକଜାଇ, ହସମତ୍ ଶାହିଦି, ମହମ୍ମଦ ନବି, ଗୁଲାବଦିନ ନବି, ରଶିଦ୍ ଖାଁ, ନଜିବୁଲ୍ଲା ଜର୍ଡାନ, ମୁଜିବ ଉର୍ ରେହମାନ, ଅଫତାବ ଆଲାମ, ସମିଉଲ୍ଲା ଶେନୱାରି, ମୁନିର ଅହମ୍ମଦ, ସୟିଦ୍ ଅହମ୍ମଦ ଶେରଜାଦ୍, ଅସ୍ରଫ୍ ଓ ମହମ୍ମଦ ଫଦାର।

**ସ୍ଥାନ: ଦୁବାଇ**
**ସମୟ: ସନ୍ଧ୍ୟା ୫ଟା**
**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ**

# ପ୍ରେସିଡେଣ୍ଟ୍ସ କପ୍ ଗଲ୍ଫ: ଲକ୍ଷ୍ମୀ ଚାମ୍ପିୟନ

**ଭୁବନେଶ୍ୱର, ୨୪।୯(ସ୍ପୋର୍ଟ୍ସ ବ୍ୟୁରୋ)**



ଟ୍ରଫି ସହ ଲକ୍ଷ୍ମୀ ସ୍ୱାଇଁ।

ଭୁବନେଶ୍ୱର ଗଲ୍ଫ କ୍ଲବ୍ (ବିଜିସି) ନୂଆ ସିଜନର ପ୍ରଥମ ପ୍ରତିଯୋଗିତା ପ୍ରେସିଡେଣ୍ଟ୍ସ କପ୍‌ରେ ଲକ୍ଷ୍ମୀ ସ୍ୱାଇଁ ଚାମ୍ପିୟନ ହୋଇଛନ୍ତି। ୧୯-୨୪ ବର୍ଗରେ ଲକ୍ଷ୍ମୀ ବିଜୟିନୀ ହୋଇଥିବାବେଳେ ଏ.ସି. ବେହେରା ରନର୍ସଅପ୍ ହୋଇଛନ୍ତି। ମୁଖ୍ୟ ବର୍ଗ ୦-୧୮ରେ ଅଜୟ ନେଗି ଚାମ୍ପିୟନ ଏବଂ ହକି ଅଲିମ୍ପିଆନ୍ ଦିଲୀପ ତିର୍କି ରନର୍ସଅପ୍ ହୋଇଥିଲେ। ଶୈଳେନ୍ଦ୍ର ଉପାଧ୍ୟାୟ ଶ୍ରେଷ୍ଠ ଗ୍ରସ୍ ସମ୍ମାନ ପାଇଥିଲେ। ବରିଷ୍ଠ ବର୍ଗରେ ରମେଶ ରାୟ, କେସି ବେହେରା ପ୍ରଥମ ଦୁଇ ସ୍ଥାନରେ ରହିଥିଲେ। ମହିଳାରେ ଶୁଭ୍ରା ମିଶ୍ର ଟ୍ରଫି ହାତେଇଥିଲେ। ପୁଣି ଥରେ ପୁରୁଷଙ୍କ ମଧ୍ୟରେ ଖେଳି ଲକ୍ଷ୍ମୀ ସ୍ୱାଇଁ ବିଜୟିନୀ ହେବା ଉଲ୍ଲେଖନୀୟ ବିଷୟ ହୋଇଛି। ଏହା ପୂର୍ବରୁ ନୂଆଦିଲ୍ଲୀରେ ଅନୁଷ୍ଠିତ ଆମନ୍ତ୍ରଣୀୟ ଡିପ୍ଲୋମ୍ୟାଟ୍ସ କପ୍ ଗଲ୍ଫର ମହିଳା ବର୍ଗରେ ବିଜୟିନୀ ହୋଇଥିବା ଲକ୍ଷ୍ମୀ ଅନ୍ୟ ଏକ କ୍ୟାଲେଣ୍ଡର୍ ବାହାର ପ୍ରତିଯୋଗିତା ଗୋଲଡେନ୍ ଆଞ୍ଚରରେ ମଧ୍ୟ ନିଜ ୧୯-୨୪ ଓପନ୍ ବର୍ଗରେ ସ୍କୋର୍ ଟାଇ ହେବାରୁ ରନର୍ସଅପ୍ ହୋଇଥିଲେ।

# ଭାରତୀୟ ମହିଳା ଦଳ ସିରିଜ ଜିତିଲା

**କଲମ୍ବୋ, ୨୪।୯(ପି.ଟି.)**

ଅଞ୍ଜୁ ପାଟିଲ ଓ ଜେମିମା ରୋଡ୍ରିଗୁଏଜଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ସୋମବାର ଏଠାରେ ଅନୁଷ୍ଠିତ ୪ର୍ଥ ଟି୨୦ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ୭ ଉଇକେଟ୍‌ରେ ଘରୋଇ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଏହି ବିଜୟ ସହ ହରମନ୍‌ପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ୫ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ଆଗୁଆ ୩-୦ରେ କବ୍‌ଜା କରିନେଇଛି। ସିରିଜର ଅନ୍ତିମ ତଥା ୫ମ ମ୍ୟାଚ୍ ମଙ୍ଗଳବାର ଖେଳାଯିବ। ଦ୍ୱିତୀୟ ଟି୨୦ ମ୍ୟାଚ୍‌ଟି ବର୍ଷା ଯୋଗୁ ବାତିଲ ହୋଇଥିଲା। ପୂର୍ବରୁ ଦୁଇଦେଶ ମଧ୍ୟରେ ଖେଳାଯାଇଥିବା ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜକୁ ମଧ୍ୟ ଭାରତ ୨-୧ରେ ଜିତିଥିଲା।

ସ୍ଥାନୀୟ କଲମ୍ବୋ କ୍ରିକେଟ କ୍ଲବ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ଜିତି ଭାରତ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବର୍ଷା ଯୋଗୁ ମ୍ୟାଚ୍‌କୁ ୧୭ ଓଭର ବିଶିଷ୍ଟ କରାଯାଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇ ଶ୍ରୀଲଙ୍କା ନିର୍ଦ୍ଧାରିତ ଓଭରରେ ୫ ଉଇକେଟ୍ ହରାଇ ୧୩୪ ରନ କରିଥିଲା। ଦଳ ପକ୍ଷରୁ ଶଶୀକଳା ସିରିବର୍ଦ୍ଧନେ ସର୍ବାଧିକ ୪୦ ଓ ଅଧିନାୟିକା ଚାମିରା ଆଟାପାଟୁ ୩୧ରନ କରିଥିଲେ। ଭାରତ ପକ୍ଷରୁ ଅଞ୍ଜୁ ପାଟିଲ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଦୀପ୍ତି ଶର୍ମା ଓ ରାଧା ଯାଦବଙ୍କୁ ଗୋଟିଏ ଲେଖାଏ ଉଇକେଟ୍ ମିଳିଥିଲା। ଜବାବରେ ଭାରତ ୭ ଉଇକେଟ୍ ଓ ୮ଟି ବଲ୍ ବଳକା ଥାଇ ସହଜସାଧ୍ୟ ବିଜୟ ଲାଭ କରିଥିଲା। ବୋଲିଂ ଭଳି ବ୍ୟାଟିଂରେ ମଧ୍ୟ ଅଞ୍ଜୁ ୫୪ ରନର (୪୨ ବଲ, ୭ ଚୌକା) ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଖେଳି ଦଳର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଜେମିମା ମଧ୍ୟ ୩୭ ବଲରୁ ୫୨ ରନର ଦ୍ରୁତ ଅପରାଜିତ ଇନିଂସ ଖେଳିଥିଲେ। ସିରିଜରେ ୧୮ ବର୍ଷୀୟା ଜେମିମାଙ୍କ ଏହା ଲଗାତର ୨ୟ ଅର୍ଦ୍ଧଶତକ ଥିଲା।

### ସଂକ୍ଷିପ୍ତ ସ୍କୋର

**ଶ୍ରୀଲଙ୍କା–** ୧୭ ଓଭରରେ ୧୩୪/୫ (ଶଶୀକଳା ୪୦, ଯଶୋଦା ମେଣ୍ଡିସ ୧୯, ନୀଳାକ୍ଷି ଡି ସିଲ୍‌ଭା ୧୫, ଅଞ୍ଜୁ ୩/୩୬)।

**ଭାରତ–** ୧୫.୨ ଓଭରରେ ୧୩୭/୩ (ଜେମିମା ୫୨*, ଅଞ୍ଜୁ ୫୪*, ମିଥାଲି ରାଜ ୧୧, ଓଶାଡି ରଣସିଂଘେ ୩/୩୩)।

# ଭାରତ-ଇରାନ ମ୍ୟାଚ୍ ଡ୍ର

କୁଆଲାଲୁମ୍ପୁର, ୨୪।୯ (ପି.ଟି.)-ଗୋଲକିପର ନୀରଜ କୁମାରଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ ଏଠାରେ ଚାଲିଥିବା ୧୬ ବର୍ଷରୁ କମ୍ ଏସିଆନ ଫୁଟ୍‌ବଲ କନଫେଡେରେଶନ (ଏଏଫ୍‌ସି) ଚାମ୍ପିୟନଶିପ୍‌ରେ ଭାରତ ଶକ୍ତିଶାଳୀ ଇରାନ ବିପକ୍ଷ ମ୍ୟାଚ ଗୋଲଶୂନ୍ୟ ଡ୍ର ରଖିପାରିଛି। ଭାରତକୁ ଦୀର୍ଘ ୩୩ ବର୍ଷରେ ପ୍ରଥମ ଥର ଏହି ସଫଳତା ମିଳିଛି। ଖେଳର ୭୬ତମ ମିନିଟ୍‌ରେ ପଞ୍ଜାବ ଯୁବ ଗୋଲକିପର ଏକ ପେନାଲ୍ଟିକୁ ରୋକିଦେବା ଫଳରେ ଇରାନ ମ୍ୟାଚରୁ ପୁରା ପଏଣ୍ଟ ପାଇବାରେ ବିଫଳ ହୋଇଥିଲା। ଭାରତ ସମସ୍ତ ବୟସ ବର୍ଗରେ ଶେଷ ଥର ପାଇଁ ଇରାନ ବିପକ୍ଷ ମ୍ୟାଚ ଡ୍ର ରଖିଥିଲା ୧୯୮୪ରେ। ତାହା ଥିଲା ସିଙ୍ଗାପୁରରେ ଅନୁଷ୍ଠିତ ଏସିଆ କପ୍ ଫାଇନାଲ୍ସ। ଏହି ଗେମ୍ ମଧ୍ୟ ଗୋଲଶୂନ୍ୟ ରହିଥିଲା। ସ୍ଥାନୀୟ ବୁକିତ୍ ଜଲିଲ୍ ଷ୍ଟାଡିୟମଠାରେ ସୋମବାର ଖେଳାଯାଇଥିବା ମ୍ୟାଚର ପ୍ରଥମ ଭାଗରେ ଇରାନ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା।




# ଭାରତ କ୍ଲିୟର ଫେଭରାଇଟ

**ମାହେଲା ଜୟବର୍ଦ୍ଧନେ**

ଏସିଆ କପ୍ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଭାରତ ଫାଇନାଲରେ ପ୍ରବେଶ କରି ସାରିଛି। ଏବେ କେବଳ ଏହି ଦଳ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ କିମ୍ବା ବାଂଲାଦେଶ ସହିତ ଖେଳିବ ତାହା ଦେଖିବାକୁ ବାକି ଅଛି। ଉତ୍ସାହୀ ପ୍ରଦର୍ଶନ ଦେଇ ଆସିଥିବା ଆଫଗାନିସ୍ତାନ ବିପକ୍ଷରେ ରୋମାଞ୍ଚକ ବିଜୟ ଦ୍ୱାରା ବାଂଲାଦେଶ ଫାଇନାଲ ଖେଳିବା ଆଶା ଉଜ୍ଜୀବିତ ରଖି ପାରିଛି। ନିୟମିତ ଅଧିନାୟକ ତଥା ଶ୍ରେଷ୍ଠ ବ୍ୟାଟ୍ସମ୍ୟାନଙ୍କ ଅନୁପସ୍ଥିତି ସତ୍ତ୍ୱେ ଭାରତ କ୍ଲିୟର ଫେଭରାଇଟ ହୋଇ ପାରିଛି। ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜ ପାଇଁ ବିରାଟ ବିଶ୍ରାମ ନେଇଛନ୍ତି। ସତକହିବାକୁ ଗଲେ ମୁଖ୍ୟ ଖେଳାଳିଙ୍କୁ ବିଶ୍ରାମ ଦେଇ ମଧ୍ୟ ଭାରତୀୟ ଦଳ ଶକ୍ତିଶାଳୀ ଅଛି। ସବୁ ଦୃଷ୍ଟି କୋଣରୁ ଦେଖିଲେ ଭାରତ ଅନ୍ୟ ଦଳଗୁଡ଼ିକଠାରୁ ଆଗରେ ରହିଛି। ଏହାର ବ୍ୟାଟିଂ ବିଭାଗ ଶକ୍ତିଶାଳୀ ଏବଂ ସ୍ଥିର ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଛି। ପିଚ୍ ଅନୁସାରେ ଏହାର ବୋଲରମାନେ ଉପଯୋଗୀ ସାବ୍ୟସ୍ତ ହୋଇ ପାରିଛନ୍ତି।

ଭାରତ ସହିତ ଫାଇନାଲ ଖେଳିବାକୁ ଯେଉଁ ଦଳ ଆସୁ ନା କାହିଁକି ସେମାନେ ପୂରା ଟୁର୍ଣ୍ଣାମେଣ୍ଟରେ ସ୍ଥିର ପ୍ରଦର୍ଶନ ଦେବାରେ ସଂଘର୍ଷ କରୁଥିବା ପରିଲକ୍ଷିତ ହୋଇଛି। ତେବେ ଉଭୟ ପାକିସ୍ତାନ ଓ ବାଂଲାଦେଶ ମ୍ୟାଚ ଜିତିବାର ଦକ୍ଷତା ରଖିଥିବାରୁ ଭାରତକୁ ବିପଦରେ ପକାଇ ପାରିବେ ନାହିଁ ବୋଲି କହି ହେବନି। ପାକିସ୍ତାନ ବ୍ୟାଟିଂ ବିଭାଗରେ ସ୍ଥିରତା ନାହିଁ। ସବୁଠାରୁ ବିସ୍ମୟକର ହେଲା ଏହାର ବୋଲରମାନେ ସଂଘର୍ଷ କରୁଛନ୍ତି। ମାତ୍ର ଗୋଟିଏ ଫ୍ରଣ୍ଟ ଲାଇନ ସ୍ପିନର ସେମାନଙ୍କୁ ସହାୟକ ହୋଇ ପାରୁନାହିଁ। ଫାଷ୍ଟ ବୋଲରମାନେ ପ୍ରତିଷ୍ଠା ଅନୁସାରେ ବୋଲିଂ କରିବାରେ ଅସମର୍ଥ ରହିଛନ୍ତି।

ବାଂଲାଦେଶ କଥା କହିବାକୁ ଗଲେ ତାମିମ ଇକବାଲଙ୍କ ଅନୁପସ୍ଥିତି ଦଳପାଇଁ ବଡ଼ କ୍ଷତି ସଦୃଶ ହୋଇଛି। ଟପ୍ ଅର୍ଡରରେ ସେ ଜଣେ ଭଲ ବ୍ୟାଟ୍ସମ୍ୟାନ ଏବଂ ଦଳର ଲାଇନ୍‌ଅପ୍ ସମସ୍ୟାକୁ ଅନେକ ପରିମାଣରେ ସମାଧାନ କରିବାର ଦକ୍ଷତା ରଖିଛନ୍ତି। ଏହି ଦଳ କଠିନ ସମୟ ଦେଇ ଗତି କରୁଛି, ମାତ୍ର ଦଳର ଅଧିକାଂଶ ଖେଳାଳି ଅଭିଜ୍ଞ ହୋଇଥିବାରୁ ପାକିସ୍ତାନ ବିପକ୍ଷରେ ବିଜୟୀ ହୋଇପାରିବେ ବୋଲି ବିଶ୍ୱାସ ରଖିବା ଉଚିତ।

ଆଫଗାନିସ୍ତାନର ପ୍ରଭାବୀ ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଛି। ତିନିଜଣ ସ୍ପିନରଙ୍କ ଉପସ୍ଥିତିରେ ଏହାର ବୋଲିଂ ବିଭାଗ ଶକ୍ତିଶାଳୀ ବୋଲି ସମସ୍ତେ ଜାଣନ୍ତି। ତେବେ ଏହାର ବ୍ୟାଟିଂ ବିଭାଗ କିପରି କାମ କରୁଛି ତା' ଉପରେ ଅନେକ କିଛି ନିର୍ଭର କରିବ। ସମସ୍ତେ ଦଳରେ ନିଜର ଭୂମିକା ସମ୍ପର୍କରେ ଜାଣିଛନ୍ତି। ଏମାନେ ସ୍ଥିର ପ୍ରଦର୍ଶନ ଦେବାରେ ମଧ୍ୟ ସକ୍ଷମ ହୋଇଛନ୍ତି।

ଟୁର୍ଣ୍ଣାମେଣ୍ଟରେ ଶ୍ରୀଲଙ୍କାର ପ୍ରଦର୍ଶନ ସବୁଠାରୁ ନୈରାଶ୍ୟଜନକ ରହିଲା। ବିଶେଷ କରି ଟପ୍ ଅର୍ଡର ବ୍ୟବସ୍ଥିତ ନ କରି ଦଳ ଟୁର୍ଣ୍ଣାମେଣ୍ଟକୁ ଆସିଥିବାରୁ ମୋତେ ସବୁଠାରୁ ଦୁଃଖ ଲାଗିଲା। ଶ୍ରୀଲଙ୍କା ଦୀର୍ଘଦିନଧରି ବ୍ୟାଟିଂ ଅର୍ଡରକୁ ନେଇ ଚିନ୍ତାରେ ରହିଛି। କେବଳ ସେତିକି ନୁହେଁ ଫିଲ୍ଡିଂ ଅତ୍ୟନ୍ତ ଦୁର୍ବଳ ଏବଂ ଖେଳାଳିଙ୍କ ଶାରୀରିକ ଭାଷା ନକାରାତ୍ମକ। ଦଳରେ ସବୁବେଳେ ବିଫଳତାକୁ ନେଇ ଭୟ ରହିଥିବା ଅନୁଭବ ହେଉଛି। ପ୍ରତ୍ୟେକ ପ୍ରତ୍ୟେକଙ୍କ ଉପରେ ଆସ୍ଥା ରଖୁଥିବାପରି ଜଣା ପଡୁନାହିଁ। ଦଳଗତ ଭିତ୍ତିରେ କିପରି ଖେଳିବାକୁ ହେବ ସେଥିପାଇଁ ସେମାନେ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ।

(ଗେମ୍ ପ୍ଲାନ)



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ସେପ୍ଟେମ୍ବର ୨୫/୨୦୧୮ Sambalpur, Tuesday, September 25/ 2018

### ରାସ୍ତା ଖରାପ, ଗାଁକୁ ଆସି ପାରିଲାନି ୧୦୨ ଆମ୍ବୁଲାନ୍ସ

# ଦେଢ଼ କି.ମି. ଭାରରେ ବୁହା ହେଲେ ମହିଳା



ରାସ୍ତା ଖରାପ ଯୋଗୁ ମହିଳାଙ୍କୁ ଭାରରେ ନିଆଯାଉଛି ।

**ଜୁନାଗଡ,୨୪।୯(ଡି.ଏନ.ଏ./ସ୍ୱ.ପ୍ର.)** ରାସ୍ତା ଖରାପ ଯୋଗୁ ଦୁର୍ଗମ ଅଞ୍ଚଳ ଗାଁରେ ୧୦୨ ଆମ୍ବୁଲାନ୍ସ ପହଞ୍ଚି ନ ପାରିବାରୁ ଜଣେ ମହିଳାଙ୍କୁ ଭାରରେ ବୋହି ଡାକ୍ତରଖାନାକୁ ନିଆଯାଉଥିବା ଭଳି ଏକ ଘଟଣା ସୋମବାର କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମୁଣ୍ଡରାଗୁଡା ପଞ୍ଚାୟତ କଣ୍ଡିପଦର (କଲକପଦର) ଗ୍ରାମରେ ଦେଖିବାକୁ ମିଳିଛି ।

ସୋମବାର ପ୍ରତ୍ୟୁଷରେ ଏହି ଗ୍ରାମର ମୋହନ ପଟେଲଙ୍କ ସ୍ତ୍ରୀ ଅଞ୍ଜୁଳାଙ୍କୁ ପ୍ରସବ ବେଦନା ହେବାରୁ ୧୦୨ ଜନନୀ ସୁରକ୍ଷା ଆମ୍ବୁଲାନ୍ସକୁ ଫୋନ କରାଯାଇଥିଲା । ଏହା ପରେ ୧୦୨ ଗାଡି ମୁଣ୍ଡରାଗୁଡା ପଞ୍ଚାୟତ ପଣ୍ଡରାପାଲି ପର୍ଯ୍ୟନ୍ତ ଆସିଥିଲା । ରାସ୍ତା ଖରାପ ଓ ୨ଟି ନାଳ ଥିବାରୁ କଲକପଦରକୁ ଯାଇ ପାରି ନ ଥିଲା । ଫଳରେ ଦେଢ କି.ମି. ପୂର୍ବରୁ ଗାଡି ଅଟକି ରହିଥିଲା ।

**ଘରେ ପ୍ରସବ କଲେ ମହିଳା**

୧୦୨ ଆମ୍ବୁଲାନ୍ସ ଆସିବା ବିଳମ୍ବ ଯୋଗୁ ଅଞ୍ଜୁଳା ଘରେ ପ୍ରସବ କରିଥିଲେ । ସେ ଗୋଟିଏ ଶିଶୁ କନ୍ୟା ଜନ୍ମ ଦେଇଥିଲେ । ଘରେ ପ୍ରସବ କରିଥିବାରୁ ଅଞ୍ଜୁଳାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଖଟିଆରେ ବୋହି ଦେଢ କି.ମି. ଦୂର ପଣ୍ଡରାପାଲି ପାଖକୁ ନେଇଥିଲେ । ସେଠାରୁ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଚିଲଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଚିକିତ୍ସା ପରେ ସେ ଘରକୁ ଫେରିଥିବା ଜଣାପଡିଛି ।

## ପ୍ଲାଷ୍ଟିକ ଫ୍ରି ଓଡ଼ିଶା ଅଭିଯାନ






ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଚାଲିଥିବା 'ପ୍ଲାଷ୍ଟିକ ଫି ଓଡ଼ିଶା' ଅଭିଯାନରେ ସୋମବାର ସମ୍ବଲପୁର ଜିଲା ଜମନକିରା କଲେଜର ଅଧାପିକା, ଅଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ସାମିଲ ହୋଇଛନ୍ତି ।



ସୁନ୍ଦରଗଡ ଜିଲା ଲାଠିକଟା ବ୍ଲକ କଲୋଙ୍ଗାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପିଲାମାନେ ପ୍ଲାଷ୍ଟିକ ଫ୍ରି ଅଭିଯାନରେ ସାମିଲ ହୋଇଛନ୍ତି ।

# ହୁମା ନଦୀଘାଟରେ ଭାସିଯାଇଥିବା ଯୁବକଙ୍କ ମୃତଦେହ ଉଦ୍ଧାର

**ଧମା, ୨୪।୯ (ଡି.ଏନ.ଏ)** ହୁମା ମନ୍ଦିର ନଦୀ ଘାଟରେ ଗାଧୋଉଥିବା ବେଳେ ପାଣିରେ ଭାସିଯାଇ ନିଖୋଜ ହୋଇଯାଇଥିବା ଚିକେଶ୍ୱର ପାତ୍ର (୨୦)ଙ୍କ ମୃତଦେହ ସୋମବାର ଉଦ୍ଧାର କରାଯାଇଛି । ରବିବାର ସନ୍ଧ୍ୟା ହୋଇଯିବାରୁ ଉଦ୍ଧାର କାର୍ଯ୍ୟ କରାଯାଇ ପାରି ନ ଥିଲା । ସୋମବାର ସକାଳେ ଅଗ୍ନିଶମ ବିଭାଗ କର୍ମଚାରୀ ଗ୍ରାମବାସୀଙ୍କ ସହାୟତାରେ ମଚିନ୍ଦ୍ର ଘାଟରେ ଖୋଜାଖୋଜି କଲାବେଳେ ପାଣିରେ ବୁଡି ରହିଥିବା ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ସମ୍ବଲପୁର ଜିଲା ଧମା ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

# ପ୍ରେମବିବାହର ଦେଢ଼ବର୍ଷ ପରେ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

**ବଣାଇଁ, ୨୪।୯(ଡି.ଏନ.ଏ.)** ପ୍ରେମ ବିବାହର ଦେଢବର୍ଷ ପରେ ସ୍ୱାମୀ-ସ୍ତ୍ରୀଙ୍କ ମଧରେ ସୃଷ୍ଟି ହୋଇଛି ତିକ୍ତତା। ଶେଷରେ ସ୍ୱାମୀ ଟାଙ୍ଗିଆରେ ହାଣି ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ଏହିଭଳି ଘଟଣା ଘଟିଛି ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡ ଟିକାୟତପାଲ୍ଲୀ ଥାନା ଟିକଟନାଳି ଗ୍ରାମରେ। ସୋମବାର ସକାଳେ ଘଟଣାସମ୍ପର୍କରେ ଖବରପାଇ ପୋଲିସ ଉକ୍ତ ଗାଁରେ ପହଞ୍ଚି ରକ୍ତାକ୍ତ ମୃତଦେହ ଜବତ କରିଛି। ଅଭିଯୁକ୍ତ ଗାଁଦରୁ ଓରାମ (୨୦)ଙ୍କୁ ଗିରଫ କରିଛି। ବର୍ତ୍ତମାନ ସେମାନଙ୍କର ୪ମାସର ପୁତ୍ର ସନ୍ତାନ ଅସହାୟ ହୋଇପଡ଼ିଛି।

**୪ମାସର ସନ୍ତାନ ଅସହାୟ**

ମାଙ୍କ ମୃତ୍ୟୁ ଓ ବାପା ଜେଲ ଯିବା ପରେ ଏହି ୪ମାସର ସନ୍ତାନଙ୍କୁ ସେମାନଙ୍କ ସମ୍ପର୍କୀୟ ନେଇଯାଇଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗାଁଦରୁ ଓ ବନ୍ଦିତା (୨୦) ପରସ୍ପରକୁ ଭଲ ପାଉଥିଲେ। ଦେଢବର୍ଷ ତଳେ ଉଭୟ ବିବାହ କରିଥିଲେ। ୪ମାସ ତଳେ ସେମାନେ ପୁତ୍ର ସନ୍ତାନର ମାବାପା ହୋଇଥିଲେ। ତେବେ ଗତ କିଛି ଦିନ ହେବ ସେମାନଙ୍କ ସମ୍ପର୍କରେ ସୃଷ୍ଟି ହୋଇଥିଲା ତିକ୍ତତା। ରବିବାର ରାତିରେ ସ୍ୱାମୀ ସ୍ତ୍ରୀଙ୍କ ମଧରେ ଝଗଡ଼ା ସୃଷ୍ଟିହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଗାଁଦରୁ ଟାଙ୍ଗିଆରେ ବନ୍ଦିତାଙ୍କୁ ହାଣି ପକାଇଥିଲେ। ଫଳରେ ଘଟଣାସ୍ଥଳରେ ବନ୍ଦିତା ଟଳିପଡ଼ିଥିଲେ। ପ୍ରକାଶ ଯେ, ବନ୍ଦିତାଙ୍କ ବାପ ଘର ଲହୁଣୀପଡ଼ା ଥାନା ଅନ୍ତର୍ଗତ କେନ୍ଦୁଡ଼ିହି ଗ୍ରାମରେ। ପୋଲିସ ଘଟଣାର ତଦନ୍ତ ଚଳାଇଛି।




# ପୁଅ ଠେଙ୍ଗା ମାଡରେ ବାପା ମୃତ

**ଟେନ୍ସା, ୨୪।୯ (ଡି.ଏନ.ଏ.)** ସୁନ୍ଦରଗଡ଼ ଜିଲା କୋଇଡା ଥାନା ଅନ୍ତର୍ଗତ ଡେଙ୍ଗୁଲା ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଘରୋଇ କଳିକୁ କେନ୍ଦ୍ରକରି ପୁଅ ଠେଙ୍ଗା ମାଡ଼ରେ ବାପା ଲକ୍ଷ୍ମୀରାମ ମୁଣ୍ଡା (୫୮)ଙ୍କ ମୃତ୍ୟୁ ଘଟିଛି। ସୋମବାର ସକାଳେ କୌଣସି ସୂତ୍ରରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ନନ୍ଦକିଶୋର ଓରଫ ରାଜନ ମୁଣ୍ଡା (୨୮)ଙ୍କୁ ଗିରଫ କରିଛି। ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କୋଇଡା ଡାକ୍ତରଖାନାକୁ ପଠାଯାଇଛି। ରାତିରେ କୌଣସି କଥାକୁ କେନ୍ଦ୍ରକରି ଲକ୍ଷ୍ମୀରାମ ଓ ନନ୍ଦକିଶୋରଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ନନ୍ଦକିଶୋର ଉତ୍ତ୍ୟକ୍ତ ହୋଇ ନିକଟରେ ପଡିଥିବା ଏକ ଠେଙ୍ଗାରେ ଲକ୍ଷ୍ମୀରାମଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଏନେଇ ଏକ ହତ୍ୟା ମାମଲା (ନଂ. ୭୦/୧୮) ରୁଜୁ କରି ତଦନ୍ତ ଜାରି ରଖିଛି।

# ମଦ ଜବତ ଜଣେ ଗିରଫ

**ରେଢ଼ାଖୋଲ, ୨୪।୯ (ଡି.ଏନ.ଏ.)** ବେଆଇନ ଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗରେ ରେଢ଼ାଖୋଲ ପୋଲିସ ତ୍ରିବଣପୁର ଗ୍ରାମର ପ୍ରକାଶ ପୃଷ୍ଟି (୨୬)ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ତାଙ୍କଠାରୁ ୪୨ ପାଉଚ ଦେଶୀ ମଦ ଜବତ କରିଛି। କେସ ନଂ.୧୫୧/୧୮ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ପ୍ରକାଶଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଅଗ୍ନିଶମ କର୍ମଚାରୀଙ୍କ ଆନ୍ଦୋଳନ, ଜରୁରୀ ସେବା ବ୍ୟାହତ

**ଡୁଙ୍ଗୁରିପାଲି,୨୪।୯(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଅଗ୍ନିଶମ ବିଭାଗର କର୍ମଚାରୀମାନେ ବିଭିନ୍ନ ଦାବି ନେଇ ସୋମବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଅଗ୍ନିଶମ କର୍ମଚାରୀଙ୍କୁ ଓଡିଶା ପୋଲିସ କର୍ମଚାରୀମାନଙ୍କ ସହିତ ସମାନ ଦରମା, ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କୁ ନିୟମିତ ଦରମା, ଅବସରପ୍ରାପ୍ତ କର୍ମଚାରୀଙ୍କୁ ତୁରନ୍ତ ପେନସନ ଓ ଅବସରକାଳୀନ ପ୍ରାପ୍ୟ ପ୍ରଦାନ, ଅନ୍ୟ କର୍ମଚାରୀଙ୍କ ଭଳି ୮ ଘଣ୍ଟା ଡ୍ୟୁଟି ଓ ଖାଲି ପଡିଥିବା ପଦବୀ ପୂରଣ ପାଇଁ ସଂଘ ପକ୍ଷରୁ ୬ ଦଫା ଦାବି ନେଇ ଆନ୍ଦୋଳନ କରିଛନ୍ତି। ଅଗ୍ନିଶମ ଅଧିକାରୀଙ୍କୁ ଛାଡି ମୁଖ୍ୟ ଆଗ୍ନିକ, ଗାଡି ଚାଳକ ରୁପେଶ୍ୱର ଭୋଇ, କୁମାର ବିଲୁଙ୍ଗ ଓ ଆଗ୍ନିକ କର୍ମଚାରୀ ଯଶୋବନ୍ତ କିଶାନ, ଧନଞ୍ଜୟ ନାୟକ, ବଳରାମ ଛନ୍ଦ, ସୁରେଶ କୁମାର ଭୋଇ, ସୁକାନ୍ତ ପାତ୍ର, ସୁବାସ ଭୋଇ, ଗୌରଚନ୍ଦ୍ର ପାଣ୍ଡେ, ମନୋଜ ପଧାନ ପ୍ରମୁଖ ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ।

### ଗୀତା ଆବୃତ୍ତି ପ୍ରତିଯୋଗିତା

**ବାଉଁଶୁଣୀ, ୨୪।୯(ଡି.ଏନ.ଏ.):** ବୌଦ୍ଧ ବ୍ଲକ ବାଉଁଶୁଣୀ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଧନେଶ୍ୱର ମଣ୍ଡଳଙ୍କ ସଭାପତିତ୍ୱରେ ଗୀତା ଆବୃତି ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ରେଢାଖୋଲ ଭୀମଭୋଇ ମେଡିକାଲ କଲେଜ ଅଧକ୍ଷ ହରପ୍ରସାଦ ମିଶ୍ର ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଧରଣୀଧର ଦାଶ, ପ୍ରାଣବନ୍ଧୁ ମହାପାତ୍ର, ପ୍ରଫୁଲ୍ଲ ଚାନ୍ଦ, କରୁଣାକର ଘଟୁଆଳ, ଶିବଦତ୍ତ ପଟ୍ଟନାୟକ,ନବୀନ ଶଥପଥୀ, ସଚଳା ଗୁରୁ, ଦଶରଥ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୫୦ଜଣ ଛାତ୍ରଛାତ୍ରୀ ଭାଗନେଇଥିଲେ। ସୁରେନ୍ଦ୍ର ନାଥ ଦାସ ଅତିଥି ପରିଚୟ ଦେଇଥିଲେ। ପଞ୍ଚାନନ ମିଶ୍ର, ଶିବ ନାୟକ, ସୌମିତ୍ରି ପଲିଆ, ସନ୍ଧ୍ୟାରାଣୀ ମିଶ୍ର, ସନ୍ତୋଷ ହାତୀ, ଜଗବନ୍ଧୁ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଖଗେଶ୍ୱର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

### ଅଙ୍ଗନୱାଡି ସହାୟିକାଙ୍କୁ ତାଲିମ

**ବାଉଁଶୁଣୀ, ୨୪।୯(ଡି.ଏନ୍.ଏ.):** ବୌଦ୍ଧ ବ୍ଲକ ବାଉଁଶୁଣୀ ସାଲେଇପଡା ୱାଇସିଡିଏଠାରେ ଅଙ୍ଗନୱାଡି ସହାୟିକାମାନଙ୍କୁ ତାଲିମ ଦିଆଯାଇଛି। ମୁଖ୍ୟତଃ ତାଲିମ ଶିକ୍ଷା ଉପରେ ଆଧାରିତ ହୋଇଥିଲା। ପିଲାଙ୍କର ସର୍ବାଙ୍ଗୀନ ବିକାଶ ପାଇଁ କେନ୍ଦ୍ରରେ ଭାଷାଗତ, ଶାରୀରିକ ଓ ବୌଦ୍ଧିକ ବିକାଶ ସହିତ ଅନେକ ପ୍ରକାର ତାଲିମ ଦିଆଯାଇଥିଲା। ପ୍ରକାଶ ପାଣ୍ଡେ ଅଂଶଗ୍ରହଣ କରିଥିବା ୩୩ଟି ଅଙ୍ଗନୱାଡି କେନ୍ଦ୍ରର ୩୩ କର୍ମୀଙ୍କୁ ତାଲିମ ପ୍ରଦାନ କରିଥିଲେ। ତାଲିମ ବ୍ୟତୀତ ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। କୃଷ୍ଣଚନ୍ଦ୍ର ମେହେର, ରୀତା ସିଂହ, ସ୍ମରଣିକା ସିଂ, ବରୁନ ଦାସ, ପୁଷ୍ପାଞ୍ଜଳି ସାହୁ, ସୁରେନ୍ଦ୍ର ମେହେର, ସ୍ୱାଗତିକ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ।

# ସାଦା ପୋଷାକରେ ଗଞ୍ଜେଇ ଗାଡ଼ିକୁ ପିଛା କରି ହଟହଟା

- କୁଦୋପାଲି ଗାଁରେ ରାତି ସାରା ୩ ପୋଲିସ ଅଟକ
- ଘଟଣାର ତଦନ୍ତ କଲେ ଏସ୍‌ପି

**ସୋନପୁର,୨୪।୯(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସଦର ମହକୁମାଠାରୁ ୨୩ କିଲୋମିଟର ଦୂର କୁଦୋପାଲି ଗ୍ରାମରେ ସାଦା ପୋଷାକରେ ଥିବା ୩ଜଣ ପୋଲିସ ଅଧିକାରୀ ଗ୍ରାମବାସୀଙ୍କ ଦ୍ୱାରା ରାତି ସାରା ଅଟକ ରହିବା ଚର୍ଚ୍ଚାର ବିଷୟ ପାଲଟିଛି। ସୋନପୁର ଟାଉନ ଥାନାର ଏଏସଆଇ ଧୁର୍ଯୋ ଭୁଆ, କନଷ୍ଟେବଲ ବୃନ୍ଦାବନ ସୁନା ଓ ଚନ୍ଦ୍ରକାନ୍ତ କହଁରଙ୍କୁ ରବିବାର ରାତି ୮ଟାରୁ ସାଢେ ୩ଟା ପର୍ଯ୍ୟନ୍ତ ଶତାଧିକ ଗ୍ରାମବାସୀ ଅଟକ ରଖିଥିଲେ। ଏକ ମାରୁତି ଅଲ୍ଟୋ ଏଲଏକ୍ସ ନଂ ଓଆର୦୭ଜି-୬୯୯୭ ଓ ବୋଲେରୋ ନଂ ଓଡି୦୩ଡି-୧୫୫୨କୁ ମଧ୍ୟ ଛାଡି ନଥିଲେ। ଲଛିପୁର ଫାଣ୍ଡି ଅଧିକାରୀ ବସନ୍ତ ରଥ ଓ ପରେ ସୋନପୁର ଆଇଆଇସି ଶ୍ରୀକାନ୍ତ ତ୍ରିପାଠୀ ରାତିରେ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ ହେଁ କୌଣସି ସୁଫଳ ମିଳି ନ ଥିଲା। ଶେଷରେ ଡୁଙ୍ଗୁରିପାଲି ଆଇଆଇସି ଅମରେନ୍ଦ୍ର ଷାଣ୍ଡ ପୋଲିସ ଟିମ୍ ସହ ଗ୍ରାମରେ ପହଞ୍ଚିବା ପରେ ଗ୍ରାମବାସୀ ଅଟକ ରଖିଥିବା ପୋଲିସ ବାବୁମାନଙ୍କୁ ଆଇଆଇସି ଷାଣ୍ଡଙ୍କ ଜିମା ଦେଇଥିଲେ। ଏସ୍‌ପି ଦେବୀପ୍ରସାଦ ଦାଶ ନିଜେ ଘଟଣାର ତଦନ୍ତ କରୁଛନ୍ତି। ସୋମବାର ଅପରାହ୍ନରେ ଏସ୍‌ପି ଲଛିପୁର ଫାଣ୍ଡିକୁ ଯାଇ ଘଟଣା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି।



ଲଛିପୁର ଫାଣ୍ଡିରେ ଜବତ ହୋଇଥିବା ଅଲ୍ଟୋ କାର ଓ ବୋଲେରୋ।

ସୋନପୁର ଥାନାର ଏଏସଆଇ ଧୁର୍ଯୋ ଭୁଆ, କନେଷ୍ଟବଳ ବୃନ୍ଦାବନ ସୁନା ଓ ଚନ୍ଦ୍ରକାନ୍ତ କହଁର ବାଇକ୍ ଯୋଗେ ରବିବାର ରାତ୍ରିକାଳୀନ ଡ୍ୟୁଟି କରୁଥିଲେ। ବୌଦ୍ଧ ଜିଲା ମନମୁଣ୍ଡା ପଟୁ ମାରୁତି ଅଲ୍ଟୋ କାରରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। କୁଞ୍ଜ ଛକଠାରେ ଏହି କାରକୁ ସେମାନେ ଅଟକାଇବାକୁ ଚେଷ୍ଟା କରିଥିଲେ ହେଁ ସଫଳ ହୋଇ ନଥିଲେ। ଫଳରେ ରାସ୍ତାରେ ଯାଉଥିବା ଏକ ବେସରକାରୀ ବୋଲେରୋକୁ ଧରି ପୋଲିସ ଟିମ୍ ଅଲ୍ଟୋକୁ ପିଛା କରିଥିଲା। ଗଞ୍ଜେଇ ବୋଝେଇ ଅଲ୍ଟୋଟି ବିନିକା ରାସ୍ତାରେ ଯାଇ ନନ୍ଦନମାଲ ଛକରୁ ଖଲିଆପାଲି ରାସ୍ତାରେ ଲଛିପୁର ଅଭିମୁଖେ ଯାଇଥିଲା। ରାତିରେ ରାସ୍ତା ଜାଣି ନପାରି ଅଲ୍ଟୋ ଡ୍ରାଇଭର କୁଦୋପାଲି ଗାଁ ଭିତରେ ଗାଡି ପସାଇ ଦେଇଥିଲେ। ଗାଁମୁଣ୍ଡରେ ଗ୍ରାମବାସୀଙ୍କୁ ଲଛିପୁର ରାସ୍ତା ବିଷୟରେ ପଚାରି ଦ୍ରୁତ ବେଗରେ ଆଗକୁ ମାଡି ଯାଇଥିଲେ। ତେବେ ଆଗକୁ ରାସ୍ତା ନଥିବାରୁ ଓ ଦେଢ କିଲୋମିଟର ପରେ ଅଙ୍ଗ ନଦୀ ଥିବାରୁ କାର ଛାଡି ଡ୍ରାଇଭର, ଗଞ୍ଜେଇ ଚାଲାଣକାରୀ ଫେରାର ହୋଇଯାଇଥିଲେ। ସୂଚନା ପାଇ ପିଛା କରୁଥିବା ସୋନପୁର ପୋଲିସ ରାତି ୯ଟାରେ କୁଦୋପାଲିରେ ପହଞ୍ଚିଥିଲେ। ତେବେ ୩୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀଙ୍କୁ ଦେଖି ସେମାନେ ଭୟରେ ପୋଲିସ ବୋଲି ପରିଚୟ ଦେଇ ନଥିଲେ। ଅନ୍ୟପକ୍ଷେ କାର ଓ ବୋଲେରୋ ଦୁର୍ଘଟଣା ଘଟାଇ ଆସିଥିବା ଅନୁମାନ କରି ଗ୍ରାମବାସୀ ଛାଡି ନଥିଲେ। ଲଛିପୁର ଫାଣ୍ଡି ପୋଲିସ ଓ ସୋନପୁର ଆଇଆଇସି ଅଟକ ଥିବା ବ୍ୟକ୍ତିମାନେ ପୋଲିସ ବୋଲି ପରିଚୟ ଦେଇଥିଲେ ହେଁ ଗ୍ରାମବାସୀ ବିଶ୍ୱାସ କରି ନ ଥିଲେ। କାରରେ ଗଞ୍ଜେଇ ଚାଲାଣ ହେଉଥିବା ଓ ପୋଲିସ ସମ୍ପୃକ୍ତି ଥିବା ସନ୍ଦେହ କରି ସକାଳେ ଗଣମାଧ୍ୟମର ପ୍ରତିନିଧି ଆସିଲେ ଛାଡିବେ ବୋଲି କହିଥିଲେ। ଡୁଙ୍ଗୁରିପାଲି ଆଇଆଇସି ଷାଣ୍ଡ ପହଞ୍ଚିବା ପରେ ଗ୍ରାମବାସୀଙ୍କ ଦାବି କ୍ରମେ ଅଲ୍ଟୋ କାର ଓ ବୋଲେରୋକୁ ଜବତ କରିଥିଲେ। ଜବତ ଅଲ୍ଟୋଟି ସୁନ୍ଦରଗଡ ଜିଲାର ଓ ଏହାର ମାଲିକ ଏସ. କେ. ଉପାଧ୍ୟାୟ ବୋଲି ଜଣାପଡିଛି। ତେବେ କାରରେ ଗଞ୍ଜେଇ ନ ଥିବା ଗ୍ରାମବାସୀ କହିଛନ୍ତି। ରାସ୍ତାରେ ଗଞ୍ଜେଇକୁ ଫିଙ୍ଗି ଦିଆ ଯାଇଥିବା ସନ୍ଦେହ କରାଯାଉଛି। ଅନ୍ୟପକ୍ଷେ ପୋଲିସ ରାସ୍ତାରୁ ନେଇଥିବା ବୋଲେରୋଟି ବୌଦ୍ଧ ଜିଲା ଲୁଣପଙ୍ଗା ଗ୍ରାମର ପ୍ରମେଶ୍ୱର କର୍ଣ୍ଣଙ୍କର। ଏସ୍‌ପି ଦାଶଙ୍କ ତଦନ୍ତ ପରେ ବୋଲେରୋ ଡ୍ରାଇଭର ବିପ୍ର କର୍ଣ୍ଣଙ୍କୁ ପୋଲିସ ଛାଡି ଦେଇଛି। ଏଣିକି ପୋଲିସ ଫୋର୍ସ ଗଞ୍ଜେଇ ଚୋରା ଚାଲାଣକୁ ଧରିବ। ବ୍ୟକ୍ତିଗତ ଭାବେ କେହି ପୋଲିସ ଅଧିକାରୀ ଗଞ୍ଜେଇ ଗାଡିକୁ ତନଖି କରି ପାରିବ ନାହିଁ ବୋଲି ଏସ୍‌ପି ସୋମବାର ସବୁ ଥାନାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ସୋମବାର ରାତିରେ ଶ୍ରମିକ ନେତା ଲଳିତ କୁମାର ନାୟକଙ୍କ ନେତୃତ୍ୱରେ ତରଭା ଓ ବଲାଙ୍ଗୀର ଅଞ୍ଚଳର କିଛି ଲୋକ ଏସ୍‌ପି ଦାଶଙ୍କୁ ତାଙ୍କ ପ୍ରକୋଷ୍ଠରେ ଭେଟି ଏହି ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ଏହି ସମୟରେ ଅତିରିକ୍ତ ଏସ୍‌ପି ରମେଶ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ। ତଦନ୍ତ ଜାରି ରହିଛି କୌଣସି ବେଆଇନ କାର୍ଯ୍ୟ ହୋଇଥିବାର ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଥିଲେ।

### ଚିଦାନନ୍ଦ ସରସ୍ୱତୀ ଜୟନ୍ତୀ

**ବୌଦ୍ଧ,୨୪।୯(ସ୍ୱ.ପ୍ର.)**

ଶିବାନନ୍ଦ ପରିବାର ବୌଦ୍ଧ ଓ ଭାରତ ସ୍ୱାଭିମାନ ନ୍ୟାସ ବୌଦ୍ଧ ଶାଖାର ମିଳିତ ସହଯୋଗରେ ଅନ୍ଧ ମୂକ ବଧିର ବିଦ୍ୟାଳୟ ଓ ସ୍ୱାଧାର ଗୃହ ପରିସରରେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ୧୦୨ତମ ଜୟନ୍ତୀରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସାଧ୍ୱୀ ଦେବବ୍ରତାଜୀ ଓ ବ୍ରହ୍ମଚାରିଣୀ ହେମଲତା ଭଉଣୀ ଛାତ୍ରୀଛାତ୍ର ଓ ମହିଳାମାନଙ୍କୁ ଆସନ ଓ ପ୍ରାଣାୟାମ ପ୍ରଶିକ୍ଷଣ ଦେବା ସହିତ ନିଜକୁ ଉତ୍ତମ ମଣିଷ ଭାବେ ଗଢିତୋଳିବା ପାଇଁ ଉପଦେଶ ଦେଇଥିଲେ। ପତଞ୍ଜଳି ଯୋଗ ସମିତିର ଜିଲା ପ୍ରଭାରୀ ହୃଷିକେଶ ପ୍ରଧାନ ଯୋଗାଭ୍ୟାସ ମାଧ୍ୟମରେ ଛାତ୍ରମାନଙ୍କୁ କିପରି ଭଲ ହୋଇପାରିବେ ପ୍ରକାଶ କରିଥିଲେ। ଅନିମା ପଟ୍ଟନାୟକ ସ୍ୱାମୀ ଚିଦାନନ୍ଦଙ୍କ ବିଭିନ୍ନ ବାଣୀ ଆବୃତ୍ତି କରିବା ସହିତ ଆଧାତ୍ମିକ ଶିକ୍ଷା ଆଲୋଚନା କରିଥିଲେ। ସୋସିଆଲ ମିଡିଆ ପ୍ରଭାରୀ ଯୋଗ ଶିକ୍ଷକ ଚନ୍ଦ୍ରକାନ୍ତ ନାୟକ ବିଦ୍ୟାଳୟକୁ ଏକ ମନ୍ଦିର ସହିତ ତୁଳନା କରିଥିଲେ। ଦେବାଶିଷ ପୁରୋହିତ ମୂଲ୍ୟବୋଧ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରାଗଲେ ବର୍ତ୍ତମାନ ବିଶୃଙ୍ଖଳିତ ପରିବେଶକୁ ସୁଧୁରା ଯାଇପାରିବ ବୋଲି ପ୍ରକାଶ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଭଜନ କୀର୍ତ୍ତନ ପରିବେଷଣ କରାଯାଇଥିଲା।

# ଜିଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ସଂଘର ବୈଠକ

## ୨୮ରେ ଔଷଧ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ

**ସୋନପୁର,୨୪।୯(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ଆସୋସିଏସନର ୫ମ କାର୍ଯ୍ୟକାରିଣୀ କମିଟି ବୈଠକ ସଂଘ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଆର୍ଯ୍ୟ ପ୍ରକାଶ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅଖିଳ ଭାରତୀୟ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ସଂଘର ଆହ୍ୱାନକ୍ରମେ ଆସନ୍ତା ୨୮ତାରିଖରେ ୨୪ଘଣ୍ଟା ପାଇଁ ସମସ୍ତ ଔଷଧ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିବା ସମ୍ପର୍କରେ ଆଲୋଚନା ହୋଇଥିଲା। ସମାଜ ପାଇଁ କ୍ଷତିକାରକ ଅନଲାଇନ ଔଷଧ ବ୍ୟବସାୟକୁ ବିରୋଧ, ରୋଗୀଙ୍କୁ ଆବଶ୍ୟକୀୟ ଜରୁରୀ ଚିକିତ୍ସା ଓ ଔଷଧ ଯୋଗାଣର ସୁବିଧା, ଔଷଧର ସୁଷମ ବଣ୍ଟନ ଓ ଅଭାବକୁ ନିୟନ୍ତ୍ରଣ କରାଯିବା, ଔଷଧ ବିକ୍ରୟ ଉପରେ ଅଯୌକ୍ତିକ ପ୍ରତିଯୋଗିତାକୁ ବିରୋଧ, ଖୁଚୁରା ଔଷଧ ବ୍ୟବସାୟୀଙ୍କ ଜୀବନ ଜୀବିକାର ସୁରକ୍ଷା, ଡାକ୍ତର ଫାର୍ମାଶିଷ୍ଟ ଓ ରୋଗୀଙ୍କ ମଧ୍ୟରେ ପରାମର୍ଶ ବ୍ୟବସ୍ଥା କାଏମ ରଖିବା ଏବ ଯୁବ ସମାଜକୁ ନିଶା ଔଷଧ କବଳରୁ ବଞ୍ଚାଇ ରଖିବା ଭଳି ୭ ଦଫା ଦାବି ସମ୍ପର୍କରେ ଆଲୋଚନା କରା ଯାଇଥିଲା। ସରକାରଙ୍କ ଆଭିମୁଖ୍ୟକୁ ସମାଲୋଚନା କରାଯିବା ସହିତ ଦୋକାନ ବନ୍ଦକୁ ସମ୍ପୂର୍ଣ୍ଣ ସଫଳ କରିବା ପାଇଁ ଆଲୋଚନା ହୋଇଥିଲା। ସାଧାରଣ ସମ୍ପାଦକ ସତ୍ୟନାରାୟଣ ଦରୱାନ, କୋଷାଧ୍ୟକ୍ଷ ସୁବାଷ ଚନ୍ଦ୍ର ପଣ୍ଡା, ବିବେକାନନ୍ଦ ମହାରଣା, ଉମେଶ ଚନ୍ଦ୍ର ସାହୁ, ସଞ୍ଜିବ କୁମାର ପାଣିଗ୍ରାହୀ, ଶାନ୍ତନୁ କୁମାର ମହାପାତ୍ର, ନରେଶ କୁମାର ଅଗ୍ରୱାଲା, ଜୟନାରାୟଣ ମେହେର, ପ୍ରେମାନନ୍ଦ ବିଶ୍ୱାଳ, ସୁବୋଧ ପାଣିଗ୍ରାହୀ, ଜୟକୁମାର ଅଗ୍ରୱାଲା ଓ ପ୍ରେମରାଜ ନାୟକ ପ୍ରମୁଖ ଜିଲାର ସମସ୍ତ ଔଷଧ ବ୍ୟବସାୟୀ ଯୋଗ ଦେଇଥିଲେ। ଏହି ଅବସରରେ ଜିଲାପାଳ ମଧୁସୂଦନ ମିଶ୍ର, ଏସ୍‌ପି ଦେବୀପ୍ରସାଦ ଦାଶ, ସିଡିଏମଓପିଏଚଓ ଡାକ୍ତର ବିଜୟଲକ୍ଷ୍ମୀ ଗୁରୁ ଓ ଡ୍ରଗ୍ସ ଇନ୍ସପେକ୍ଟର ବାବୁଲାଲ ଟୁଡୁଙ୍କୁ ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରା ଯାଇଥିଲା।



ବୈଠକରେ ମଞ୍ଚାସୀନ କର୍ମକର୍ତ୍ତା।

# ନୂଆଁଖାଇ ଭେଟ୍‌ଘାଟ ପାଇଁ ବିଜେଡିର ପ୍ରସ୍ତୁତି

**ବୀରମହାରାଜପୁର, ୨୪।୯ (ଡି.ଏନ.ଏ.)**

ଚଳିତବର୍ଷ ପ୍ରଥମ କରି ବିଜୁ ଜନତା ଦଳ ପାଳନ କରୁଛି ନୂଆଁଖାଇ ଭେଟଘାଟ। ପଶ୍ଚିମ ଓଡିଶାର ସମସ୍ତ ନିର୍ବାଚନ ମଣ୍ଡଳୀରେ ଚଳିତମାସ ଶେଷ ସୁଦ୍ଧା ଏଭଳି ସମାରୋହର ଆୟୋଜନ କରିବାକୁ ସ୍ଥିର ହୋଇଛି। ତେଣୁ ରାଜନୈତକ ଦୃଷ୍ଟିକୋଣରୁ ଏହାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ୨୦୧୯ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ନୂଆଁଖାଇ ଭେଟ୍‌ଘାଟ ମାଧ୍ୟମରେ କର୍ମୀ ତଥା ସାଧାରଣ ଭୋଟର ଏକତାଭାବ ସ୍ଥାପନ କରିବା ଭେଟଘାଟ ଉଦ୍ଦେଶ୍ୟ ବୋଲି କୁହାଯାଉଛି। ଏହିକ୍ରମରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିର୍ବାଚନମଣ୍ଡଳସ୍ତରୀୟ ଭେଟଘାଟ କାର୍ଯ୍ୟକ୍ରମ ପାଇଁ ଉଲୁଣ୍ଡାରେ ସ୍ଥାନ ନିରୂପଣ କରାଯାଇଛି। ଆସନ୍ତା ୩୦ତାରିଖ ରବିବାର ଦିନତମାମ ଉଲୁଣ୍ଡା କଲେଜ ପଡିଆରେ ବିଜେଡି ପକ୍ଷରୁ



ବିଧାୟକ ପଦ୍ମନାଭ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଭେଟ୍‌ଘାଟ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଦଳୀୟ ନେତା ଓ କର୍ମୀ।

ଏହି ସମାରୋହ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ସମାବେଶର ସଫଳତା ନିମନ୍ତେ ବିଶେଷ ଗୁରୁତ୍ୱ ଦିଆଯାଇଥିବାରୁ ଭେଟଘାଟ ଉପଲକ୍ଷେ ଭୋଜିଭାତ ସହ ନାଚଗୀତର ଆସର ଜମାଇବାକୁ ସଜବାଜ ଚାଲିଛି। ନିର୍ବାଚନ ମଣ୍ଡଳୀର ତିନୋଟି ଯାକ ବ୍ଲକ ଅଞ୍ଚଳକୁ ଯେପରି କର୍ମୀମାନଙ୍କର ସମାଗମ ହୁଏ, ସେହି ଅନୁସାରେ ପ୍ରସ୍ତୁତି ଚାଲଛି। ଏଥିସକାଶେ ବିଧାୟକ ପଦ୍ମନାଭ ବେହେରାଙ୍କ ତତ୍ତ୍ୱାବଧାନରେ ଦଳୀୟ ତୁଙ୍ଗନେତା ତଥା ଆଗଧାଡିର କର୍ମୀମାନଙ୍କୁ ନେଇ ରବିବାର ଏକ ବୈଠକ ବସିଥିଲା। ବ୍ଲକସ୍ତରରେ ମଧ୍ୟ ଆଞ୍ଚଳିକ ବୈଠକମାନ ଅନୁଷ୍ଠିତ ହୋଇଛି। ଜୋରଦାର ପ୍ରସ୍ତୁତି ଭିତରେ ସମାରୋହ ସଫଳତା ପାଇଁ ବିଭିନ୍ନ କମିଟି ଓ ସବକମିଟି ମାନ ଗଠନ କରାଯିବା ସହ ଦାୟିତ୍ୱ ଅର୍ପଣ କରାଯାଇଛି। ଏହାକୁ ନେଇ ଦଳୀୟ ତତ୍ପରତା ବୃଦ୍ଧି ପାଇଛି।

### ଭସାଣି ସହ ଗଣେଶ ପୂଜା ଉତ୍ସବ ସମ୍ପନ୍ନ

**ଡୁଙ୍ଗୁରିପାଲି, ୨୪।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିରେ ଚାଲିଥିବା ଗଣେଷ ପୂଜା ଭସାଣି ସହ ରବିବାର ରାତିରେ ସମ୍ପନ୍ନ ହୋଇଛି। ବସ୍‌ଷ୍ଟାଣ୍ଡ ପାଖ ଚେକଗେଟ ନିକଟ ଓଁକାର ପୂଜା କମିଟି ପକ୍ଷରୁ କରାଯାଇଥିବା ଗଣେଶ ବିଗ୍ରହକୁ ଶୋଭାଯାତ୍ରାରେ ନିଆଯାଇ ଗାଁ ନିକଟ ଜଳାଶୟରେ ବିସର୍ଜନ କରାଯାଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ନାମ ସଂକୀର୍ତ୍ତନ, ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା।

## ଆନ୍ଦୋଳନରେ ଅଗ୍ନିଶମ କର୍ମଚାରୀ

**ବୌଦ୍ଧ,୨୪।୯(ସ୍ୱ.ପ୍ର.)**

ବୌଦ୍ଧ ଜିଲାର ଅଗ୍ନିଶମ ବିଭାଗ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ଆରମ୍ଭ କରିଥିବାବେଳେ ଜିଲାସାରା ଜରୁରୀ ସେବା ବ୍ୟାହତ ହୋଇଯାଇଛି। ପୋଲିସ କର୍ମଚାରୀଙ୍କ ଭଳି ସମସ୍ତ ସରକାରୀ ସୁବିଧା ସହିତ ବିଭିନ୍ନ ଦାବି ନେଇ ଅଗ୍ନିଶମ କର୍ମଚାରୀମାନେ ଏହି ଆନ୍ଦୋଳନ କରିଛନ୍ତି। ରାଜ୍ୟ ସଂଘର ଆହ୍ୱାନକ୍ରମେ ଜିଲାର ୪ ଗୋଟି ଦମକଳ କେନ୍ଦ୍ରର ୫୪ଜଣ କର୍ମଚାରୀ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ବନ୍ୟା, ବାତ୍ୟା, ଦୁର୍ଘଟଣା ସହିତ ସମସ୍ତ ପ୍ରକାର ଜରୁରୀ ପରିସ୍ଥିତିରେ ଅଗ୍ନିଶମ କର୍ମଚାରୀମାନେ ନିଜ ଜୀବନକୁ ବାଜି ଲଗାଇ ସେବା ଯୋଗାଇଦେଇ ଆସୁଥିଲେ ମଧ୍ୟ ସରକାର ଏହି କର୍ମଚାରୀମାନଙ୍କ ପ୍ରତି ଅବହେଳା କରିଆସିଛନ୍ତି। ଦୀର୍ଘଦିନରୁ ଅଗ୍ନିଶମ କର୍ମଚାରୀଙ୍କ ଅନେକ ଦାବି ସରକାରଙ୍କ ଶୀତଳ ଭଣ୍ଡାରରେ ପଡିଛି। ତେଣୁ ଶେଷରେ ନିରାଶ ହୋଇ କର୍ମଚାରୀମାନେ ଆନ୍ଦୋଳନର ପନ୍ଥା ବାଛିବାକୁ ବାଧ୍ୟ ହୋଇଥିବା ପ୍ରକାଶ କରିଛନ୍ତି।

### ସମୂହ ଗ୍ରାମ ସଫେଇ

**ଲାଠୋର,୨୪।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ଅନ୍ତର୍ଗତ ସାନଗୁର୍ଜିଭଟା ଗ୍ରାମରେ ବୀର ସୁରେନ୍ଦ୍ର ସାଏ ଯୁବ ପରିଷଦ ଏବଂ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ମିଳିତ ଉଦ୍ୟମରେ ସୋମବାର ଗ୍ରାମ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମରେ କାର୍ଯ୍ୟ କରୁଥିବା ଯୁବ ପରିଷଦର ସମସ୍ତ ସଦସ୍ୟ ଏବଂ ୧୩ଟି ମହିଳା ସ୍ୱୟଂସହାୟକ ସଦସ୍ୟା ଏବଂ ଶିକ୍ଷକ ଓ ଅଙ୍ଗନୱାଡି କର୍ମୀ ମିଶି ସଫେଇ କାର୍ଯ୍ୟ କରିଥିଲେ।

# ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

**ଡୁଙ୍ଗୁରିପାଲି,୨୪।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ରାଜୀବ ଭବନଠାରେ ସୋମବାର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅଭିଯୋଗ ଶୁଣାଣିରେ ଜିଲାପାଳ ମଧୁସୂଦନ ମିଶ୍ର ଯୋଗଦେଇ ୮୬ଟି ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ବ୍ୟକ୍ତିଗତଭାବେ ଇନ୍ଦିରା ଆବାସ, ବିଜୁ ପକ୍କା ଘର, ଘରଡିହ, କେନାଲ ପାଣି ଯୋଗାଣ, ରୟତି ଜମିରେ ରାସ୍ତା ନିର୍ମାଣ ଭଳି ୭୯ଅଭିଯୋଗ ରହିଥିବା ବେଳେ ୭ଟି ସାମୂହିକ ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୧ଟି ଅଭିଯୋଗ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡକୁ ଯାଇଥିବା ବେଳେ ତୁରନ୍ତ ୩ଟି ଅଭିଯୋଗର ସମାଧାନ ଜିଲାପାଳ ମିଶ୍ର କରିଥିଲେ। ଶିବିରରେ ପ୍ରଧାନମନ୍ତ୍ରୀ ଇନ୍ଦିରାଆବାସ ଯୋଜନା, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିସହାୟତା, ରାଶନ୍‌କାର୍ଡ, ବିଜୁପକ୍କାଘର, ଶ୍ରମିକ ପାଉଣା, ଘରଡିହ, ଜମିପଟା ବଣ୍ଟନ ବିଷୟରେ ଅଭିଯୋଗ ଉପରେ ତର୍ଜମା କରି ତୁରନ୍ତ ପଦକ୍ଷେପ ନେଇ ସମାଧାନ କରିବାକୁ ଜିଲାପାଳ ମିଶ୍ର ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ଚୁନିଆମୁଣ୍ଡା ଚାଷୀଙ୍କ ପାଇଁ ନୂତନଭାବେ ଥିବା ଉଠା ଜଳସେଚନରେ ବିଦ୍ୟୁତ୍ ସଂଯୋଗ କରି ଚାଷକାର୍ଯ୍ୟରେ ଜଳ ଯୋଗାଣ କରିବା ପାଇଁ ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଆରକ୍ଷୀ ଅଧୀକ୍ଷକ ଦେବୀ ପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଉପ ଜିଲାପାଳ ବଳରାମ ମଲ୍ଲିକ, ରାମପୁର ଅତିରିକ୍ତ ତହସିଲଦାର ରୋହିତ ଭୋଇ, ବିଡିଓ ସହଦେବ ସମାଧିଆ, ବ୍ଲକ ଚେୟାରମେନ ମକରଧ୍ୱଜ ସାହୁ, ବିଇଓ ରାମକୃଷ୍ଣ ପୁରୋହିତ, ପ୍ରାଣୀ ଚିକିତ୍ସା ଅଧିକାରୀ ଦେବରାଜ ନାଏକ, ଜିଲା କୃଷି ଅଧିକାରୀ ଶ୍ରୀନିବାସ ମଲ୍ଲିକ, ଜଳ ଯୋଗାଣ ଯନ୍ତ୍ରୀ ହରିପଦ ଦଲେଇ, କେନାଲ ବିଭାଗ ଯନ୍ତ୍ରୀ ପ୍ରଶାନ୍ତ କୁମାର ମାନକରଙ୍କ ସମେତ ଯୋଗାଣ, ସ୍ୱାସ୍ଥ୍ୟ, ଶିକ୍ଷା, ଜଳ ସେଚନ, ରାଜସ୍ୱ ବିଭାଗର ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ଅଗ୍ନିଶମ କର୍ମଚାରୀ

**ସୋନପୁର(ନି.ପ୍ର.)/ବୀରମହାରାଜପୁର, ୨୪।୯ (ଡି.ଏନ.ଏ)**

ବିଭିନ୍ନ ଦାବି ନେଇ ସୋମବାରଠାରୁ ଅଗ୍ନିଶମ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଅଗ୍ନିଶମ କର୍ମଚାରୀଙ୍କୁ ଓଡିଶା ପୋଲିସ କର୍ମଚାରୀମାନଙ୍କ ସହିତ ସମାନ ଦରମା, ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କୁ ନିୟମିତ ଦରମା, ଅବସରପ୍ରାପ୍ତ କର୍ମଚାରୀଙ୍କୁ ତୁରନ୍ତ ପେନସନ ଓ ଅବସରକାଳୀନ ପ୍ରାପ୍ୟ ପ୍ରଦାନ, ଅନ୍ୟ କର୍ମଚାରୀଙ୍କ ଭଳି ୮ ଘଣ୍ଟା ଡ୍ୟୁଟି ଓ ଖାଲି ପଡିଥିବା ପଦବୀ ପୂରଣ ପାଇଁ ସଂଘ ପକ୍ଷରୁ ଏହି ଆନ୍ଦୋଳନ କରାଯାଉଛି। କର୍ମଚାରୀମାନେ ସୋମବାର ସୋନପୁର, ତରଭା, ବିନିକା, ଉଲୁଣ୍ଡା, ବୀରମହାରାଜପୁର ଓ ଡୁଙ୍ଗୁରିପାଲି ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ସୋନପୁରରେ ହାବିଲଦାର ଦିଲ୍ଲିପ କୁମାର ଦେହୁରୀ, ଉଜ୍ଜ୍ୱଳ ବେହେରା,





ସୋନପୁରରେ ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ଧାରଣାରେ ବସିଛନ୍ତି (ବାମ)। ଆନ୍ଦୋଳନରେ ସାମିଲ ହୋଇଥିବା ବୀରମହାରାଜପୁର ଦମକଳ କେନ୍ଦ୍ରର ଅଗ୍ନିଶମ କର୍ମଚାରୀମାନେ।

ବିନୟ କୁମାର ସାମଲ, କିରନ ହେସ, ଧାରଣୀଧର ରାଉଳ, କଳାକାହ୍ନୁ ମେହେର, ସୁଧୀର କୁମାର ପ୍ରଧାନ, ବୁଦ୍ଧଦେବ ପଧାନ, ମହେଶ୍ୱର ପାଟନିଆ, ମୋହିତ ମୋହନ ଶବର, ବ୍ୟାସଦେବ ପଧାନ, ଚୈତନ୍ୟ ମହାରଣା, କୁଞ୍ଜ ବିହାରୀ ବେହେରା, ଶିବ ଶରଣ ପ୍ରଧାନ ଓ ସୁନୀଲ କାଲୋ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। ଆନ୍ଦୋଳନ ଆଗକୁ ଜାରି ରହିଲେ ଜନସାଧାରଣ ଜରୁରୀକାଳୀନ ସେବା ପାଇବାରୁ ବଞ୍ଚିତ ହେବେ। କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ସରକାର ଦାୟୀ ରହିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସେହିପରି ୬ଦଫା ଦାବି ନେଇ ବୀରମହାରାଜପୁର ଦମକଳ କେନ୍ଦ୍ରର ଅଗ୍ନିଶମ କର୍ମଚାରୀମାନେ ସ୍ଥାନୀୟ ଫାୟାର ଷ୍ଟେଶନ ସମ୍ମୁଖରେ ଧାରଣାରତ ଅଛନ୍ତି। ସୋମବାର ସକାଳଠାରୁ ଆରମ୍ଭ ହୋଇଥିବା ଆନ୍ଦୋଳନରେ ମୁଖ୍ୟ ଆଗ୍ନିକ ଅରୁଣ ବେହେରା ଓ ଡ୍ରାଇଭର ହାବିଲଦାର ଚିମନ ଭୋଇ ଖାଖାଙ୍କ ସହ ଆଗ୍ନିକ ବେଦବ୍ୟାସ ପାଉଲେ, ଭବାନୀଶଙ୍କର ସାହୁ, ରବିନ୍ଦ୍ର ଧରୁଆ, ସଚ୍ଚିଦା ସାଏ, ସୁଶାନ୍ତ ବାରିକ, ହିମାଂଶୁ ବାରିକ, ସୁଶିଲ ସାହୁ, ମେଘନାଦ ମାଝୀ, ସାରଦା ପରିଡା ଏବଂ ଆଗ୍ନିକ ଡ୍ରାଇଭର ବିହାରୀଲାଲ ବାଘ ଓ ସୁବୋଧ ସେଠୀ ସାମିଲ ଅଛନ୍ତି।



ଜଓ୍ବାନ ଓ କିଷାନ୍‌ର ଜୟ ହିଁ ଦେଶ ଏବଂ ଜାତିର ଜୟ।

- ଲାଲ୍ ବାହାଦୁର ଶାସ୍ତ୍ରୀ



## ସଂକ୍ଷେପରେ

### ହିରାପାଲିରେ ଅନନ୍ତବ୍ରତ ମହୋତ୍ସବ

ସୋହେଲା,୨୪।୯(ଡି.ଏନ୍.ଏ.)- ବରଗଡ଼ ଜିଲା ସୋହେଲା ବ୍ଲକ ବାଉଁସେନମୁରା ପଞ୍ଚାୟତ ହିରାପାଲି ଗ୍ରାମରେ ଅନନ୍ତବ୍ରତ ମହୋତ୍ସବ ଆରମ୍ଭ ହୋଇଛି । ଚଳିତ ବର୍ଷ ଏହି ମହୋତ୍ସବ ୪୨ ବର୍ଷରେ ପଦାର୍ପଣ କରିଛି। ପୂଜା କର୍ତ୍ତାଭାବେ ଉପେନ୍ଦ୍ର ରଥ ଦାୟିତ୍ୱ ସମ୍ପାଦନ କରୁଛନ୍ତି । ପୂଜକ ଭାବେ ପଣ୍ଡିତ ଲୋକେଶ୍ୱର ଦାଶ ଦାୟିତ୍ୱ ତୁଲାଉଛନ୍ତି। ଗ୍ରାମର ମୂର୍ତ୍ତି କାରିଗର ଗୋପାଳ ଭୁଏ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ନିଖୁଣଭାବରେ ମୂର୍ତ୍ତି ତିଆରି କରିଛନ୍ତି । ପୂଜାରେ ଭାଗ ନେଇଥିବା ୬୦ଜଣ ବ୍ରତୀ ଗ୍ରାମ ପୋଖରୀରୁ କଳସରେ ପାଣିଧରି ଏକ ଶୋଭାଯାତ୍ରାରେ ବାହାରି ପୂଜାମଣ୍ଡପରେ ପହଞ୍ଚିଥିଲେ। ପରେ ପୂଜାମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା। ୪ଦିନ ଧରି ପୂଜା ମହୋତ୍ସବ ଚାଲିବ। ବିଭିନ୍ନ ଦିନରେ ଭଜନ ସମାରୋହ ଓ ଭାଗବତ ପରାୟଣ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏପରି କି ସାଂସ୍କୃତିକ କାର୍ଯ୍ୟକ୍ରମରେ ଦଣ୍ଡନୃତ୍ୟ, ଅପେରା ତଥା ପ୍ରତ୍ୟହ ସଂକୀର୍ତ୍ତନ ପରିବେଷଣ କରାଯିବ। ମଙ୍ଗଳବାର ଅନ୍ନଭୋଗ ଦିଆଯିବ ବୋଲି ପୂଜା କମିଟି ସଭାପତି ଅରୁଣ କୁମାର ସାହୁ ସୂଚନା ଦେଇଛନ୍ତି।

### ମହିଳା ପିଇଓଙ୍କୁ ଦୁର୍ବ୍ୟବହାର, ଥାନାରେ ବିଡିଓଙ୍କ ଏତଲା

ଭଟଲି,୨୪।୯(ଡି.ଏନ୍.ଏ): ଭଟଲି ବ୍ଲକରେ କାର୍ଯ୍ୟରତ ଜଣେ ମହିଳା ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ(ପିଇଓ)ଙ୍କୁ ହତ୍ୟା ଧମକ ସହ ଦୁର୍ବ୍ୟବହା କରିଥିବା ନେଇ ସୋମବାର ବିଡିଓ ଧୀରେନ୍ଦ୍ର କୁମାର ସେଠୀ ଭଟଲି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପତ୍ର ଦେବାବେଳେ ବ୍ଲକ ଅଧକ୍ଷା ପ୍ରେମାବତୀ ସାଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ମଙ୍ଗଳବାର ଥାନା ଆଗରେ ଧାରଣାରେ ବସିବେ ବୋଲି କର୍ମଚାରୀମାନେ ଚେତାବନୀ ଦେଇଛନ୍ତି। ଅଭିଯୋଗ ମୁତାବକ, ବାଞ୍ଜିପାଲି ଗ୍ରାମର ଜଣେ ବ୍ୟକ୍ତି ଗତ ବର୍ଷ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଥିଲେ। ପ୍ରଥମ କିସ୍ତି ୨୦ହଜାର ଟଙ୍କା ନେଇଥିଲେ। କାର୍ଯ୍ୟ ଯାଞ୍ଚ ନେଇ ପିଇଓ ବାଞ୍ଜିପାଲି ଗ୍ରାମକୁ ଯାଇଥିଲେ। ହେଲେ ବ୍ୟକ୍ତି ଜଣକ ପ୍ରଥମ ଦଫା କାର୍ଯ୍ୟ ଶେଷ କରି ନ ଥିଲେ। ଏନେଇ ପିଇଓ କାର୍ଯ୍ୟ ଶେଷ କରିବାକୁ ବ୍ୟକ୍ତି ଜଣଙ୍କୁ କହିଥିଲେ। ହେଲେ ବ୍ୟକ୍ତି ଜଣକ ନିଜ ବଡ଼ ଭାଇଙ୍କ ଘରର ଫଟୋ ଉଠାଇ ବିଲ୍ କରିଦେବାକୁ ପିଇଓଙ୍କୁ କହିଥିଲେ। ଏଥିରେ ପିଇଓ ରାଜି ନ ହୋଇ ଫେରି ଆସିଥିଲେ। ଅନ୍ୟପକ୍ଷେ ବ୍ୟକ୍ତି ଜଣକ ପ୍ରତିଶୋଧ ପରାୟଣ ହୋଇ ବିଭିନ୍ନ ସମୟରେ ପିଇଓଙ୍କ ଗାଳିଗୁଲଜ କରୁଥିଲେ। ଏପରି କି ସୋମବାର ଅପରାହ୍ନ ସାଢେ ୩ଟା ବେଳେ ବ୍ୟକ୍ତି ଜଣକ ବ୍ଲକ କାର୍ଯ୍ୟାଳୟ ଭିତରକୁ ଅତର୍କିତ ଭାବେ ପଶି ଆସି କାର୍ଯ୍ୟରତ ପିଇଓଙ୍କୁ ଗାଳିଗୁଲଜ କରି ହତ୍ୟା ଧମକ ଦେଇଥିଲେ। ଏନେଇ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ବିଡିଓ ଥାନାରେ ଏକ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ.୧୩୯/୧୮) ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

### ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ଦାବିରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

ପାଇକମାଲ,୨୪।୯(ଡି.ଏନ୍.ଏ.) ପାଇକମାଲ ମାରୱାଡି ଯୁବାମଞ୍ଚ ପକ୍ଷରୁ ପାଇକମାଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପ୍ରଦାନ ସହ ୩ ଦଫା ସମ୍ବଳିତ ଏକ ଦାବିପତ୍ର ବିଡିଓଙ୍କ ଜରିଆରେ ବରଗଡ଼ ଜିଲାପାଳଙ୍କୁ ସୋମବାର ପ୍ରଦାନ କରାଯାଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପାଇକମାଲ, ଝାରବନ୍ଧ ବ୍ଲକର ରୋଗୀମାନେ ନିର୍ଭର କରିଥାନ୍ତି । ପ୍ରତିଦିନ ୩୦୦ରୁ ୪୦୦ ରୋଗୀ ସ୍ୱାସ୍ଥ୍ୟ ସେବା ପାଇବା ପାଇଁ ଏଠାକୁ ଆସିଥାନ୍ତି। ହେଲେ ଡାକ୍ତରଙ୍କ ଅଭାବ ଯୋଗୁ ରୋଗୀମାନେ ଚିକିତ୍ସା ସେବା ନ ପାଇ ବରଗଡ, ବୁର୍ଲା ତଥା ରାୟପୁରକୁ ଚିକିତ୍ସା ପାଇଁ ଯାଇ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ଏଣୁ ପାଇକମାଲ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ସହ ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ ନେଇ ମାରୱାଡି ଯୁବାମଞ୍ଚ ପକ୍ଷରୁ ଦାବି କରାଯାଇଛି। ମଞ୍ଚର ନିକେଶ ଅଗ୍ରୱାଲ, ରବି ଅଗ୍ରୱାଲ,କମଲେଶ ଅଗ୍ରୱାଲ, ବିକି ଅଗ୍ରୱାଲ, ସୁମିତ ଅଗ୍ରୱାଲ, ମୁକେଶ ଅଗ୍ରୱାଲଙ୍କ ସହ ଅନ୍ୟ କର୍ମକର୍ତ୍ତା ପ୍ରମୁଖ ଜିଲାପାଙ୍କ ଉଦ୍ଦେଶ୍ୟରେ ବିଡିଓ ସଦାଶିବ ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ପୋଲିସ ପୋଷାକରେ କଳାଦାଗ

# ଥାନାକୁ ଆସିଥିବା ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ପ୍ରସ୍ତାବ ଦେଲେ ଏଏସ୍‌ଆଇ

**ବରଗଡ଼ ଅଫିସ୍,୨୪।୯**

ବରଗଡ଼ ଜିଲା ପୋଲିସକୁ ବିବାଦ ପିଛା ଛାଡୁନି । ପୁଣିଥରେ ଜିଲା ପୋଲିସର ଖାକିବର୍ଦ୍ଦିରେ ଲାଗିଛି କଳାଦାଗ । ଏକ ପାରିବାରିକ ବିବାଦର ସମାଧାନ ପାଇଁ ଥାନାକୁ ଆସିଥିଲେ ଜଣେ ମହିଳା । ହେଲେ ଏହି ସୁଯୋଗରେ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିବାକୁ ଜଣେ ପୋଲିସ ଏଏସ୍‌ଆଇ କହିଥିବା ଅଭିଯୋଗ ହୋଇଛି । ବରଗଡ଼ ଜିଲା ବରପାଲି ଥାନାରେ କାର୍ଯ୍ୟରତ ଏଏସ୍‌ଆଇ ପ୍ରମୋଦ କୁମାର ପାତ୍ରଙ୍କ ବିରୋଧରେ ଏଭଳି ଅଭିଯୋଗ ଆଣିଛନ୍ତି ସଂପୃକ୍ତା ମହିଳା । ସେ ଏ ସଂକ୍ରାନ୍ତରେ ସୋମବାର ବରଗଡ଼ ଏସ୍‌ପିଙ୍କୁ ଫେରାଦ ହୋଇଛନ୍ତି। ଏସ୍‌ପି ମୁକେଶ କୁମାର ଭାମୁ ମହିଳାଙ୍କ ଅଭିଯୋଗକୁ ଗୁରୁତ୍ୱର ସହିତ ନେଇଛନ୍ତି। ଉକ୍ତ ଅଭିଯୋଗର ତଦନ୍ତ କରି ୩ଦିନ ମଧ୍ୟରେ ରିପୋର୍ଟ ଦେବାକୁ ସେ ବରଗଡ଼ ଏସ୍‌ଡ଼ିପିଓ ସୁରେଶ କୁମାର ନାଏକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଡିଏସ୍‌ପି ନଗେନ୍ଦ୍ର ପ୍ରସାଦ ନାୟକ କହିଛନ୍ତି, ଏସ୍‌ଡ଼ିପିଓ ତଦନ୍ତ ରିପୋର୍ଟ ଦେବା ପରେ ଏସ୍‌ପି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ତେବେ ଏ ନେଇ ବରପାଲି ଥାନା ଏଏସ୍‌ଆଇ ପାତ୍ରଙ୍କୁ ପଚାରିବାରୁ ସେ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସ୍ୱାମୀଙ୍କ ବିରୋଧରେ ସମ୍ପୃକ୍ତ ମହିଳା ଆଣିଥିବା ଅଭିଯୋଗ ଉପରେ ଥାନାର ଅନ୍ୟଜଣେ ଅଧିକାରୀ ତଦନ୍ତ କରୁଥିଲେ ଏବଂ ତାଙ୍କ ସହିତ ସମ୍ପୃକ୍ତ ମହିଳାଙ୍କ ଦେଖା ମଧ୍ୟ ହୋଇ ନ ଥିଲା ବୋଲି ପାତ୍ର କହିଛନ୍ତି । ଅଯଥାରେ ତାଙ୍କୁ ଫସାଇବା ପାଇଁ ଏହା ଏକ ସୁଚିନ୍ତିତ ଚାଲ୍ ଏବଂ ଏସ୍‌ପି ଯେହେତୁ ତଦନ୍ତ ନିର୍ଦ୍ଦେଶ ଦେଇ ସାରିଛନ୍ତି, ତଦନ୍ତରୁ ସତ୍ୟ ନିଶ୍ଚିତ ସାମ୍ନାକୁ ଆସିବ ବୋଲି ସେ କହିଥିଲେ।

- ପାରିବାରିକ ବିବାଦର ସମାଧାନ ପାଇଁ ଆସିଥିଲେ
- ୩ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦେବାକୁ ଏସ୍‌ପିଙ୍କ ନିର୍ଦ୍ଦେଶ
- ଫସାଇବାକୁ ଏକ ଚାଲ୍ ବୋଲି କହିଲେ ପୋଲିସ ଏଏସ୍‌ଆଇ

ପ୍ରକାଶ ଯେ, ସୋନପୁର ଜିଲା ଲଛିପୁର ଥାନା ଅଧୀନ କୁର୍ଲା ଗ୍ରାମର ଜଣେ ଯୁବତୀ ୩ବର୍ଷ ତଳେ ବରଗଡ଼ ଜିଲା ମେଲଛାମୁଣ୍ଡା ଥାନା ଅଞ୍ଚଳରେ ପ୍ରେମ ବିବାହ କରିଥିଲେ । ତାଙ୍କର ଏକ ପୁତ୍ର ସନ୍ତାନ ଅଛି । ଗତ ୨ବର୍ଷ ହେବ, ଏହି ଦମ୍ପତି ବରଗଡ଼ ଜିଲା ବରପାଲି ଥାନା ଅନ୍ତର୍ଗତ ବଡ଼ଗାଁକୁ ଆସି ରହୁଥିଲେ । ମହିଳାଙ୍କ ସ୍ୱାମୀ ଜଣେ ମିସ୍ତ୍ରୀ ଭାବେ କାମ କରିବା ସହିତ ଏକ ଦଣ୍ଡପାର୍ଟିର ମ୍ୟାନେଜର ଭାବେ ରହି ସେଥିରୁ ଉପାର୍ଜିତ ଟଙ୍କାରେ ପରିବାର ପୋଷଣ କରୁଥିଲେ । ତେବେ ଗତ କିଛିଦିନ ତଳେ ଏହି ଦମ୍ପତିଙ୍କ ମଧ୍ୟର ମତାନ୍ତର ସୃଷ୍ଟି ହୋଇଥିଲା । ସ୍ୱାମୀ ତାଙ୍କୁ କିଛି ଭରଣପୋଷଣ ଖର୍ଚ୍ଚ ଦେଉ ନ ଥିବା ମହିଳା ଜଣକ ଅଭିଯୋଗ କରିଥିଲେ । ଏହି ଅଭିଯୋଗ ନେଇ ଗତ ଗଣେଶ ପୂଜା ଦିନ ସେ ବରପାଲି ଥାନାକୁ ଆସିଥିଲେ । ସେତେବେଳେ ଥାନାରେ ଏଏସ୍‌ଆଇ ପାତ୍ର ଅଭିଯୋଗର ସମାଧାନ ଦିଗରେ ପଦକ୍ଷେପ ନେବା ପରିବର୍ତ୍ତେ ତାଙ୍କୁ ଯୌନ ଲାଳସା ଦେଖାଇଥିଲେ ବୋଲି ମହିଳା ଜଣକ ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି, ଥାନାକୁ ଅଭିଯୋଗ କରିବା ପାଇଁ ଆସିଥିବା ବେଳେ ଏଏସ୍‌ଆଇ ପାତ୍ର ତାଙ୍କୁ ଥାନା ପରିସରରେ ଥିବା ବଗିଚା ପାଚେରି ପଟକୁ ଡାକି ନେଇଥିଲେ। ତୁମ ସ୍ୱାମୀ ଆଉ କେବେ ତୁମକୁ ନେବାକୁ ଆସିବ ନାହିଁ କିମ୍ବା ଭରଣପୋଷଣ ଖର୍ଚ୍ଚ ଦେବ ନାହିଁ, ଫଳରେ ତୁମେ ଠିକ୍ କରିଥିବା ଲୋକଙ୍କ ସହିତ ରହିବ । ଆବଶ୍ୟକ ହେଲେ ମୋ ସହିତ ଶାରୀରିକ ଶୋଷ ମେଣ୍ଟାଇ ପାରିବ ବୋଲି କୁଆଡ଼େ ଏଏସ୍‌ଆଇ ପାତ୍ର ତାଙ୍କୁ କହିଥିଲେ ବୋଲି ମହିଳା ଜଣକ ଅଭିଯୋଗ କରିଛନ୍ତି। ଏପରି କି ଏ କଥା ଅନ୍ୟ କାହାରିକୁ କହିଲେ ଜୀବନରେ ମାରିଦେବାକୁ ଏଏସ୍‌ଆଇ ଧମକ ଦେଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଇତିମଧ୍ୟରେ ଏହି ଦମ୍ପତିଙ୍କ ମଧ୍ୟରେ ରହିଥିବା ବିବାଦର ସମାଧାନ ହୋଇଯାଇଛି । ମହିଳା ଜଣକ ତାଙ୍କ ସ୍ୱାମୀଙ୍କ ସହିତ ଏସ୍‌ପିଙ୍କ ଅଫିସକୁ ଆସି ଏଏସ୍‌ଆଇ ପାତ୍ରଙ୍କ ବିରୋଧରେ ଏପରି ଅଭିଯୋଗ ଆଣିଛନ୍ତି।

## ନୂଆଁଖାଇ ଭେଟ୍‌ଘାଟ୍: ଦୁଲଦୁଲି ବାଜାରେ ଦୁଲ୍‌କିଲା ମଞ୍ଚ

**ଜାମଟିକ୍ରା,୨୪।୯(ଡି.ଏନ.ଏ)**

ଅତାବିରା ଫଟୋ ଆସୋସିଏଶନ୍ ପକ୍ଷରୁ ସ୍ଥାନୀୟ ଆନ୍ଧ୍ର କଲ୍ୟାଣ ମଣ୍ଡପଠାରେ ସୋମବାର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ ସଭାପତି ସଞ୍ଜୟ ରଥଙ୍କ ଅଧକ୍ଷତାରେ ପ୍ରଥମେ ମା’ ସମଲେଇଙ୍କୁ ପୂଜାର୍ଚ୍ଚନା କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଶିକ୍ଷକ ବବ୍ରୁବାହନ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସାମାଜିକ କର୍ମୀ ଗୋବିନ୍ଦ ନାଗ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ନାଟ୍ୟକାର ପ୍ରଫୁଲ୍ଲ ସାହୁ, ସମ୍ମାନିତ ଅତିଥି ଅଭିନେତା ଅଟଳବିହାରୀ ପଣ୍ଡା, ଅତାବିରା ଥାନା ଅଧିକାରୀ ଗୌରାଙ୍ଗ ଚରଣ ସାହୁ, ରାଜ୍ୟ ଫଟୋ ଆସୋସିଏଶନ ସଭାପତି ଚିତ୍ତରଞ୍ଜନ ପାତ୍ର ପ୍ରମୁଖ ଯୋଗଦେଇଥିଲେ । ନୂଆଁଖାଇ ଏକତାର ପର୍ବ ବୋଲି ଅତିଥିମାନେ ମତପ୍ରକାଶ କରିବା ସହ ନୂଆଁଖାଇ ଭେଟ୍‌ଘାଟର୍ ତାତ୍ପର୍ଯ୍ୟ ସମ୍ପର୍କରେ ସଂଘ ସମ୍ପାଦକ ସୁଦାମ ମିଶ୍ର ବୁଝାଇଥିଲେ। ଏହି ଅବସରରେ ନାଟ୍ୟକାର ତଥା ଚଳଚ୍ଚିତ୍ର ଅଭିନେତା ଅଟଳ ବିହାରୀ ପଣ୍ଡାଙ୍କୁ କୋଶଳଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୁଲଦୁଲି ବାଜା ଓ ସମ୍ବଲପୁରୀ ନୃତ୍ୟରେ ମଞ୍ଚ ଦୁଲ୍‌କି ଉଠିଥିଲା। କ୍ରିଷ୍ଣା ଦାସ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଶାନ୍ତ ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ।

### ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ ଘଟଣା

## ୱେସ୍କୋ ଅଫିସରେ ମୃତଦେହ ରଖି ଆନ୍ଦୋଳନ

**ବରଗଡ଼ ଅଫିସ୍,୨୪।୯**

ବରଗଡ଼ ସଦର ଥାନା ଅଧୀନ ବନବାସପାଲି ଗ୍ରାମରେ ରବିବାର ବିଦ୍ୟୁତ୍ ମରାମତି ବେଳେ ସୋହେଲା ବ୍ଲକ ଭାତବିଡ଼ା ଗ୍ରାମର କୁମର ରଣା(୩୩)ଙ୍କ ମୃତ୍ୟୁ ଘଟଣାକୁ ନେଇ ଆନ୍ଦୋଳନ ତେଜି ଉଠିଛି । ସୋମବାର ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ବ୍ୟବଚ୍ଛେଦ ହେବା ପରେ ଗ୍ରାମବାସୀ ମୃତଦେହ ଧରି ସ୍ଥାନୀୟ ୱେସ୍କୋ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ମୃତକଙ୍କ ସ୍ତ୍ରୀଙ୍କୁ ୱେସ୍କୋ ବିଭାଗରେ ଚାକିରି ଏବଂ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରିଥିଲେ। ତେବେ ଟାଣଖରାରେ ଗ୍ରାମବାସୀ ଆନ୍ଦୋଳନ ଚଳାଇଥିଲେ ହେଁ କାର୍ଯ୍ୟାଳୟରେ ଥିବା ସତ୍ତ୍ୱେ ୱେସ୍କୋର କୌଣସି ଅଧିକାରୀ ସେମାନଙ୍କ ପାଖକୁ ପହଞ୍ଚି ନ ଥିଲେ । ଫଳରେ ଗ୍ରାମବାସୀ ମୃତଦେହକୁ କାର୍ଯ୍ୟାଳୟ ଭିତରକୁ ନେଇ ଦାବି ପୂରଣ କରିବାକୁ ଅଡ଼ି ବସିଥିଲେ। ସେହିପରି କିଛି ଗ୍ରାମବାସୀ କାର୍ଯ୍ୟାଳୟ ମଧରେ ଥିବା ୱେସ୍କୋ ନିର୍ବାହୀ ଯନ୍ତ୍ରୀ ଡାନିଏଲ ପରିଜାଙ୍କୁ ଘେରିଯାଇ ଦାବି ଉପସ୍ଥାପନ କରିଥିଲେ । ନିର୍ବାହୀ ଯନ୍ତ୍ରୀ ପରିଜା ଘଟଣା ସଂକ୍ରାନ୍ତରେ ଉଚ୍ଚପଦସ୍ତ ଅଧିକାରୀଙ୍କୁ ଜଣାଇବା ସହ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପ୍ରକାଶଥାଉକି, ମୃତ କୁମର ପରିବାର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁପରେ ସ୍ତ୍ରୀ ଓ ୩ଶିଶୁ ସନ୍ତାନ ସମ୍ପୂର୍ଣ୍ଣ ବେସାହାରା ହୋଇ ପଡ଼ିଛନ୍ତି।

## ବିଜେପୁରରେ ଅନନ୍ତ ବ୍ରତ ମହୋତ୍ସବ

ବିଜେପୁର, ୨୪।୯(ଡି.ଏନ.ଏ.)

ପ୍ରସିଦ୍ଧ ଅନନ୍ତ ବ୍ରତ ମହୋତ୍ସବ ପାଇଁ ବରଗଡ଼ ଜିଲା ବିଜେପୁର ଏନ୍ଏସିର ସଦରମହକୁମାର ଉତ୍ସବ ମୁଖରିତ ହୋଇପଡିଛି। ସୁଦୃଶ୍ୟ ଆଲୋକମାଳାରେ ରାସ୍ତାର ଉଭୟ ପାର୍ଶ୍ୱ ଝଲସି ଉଠୁଛି। ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳି ଓ ପୁରୋହିତଙ୍କ ବେଦମନ୍ତ୍ରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି । ମେହେର ମଧପଡା, ଉପରପଡା, ତଳିପଡ଼ା, ଗାନ୍ଧୀପଡ଼ା, ବୀରବଜରଙ୍ଗ ଛକ, ଭୁଏପଡ଼ାର ସୁଦୃଶ୍ୟ ତୋରଣ ଶ୍ରଦ୍ଧାଳୁମାନଙ୍କ ମନମୋହିଛି। ଶ୍ରଦ୍ଧାଳୁଗଣ ମୀନା ବଜାର, ଉଠା ଦୋକାନର ଗୁପ୍‌ଚୁପ, ଚାଟ ଦହିବରାର ମଜା ଉଠାଉଛନ୍ତି। ଚଳିତ ବର୍ଷ ଏହି ପୂଜା ମହୋତ୍ସବ ପାଇଁ ବରଗଡ଼, ନୂଆଁପଡ଼ା, ସମ୍ବଲପୁର, ସୋନପୁର, ବୌଦ୍ଧ ଝାରସୁଗୁଡ଼ା ଜିଲା ସମେତ ଆନ୍ତରାଜ୍ୟ ଛତିଶଗଡ଼ ରାଜ୍ୟରୁ ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିବା ସମନ୍ୱୟ କମିଟି ସୂତ୍ରରୁ ଜଣାପଡିଛି। ମଧ୍ୟପଡ଼ାସ୍ଥିତ ସାଂସ୍କୃତିକ ମଣ୍ଡପକୁ ରବିବାର ରାତିରେ ବିଧାୟିକା ରୀତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ଅଧରେ ବ୍ଲକ ଅଧକ୍ଷା ମାନିନୀ ଭୋଇ, ବିଜେଡିଜିଲା ଉପସଭାପତି ଜନାର୍ଦ୍ଦନ ପାଣିଗ୍ରାହୀ, ଏମ୍‌ପିଙ୍କ ପ୍ରତିନିଧି ବଳଭଦ୍ର ପଧାନ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସଭାପତି ସୁବଳ ମେହେରଙ୍କ ଅଧକ୍ଷତାରେ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଯୁବ କବିମାନସ ରଞ୍ଜନ କରଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଟାଙ୍ଗରୁପଦରର ସୁରଝଙ୍କାର, ଶରଧାପାଲିର ଲୋକନୃତ୍ୟ ପରିବେଷିତ ହୋଇଥିଲା। ପରେ ଆୟୋଜିତ ହାସ୍ୟ କବି ସମ୍ମିଳନୀରେ କ୍ରାନ୍ତି କବି ହରିଲାଲ ସାହୁ, ନିତିଶ ଆଚାର୍ଯ୍ୟ, ଦେବେନ୍ଦ୍ର ସାହୁ, ସନୟ ମେହେର, ରାମ ପ୍ରସାଦ ବାଗ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ପାଦକ ଜିତେନ୍ଦ୍ରୀୟ ମେହେର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିପରି ୫୫ତମ ବର୍ଷରେ ପଦାର୍ପଣ କରିଥିବା ଅନନ୍ତବ୍ରତ ମହୋତ୍ସବ ପାଇଁ ଜାଲପାଲି ଗ୍ରାମ ଚଳଚଞ୍ଚଳ ହୋଇପଡିଛି। ଜଗନ୍ନାଥ ମନ୍ଦିରର ପୂଜାମଣ୍ଡପରେ ଲିଙ୍ଗରାଜ ଭୋଇ ଓ ଆନନ୍ଦ ମେହେର କର୍ତ୍ତା ଏବଂ ପଦ୍ମନାଭ ତ୍ରିପାଠୀ ପୁରୋହିତ ଦାୟିତ୍ୱ ତୁଲାଇଥିଲେ। ଗୌଣ୍ଟିଆପଡାରେ ନେତ୍ରାନନ୍ଦ ମେହେର କର୍ତ୍ତା ଓ ସୁବାଷ ଚନ୍ଦ୍ର ତ୍ରିପାଠୀ ପୁରୋହିତ କର୍ମ ସମ୍ପାଦନ କରିଥିଲେ । ରାତିରେ ଶ୍ରଦ୍ଧାଳୁମାନଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ଅନନ୍ତ ଭଗବାନଙ୍କ ମୃଣ୍ମୟ ମୂର୍ତ୍ତି ।

## ମାଛ ମାରିବାକୁ ଯାଇ ଛାତ୍ର ନିଖୋଜ

**ବରଗଡ଼ ଅଫିସ୍,୨୪।୯**

ବରଗଡ଼ ନଦୀପଡ଼ାର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର ରବିବାର ନିଜ ସାଙ୍ଗସାଥୀଙ୍କ ସହିତ ନିକଟ ଜୀରାନଦୀକୁ ମାଛ ମାରିବାକୁ ଯାଇ ନିଖୋଜ ହୋଇ ଯାଇଛନ୍ତି । ନିଖୋଜ ଛାତ୍ର ଜଣକ ହେଲେ, ନଦୀପଡ଼ାର ଗୋବିନ୍ଦ ସାହୁ(୧୩) ଓରଫ ଛିନୁ । ସ୍ଥାନୀୟ ରାଣାପ୍ରତାପ ହାଇସ୍କୁଲର ସେ ଅଷ୍ଟମ ଶ୍ରେଣୀ ଛାତ୍ର ଅଟନ୍ତି। ପରିବାର ଲୋକେ ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କୁ ନ ପାଇବାରୁ ଏ ନେଇ ସ୍ଥାନୀୟ ଟାଉନ ଥାନା ପୋଲିସକୁ ଜଣାଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଏହାର ଅନୁସନ୍ଧାନ ଚଳାଇଛି। ପ୍ରକାଶ ଯେ, ରବିବାର ଛୁଟିଦିନ ଥିବା ଯୋଗୁ ଗୋବିନ୍ଦ ତାଙ୍କ ସାଙ୍ଗସାଥୀଙ୍କ ସହିତ ଜୀରାନଦୀକୁ ମାଛ ମାରିବାକୁ ଯାଇଥିଲେ। ଅନ୍ୟ ସାଙ୍ଗସାଥୀ ଘରକୁ ଫେରିଥିବା ବେଳେ ଗୋବିନ୍ଦ ଘରକୁ ଆସି ନ ଥିଲେ ।

# କାର୍ଯ୍ୟବନ୍ଦ ଆନ୍ଦୋଳନରେ ଅଗ୍ନିଶମ କର୍ମଚାରୀ

**ବରଗଡ଼ ଅଫିସ୍,୨୪।୯**

ରାଜ୍ୟର ଅଗ୍ନିଶମ କର୍ମଚାରୀମାନେ ୬ଦଫା ଦାବି ନେଇ ସୋମବାରରୁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏଥିରେ ବରଗଡ଼ ଜିଲା ଅଗ୍ନିଶମ କର୍ମଚାରୀମାନେ ମଧ ସାମିଲ ହୋଇଛନ୍ତି। ଅଗ୍ନିଶମ କର୍ମଚାରୀଙ୍କୁ ପୋଲିସମାନଙ୍କ ଭଳି ସମାନୁପାତିକ ଦରମା, ଭତ୍ତା ପ୍ରଦାନ, ଅଗ୍ନିଶମ ସେବା ସଂସ୍କାର ପାଇଁ ହାବିଲଦାର ଓ ଫାୟାର ଆସୋସିଏଶନକୁ ସରକାରୀ ପଞ୍ଜୀକରଣଭୁକ୍ତ କରିବା, ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କୁ ନିୟମିତ ଦରମାଭୁକ୍ତ କରିବା ସହିତ ନିଜ ଜିଲା କିମ୍ବା ଆବଶ୍ୟକସ୍ଥଳେ ନିକଟସ୍ଥ ଜିଲାରେ ନିଯୁକ୍ତି ଦେବା, ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କୁ ତୁରନ୍ତ ପେନସନ ଓ ଅବସରକାଳୀନ ପ୍ରାପ୍ୟ ପ୍ରଦାନ, ଖାଲି ପଡ଼ିଥିବା ପଦବୀ ପୂରଣ ଆଦି ଦାବି ହୋଇଛି। ଅଗ୍ନିଶମ କର୍ମଚାରୀଙ୍କ ଏହି ଆନ୍ଦୋଳନ ଯୋଗୁ ଜିଲାରେ ରହିଥିବା ୧୨ଟି ଅଗ୍ନିଶମ କେନ୍ଦ୍ରରେ ସେବା ସମ୍ପୂର୍ଣ୍ଣ ଠପ ହୋଇଯାଇଛି । ବରଗଡ଼ ଅଗ୍ନିଶମ କେନ୍ଦ୍ରରେ ବାସୁଦେବ ସାମଲ, ନରସିଂହ ବର୍ଗେ, ଦ୍ୱାରିକାନାଥ ବିଶ୍ୱାଳ, ମାନସ ରଞ୍ଜନ ପ୍ରଧାନ, ସୁବ୍ରତ ସ୍ୱାଇଁ ପ୍ରମୁଖ ନେତୃତ୍ୱ ନେଉଛନ୍ତି।



କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଥିବା ବରଗଡ଼ ଜିଲା ଅଗ୍ନିଶମ କର୍ମଚାରୀମାନେ।

**ଭଟଲି,(ଡି.ଏନ୍.ଏ)**
ସେହିପରି ଭଟଲି ଅଗ୍ନିଶମ ବିଭାଗ ପକ୍ଷରୁ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି । ଆନ୍ଦାଳନରେ ସ୍ଥାନୀୟ କାର୍ଯ୍ୟାଳୟର ହାବିଲଦାର, ଡ୍ରାଇଭର ଏବଂ କନେଷ୍ଟବଲ ପ୍ରମୁଖ ଧାରଣାରେ ବସିଥିଲେ। ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି କର୍ମଚାରୀମାନେ ଚେତାବନି ଦେଇଥିଲେ।

**ପଦ୍ମପୁର,(ଡି.ଏନ.ଏ.)**
ପଦ୍ମପୁର ଅଗ୍ନିଶମ କର୍ମଚାରୀମାନେ ମଧ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଆନ୍ଦୋଳନରେ ନାରାୟଣ ଚନ୍ଦ୍ର ନାୟକ, ଅର୍ଜୁନ ବାଗ, ଦେବହରି ବରିହା, ଭଗତରାମ ଶବର, ରୋହିତ ମଲ୍ଲିକ, ସୁଶୀଳ କୁମାର ବାଗ, ଶଶିଭୂଷଣ ରାଉତ, ଶେଷଦେବ ପୁଟେଲ, ସୁଶୀଲ କୁମାର ଟେଟେ, ରାଧେଶ୍ୟାମ ସାହୁ, ହେମନ୍ତ ଟପ୍ପୋ, ଭାଗିରଥୀ ପ୍ରଧାନ, ସ୍ୱପ୍ନେଶ୍ୱର ବେହେରା ପ୍ରମୁଖ ସାମିଲ ହୋଇଛନ୍ତି।

**ବିଜେପୁର,(ଡି.ଏନ୍.ଏ.)**– ବିଜେପୁର ଅଗ୍ନିଶମ କର୍ମଚାରୀମାନେ ମଧ ୬ ଦଫା ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ହାବିଲଦାର ସତ୍ୟାନନ୍ଦ ପଣ୍ଡା ଏହାର ନେତୃତ୍ୱ ନେଇଛନ୍ତି। ଏଥିରେ ସୁଶୀଳ କୁମାର ବଳ, ପଙ୍କଜ କାଲୋ, ଫାୟାରମ୍ୟାନ ସତ୍ୟମ ପଧାନ, ବିକାଶ ବେହେରା, ଭରଦ୍ୱାଜ ବିଶ୍ୱାଳ ପ୍ରମୁଖ କର୍ମଚାରୀ ଧାରଣାରେ ବସିଛନ୍ତି।

**ସୋହେଲା,(ଡି.ଏନ୍.ଏ,)**
୬ଦଫା ଦାବି ନେଇ ବରଗଡ ଜିଲା ସୋହେଲା ଅଗ୍ନିଶମ ବିଭାଗର କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି । ଆନ୍ଦୋଳରେ ସୋହେଲା ଦମକଳ କେନ୍ଦ୍ରର ମୁଖ୍ୟ ଆଗ୍ନିକ ଲୋରେନ୍ସ ମିଞ୍ଜ, ମନମୋହନ ମହାନ୍ତି, ଆଗ୍ନିକ ଲମ୍ବୋଦର ସାହୁ, ଭକ୍ତଚରଣ ପାନ୍ନା, ବିଜୟ କୁମାର ପଧାନ, ଯାଦ କୁମାର ସାହୁ, ଦୁଷ୍ମନ୍ତ ମାଝି, ଧରମ ସିଂ ମାଝି, ଶଙ୍କର ମଲିକ, ସରୋଜ କୁମାର ଚୌଧୁରୀ, ଉମେଶ ଜଗତ, ଗାଡି ଚାଳକ ଗଜାନନ ଓରାମ ଏବଂ ଯଜ୍ଞ ସାହୁ ସାମିଲ ହୋଇଛନ୍ତି।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ, ୪ ଯୁବକ ଥାନାରେ ଅଟକ

ସୋହେଲା,୨୪।୯(ଡି.ଏନ୍.ଏ.)

ବରଗଡ଼ ଜିଲା ସୋହେଲା ଥାନା ଅଧୀନ ବଞ୍ଜାରୀ ଗ୍ରାମର ବଢ଼େଇ ଭାବେ କାମ କରୁଥିବା ମୀନକେତନ ପଧାନଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଛି। ମୃତ ମୀନକେତନଙ୍କ ପୁତୁରା ଟିଲୁ ପଧାନଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଦଫା ୩୪୧/୩୨୩/୨୯୪/୩୦୬ରେ ଏକ ମାମଲା (ନଂ.୧୫୭/୧୮) ରୁଜୁ କରି ତଦନ୍ତ ଚଳାଇଛି। ମିଳିଥିବା ସୂଚନା ମୁତାବକ, ବଞ୍ଜାରୀ ଗ୍ରାମର ଅଭିମନ୍ୟୁ ପାତ୍ର ଥାନା ନିକଟରେ ଏକ ଚା ଦୋକାନ କରିଛନ୍ତି। ଦୋକାନ ର୍‍ୟାକ ତିଆରି କରିବା ପାଇଁ ବଢ଼େଇ ମୀନକେତନ ପଧାନଙ୍କୁ ବରାଦ କରିଥିଲେ। ବରାଦ ଅନୁଯାୟୀ ବଢ଼େଇ ମୀନକେତନ ରବିବାର ରାତିରେ ଦୋକାନରେ କାମ କରୁଥିଲେ। ରାତ୍ରିପ୍ରାୟ ସାଢେ ୨ଟା ବେଳେ ୪ଜଣ ଯୁବକ ସେଠାକୁ ଆସି ମୀନକେତନଙ୍କ ସହ ଗଣ୍ଡଗୋଳ କରିଥିଲେ। ପରବର୍ତ୍ତୀ ସମୟରେ ଚା ଦୋକାନୀ ଅଭିମନ୍ୟୁ ଥାନାକୁ ଫୋନ କରି ମିନିକେତନ ବେକରେ ଗାମୁଛା ଦେଇ ଓହଳି ପଡିଥିବା ଜଣାଇଥିଲେ। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୀନକେତନଙ୍କୁ ଉଦ୍ଧାର କରି ସୋହେଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଡାକ୍ତର ତାଙ୍କୁ ବରଗଡ଼ ମୁଖ୍ୟ ଡାକ୍ତରଖାନା ନେବାକୁ କହିଥିଲେ। ବରଗଡ଼ ମୁଖ୍ୟ ଡାକ୍ତରଖାନାକୁ ନିଆଯାଉଥିବା ବେଳେ ବାଟରେ ମୀନକେତନଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପଦ୍ମପୁର ଏସ୍‌ଡିପିଓ ଲକ୍ଷ୍ମୀ ନାରାୟଣ ପଣ୍ଡା ଥାନାରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷେ ପୋଲିସ ୪ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ଘଟଣାର ଅଧିକ ତଦନ୍ତ ଚଳାଇଛି।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଏସ୍‌ପିଙ୍କୁ ଫେରାଦ

ବରଗଡ଼ ଅଫିସ୍/ଅତାବିରା,୨୪।୯

ବରଗଡ଼ ଜିଲା ଅତାବିରା ଥାନା ଅଞ୍ଚଳର ଜଣେ ନାବାଳିକା ତଥା ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଯୁବକ ଅମନ ସାହୁ ବିବାହ ଆଳରେ ଅପହରଣ ଓ ବଳାତ୍କାର କରିଥିବା ଅଭିଯୋଗ ହୋଇଛି । ତେବେ ଏ ସମ୍ପର୍କରେ ଅତାବିରା ଥାନାରେ ଏତଲା ଦିଆଯାଇଥିବା ସତ୍ତ୍ୱେ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ କରି ସୋମବାର ପୀଡ଼ିତା ତାଙ୍କ ମା’ଙ୍କ ସହ ବରଗଡ଼ ଏସ୍‌ପି ମୁକେଶ କୁମାର ଭାମୁଙ୍କୁ ଫେରାଦ ହୋଇଛନ୍ତି । ଅନ୍ୟପଟେ ନାବାଳିକାଙ୍କ ଅଭିଯୋଗକୁ ଭିତ୍ତି କରି ଏକ ଅପହରଣ ମାମଲା(ନଂ.୧୯୭/୧୮) ରୁଜୁ ହୋଇଛି ଏବଂ ଡାକ୍ତରୀ ମାଇନା ପାଇଁ ଯିବାକୁ କହିଲେ ପୀଡ଼ିତା ମନା କରୁଛନ୍ତି ବୋଲି ଅତାବିରା ଥାନା ଆଇଆଇସି ଗୌରାଙ୍ଗ ଚରଣ ସାହୁ କହିଛନ୍ତି । ପ୍ରକାଶ ଯେ, ଅମନ ନିଜ ସାଙ୍ଗସାଥୀଙ୍କ ସହିତ ପୀଡ଼ିତା ନାବାଳିକାଙ୍କୁ ଗତ କିଛିଦିନ ତଳେ ସମ୍ବଲପୁରର ସମଲେଶ୍ୱରୀ ମନ୍ଦିରକୁ ଅପହରଣ କରି ନେଇଥିଲେ। ସେଠାରେ ଶଙ୍ଖା, ସିନ୍ଦୁର ଦେଇ ବିବାହ କରିଥିଲେ ଏବଂ ଅମନ ବୁର୍ଲାରେ ଥିବା ଜଣେ ସମ୍ପର୍କୀୟଙ୍କ ଘରକୁ ଆଣିଥିଲେ। ସେଠାରେ ୨ରୁ ୩ ଦିନ ରଖି ପୀଡ଼ିତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ । ପରେ ଅମନଙ୍କ ପରିବାର ଲୋକେ ଓ ସ୍କୁଲର ଜଣେ ପ୍ରଧାନଶିକ୍ଷକ ସେଠାରେ ପହଞ୍ଚି ଉଭୟଙ୍କୁ ଆଣିଥିଲେ। ତେବେ ଆଣିବା ବାଟରେ ପୀଡ଼ିତା ପିନ୍ଧିଥିବା ଶଙ୍ଖା, ସିନ୍ଦୁର ଭାଙ୍ଗିଦେବା ସହିତ ତାଙ୍କୁ ମାଡ଼ପିଟ କରିଥିଲେ ଏବଂ ଅତାବିରା ଥାନା ବାରଣ୍ଡାରେ ଛାଡ଼ି ଦେଇଥିଲେ ବୋଲି ପୀଡ଼ିତା ଅଭିଯୋଗ କରିଛନ୍ତି। ଏ ନେଇ ଅତାବିରା ଥାନାରେ ଅଭିଯୋଗ କରିଥିଲେ ମଧ ପୋଲିସ କିଛି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ପୀଡ଼ିତା ଅଭିଯୋଗ କରିଛନ୍ତି । ଏହାର ବିଧିବଦ୍ଧ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୀଡ଼ିତା ଏସ୍‌ପିଙ୍କୁ ଗୁହାରୀ କରିଛନ୍ତି।

### ଲୁଟିନେଲେ ୩୦ହଜାର

ବରଗଡ଼ ଅଫିସ୍,୨୪।୯-ବରଗଡ଼ ସହରରେ ଲୁଟେରାମାନେ ପୁଣି ସକ୍ରିୟ ହୋଇ ପଡ଼ିଛନ୍ତି। ସୋମବାର ଦିନ ଦ୍ୱିପ୍ରହରରେ ସ୍ଥାନୀୟ ଗାନ୍ଧୀଛକରେ ୨ଜଣ ଲୁଟେରା ବରାହଗୋଡ଼ା ଗ୍ରାମର ଏକ ଦମ୍ପତିଙ୍କଠାରୁ ୩୦ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଛନ୍ତି । ଏ ନେଇ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଛି । ପ୍ରକାଶ ଯେ, ବରାହଗୋଡ଼ା ଗ୍ରାମର ଗୌରୀ ସୁନା ତାଙ୍କ ସ୍ୱାମୀଙ୍କ ସହିତ ଏସ୍ଏଚଜି ଗ୍ରୁପ ବାବଦକୁ ବରଗଡ଼ ସହରର ଏକ ବ୍ୟାଙ୍କକୁ ଟଙ୍କା ଉଠାଇବାକୁ ଆସିଥିଲେ। ବ୍ୟାଙ୍କରୁ ସେମାନେ ୩୦ହଜାର ଟଙ୍କା ଉଠାଇ ସହର ମଧକୁ ଆସୁଥିବାବେଳେ ୨ଜଣ ଲୁଟେରା ଏକ ପଲସର ବାଇକ୍ ଯୋଗେ ଆସି ସେମାନଙ୍କଠାରୁ ଟଙ୍କା ଲୁଟି ନେଇଥିଲେ ।

### ଯାଦବ ସମାଜର ବନ୍ଧୁମିଳନ

ଜାମଟିକ୍ରା,୨୪।୯(ଡି.ଏନ.ଏ)- ଅତାବିରା ବ୍ଲକ ଯାଦବ ସମାଜର ବନ୍ଧୁ ମିଳନ ସ୍ଥାନୀୟ ବାବାମଠରେ ଦଶରଥ ବାଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଦବ ସମାଜର ସାମାଜିକ, ଆର୍ଥିକ ଉନ୍ନତି କିପରି ହୋଇପାରିବ ସେ ଆଲୋଚନା କରାଯାଇଥିଲା। ବରଗଡ଼ ଜିଲା ସଭାପତି ଲମ୍ବୋଦର ମଲ୍ଲିକ, ଦଇତାରି ଭୁଏ, ଦୁଃଖିବନ୍ଧୁ ରାଉତ, ମହନ କଠାର, ସନ୍ତୋଷ ଭୋଇ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ନେପାଳ ବର୍ଗର୍ତ୍ତୀ ଧନ୍ୟବାଦ ଦେଇଥିଲେ ।



ଆଖି ଅନ୍ୟ ସବୁ ଦେଖିପାରେ, କିନ୍ତୁ ନିଜକୁ ଦେଖିପାରେ ନାହିଁ। ମଣିଷ ଅନ୍ୟର ଭୁଲ୍ ବାଛି ବସେ, କିନ୍ତୁ ନିଜର ଭୁଲ୍‌କୁ ସ୍ୱୀକାର କରି ନ ଥାଏ।

-ସତ୍ୟସାଇବାବା



## ସଂକ୍ଷେପରେ

### ଭୁଲିଆ ସମାଜର ଉନ୍ନତି ଉପରେ ଗୁରୁତ୍ୱ

**ବଲାଙ୍ଗୀର ଅଫିସ,୨୪।୯:** ପାଟଣେଶ୍ୱରୀ ଆଞ୍ଚଳିକ ବୋର୍ଡ ତରଫରୁ ନୂଆଁଖାଇ ଭେଟଘାଟ ଉତ୍ସବ ଭଗବତୀ କଲ୍ୟାଣ ମଣ୍ଡପଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ବଲାଙ୍ଗୀର ଆଞ୍ଚଳିକ ବୋର୍ଡର ଅଧକ୍ଷ ପ୍ରଫୁଲ୍ଲ ମେହେରଙ୍କ ଅଧକ୍ଷତାରେ ଭୁଲିଆ ସମାଜ କିଭଳି ଉନ୍ନତି ହେବ ଆଲୋଚନା କରାଯାଇଥିଲା। ଉପଦେଷ୍ଟା ସରୋଜ ମେହେର ବକ୍ତବ୍ୟ ରଖିଥିଲେ। ଉପାଧକ୍ଷ ରମେଶ ମେହେର, ସମ୍ପାଦକ ଝସକେତନ ମେହେର, ସହସମ୍ପାଦକ ସନ୍ତୋଷ ମେହେର, କୋଷାଧକ୍ଷ ଅର୍ଜୁନ ମେହେର, ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ସୁକଦେବ ମେହେର, ନୀଳମଣି ମେହେର, ଶ୍ୟାମ ମେହେର ଉପସ୍ଥିତ ଥିଲେ। ଏହି ଅବସରରେ ଭୁଲିଆ ସମାଜର ଏକ ମହିଳା କମିଟି ଗଠନ କରାଯାଇଥିଲା। ଉକ୍ତ କମିଟିରେ ସଭାପତି ଭାବେ ସୁନୀତା ମେହେର, ଉପଦେଷ୍ଟା ଭାବେ ମମତା ମେହେର, ସମ୍ପାଦିକା ଭାବେ ଶ୍ରଦ୍ଧାଞ୍ଜଳି ମେହେର ଓ ସଦସ୍ୟା ଭାବେ କିଶୋରୀ ମେହେର, ରୀତାଞ୍ଜଳି ମେହେର, ବିଷୟା ମେହେର, ଲକ୍ଷ୍ମୀ ମେହେର, କୁନ୍ତୀ ମେହେର, କୁନ୍ତଳା ମେହେର, ସୁଷମା ମେହେର, ଚନ୍ଦ୍ରମା ମେହେର, ମମତା ମେହେର, ପ୍ରେମଶିଳା ମେହେରଙ୍କୁ ମନୋନୀତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଅମସିଂ ମେହେର, ହରେକୃଷ୍ଣ ମେହେର, ସଦାଶିବ ମେହେର, ପୂର୍ଣ୍ଣଚନ୍ଦ୍ର ମେହେର ଯୋଗଦେଇଥିଲେ। ପରେ ବାସୁଦେବ ମେହେରଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଜୟ ମେହେର, ବିରେନ ମେହେର, ଶେଷଦେବ ମେହେରଙ୍କ ସହ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ।

### ଅଙ୍ଗନୱାଡି ସହାୟିକାଙ୍କୁ ତାଲିମ

**ବାଉଁଶୁଣୀ, ୨୪।୯(ଡି.ଏନ୍.ଏ.):** ବୌଦ୍ଧ ବ୍ଲକ ବାଉଁଶୁଣୀ ସାଲେଇପଡା ଖ୍ୱାଇସିଡିଏଠାରେ ଅଙ୍ଗନୱାଡି ସହାୟିକାମାନଙ୍କୁ ତାଲିମ ଦିଆଯାଇଛି। ମୁଖ୍ୟତଃ ତାଲିମ ଶିକ୍ଷା ଉପରେ ଆଧାରିତ ହୋଇଥିଲା। ପିଲାଙ୍କର ସର୍ବାଙ୍ଗୀନ ବିକାଶ ପାଇଁ କେନ୍ଦ୍ରରେ ଭାଷାଗତ, ଶାରୀରିକ ଓ ବୌଦ୍ଧିକ ବିକାଶ ସହିତ ଅନେକ ପ୍ରକାର ତାଲିମ ଦିଆଯାଇଥିଲା। ପ୍ରକାଶ ପାଣ୍ଡେ ଅଂଶଗ୍ରହଣ କରିଥିବା ୩୩ଟି ଅଙ୍ଗନୱାଡି କେନ୍ଦ୍ରର ୩୩ କର୍ମୀଙ୍କୁ ତାଲିମ ପ୍ରଦାନ କରିଥିଲେ। ତାଲିମ ବ୍ୟତୀତ ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। କୃଷ୍ଣଚନ୍ଦ୍ର ମେହେର, ରୀତା ସିଂହ, ସ୍ମରଣିକା ସିଂ, ବରୁନ ଦାସ, ପୁଷ୍ପାଞ୍ଜଳି ସାହୁ, ସୁରେନ୍ଦ୍ର ମେହେର, ସ୍ୱାଗତିକ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ।

■ ବନ୍ଧୁକ ଦେଖାଇ ୧୯ ଲକ୍ଷ ଲୁଟ୍ ଘଟଣା

# ଅନ୍ଧାରରେ ବାଡ଼ି ବୁଲାଉଛି ପୋଲିସ

■ ତଦନ୍ତ ପାଇଁ ଦୁଇ ଡିଏସପିଙ୍କ ନେତୃତ୍ୱରେ ୨ଟିମ୍ ଗଠନ

■ ଲୁଟ୍ ଘଟଣାକୁ ବିତିଲା ୧୪ଦିନ, ପୋଲିସ ହାତ ଖାଲି

**ବଲାଙ୍ଗୀର ଅଫିସ,୨୪।୯**

ବଲାଙ୍ଗୀର ଜିଲ୍ଲା ତୁଷରା ଥାନା ଅନ୍ତର୍ଗତ ସାରସବାହାଲ ଗାଁ ନିକଟରେ ଗତ ୧୧ତାରିଖ ଦିନ ଦ୍ୱିପହରେ ଆନ୍ଧ୍ରବ୍ୟାଙ୍କକୁ ନିଆଯାଉଥିବା ୧୯ଲକ୍ଷ ଟଙ୍କାକୁ ୩ ଜଣ ଲୁଟେରା ବନ୍ଧୁକ ଦେଖାଇ ଲୁଟି ନେଇ ଫେରାର ହୋଇଯାଇଥିଲେ। ଏହି ଘଟଣାକୁ ୧୪ଦିନ ବିତିଯାଇଥିଲେ ମଧ୍ୟ ୩ଲୁଟେରାଙ୍କ ସୁରାକ୍ ପାଇବାରେ ବଲାଙ୍ଗୀର ପୋଲିସ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଘଟଣାର ତଦନ୍ତ ପାଇଁ ଦୁଇଜଣ ଡିଏସପିଙ୍କ ନେତୃତ୍ୱରେ ଦୁଇଟି ଟିମ୍ ଗଠନ କରାଯାଇ ତଦନ୍ତ କରାଯାଉଥିବା କୁହାଯାଉଥିଲେ ମଧ୍ୟ ପୋଲିସକୁ ଗତ ୧୪ଦିନ ଭିତରେ ସଫଳତା ମିଳି ନାହିଁ। ବଲାଙ୍ଗୀର ପୋଲିସ ଅନ୍ଧାରରେ ବାଡି ବୁଲାଉଥିବା ଚର୍ଚ୍ଚାର ବିଷୟ ହୋଇଛି। ଏହି ଲୁଟ୍ ଘଟଣାକୁ ନେଇ ଆଡିସନାଲ ଏସପି ସୁବାସ ଚନ୍ଦ୍ର ଜମାଦାରଙ୍କୁ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶ୍ନ କରିଥିଲେ ମଧ୍ୟ ତଦନ୍ତ ଚାଲିଛି କହି ପ୍ରଶ୍ନ ଏଡାଇବାକୁ ଚେଷ୍ଟା କରିଛନ୍ତି। ଜିଲାରେ ଅପରାଧିକ ଘଟଣା ବୃଦ୍ଧି ପାଇବାରେ ଲାଗିଥିବାବେଳେ ପୋଲିସର ଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲାରେ ଅନେକ ଅପରାଧିକ ଘଟଣା ଘଟୁଥିବା ରିପୋର୍ଟ ହେଉଥିଲେ ମଧ୍ୟ ପୋଲିସ ନିଜ ବିଫଳତାକୁ ଲୁଚାଇବାକୁ ଯାଇ ଗଣମାଧ୍ୟମ ପ୍ରତିନିଧିଙ୍କୁ କୌଣସି ସୂଚନା ଦେଉନାହିଁ। ଅପରାଧିକ ଘଟଣାରେ ସଫଳତା ତୁଳନାରେ ବିଫଳତା ବେଶୀ ହେଉଥିବାରୁ ଯେଉଁ କିଛି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହେଉଛି ସେ ସମ୍ପର୍କରେ ମଧ୍ୟ ଗଣମାଧ୍ୟମକୁ ସୂଚନା ଦେବାକୁ ପୋଲିସ ଚାହୁଁ ନାହିଁ। ୧୯ଲକ୍ଷ ଲୁଟ୍ ଘଟଣାକୁ ଇତିମଧ୍ୟରେ ୧୪ଦିନ ବିତିଯାଇଥିଲେ ମଧ୍ୟ ବଲାଙ୍ଗୀର ପୋଲିସ ଲୁଟେରାମାନଙ୍କ ସମ୍ପର୍କରେ ସାମାନ୍ୟ ଟେର ନ ପାଇବା ଘଟଣା ଜିଲା ପୋଲିସର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଗତ ୧୧ ତାରିଖ ଦିନ ତୁଷରା ଥାନା ଅନ୍ତର୍ଗତ ତୁଷରା ଆନ୍ଧ୍ରବ୍ୟାଙ୍କରୁ ଅପରାହ୍ନ ପ୍ରାୟ ୩ଟା ବେଳେ ବଡବନ୍ଧ ଆନ୍ଧ୍ରବ୍ୟାଙ୍କର କ୍ୟାସିଅର ମୋତିଲାଲ ନାଗ, ଚତୁର୍ଥ ଶ୍ରେଣୀ କର୍ମଚାରୀ ଗାନ୍ଧୀ ମଣ୍ଡଳ ଏକ ମାରୁତି ଭ୍ୟାନ୍(ଓଆର୦୫ଏସ୍ ୯୯୪୯) ଯୋଗେ ୧୯ଲକ୍ଷ ଟଙ୍କା ଏକ ବାକ୍ସରେ ଧରି ବଡବନ୍ଧ ଆନ୍ଧ୍ର ବ୍ୟାଙ୍କକୁ ଫେରୁଥିଲେ। ମାରୁତି ଭ୍ୟାନ୍‌କୁ ଡ୍ରାଇଭର ଅନ୍ତର୍ଯାମୀ ଘଡେଇ ଚଳାଉଥିଲେ। ମାରୁତି ଭ୍ୟାନ୍‌ଟି ୨୬ନମ୍ବର ଜାତୀୟ ରାଜପଥ ବଙ୍ଗଳା ଛକ ପାର ହୋଇ ସାରସବାହାଲ ଗାଁ ଆଡକୁ ଯାଉଥିବାବେଳେ ପଛପଟରୁ ଏକ ନମ୍ବରବିହୀନ କଳାରଙ୍ଗର ପଲସର ବାଇକ୍‌ରେ ବସି ୩ଜଣ ଲୁଟେରା ଆସି ଅତର୍କିତ ଭାବେ ଭ୍ୟାନ୍‌ର ଆଗପଟ କାଚରେ ଏକ ବାଡି ସହାୟତାରେ ଜୋରରେ ମାଡ ମାରି ଗାଡି ଅଟକାଇଥିଲେ। ତିନି ଲୁଟେରା ବନ୍ଧୁକ ଦେଖାଇ ସେମାନଙ୍କଠାରୁ ୧୯ ଲକ୍ଷ ଟଙ୍କା ଭର୍ତ୍ତି ବାକ୍ସକୁ ଲୁଟିନେଇ ସେଠାରୁ ଚମ୍ପଟ ମାରିଥିଲେ। ଗତ ୬ ମାସ ଭିତରେ ଦେଓଗାଁ ଫାଣ୍ଡି ଅଞ୍ଚଳରେ ୫ଟି ଡକାୟତି ଘଟଣା ଘଟିଥିଲେ ମଧ୍ୟ ପୋଲିସ ଘଟଣାକୁ ଗମ୍ଭୀରତାର ସହ ନେଇନାହିଁ। ସେହିପରି ଗୋଷ୍ଠୀ ସଂଘର୍ଷ, ଜୁଆ, ସଟ୍ଟା, ନିଶା କାରବାର ଘଟଣା ବୃଦ୍ଧି ପାଉଥିଲେ ମଧ୍ୟ ପୋଲିସ ଏସବୁକୁ ମୁକାବିଲା କରିବାରେ ବିଫଳ ହେଉଥିବାରୁ ଅସାମାଜିକ ତତ୍ତ୍ୱଙ୍କ ଉତ୍ପାତ ବଢ଼ିବାରେ ଲାଗିଲାଣି।

ଟ୍ରକ୍ ବ୍ୟାଟେରି ଚୋରି ର୍ୟାକେଟ୍ ସକ୍ରିୟ

## ୨ ଚୋର ସହ ଜଣେ କ୍ରେତା ଗିରଫ

**ବଲାଙ୍ଗୀର ଅଫିସ,୨୪।୯**

ବଲାଙ୍ଗୀରରେ ଟ୍ରକ୍ ବ୍ୟାଟେରୀ ଚୋରି ର୍ୟାକେଟ୍ ବେଶ୍ ସକ୍ରିୟ ଥିବା ଅଭିଯୋଗ ହୋଇଛି। ଏକ ନିର୍ଦ୍ଦିଷ୍ଟ ଦଳ ଟ୍ରକ୍‌ରୁ ବ୍ୟାଟେରୀ ଚୋରି କରି ବିକ୍ରି କରିଦେଉଥିବା ଜଣାପଡିଛି। ଗତ କିଛି ମାସ ମଧ୍ୟରେ ୧୪ଟି ଟ୍ରକ୍‌ର ବ୍ୟାଟେରୀ ଚୋରି ହୋଇଥିବା ଟ୍ରକ୍ ମାଲିକମାନେ କହିଛନ୍ତି। ଏଥିରେ ଏକ ବଡଧରଣର ର୍ୟାକେଟ୍ ସମ୍ପୃକ୍ତ ଥିବା ଅଭିଯୋଗ କରାଯାଇଥିଲେ ମଧ୍ୟ ପୋଲିସ ଘଟଣାକୁ ଅଧିକ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି। ୫ରୁ ୬ ଦିନ ତଳେ ବଲାଙ୍ଗୀର ସହରରେ ଥିବା ଏକ ଟ୍ରକ୍‌ରୁ ବ୍ୟାଟେରୀ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ପୋଲିସ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଟ୍ରକ୍ ମାଲିକମାନେ ଘଟଣାକୁ ଗୁରୁତର ସହ ନେଇ ଚୋରମାନଙ୍କ ପତ୍ତା ଲଗାଇ ପୋଲିସକୁ ଖବର ଦେଇଥିଲେ। ଏହାପରେ ପୋଲିସ ବ୍ୟାଟେରୀ ଚୋରି ଅଭିଯୋଗରେ ୨ଜଣଙ୍କୁ ଗିରଫ କରିବା ସହ ଚୋରି ବ୍ୟାଟେରୀକୁ ଉଦ୍ଧାର କରିଥିଲା। ଏହି ମାମଲାରେ ପୋଲିସ ଚୋରି ବ୍ୟାଟେରୀ କିଣିଥିବା ଜଣେ କ୍ରେତାଙ୍କୁ ମଧ୍ୟ ଗିରଫ କରିଥିଲା। ଟ୍ରକ୍ ମାଲିକ ଲକ୍ଷ୍ମୀକାନ୍ତ ପଟେଲଙ୍କ ଟ୍ରକ୍‌ରୁ ବ୍ୟାଟେରୀକୁ ମାଳପଡାର ଛବି ଛନ୍ଦା(୨୨)ଓ ରାଜୀବ ନଗରର ଜଣେ ନାବାଳକ(୧୭) ଚୋରି କରି ନେଇଥିବା ଜଣାପଡିଥିଲା। ସେମାନେ ଚୋରି ବ୍ୟାଟେରୀକୁ ରାଜୀବନଗରର ସରୋଜ ମିଶ୍ର(୩୦)ଙ୍କୁ ବିକ୍ରି କରିଥିଲେ।

ପୋଲିସ ଦୁଇ ଚୋର ଓ କ୍ରେତାଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଏହି ଘଟଣାକୁ ନେଇ ଟାଉନ୍ ଥାନାରେ କେସ୍ ନଂ ୪୨୪/୧୮ରେ ଏକ ମାମଲା ରୁଜୁ କରାଯାଇଛି।

ଛାତ୍ରୀଛାତ୍ର ଅସୁସ୍ଥ ଘଟଣା

### ଶିକ୍ଷକ, ଅଭିଭାବକ ଭୟଭୀତ

**ଟିକ୍ରାପଡା,୨୪।୯(ଡି.ଏନ.ଏ.)**

ସଇଁତଳା ବ୍ଲକ ଘୁନସର ସରକାରୀ ପ୍ରାଥମିକ ବିଦ୍ୟାଳୟରେ କୃମିନାଶକ ଔଷଧ ଖାଇ ସୋମବାର ଛାତ୍ରୀଛାତ୍ର ଅସୁସ୍ଥ ହେବା ଘଟଣାର ପ୍ରଚାର ହେବା ପରେ ଟିକ୍ରାପଡା, ଝିଙ୍କିଡୁଙ୍ଗୁରି, ଜୁରାବନ୍ଧ ଶିକ୍ଷା କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟର ଅଭିଭାବକ ଓ ଶିକ୍ଷକଙ୍କ ମହଲରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବୁଧବାର ଉକ୍ତ ତିନୋଟି କ୍ଲଷ୍ଟରର ବିଦ୍ୟାଳୟମାନଙ୍କରେ କୃମିନାଶକ ଔଷଧ ଛାତ୍ରୀଛାତ୍ରଙ୍କୁ ଖାଇବାକୁ ଦେବାର କାର୍ଯ୍ୟକ୍ରମ ପୂର୍ବରୁ ସ୍ଥିରୀକୃତ ହୋଇଛି। ଘୁନସର ଘଟଣା ପରେ ଏହି ଅଞ୍ଚଳର ଅଭିଭାବକମାନେ ନିଜ ନିଜ ଝିଅପୁଅଙ୍କୁ ଔଷଧ ଖୁଆଇବା ପାଇଁ ନାରାଜ ହେଉଥିବା ଜଣାପଡିଛି। ତଦ୍ରୂପ ଶିକ୍ଷକମାନେ ମଧ୍ୟ ଏଭଳି ଔଷଧ ବଣ୍ଟନ କାର୍ଯ୍ୟକ୍ରମରେ ସେମାନଙ୍କୁ ସାମିଲ କରାଯାଉଥିବା ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ୨୦୦୯ଶିକ୍ଷା ଅଧିକାର ଆଇନ ଅନୁସାରେ ଶିକ୍ଷାଦାନ ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟକ୍ରମରେ ଶିକ୍ଷକମାନଙ୍କୁ ସଂଶ୍ଳିଷ୍ଟ କରା ନ ଯିବା ନେଇ ସ୍ପଷ୍ଟ ବ୍ୟବସ୍ଥା ରହିଥିବା ଯୋଗୁ ଏଭଳି ଅଣ ଶିକ୍ଷାଦାନ ବିଶିଷ୍ଟ କାର୍ଯ୍ୟକ୍ରମରେ ଶିକ୍ଷକଙ୍କୁ ଦାୟିତ୍ୱ ଦିଆ ନ ଯିବାକୁ ପ୍ରାଥମିକ ଶିକ୍ଷକ ସଂଘ ବ୍ଲକ ସଭାପତି ଆଶିଷ ସିଂ ଦେଓ ଦାବି କରିଛନ୍ତି।

## ଫୁଟବଲ ଟୁର୍ନାମେଣ୍ଟ: ଘୁଚିପାଲି ଚାମ୍ପିୟନ

**ଦେଓଗାଁ,୨୪।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଘୁଚିପାଲିଠାରେ ସୋମବାର ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଖେଳରେ ସିରାବାହାଲ, ଦେଓଗାଁ, ଆର ଫାଇପ ରାଏପାଲି, ଘୁଚିପାଲି, ଫଟାମୁଣ୍ଡା, ବରଲା ପ୍ରମୁଖ ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚରେ ଘୁଚିପାଲି ଓ ରାଏପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟ୍ରାଇବେକର ଜରିଆରେ ୩-୧ଗୋଲରେ ଘୁଚିପାଲି ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଦିବସରେ ଇଶ୍ୱର କରଣଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଯୁବନେତା ସମରେନ୍ଦ୍ର ମିଶ୍ର ଓ ସମ୍ମାନିତ ଅତିଥିଭାବେ ଡ. ଶଶି ଭୂଷଣ ସାହୁ, ସମୁଦ୍ର ମାଝୀ, ଓମ୍ବିର ମାଝୀ ପ୍ରମୁଖ ଯୋଗଦେଇ ଉଭୟ ଦଳଙ୍କୁ ପୁରସ୍କୃତ କରିଥିଲେ। ଖେଳକୁ ମଣି ଧରୁଆ ପରିଚାଳନା କରିଥିବାବେଳେ ଲାଇନମେନ ଭାବେ ସୁରେନ୍ଦ୍ର ଭୋଇ, କିଶୋର ଭୋଇ ଦାୟିତ୍ୱ ତୁଲାଇଥିଲେ।



ଘୁଚିପାଲିଠାରେ ଫୁଟବଲ ଟୁର୍ନାମେଣ୍ଟ।

ବଲାଙ୍ଗୀର ମହିଳା ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଦିବସ ପାଳିତ

## ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ବାଣ୍ଟିଲେ ଛାତ୍ରୀ

**ବଲାଙ୍ଗୀର ଅଫିସ,୨୪।୯**

ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟର ଯୁକ୍ତଦୁଇ ଓ ଯୁକ୍ତତିନି ଏନ୍‌ଏସ୍‌ଏସ୍ ତରଫରୁ ସୋମବାର ଏନ୍‌ଏସ୍‌ଏସ୍ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ଯୁକ୍ତ ଦୁଇ କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ମଲ୍ଲିକ ଓ ଯୁକ୍ତତିନି କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ ସେଠ୍‌ଙ୍କ ତତ୍ତ୍ୱାବଧାନରେ ସଡକ ସୁରକ୍ଷା ସଚେତନତା ରାଲି ସହର ପରିକ୍ରମା କରିଥିଲା। ଏଥିରେ କଲେଜ ଛାତ୍ରୀମାନେ ସାମିଲ ହୋଇ ପ୍ଲାକାର୍ଡ ପ୍ରଦର୍ଶନ ପୂର୍ବକ ସଡକ ସୁରକ୍ଷା ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ। ଏହାପରେ କଲେଜ ପରିସରରେ ମହିଳା କଲେଜ ଅଧକ୍ଷା ଡ. ସୁଷମା ମଞ୍ଜରୀ ନାୟକଙ୍କ ଅଧକ୍ଷତାରେ ରକ୍ତର ବର୍ଗୀକରଣ ଓ ତାର ଉପକାରିତା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର ମୁଖ୍ୟ ପରାମର୍ଶଦାତା ଶେଖ୍ ଅଶରଫ୍, ମୁଖ୍ୟବକ୍ତା ଭାବେ ରକ୍ତପରୀକ୍ଷାଗାର ପରୀକ୍ଷକ ରଞ୍ଜନ ବରାଡ ଯୋଗଦେଇ ରକ୍ତବର୍ଗୀକରଣ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ କଲେଜର ୮୨ଜଣ ଛାତ୍ରୀଙ୍କ ରକ୍ତବର୍ଗୀକରଣ କରାଯାଇଥିଲା। ଏଥିରେ ରକ୍ତ ପରୀକ୍ଷାଗାର ସହଯୋଗୀ ସୁଶୀଲ କୁମାର ସୁନା ସହଯୋଗ କରିଥିଲେ।




ସରକାରୀ ମହିଳା କଲେଜ ପକ୍ଷରୁ ଏନ୍‌ଏସ୍‌ଏସ୍ ଦିବସ ଅବସରରେ ଅନୁଷ୍ଠିତ ରାଲି।

ନୂଆଁଖାଇ ଭେଟ୍‌ଘାଟ

## ମନମୋହିଲା ଡାଲଖାଇ ନୃତ୍ୟ

**ଲାଠୋର,୨୪।୯(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ସାନଗୁର୍ଜିଭଟା ଗ୍ରାମରେ ବୀର ସୁରେନ୍ଦ୍ର ସାଏ କ୍ଲବ ପକ୍ଷରୁ ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖପ୍ରାଖୋଲ ଜୋନ ୩ ଜିଲାପରିଷଦ ସଭ୍ୟ ବିପ୍ର ବିଶି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧକ୍ଷ ଗଣେଶ ରାମ ଭୋଇ, ସାମାଜିକକର୍ମୀ ସୁଶୀଲ ଅଗ୍ରୱାଲ, ଶିକ୍ଷକ ସତ୍ୟନାରାୟଣ ବେହେରା, ଶୋଭାକର ପ୍ରଧାନ, ଟିକେଶ୍ୱର ଧରୁଆ, ଖବରଦାତା ପ୍ରକାଶ ଚନ୍ଦ୍ର ବେହେରା, ରମେଶ ଚନ୍ଦ୍ର ପୁରୋହିତ ଯୋଗଦେଇଥିଲେ। ମହେନ୍ଦ୍ର ଭୋଇ ମୁଖ୍ୟବକ୍ତା ଭାବେ ଯୋଗଦେଇ ନୂଆଁଖାଇ ପଶ୍ଚିମ ଓଡିଶାର କୃଷି ଭିତ୍ତିକ ଗଣପର୍ବ ଅଟେ ବୋଲି କହିଥିଲେ। ସାନଗୁର୍ଜିଭଟା ବୀରସୁରେନ୍ଦ୍ର ସାଏ ଯୁବ ପରିଷଦ ପକ୍ଷରୁ ସାଂସ୍କୃତିକ କୋଶଲି ନାଟକ ହସବା ଆମର ଗାଁ ପରିବେଷଣ କରିଥିଲେ। ସଚ୍ଚିକାନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ସୌକିନ କଳା ପରିଷଦ ଫୁଲକିମୁଣ୍ଡା ତରଫରୁ ପୁରାତନ ଡାଲଖାଇ, ମାଇଲାଜଡ, ରସରକେଲି, ଚୁଟକୁଚୁଟା ନୃତ୍ୟ ହୋଇଥିଲା। ଫୁଲଝର ଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା କୋଶଲି ନାଟକ ଦୁର୍ନିତିଆ ସରପଞ୍ଚ ପରିବେଷଣ ହୋଇଥିଲା।

## ୬ ଦଫା ଦାବି ନେଇ ଧାରଣାରେ ଅଗ୍ନିଶମ କର୍ମଚାରୀ

**ପାଟଣାଗଡ଼,୨୪।୯(ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ଅଗ୍ନିଶମ ବିଭାଗ ପ୍ରତି ବୈମାତୃକ ମନୋଭାବ ପ୍ରତିବାଦରେ ପାଟଣାଗଡ ଉପଖଣ୍ଡୀୟ ଅଗ୍ନିଶମ ବିଭାଗର ଫାୟାର ମେନ କମଳ ଲୋଚନ ମେହେରଙ୍କ ନେତୃତ୍ୱରେ କର୍ମଚାରୀମାନେ ରାମପୁର ବିଭାଗୀୟ କାର୍ଯ୍ୟାଳୟ ସମ୍ମୁଖରେ ୬ ଦଫା ଦାବି ନେଇ ଧାରଣାରେ ବସିଛନ୍ତି। ଦାବି ଗୁଡ଼ିକ ମଧ୍ୟରେ ରହିଛି ଓଡିଶା ରାଜ୍ୟ ଅଗ୍ନିଶମ କର୍ମଚାରୀ ପୋଲିସ କର୍ମଚାରୀଙ୍କ ସହ ସମାନ ଦରମା, ଭତ୍ତା ପ୍ରଦାନ, ରାଜ୍ୟ ଅଗ୍ନିଶମ ହାବିଲଦାର ସଂଘର ପଞ୍ଜିକରଣ, ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ନିୟମିତ କରିବା ସହିତ ଦରମା ଓ ଭତ୍ତା ପ୍ରଦାନ। ନିଜ ଜିଲା ତଥା ନିକଟସ୍ଥ ଜିଲାରେ ନିୟୋଜିତ କରିବା, ଅବସର ପରେ ତୁରନ୍ତ ଭତ୍ତା ପ୍ରଦାନ, ରାଜ୍ୟର ଅନ୍ୟକର୍ମଚାରୀଙ୍କ ପରି ୮ ଘଣ୍ଟା କାର୍ଯ୍ୟ କରିବା। ତୁରନ୍ତ ରାଜ୍ୟ ସରକାର ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ନ କଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅନଶନ ଚାଲୁ ରହିବ ବୋଲି ଚେତାବନୀ ଦିଆଯାଇଛି।





ଦେଓଗାଁଠାରେ ଅଗ୍ନିଶମ ବିଭାଗ ଆନ୍ଦୋଳନ କରୁଛନ୍ତି (ବାମ)। ଲୋଇସିଂହା ଅଗ୍ନିଶମ କାର୍ଯ୍ୟାଳୟରେ ଆନ୍ଦୋଳନରତ କର୍ମଚାରୀ

**ଦେଓଗାଁ,(ଡି.ଏନ.ଏ):** ଦେଓଗାଁ ବ୍ଲକ ଅଗ୍ନିଶମ ବିଭାଗ କର୍ମଚାରୀମାନେ ୬ଦଫା ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଏହି ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜାରି ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆନ୍ଦୋଳନରେ ମୁଖ୍ୟ ଆଗ୍ନିକ ଚରଣେଶ୍ୱର କିଷାନ, ଭଗବାନ ଛତ୍ରିଆ, ମୁଖ୍ୟ ଗାଡି ଚାଳକ ଦନାର୍ଦ୍ଦନ ବିଶ୍ୱାଳ, ଗାଡି ଚାଳକ ଜିତେନ୍ଦ୍ର ସ୍ୱାଇଁ, ଅଗ୍ନିଶମ କର୍ମଚାରୀ ପଲଣ୍ଟୁ ପ୍ରଧାନ, ଗୋକୁଳ ରୋହିଦାସ, ସୁଜିତ ନାୟକ, କେଶବ କେଣ୍ଡାଲ, ଜଗମୋହନ ପ୍ରଧାନ, ଇସାକ ବାଖଲା, ଆଲେକ୍ସ ଜାଣ୍ଡାର ପ୍ରମୁଖ ଉପସ୍ଥିତ ଥିଲେ।

**ଲୋଇସିଂହା,(ଡି.ଏନ.ଏ.):** ଲୋଇସିଂହା ଅଗ୍ନିଶମ କାର୍ଯ୍ୟାଳୟଠାରେ ଅଗ୍ନିଶମ କର୍ମଚାରୀ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ସ୍ଥାନୀୟ ଏଲଏଫଏମ ଭିବିଷଣ ସାମଲ, ସୁଶାନ୍ତ ସାମଲ, ଏଫଏମଡି ସୈସ୍ମବ ନିଆଲ, ଅଜିତ ଦେହୁରୀ, ଡବଲୁ ବରିହା, ପ୍ରଦୀପ ଗଡତ୍ୟା, ପରେଶ ବିଶ୍ୱାଳ, ମାନସରଞ୍ଜନ ପୁରୋହିତ, କେଦାର ବାଗ, ଶୁକମଣୀ ପ୍ରଧାନ, ଦିବାକର କାଲୋ, ପ୍ରକାଶ ପାଣ୍ଡେ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

**ବେଲପଡା,(ଡି.ଏନ.ଏ.):** ବେଲପଡା ଅଗ୍ନିଶ୍ରମ କର୍ମଚାରୀମାନେ ଅଗ୍ନିଶମ ଅଧିକାରୀ ସାହେବ ଭୋଇଙ୍କ ସଭାପତିତ୍ୱରେ ଏହି ଆନ୍ଦୋଳନ କରିଛନ୍ତି।। ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ଫଟୋରେ ଖବର







ବଲାଙ୍ଗୀର ସହର ନିକଟସ୍ଥ ଖୁଜେନପାଲି ଗାଁରେ ଆୟୁର୍ବେଦ ଛାତ୍ରୀମାନେ ପରିବାର ସ୍ୱାସ୍ଥ୍ୟ ସର୍ଭେ କରୁଛନ୍ତି (ବାମ)। ବଲାଙ୍ଗୀର ହାଟପଦାପଡାର ଯୁବତୀମାନେ ୨୫ତମ ଖୁଦୁରୁକୁଣୀ ଓଷା ଉଦ୍‌ଯାପନୀରେ ପରେ ବିସର୍ଜନ କରୁଛନ୍ତି (ମଝି)। ବଲାଙ୍ଗୀର ବ୍ରାହ୍ମଣପଡ଼ାଠାରେ ଖୁଦୁରୁକୁଣୀ ଓଷା ବ୍ରତଧାରୀ ଯୁବତୀମାନେ ବିସର୍ଜନ ଶୋଭାଯାତ୍ରାରେ ବାହାରିଛନ୍ତି। (ଫଟୋ-ସୁନୀଲ)



" ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ

## ସଂକ୍ଷେପରେ

### ନବୀକରଣ ତାଲିକାରୁ ବାଦ୍ ପଡିଲେ ୩୦ରୁ ଊର୍ଦ୍ଧ୍ୱ ଶ୍ରମିକ

**ବଲାଙ୍ଗୀର ଅଫିସ,୨୪।୯:** ବଲାଙ୍ଗୀର ଜିଲା ଶ୍ରମ କାର୍ଯ୍ୟାଳୟରେ ଶ୍ରମ ଅଧିକାରୀ ଓ ଅନ୍ୟ କର୍ମଚାରୀଙ୍କ ଦାୟିତ୍ୱହୀନତା ଓ ମନମୁଖୀ କାର୍ଯ୍ୟ ଯୋଗୁ ଓଡିଶା କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପଞ୍ଜୀକୃତ ଶ୍ରମିକ ନବୀକରଣ ତାଲିକାରୁ ୩୦ରୁ ଊର୍ଦ୍ଧ୍ୱ ଶ୍ରମିକ ବାଦ୍ ପଡିଥିବା ଅଭିଯୋଗ ହୋଇଛି । ଏହା ଜଣାପଡିବା ପରେ ବାଦ୍ ପଡିଥିବା ଶ୍ରମିକମାନେ ସୋମବାର ଜିଲା ଶ୍ରମ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଭିଲେଜର୍ସ ଇଣ୍ଡିଆ ପାର୍ଟି ସଭାପତି ଡ. ବିପିନ କୁଶଲିଆଙ୍କ ନେତୃତ୍ୱରେ ବହୁ ଶ୍ରମିକ ଜିଲା ଶ୍ରମ କାର୍ଯ୍ୟାଳୟକୁ ଯାଇ ପ୍ରତିବାଦ ଜଣାଇଥିଲେ। ଯେଉଁ ଶ୍ରମିକମାନେ ୨୦୧୪-୧୫ ଓ ୨୦୧୬-୧୭ ବର୍ଷରେ ଓଡିଶା କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡରେ ପଞ୍ଜିକୃତ ହୋଇଥିଲେ ସେମାନଙ୍କ ମଧ୍ୟରୁ କିଛି ଶ୍ରମିକ ନବୀକରଣ ତାଲିକାରୁ ବାଦ୍ ପଡିଥିବା ଜଣାପଡିଛି । ଆଗାମୀ ଦିନରେ ଏହାକୁ ନେଇ ଶ୍ରମ କାର୍ଯ୍ୟାଳୟ ଘେରାଓ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଘଟଣା ସମ୍ପର୍କରେ ପଚାରିବାକୁ ଜିଲା ଶ୍ରମ ଅଧିକାରୀ ସୁରେଶ ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲା । ତେବେ ତାଙ୍କ ମୋବାଇଲ ରିଂ ହେବା ସତ୍ତ୍ୱେ ସେ ଫୋନ୍ ଉଠାଇ ନ ଥିଲେ ।

### ସମୂହ ଭାବେ ଗ୍ରାମ ସଫେଇ

**ଲାଠୋର,୨୪।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ଅନ୍ତର୍ଗତ ସାନଗୁର୍ଜିଭଟା ଗ୍ରାମରେ ବୀର ସୁରେନ୍ଦ୍ର ସାଏ ଯୁବ ପରିଷଦ ଏବଂ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ମିଳିତ ଉଦ୍ୟମରେ ସୋମବାର ଗ୍ରାମ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମରେ କାର୍ଯ୍ୟ କରୁଥିବା ଯୁବ ପରିଷଦର ସମସ୍ତ ସଦସ୍ୟ ଏବଂ ୧୩ଟି ମହିଳା ସ୍ୱୟଂସହାୟକ ସଦସ୍ୟା ଏବଂ ଶିକ୍ଷକ ଓ ଅଙ୍ଗନୱାଡି କର୍ମୀ ମିଶି ସଫେଇ କାର୍ଯ୍ୟ କରିଥିଲେ। ସଂଘର ସଭାପତି ଘନଶ୍ୟାମ ସରାପ, ସମ୍ପାଦକ ଶେଷଦେବ ନାଗଙ୍କ ସହ ସମସ୍ତ ସଦସ୍ୟ ଏବଂ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନେ ଅଂଶ ଗ୍ରହଣ କରିଥିଲେ।

### ଜିଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର

**ଗୁଡଭେଲା,୨୪।୯(ଡି.ଏନ.ଏ.):** ଗୁଡଭେଲା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡ଼ାକୁଆ ଓ ଜିଲା ଏସ୍‌ପି କେ. ଶିବା ସୁବ୍ରାମଣୀଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ ୮୩ଟି ଅଭିଯୋଗ ଆସିଥିଲା । ବିଭିନ୍ନ ଗ୍ରାମର ରାସ୍ତା ଘାଟ, ପାନୀୟ ଜଳ, ବିଦ୍ୟୁତ ସମସ୍ୟା, ଜଳସେଚନ ଆଦି ୨୯ଟି ସାମୂହିକ ଅଭିଯୋଗ ଏବଂ ଭତ୍ତା, ଆବାସ ଯୋଜନା ଓ ପଡି କାର୍ଡ ଆଦି ୫୪ଟି ବ୍ୟକ୍ତିଗତ ଅଭିଯୋଗ ଆସିଥିଲା । ତୁରନ୍ତ ୭ଟିର ସମାଧାନ କରାଯାଇଥିବାବେଳେ ବାକି ସମସ୍ୟାର ସମାଧାନ ଯଥାଶୀଘ୍ର କରିବା ପାଇଁ ଉପସ୍ଥିତ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଶୁଣାଣି ବେଳେ ଉପଜିଲାପାଳ ଭୈରବ ସିଂ ପଟେଲ, ଜିଲା ପଞ୍ଚାୟତ ଅଧିକାରୀ ସରୋଜ ମେହେର, ତହସିଲଦାର ଚନ୍ଦ୍ରମଣୀ ନାଗ, ଗୁଡଭେଲା ବ୍ଲକ ଅଧକ୍ଷ ଅଶୋକ ଚନ୍ଦ୍ର ଦୋରା, ବ୍ଲକ ବିଡ଼ିଓ ରାମବିଲାଶ ମଙ୍ଗରାଜଙ୍କ ସହ ଜିଲା ତଥା ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

■ ପଢ଼ାକୁଠି ଅଭାବ୍

# ବାରଣ୍ଡାରେ ଚାଲିଛେ ପାଠ୍‌ପଢ଼ା

**ଖପ୍ରାଖୋଲ, ୨୪।୯ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ମହରାପଦର ପଁଚେତର ବାଘଝରଣ ପ୍ରାଥମିକ ବିଦ୍ୟାଲୟ। ଇ ସ୍କୁଲ୍‌ରେ ୧ରୁ ୫ ତକ୍ ୧୨୧ ଝନ୍ ଛାତ୍ରୀଛାତ୍ର ପାଠ୍ ପଢୁଛନ୍। ପାଠ୍‌ପଢ଼ାବାକେ ଅଛନ୍ ୩ ଝନ୍ ଶିକ୍ଷକ୍। ହେଲେ ୫ଟା ଶ୍ରେଣୀ ଲାଗି ସେ ହିସାବେ ପଢ଼ାକୁଠିର ଅଭାବ ରହିଛେ। ସ୍କୁଲ୍‌ରେ ଥିବାର ଗୁଟେନ କୁଠିଥି ୩ଟା ଶ୍ରେଣୀର ଛାତ୍ରୀଛାତ୍ର ବସୁଥିଲା ବେଲେ ବାକି ଦୁଇଟା ଶ୍ରେଣୀର ଛାତ୍ରୀଛାତ୍ର ବାରଣ୍ଡାରେ ବସି ପାଠ୍ ପଢୁଛନ୍। ୧୯୬୧ ସାଲେ ଆରମ୍ ହେଇଥିବାର ଇ ସ୍କୁଲରେ ପହେଲାରୁ ୨ ବଖ୍‌ରା ଖପର ଘର ଥିଲା। ହେଲେ ଏହେଦେ ସେ ଖପର ଘର୍‌ମାନ୍ ଆର୍ ବେଭାର କଲା ଲେଖେନ୍ ଅବସ୍ତାରେ ନାଁଇଁନ। ଡିପିଇପି ସମିଆରେ ତିଆର ହେଇଥିବାର ଗୁଟେ କୁଠିଥି ଏହେଦେ ପାଠ୍‌ପଢ଼ା ଚାଲିଛେ। ଆରଗୁଟେ କୁଠା ପାଖାପାଖି ୧୦ ବଛର୍ ହେଲା ଦର୍‌ଖଁଡିଆ ହେଇ ପଡ଼ିଛେ। ଯେନ୍‌ଥିର୍‌ଲାଗି ଛାତ୍ରୀଛାତ୍ରଙ୍କର ପାଠ୍‌ପଢ଼ାରେ ବଡ଼ା ଅସ୍‌ବିଧା ହେଉଛେ। ଇ ବାବ୍‌ଦେ ବାରବାର ବିଭାଗୀୟ ଉଚ କତୃରପକ୍ଷଙ୍କୁ ଜନେଇଥିଲେ ବି କେହି ଦୁରୁଷ୍‌ଟି ନାଇଁ ଦେଉଥିବାର ଗାଁବାସୀ ଅଭିଯୋଗ କରିଛନ୍। ସ୍କୁଲର ଏନ୍‌ତା ଅବସ୍‌ତା ଲାଗି ବିଭାଗୀୟ ଅଧିକାରୀଙ୍କୁ ଜନେଇଛୁଁ, ହେଲେ କେହି ନାଇଁ ଶୁନ୍‌ବାର। ବଡ଼ା ଗୁଲ୍‌ଗୁଲା ହେଇ ପିଲାମାନେ ପାଠ୍ ପଢୁଛନ୍ ବଲି ସ୍କୁଲ୍ କମିଟି ସଭାପତି ଯପିନ୍ଦ୍ର ସୁନା କହିଛନ୍। ବିଦ୍ୟାଳୟରେ ଥିବାର ଖପର ଘର ଚଲ୍‌ତି ବଛର ଭାଂଗିରୁଜି ଗଲାରୁ ଗୁଟେ କୁଠିଥି ୫ ଶ୍ରେଣୀର ଶତାଧିକ୍ ଛୁଆକୁ ବଡ଼ା କଷ୍‌ଟେ ପାଠ୍ ପଢ଼ଉଛୁଁ ବଲି ସ୍କୁଲ୍‌ର ପର୍‌ଧାନ ଶିକ୍ଷକ୍ କରୁଣାକର ଧରୁଆ କହିଛନ୍। ବିଦ୍ୟାଳୟର ସମସିଆ ବାବ୍‌ଦେ ବ୍ଲକ୍ ଶିକ୍ଷା ଅଧିକାରୀ ଷଷ୍ଠୀ ପ୍ରସାଦ ଝାଙ୍କରଙ୍କୁ ପଚ୍‌ରାଲାରୁ ଉଚ କତୃରପକ୍ଷଙ୍କୁ ଜନେଇ ନୂତନ କୁଠା ତିଆର କରବାର ବେବସ୍‌ତା କରାଯିବା ବଲି କହିଛନ୍।



ପିଲାମାନେ ସ୍କୁଲ୍ ବାରଣ୍ଡାରେ ପଢୁଛନ୍।

**ବାଘଝରଣ ପ୍ରାଥମିକ ବିଦ୍ୟାଳୟ**

- ୫ଟା ଶ୍ରେଣୀକେ ଗୁଟେ ପଢ଼ାକୁଠି, ୧୨୧ ଛାତ୍ରୀଛାତ୍ର
- ନୂତନ୍ ପଢ଼ାକୁଠି ଲାଗି ଦାବି କଲେ କେହି ନାଇଁ ଶୁନ୍‌ବାର

କୃମି ଔଷଧ ଖାଇ ଛାତ୍ରୀଛାତ୍ର ଅସୁସ୍ଥ ଘଟଣା

# ସିଡିଏମ୍‌ଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କଲେ ନରସିଂହ

**ବଲାଙ୍ଗୀର ଅଫିସ,୨୪।୯**

ସଇଁତଲା ବ୍ଲକ ଅନ୍ତର୍ଗତ ଘୁନସର ସରକାରୀ ପ୍ରାଥମିକ ବିଦ୍ୟାଳୟରେ କୃମିନାଶକ ଔଷଧ ଖାଇ ସୋମବାର ଶତାଧିକ ଛାତ୍ରୀଛାତ୍ର ଅସୁସ୍ଥ ହେବା ସହ ସେଥିରୁ ୫୧ଜଣ ଛାତ୍ରୀଛାତ୍ରଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଛି । ଏହି ଘଟଣାକୁ ନେଇ ବିରୋଧୀଦଳ ନେତା ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଉଦ୍‌ବେଗ ପ୍ରକାଶ କରିବା ସହ ଘଟଣାର ବିଚାର ବିଭାଗୀୟ ତଦନ୍ତ ଏବଂ ସିଡିଏମ୍‌ଓଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଘୁନସର ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଅସୁସ୍ଥ ହେବା ଖବର ପାଇବା ପରେ ଦିଲ୍ଲୀରେ ଥିବା ବିରୋଧୀଦଳ ନେତା ନରସିଂହ ମିଶ୍ର ପ୍ରେସ୍‌ବିଜ୍ଞପ୍ତି ଜରିଆରେ ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି କରିଛନ୍ତି । ଜିଲା ସ୍ୱାସ୍ଥ୍ୟ ବିଭାଗ ମୁଖ୍ୟ ଡା. ସୁଜ୍ଞାନେନ୍ଦ୍ର ମିଶ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଘୁନସର ବିଦ୍ୟାଳୟରେ ବଣ୍ଟନ କରାଯାଇଥିବା ଔଷଧର ମାନ ଯାଞ୍ଚ କରିବାକୁ ଦାବି କରିଛନ୍ତି । ମିଶ୍ର କହିଛନ୍ତି ଯେ, ସିଡିଏମ୍‌ଓଙ୍କ ଖାମଖିଆଲି ମନୋଭାବ ତଥା ଔଷଧ ଗୋଦାମରେ ନାହିଁ ନ ଥିବା ଅବ୍ୟବସ୍ଥା ଯୋଗୁ ଔଷଧର ଗୁଣବତ୍ତାକୁ ନେଇ ପ୍ରଶ୍ନ ଉଠିଛି । ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ଅତ୍ୟନ୍ତ ଅନୁକୂଳ ପରିବେଶରେ ଔଷଧ ଗୋଦାମ ରହିଛି । ଏଦିଗରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସମସ୍ୟା ସମାଧାନ ନିଜେ କରିବା ପରିବର୍ତ୍ତେ ସମସ୍ୟା ଠାରୁ ନିଜକୁ ଦୂରେଇ ରଖୁଛନ୍ତି । ବିଗତ ଦିନରେ ଡାକ୍ତରଖାନା ସମସ୍ୟାକୁ ନେଇ ବାରମ୍ବାର ସମୀକ୍ଷା କରାଯାଇଛି ଏବଂ ସାଧାରଣ ଜନତା ସିଡିଏମ୍‌ଓଙ୍କୁ ବାରମ୍ବାର ଅବଗତ କରିଥିଲେ ମଧ୍ୟ ସେ କିଛି ପଦକ୍ଷେପ ଗ୍ରହଣ କରୁନାହାନ୍ତି । ଭୁବନେଶ୍ୱରରୁ ସ୍ୱାସ୍ଥ୍ୟ ବିଭାଗର ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ବଲାଙ୍ଗୀର ଆସି କୃମିନାଶକ ଔଷଧରୁ ଅସୁସ୍ଥତା ଘଟଣା ଏବଂ ସିଡିଏମ୍‌ଓଙ୍କ ଦାୟିତ୍ୱହୀନତା ଘଟଣାର ତଦନ୍ତ କରୁ ବୋଲି ମିଶ୍ର ଦାବି କରିଛନ୍ତି । ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମଧ୍ୟ ଏହି ଘଟଣା ପାଇଁ ନୈତିକ ଉତ୍ତରଦାୟିତ୍ୱ ନିଅନ୍ତୁ ଏବଂ ସିଡିଏମ୍‌ଓଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ମିଶ୍ର ଦାବି କରିଛନ୍ତି ।

# ଦିବ୍ୟାଙ୍ଗଙ୍କୁ ମରଣାନ୍ତକ ଆକ୍ରମଣ

**ପାଟଣାଗଡ,୨୪।୯ (ଡି.ଏନ.ଏ.)**

ଜଣେ ଦିବ୍ୟାଙ୍ଗ ଦୃଷ୍ଟିହିନ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା ଏକ ଲଜ୍ଜାଜନକ। ଏପରି ଏକ ଘଟଣା ଘଟିଛି ପାଟଣାଗଡ ଥାନା ଅନ୍ତର୍ଗତ ସୁନାମୁଦି ଗ୍ରାମରେ। ଅଭିଯୋଗ ଅନୁଯାୟୀ ଗତକାଲି ରାତି ପ୍ରାୟ ୮ଟା ସମୟରେ ସୁନାମୁଦି ଗ୍ରାମର ବାଲାମଣୀ ବନଛୋର(୫୦) ନାମକ ଜଣେ ଦୃଷ୍ଟିହୀନ ବ୍ୟକ୍ତିଙ୍କ ଘରକୁ ତାଙ୍କର ସମ୍ପର୍କୀୟ ମାନେ ଆସିଥିଲେ। ଏହି ସମୟରେ ସେହି ଗ୍ରାମର ସକନ ମର୍ହେଇ ନାମକ ଜଣେ ବ୍ୟକ୍ତି ତାଙ୍କ ଘରକୁ ଆସି ତାଙ୍କ ସହ ଯୁକ୍ତିତର୍କ କରିଥିଲେ। ସେହି ସମୟରେ ବାଲାମଣି ମୋ ଘରକୁ ବନ୍ଧୁ ଆସିଛନ୍ତି ତୁମେ ଯାଅ ପରେ କଥା ହେବା କହି ତାଙ୍କୁ ଯିବାକୁ କହିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ସକନ ପାଖରେ ଥିବା ବାଲାମଣିଙ୍କ ଆଶା ବାଡିକୁ ଭିଡି ଆଣି ଅତର୍କିତ ଭାବେ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ବାଲାମଣଙ୍କ ମୁଣ୍ଡରେ ଏବଂ ମୁହଁରେ ଆଘାତ ହୋଇ ମୁଣ୍ଡ ଫାଟି ଅତ୍ୟଧିକ ରକ୍ତସ୍ରାବ ହୋଇଥିଲା। ପରେ ପରିବାର ଲୋକେ ଆସି ତାଙ୍କୁ ଉଦ୍ଧାର କରିଥିଲେ ଏବଂ ପାଟଣାଗଡ ଡାକ୍ତରଖାନାକୁ ଆଣିଥିଲେ। ଏ ନେଇ ବାଲାମଣିଙ୍କ ପୁଅ ପ୍ରେମାନନ୍ଦ ଲିଖିତ ଅଭିଯୋଗ କଲା ପରେ ପାଟଣାଗଡ ଥାନା ପୋଲିସ କେଶ ନଂ ୧୯୪/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଅଘରିଆ ସମାଜର ନୂଆଁଖାଇ ଭେଟ୍‌ଘାଟ

ପାଟଣାଗଡ,୨୪।୯(ଡି.ଏନ.ଏ.)

ଅଘରିଆ ସମାଜ ଭଇଁଷା ମଣ୍ଡଳ ତରଫରୁ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହିଅବସରରେ ଅଘରିଆ ସମାଜର ଭଇଁଷା ଗୁଡି, ରାମଚନ୍ଦ୍ରପୁର ଗୁଡି, ବାରପୁଡୁଗିଆ ଗୁଡି, ଦମେଇପାଲି ଗୁଡିର ୮୫ଟି ଗ୍ରାମର ସମସ୍ତ ସମାଜର ଜାତି ଭାଇ ବନ୍ଧୁ ଯୋଗଦେଇଥିଲେ। ସଭା ପ୍ରାରମ୍ଭରେ ନୂଆଁଖାଇ ନବାନ୍ନ ପ୍ରସାଦ ସମାଜର ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ହାତରେ ଉପସ୍ଥିତ ଲୋକଙ୍କୁ ପ୍ରଦାନ କରାଯାଇଥିଲା। ପାରମ୍ପରିକ ରୀତିନୀତିରେ ସମସ୍ତ ନବାନ୍ନ ଭକ୍ଷ କରି ଜୁହାର ଭେଟ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଘରିଆ ସମାଜର କେନ୍ଦ୍ର କାର୍ଯ୍ୟକାରୀ ସଭାପତି ଡ. ଲୋକେଶ୍ୱର ସାଏ, ଉପଦେଷ୍ଟା କମିଟି ସଭ୍ୟ ଧୋବେଇ ପଟେଲ, ମଣ୍ଡଳ ସଭାପତି ଭକ୍ତବନ୍ଧୁ ନାଏକ, ଉପସଭାପତି ଜଗନ୍ନାଥ ସାଏ, ଉପସଭାପତି ଜଗନ୍ନାଥ ସାଏ, ଭଇଁଷା ଗୁଡି ସଭାପତି ଜ୍ଞାନେନ୍ଦ୍ର ସାଏ, ଦମେଇପାଲି ଗୁଡି ସଭାପତି ସିଦ୍ଧାର୍ଥ ପଟେଲ, ବାରପୁଡୁଗିଆ ସଭାପତି ଉଦୟନାଥ ପଟେଲ, ରାମଚନ୍ଦ୍ରପୁର ଗୁଡି ସଭାପତି ଯୋଗେଶ୍ୱର ନାଏକ, ଭଇଁଷା କମିଟି ସଭାପତି କବିରାଜ ସାଏ ପ୍ରମୁଖ ମଞ୍ଚାସୀନ ଥିଲେ। ସମସ୍ତେ ଏକତା ବନ୍ଧନରେ ବାନ୍ଧି ହୋଇ କାର୍ଯ୍ୟ କରିବାକୁ ମୁଖ୍ୟ ଅତିଥି ନିଜ ମନ୍ତବ୍ୟ ରଖିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଡାଲଖାଇ, ରସରକେଲି, ରାମଲୀଳା ତଥା ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଗୁଡି ଉପସଭାପତି ଚିନ୍ତାମଣି ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ସମାଜର ୩ଜଣ ଛାତ୍ରଙ୍କୁ ମାନପତ୍ର ଦ୍ୱାରା ସମ୍ମାନିତ କରାଯାଇଥିଲା।



ଭଇଁଷା ମଣ୍ଡଳ ତରଫରୁ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

# ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଚାଲିଛି ରାସ୍ତା କାମ

**ଖପ୍ରାଖୋଲ,୨୪।୯(ଡି.ଏନ.ଏ.)**

ଖପ୍ରାଖୋଲ-ହରିଶଙ୍କର ରାସ୍ତାର ଚିଡିଆଖାନା ଓ ବନ ବିଭାଗ ଡାକ ବଙ୍ଗଳା ସମ୍ମୁଖ ରାସ୍ତା ସମ୍ପ୍ରସାରଣ କାମ ଚାଲିଛି। ରାସ୍ତା କଂକ୍ରିଟକରଣ କରାଯିବା ସଂ ଗାର୍ଡୱାଲ କାମ ପୂର୍ତ୍ତବିଭାଗ ତରଫରୁ ଚାଲିଛି । ହେଲେ କିଛି ଦିନ ହେଲା ବିଭାଗୀୟ ଯନ୍ତ୍ରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଥିବାବେଳେ ଏହି ରାସ୍ତା କାମ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଜୋରସୋର ଚାଲିଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇବା ସହ କାମର ମାନ ଏବଂ ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନେକ ସମୟରେ କଣ୍ଟାବାଞ୍ଜି ପୂର୍ତ୍ତ ବିଭାଗ ସବ୍‌ଡିଭିଜନରେ ଠିକାଦାରଙ୍କୁ ଅହେତୁକ ଅନୁକମ୍ପା ଦେଖାଯାଉଥିବାବେଳେ ବ୍ୟାପକ ପିସି କାରବାର ନେଇ ମଧ୍ୟ ଚର୍ଚ୍ଚା ହୋଇଥାଏ । ଏବେ ଯନ୍ତ୍ରୀମାନଙ୍କ ଅନୁପସ୍ଥିତିରେ ଠିକାଦାର କିଭଳି ବେଧଡକ୍ କାମ ଚଲାଉଛନ୍ତି ତାକୁ ନେଇ ପ୍ରଶ୍ନବାଚୀ । ଏହି କାମରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅହେତୁକ ଅନୁକମ୍ପା ଠିକାଦାରଙ୍କ ଉପରେ ଥିବା ନେଇ ଅଭିଯୋଗ ହେଉଛି। କାମ ସମ୍ପର୍କରେ ଖପ୍ରାଖୋଲ ସେକ୍‌ସନ କନିଷ୍ଠ ଯନ୍ତ୍ରୀ ମାର୍କଣ୍ଡ ଯୋଶୀଙ୍କୁ ପଚାରିବାରୁ ଅନ୍ୟ ଯନ୍ତ୍ରୀଙ୍କ ସହ ସେ ଆନ୍ଦୋଳନରେ ଅଛନ୍ତି ବୋଲି କହିଛନ୍ତି। ଏ ସମ୍ପର୍କରେ କଣ୍ଟାବାଜି ପୂର୍ତ୍ତ ବିଭାଗ ସବ୍‌ଡିଭିଜନ ସହକାରୀ ଯନ୍ତ୍ରୀ ପଦ୍ମନାଭ ଗୌଡଙ୍କୁ ପଚାରିବାରୁ ଠିକାଦାର ଯଦି କାମ କରୁଛନ୍ତି ତାହା ହେଲେ ବନ୍ଦ କରାଇ ଦେବା ବୋଲି କହିଛନ୍ତି। ବିନା ଯନ୍ତ୍ରୀରେ କାମ ହୋଇଥିବା ନେଇ ପାଟଣାଗଡ ଉପଜିଲାପାଳ ଯଦୁମଣି ମହଲାଙ୍କୁ ମଧ୍ୟ ହରିଶଙ୍କଠାରେ ଲୋକେ ଅଭିଯୋଗ କରିଛନ୍ତି। ଏଠାରେ ପ୍ରଶ୍ନ ଉଠେ କାମଟି ସହକାରୀ ଯନ୍ତ୍ରୀଙ୍କ ଅଜାଣତରେ ହେଉଥିଲା ନାଁ ଅଭିଯୋଗ ପରେ ବନ୍ଦ ପାଇଁ କହୁଛନ୍ତି । ସୂଚନାଯୋଗ୍ୟ ପୂର୍ବରୁ ମଧ୍ୟ ଏହି ରାସ୍ତାରେ ଅନେକ କଂକ୍ରିଟ କାମ ନିମ୍ନମାନର ହୋଇଥିବା ନେଇ ଅଭିଯୋଗ ହେଉଛି ।



ଡାକବଙ୍ଗଳା ସମ୍ମୁଖ ରାସ୍ତା ସମ୍ପ୍ରସାରଣ କାମ ଚାଲିଛି।

# ତୁଷୁରାକୁ ଲମ୍ବିଛି ମୁମ୍ବାଇ ସଟ୍ଟା ବଜାର

**ଗୁଡଭେଲା,୨୪।୯(ଡି.ଏନ.ଏ.)**

ତୁଷୁରା ସହରକୁ ଲମ୍ବିଛି ମୁମ୍ବାଇ ଓ କଲ୍ୟାଣୀ ଅଞ୍ଚଳର ସଟ୍ଟା ବଜାର। ମହାରାଷ୍ଟ୍ରର ଏହି ଦୁଇ ସହରରେ ରହି ଡନ ମାଫିଆମାନେ ଅପରେଟ କରୁଛନ୍ତି । ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କାର ଖେଳ ହେଉଛି। ଶହ ଶହ ସଂଖ୍ୟାରେ ଲୋକମାନେ ଏହି ଜୁଆର ମାୟାରେ ପଡି ତଳିତଳାନ୍ତ ହେଉଥିବାବେଳେ ସଟ୍ଟା ମାଫିଆ ମାଲାମାଲ ହେଉଥିବା ଦେଖିବାକୁ ମିଳୁଛି । ଏମିତିକି ଏହି ଖେଳରେ ପୋଲିସ ମଧ୍ୟ ସେମାନଙ୍କର ହାତ ବାରିସି ସାଜିଥିବା ଅଭିଯୋଗ ହେଉଛି । ବୁଢିଆଣୀ ଜାଲ ଭଳି ଏହି ସଟ୍ଟା ବଜାର ଏବେ ସହରରୁ ଗ୍ରାମାଞ୍ଚଳକୁ ବ୍ୟାପିବାରେ ଲାଗିଲାଣି। ସ୍କୁଲ, କଲେଜ, ଦିନ ମଜୁରିଆଠାରୁ ଆରମ୍ଭ କରି ବିଭିନ୍ନ ଅଫିସର କର୍ମଚାରୀ, ବ୍ୟବସାୟୀ ମଧ୍ୟ ଏହି ମାୟାରେ ପଡି ସାରିଛନ୍ତି । ପ୍ରଥମେ ଅଳ୍ପ କିଛି କିଛି ଲାଭ କରିବା ପରେ ମୋଟା ଅଙ୍କର କ୍ଷତି ସହୁଛନ୍ତି । ସହରରେ ଚା' ଦୋକାନ, ପାନ ଦୋକାନଠାରୁ ଆରମ୍ଭ କରି ବସଷ୍ଟାଣ୍ଡ, ଥାନା ଛକ, ହାଟପଡା, ଏପରିକି ରାସ୍ତା ଘାଟରେ ମଧ୍ୟ କିଛି ଯୁବକ ଏକ କାଗଜରେ ଗ୍ରାହକଙ୍କ ଠାରୁ ନମ୍ବର ଲେଖୁଥିବା ଦେଖିବାକୁ ମିଳୁଛି । ଅନ୍ୟ ପକ୍ଷରେ ସଟ୍ଟା ଏଜେଣ୍ଟମାନେ ଏହି ଖେଳଟିକୁ ମୋବାଇଲ ମାଧ୍ୟମରେ ମଧ୍ୟ ଚଳାଇଥିବା ଅଭିଯୋଗ ହେଉଛି । ଏହାକୁ ନେଇ ବିଭିନ୍ନ ସମୟରେ ପୋଲିସର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଦିନକୁ ଦିନ ସଟ୍ଟା କାରବାର ସକ୍ରିୟ ହେବାରେ ଲାଗିଛି । ପୋଲିସ ଆମର କିଛି କରିପାରିବ ନାହିଁ ବୋଲି କିଛି ସଟ୍ଟା ଏଜେଣ୍ଟ କହୁଥିବା ସାଧାରଣରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି । ଏ ନେଇ ତୁଷୁରା ଥାନାଧିକାରୀ ପଞ୍ଚାନନ ନାୟକ କହିଛନ୍ତି, ଆମେ ଖବର ପାଇଲେ ବିଭିନ୍ନ ସମୟରେ ଚଢାଉ କରୁଛୁ। ଯଦି ଆପଣ ଜାଣିଛନ୍ତି ତେବେ ଖବର ଦିଅନ୍ତୁ ଆମେ ଚଢ଼ାଉ କରିବୁ।

# ୫ ମାସ ହେଲା ମିଳିନାହିଁ କିରୋସିନ

**ସଇଁତଲା,୨୪।୯(ଡି.ଏନ.ଏ.)**

ସଇଁତଲା ବ୍ଲକ ଟିକ୍ରାପଡ଼ା ପଞ୍ଚାୟତରେ ଗତ ଏପ୍ରିଲ ମାସରୁ କିରୋସିନି ମିଳୁନି। କିରୋସିନି ଡିଲର ଗୌରଚନ୍ଦ୍ର ସୁଆର ବ୍ୟକ୍ତିଗତ ଅସୁବିଧା ଆଉ କିରୋସିନ ଯୋଗାଣ କରିପାରିବେ ନାହିଁ ବୋଲି ଯୋଗାଣ ଅଧିକାରୀଙ୍କୁ ଦୀର୍ଘ ଦିନରୁ ଜଣାଇ ଦେଇଛନ୍ତି। ସେ ମାର୍ଚ୍ଚ ପର୍ଯ୍ୟନ୍ତ କିରୋସିନ ବଣ୍ଟନ କରିଛନ୍ତି। ମାର୍ଚ୍ଚ ମାସ ପରେ ଲୋକେ ଆଉ କିରୋସିନ ପାଉନାହାନ୍ତି। ହେଲେ ଯୋଗାଣ ଅଧିକାରୀ ପଞ୍ଚାୟତକୁ କୌଣସି ପ୍ରକାର ଲିଖିତ ଆକାରରେ ନ ଜଣାଇବାରୁ ପଞ୍ଚୟତ ମଧ୍ୟ କିରୋସିନି ଆଣି ଗ୍ରାମବାସୀଙ୍କୁ ଯୋଗାଇ ପାରୁନାହିଁ। ଏ ବିଷୟରେ ଟିକ୍ରାପଡ଼ା ସରପଞ୍ଚ ଭାରତୀ ରାଜପାଲିଆଙ୍କୁ ପଚାରିବାରୁ ଡିଲର କିମ୍ବା ଯୋଗାଣ ଅଧିକାରୀ ଲିଖିତ ଆକାରରେ ପଞ୍ଚାୟତକୁ ନ ଦେବା ପର୍ଯ୍ୟନ୍ତ କିଭଳି ନିଜେ ଏ ବିଷୟରେ ନିଷ୍ପତି ନେଇ ପାରିବେ ବୋଲି କହିଛନ୍ତି। ଯୋଗାଣ ଅଧିକାରୀ ଲିଖିତ ଆକାରରେ ଦେଲେ ଡିପୋରୁ କିରୋସିନ ଆଣି ବଣ୍ଟନ କରାଯିବ ବୋଲି ରାଜପାଲିଆ କହିଛନ୍ତି। ଏ ବିଷୟରେ ଯୋଗାଣ ଅଧିକାରୀ ପଦ୍ମଲୋଚନ ମାଝିଙ୍କୁ ପଚାରିବାରୁ ଡିଲରଙ୍କ ନିଜସ୍ୱ ଅସୁବିଧା ଯୋଗୁ ସେ ତେଲ ଉଠାଉ ନ ଥିବା କହିଛନ୍ତି। ଏହା ଭିତରେ ପଞ୍ଚାୟତ ତରଫରୁ ତେଲ ଉଠାଇ ବଣ୍ଟନ କରାଯିବ ବୋଲି କହିଥିଲେ।

# ରାଶନ କାର୍ଡରୁ ବଞ୍ଚିତ ହିତାଧିକାରୀଙ୍କ ବ୍ଲକ ଘେରାଉ

**ଲୋଇସିଂହା,୨୪।୯(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ୨୦ଟି ପଞ୍ଚାୟରେ ନୂତନ ରାଶନ କାର୍ଡ ହିତାଧିକାରୀଙ୍କ ତାଲିକା ପ୍ରକାଶ ପାଇଛି । ଏଥିରେ ବହୁ ଗରିବ ପରିବାର ବାଦ ପଡିଥିବା ଅଭିଯୋଗ ହୋଇଛି । ବିଭିନ୍ନ ପଞ୍ଚାୟତରୁ ବାଦ୍ ପଡିଥିବା ହିତାଧିକାରୀ ସୋମବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରିଛନ୍ତି । ଏହି ଘେରାଉକୁ ସ୍ଥାନୀୟ କଂଗ୍ରେସ କର୍ମୀ ସମର୍ଥନ ଜଣାଇ ବିକ୍ଷୋଭରେ ସାମିଲ ହୋଇଥିଲେ । ବିକ୍ଷୋଭକାରୀଙ୍କ ସହ ବିଡିଓ ରାମଚନ୍ଦ୍ର ଖାଡିଆ ଆଲୋଚନା କରି କହିଥିଲେ, ଆବେଦନ ପରେ ପ୍ରଥମ ପର୍ଯ୍ୟାୟ ତାଲିକା ପ୍ରକାଶ ପାଇଛି । ଅଭିଯୋଗ ଉପରେ ଆସନ୍ତା ୨୬ତାରିଖ ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ । ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡିଥିବା ଲୋକଙ୍କୁ ସାମିଲ କରିବା ପାଇଁ ଗତ୧୪ ଅଗଷ୍ଟରୁ ୧୦ ସେପ୍ଟେମ୍ବର ସୁଦ୍ଧା ଲୋକଙ୍କଠାରୁ ଫର୍ମ ଆବେଦନ କରାଯାଇଥିଲା । ପଞ୍ଚାୟତସ୍ତରରେ ନିଯୁକ୍ତ ନୋଡାଲ ଅଫିସମାନେ ଆବେଦନ ଉପରେ ଯାଞ୍ଚ ପରେ ମେରିଟ ଲିଷ୍ଟ ପ୍ରକାଶ ପାଇଛି । ବ୍ଲକର କନ୍ଦାଜୁରୀ, ରେଙ୍ଗାଲି, ଉପରବାହଲ, ହୀରାପୁର, ବୁର୍ଡା ପଞ୍ଚାୟତରେ କେତେକ ଲୋକ ବାଦ ପଡିଥିବା ଅଭିଯୋଗ କରି ବ୍ଲକ ଘେରାଉ କରିଥିଲେ । ଏହାକୁ ବ୍ଲକ କଂଗ୍ରେସ ତରଫରୁ ସମର୍ଥନ ଜଣାଇ ବିକ୍ଷୋଭରେ ସାମିଲ ହୋଇ ହିତାଧିକାରୀ ଚୟନରେ ପାତର ଅନ୍ତରକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ । ବ୍ଲକର କେତେକ ପଞ୍ଚାୟତରେ ଫର୍ମ ଆବେଦନ ବେଳେ ହିତାଧିକାରୀଙ୍କଠାରୁ ୨୦ ଟଙ୍କା ଅସୁଲ ହୋଇଥିବା ଅଭିଯୋଗ କରିଥିଲେ। ଏହା ବାଦ୍ କଂଗ୍ରେସ କର୍ମୀମାନେ ହୀରାପୁର ପଞ୍ଚାୟତର ପନେସରାଠାରେ ହୋଇଥିବା କଂକ୍ରିଟ କାମରେ ଅନିୟମିତତାରେ ବିଭାଗୀୟଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ବିକ୍ଷୋଭରେ ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା, ମଣ୍ଡଳ ସଭାପତି ସରୋଜ ବିଶ୍ୱାଳ, ସମୀର ବିଶ୍ୱାଳ, ଲମ୍ବୋଦର ମହାକୁର, ପ୍ରହ୍ଲାଦ ସାହୁ, ହରେରାମ ସାହୁ, ସାଏବ ମିସ୍ତ୍ରୀଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ ।



ବାଦ୍ ପଡିଥିବା ହିତାଧିକାରୀ ବ୍ଲକ ଆଗରେ ବିକ୍ଷୋଭ କରୁଛନ୍ତି ।



“ ବାଂଲାଦେଶୀ ଶରଣାର୍ଥୀ ଉଇ ସଦୃଶ। ସେମାନଙ୍କୁ ଗୋଟି ଗୋଟି କରି ଭୋଟର ତାଲିକାରୁ ବାହାର କରିବା ଦାୟିତ୍ୱ ଭାଜପା ନିଜ ହାତକୁ ନେଇଛି।

-ଅମିତ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ



## ସଂକ୍ଷେପରେ

### ଅଗ୍ନିଶମ ବିଭାଗ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଲହୁଣୀପଡା, ୨୪।୯ (ଡି.ଏନ.ଏ)- ସୁନ୍ଦରଗଡ଼ ଜିଲା ଲହୁଣୀପଡା ଅଗ୍ନିଶମ ବିଭାଗର କର୍ମଚାରୀମାନେ ସୋମବାରଠାରୁ ୬ଦଫା ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିବା ଜଣାଯାଇଛି। ପୋଲିସମାନଙ୍କ ସହିତ ସମାନବେତନ, ୮ଘଣ୍ଟିଆ ଡ୍ୟୁଟି, ଅସ୍ଥାୟୀମାନଙ୍କୁ ସ୍ଥାୟୀ ନିଯୁକ୍ତି, ନିଜ ଜିଲା କିମ୍ବା ନିକଟସ୍ଥ ଜିଲାରେ ନିଯୁକ୍ତି, ବାକିଆ ପାଉଣା, ନିୟମିତ ପେନସନ ଏବଂ ପୋଲିସମାନଙ୍କ ଭଳି ହାବିଲଦାର ଓ ଫାୟାର ମେନ୍ ସଂଘର ସରକାରୀ ପଞ୍ଜିକରଣ ଇତ୍ୟାଦି ଦାବିରେ ଅଗ୍ନିଶମ ବିଭାଗର ମୁଖ୍ୟ ଆଗ୍ନିକ ହାବିଲଦାର, ଡ୍ରାଇଭର, ଫାୟାର ମେନମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି।

### ଡଙ୍ଗାବୁଡି ଘଟଣା: ନିଖୋଜ ମହିଳାଙ୍କ ମିଳିନି ସନ୍ଧାନ

ଲହୁଣୀପଡା, ୨୪।୯ (ଡି.ଏନ.ଏ)- ଲହୁଣୀପଡା ବ୍ଲକ ଦର୍ଜିଂ ପଞ୍ଚାୟତ ଲୁଧୁଣୀ ନିକଟ ବ୍ରାହ୍ମଣୀ ନଦୀରେ ରବିବାର ଅପରାହ୍ନରେ ଡଙ୍ଗାବୁଡି ଘଟଣାରେ ନିଖୋଜ ଥିବା ମହିଳାଙ୍କ ସୋମବାର ସନ୍ଧ୍ୟା ସୁଦ୍ଧା ପତ୍ତା ମିଳିନାହିଁ। ନିଖୋଜ ଥିବା ବାସନ୍ତୀ ମାହାନ୍ତ (୪୨)ଙ୍କ ପରିବାର ଲୋକେ ଆଶଙ୍କା ମଧ୍ୟରେ ଅଛନ୍ତି। ୨୪ଘଣ୍ଟା ପୁରି ଯାଇଥିଲେ ମଧ୍ୟ କୌଣସି ସନ୍ଧାନ ମିଳିପାରି ନାହିଁ। ସୋମବାର ସକାଳୁ ପରିବାର ବର୍ଗଙ୍କ ସହିତ ପୋଲିସ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ପାରି ନ ଥିଲା।

ନୂଆଗାଁରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

# ଜିଲାପାଳଙ୍କ ଅନୁପସ୍ଥିତିରେ ଏଡିଏମ କଲେ ଶୁଣାଣି

ନୂଆଗାଁ, ୨୪।୯ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ପରିସରରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତେବେ ସୁନ୍ଦରଗଡ଼ ଜିଲାପାଳଙ୍କ ଅନୁପସ୍ଥିତିରେ ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ (ଏଡିଏମ) ଭାସ୍କୋର ଚନ୍ଦ୍ର ତୁରକ ଶିବିରରେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଉପରେ ଶୁଣାଣି କରିଥିଲେ। ବ୍ଲକରେ ପାନୀୟ ଜଳ ବ୍ୟବସ୍ଥା, ରାସ୍ତାଘାଟ ତଥା ବିଦ୍ୟୁତ ସମସ୍ୟା ଉପରେ ବିଭିନ୍ନ ପଞ୍ଚାୟତର ଲୋକ ଅଭିଯୋଗ ଗୁଡିକ କରିଥିଲେ। ବିଶେଷକରି ନୂଆଗାଁ ବ୍ଲକ ଅଞ୍ଚଳରେ ବିଦ୍ୟୁତ ସମସ୍ୟା ଦିନକୁ ଦିନ ବଢ଼ିବାକୁ ଲାଗିଥିବା ବେଳେ ବାରମ୍ଭାର ବିଦ୍ୟୁତ କାଟ, ଦିନକୁ ଅନେକ ଥର ବିଦ୍ୟୁତର ଲୁଚକାଳି ଖେଳ ଚାଲିଥିଲେ ହେଁ ବିଭାଗୀୟ ଅଧିକାରୀମାନେ ଏଦିଗରେ ପଦକ୍ଷେପ ନେଇନାହାନ୍ତି। ବିଶେଷ କରି ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ ଚୋରି ବୃଦ୍ଧି ପାଇବା, ଦିନ ଦ୍ୱିପ୍ରହରରେ ହୁକ ପକାଇ ବିଦ୍ୟୁତ ବ୍ୟବହାର କରିବା ଯୋଗୁଁ ଏ ଅଞ୍ଚଳରେ ବାରମ୍ଭାର ବିଦ୍ୟୁତ ସମସ୍ୟା ଉପୁଜୁଛି। ଆବଶ୍ୟକ ହିତାଧିକାରୀଙ୍କ ଯେତିକି ବିଦ୍ୟୁତ ଆବଶ୍ୟକ ତାଠାରୁ ବେଶି ବିଦ୍ୟୁତ ଚୋରାରେ ବ୍ୟବହାର ହେଉଛି। ଫଳରେ ଅନେକ ସମୟରେ ବିଦ୍ୟୁତ ଜନିତ ସମସ୍ୟା ଲାଗିରହୁଛି। ବିଶେଷକରି ସୋରଡା, ଚିତାପେଡି, ଉର୍ମେଇ, ବାରିଲେପଟା, ବାଗଡେଗା ଆଦି ପଞ୍ଚାୟତଗୁଡିକର ଏହି ସମସ୍ୟା ବେଶି ଦେଖାଦେଉଛି। ତେଣୁ ସୋରଡାଠାରେ ଏକ ବିଦ୍ୟୁତ ସବ୍‌ଷ୍ଟେସନ ନିର୍ମାଣ ପାଇଁ ଲୋକେ ସୋମବାର ଦାବି କରିବା ସହ ବିଦ୍ୟୁତ୍ ସମସ୍ୟାର ସମାଧାନ ପାଇଁ ଜିଲାପାଳଙ୍କ ଅଭିଯୋଗ ପ୍ରକଳ୍ପରେ ଲିଖିତ ଭାବରେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ନୂଆଗାଁ ଅଞ୍ଚଳର ଅନେକ ଆର୍‌ଡି (ଗ୍ରାମ୍ୟ ଉନ୍ନୟନ) ଅଧିନସ୍ଥ ରାସ୍ତା ଗୁଡିକ ଶୋଚନୀୟ ହୋଇପଡିଥିବାରୁ ସେଗୁଡିକୁ ମରାମତି ପାଇଁ ମଧ୍ୟ ଦାବି ହୋଇଛି। ମୋଟ ୨୮ଟି ଅଭିଯୋଗ ମଧ୍ୟରୁ କେତେକ ବ୍ୟକ୍ତିଗତ ଅଭିଯୋଗ ମଧ୍ୟ ଆଗତ ହୋଇଥିଲା। ଏହି ଜନଶୁଣାଣି ଶିବିରରେ ଜିଲାପଞ୍ଚାୟତ ଅଧିକାରୀ ଗୁରୁଭା ସିଂ, ପିଡି ଡିଆରଡିଏ ଭୁମେଶ ଚନ୍ଦ୍ର ବେହେରା, ନୂଆଗାଁ ବିଡିଓ ତୃପ୍ତିବରାଇ ତଥା ବିଭିନ୍ନ ବିଭାଗର ପଦାଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ, ଦାବି ଶୁଣିଥିଲେ।



ନୂଆଗାଁରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ।

- ଆସିଲା ୨୮ ଅଭିଯୋଗ
- ବ୍ୟକ୍ତିଗତ ଅଭିଯୋଗ ବି ଥିଲା
- ବିଦ୍ୟୁତ୍ ସମସ୍ୟା ଆଲୋଚନା

# ଇନ୍ଦ୍ର ଗୋବିନ୍ଦ ପୂଜା ପାଳିତ

ଲେଫ୍ରିପଡା,୨୪।୯(ଡି.ଏନ.ଏ)

ଲେଫ୍ରିପଡା ବ୍ଲକ ଗିରିଙ୍ଗକେଲା ପଞ୍ଚାୟତର ପଟୁଆଡିହି, ଗିରିଙ୍ଗକେଲା, କରାଡେଗା, ଚକରଧରପୁର, ମାଳିପଡା, ଜୟନ୍ତିପଡା, ବୈରାଗୀବାହାଲ ଗ୍ରାମର ମିଳିତ ଆୟୋଜନରେ କରାଡେଗା ଟୁଙ୍ଗୁରୀ ଉପରେ ଦୁଇଦିନ ଧରି ୫୨ତମ ଇନ୍ଦ୍ର ଗୋବିନ୍ଦ ପୂଜା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୋମବାର ସୁନ୍ଦରଗଡ ସଦର ବିଧାୟକ ଯୋଗେଶ କୁମାର ସିଂ ପୂଜାକାର୍ଯ୍ୟରେ ଯୋଗଦାନ କରି ଅଞ୍ଚଳର ଜନସାଧାରଣଙ୍କ ସହ ମିଶି ପୂର୍ଣ୍ଣାହୂତି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପୂଜାରେ ଯଜମାନ ଭାବେ ଚକରଧରପୁର ଗ୍ରାମର ମଦନ ନାଏକ ଏବଂ ତାଙ୍କର ସହଧର୍ମିଣୀ ଗୀତାଞ୍ଜଳୀ ନାଏକ ରହିଥିଲେ। ପୂଜକଭାବେ ଟେକଚାନ୍ଦ ଦାଶ ଏବଂ ରୋହିତ କୁମାର ଦାଶ ପୂଜାକାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଦୁଇ ଦିନ ଧରି ନାମ ସଂକୀର୍ତ୍ତନ୍ୟ ସହ ହୋମଯଜ୍ଞ କରାଯାଇଥିଲା। ଆୟୋଜିତ ଗ୍ରାମର ସଂକୀର୍ତ୍ତନ୍ୟ ଦଳ ଯୋଗଦାନ କରିଥିଲେ।



ଗିରିଙ୍ଗକେଲା କରାଡେଗା ଟୁଙ୍ଗୁରୀ ଉପରେ ଇନ୍ଦ୍ର ଗୋବିନ୍ଦ ପୂଜାର ପୂର୍ଣ୍ଣାହୁତି ଦିଆଯାଉଛି।

# ଜାଙ୍ଗଲିରେ ଇନ୍ଦ୍ର ପୂଜନୋତ୍ସବ

ବଡଗାଁ, ୨୪।୯(ଡି.ଏନ.ଏ.)

ବଡଗାଁ ବ୍ଲକ ତୁଡାଲଗା ପଞ୍ଚାୟତର ଜାଙ୍ଗଲି ଗ୍ରାମରେ ୬୯ତମ ବାର୍ଷିକ ଇନ୍ଦ୍ର ପୂଜନୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂଜାରେ ବୁଦୁନା, ଟୁରିପୋଷ, ବିର୍ସୁ, ଲଖପଡା, ସାଲେପାଲି, ଫୁଲବାରୀ, କାଦୋପଡା, ଟାବୁରୀ, ତୁଡାଲଗା, ବାଉଁଶେନ ବାଇବାଇ, ମଚାମରା ଓ କଣ୍ଟିଆମୁରା ଗ୍ରାମବାସୀ ଯୋଗଦେଇଥିଲେ। ପୂଜକ ଦିବ୍ୟଲୋଚନ ମିଶ୍ର ଓ ଫକୀର ପାଣିଗ୍ରାହୀ ପୂଜାକାର୍ଯ୍ୟ ଏବଂ ଅର୍ଜୁନ ନାୟକ ପୁରାଣ ପାଠ କରିଥିଲେ। ପୂଜା କମିଟିର ସଭାପତି ମହେନ୍ଦ୍ର ବେହେରା, ସମ୍ପାଦକ ଶିଶୀଭୂଷଣ ବେହେରାଙ୍କ ସହିତ ଟଙ୍କଧର, ଦୁଃଖବନ୍ଧୁ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଅଗ୍ନିଶମ ବିଭାଗ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ବାଲିଶଙ୍କରା/ବଡ଼ଗାଁ, ୨୪।୯(ଡି.ଏନ.ଏ)

ରାଜ୍ୟ ବ୍ୟାପି ଅଗ୍ନିଶମ ବିଭାଗ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ କାର୍ଯ୍ୟବନ୍ଦ ଆନ୍ଦୋଳନରେ ବସିଥିବାବେଳେ ବାଲିଶଙ୍କରା ଓ ବଡ଼ଗାଁ ବ୍ଲକ ଅଗ୍ନିଶମ ବିଭାଗ କର୍ମଚାରୀମାନେ ମଧ୍ୟ କାର୍ଯ୍ୟବନ୍ଦ କରି ବସିଛନ୍ତି। ଓଡ଼ିଶା ଅଗ୍ନିଶମ କର୍ମଚାରୀମାନଙ୍କୁ ପୋଲିସ କର୍ମଚାରୀମାନଙ୍କ ସହିତ ସମାନ ଦରମା ଓ ଭତ୍ତା ପ୍ରଦାନ, ଓଡ଼ିଶା ଅଗ୍ନିଶମ ସେବା ସଂସ୍ଥାର ହାବିଲଦାର ଓ ଫାୟାରମ୍ୟାନସଂଘଙ୍କୁ ତୁରନ୍ତ ସରକାରୀ ପଞ୍ଜୀକରଣ ଭୁକ୍ତ କରିବାକୁ ସେମାନେ ଦାବି କରିଛନ୍ତି। ଏହା ସହ ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କୁ ନିୟମିତ ଦରମା ଭୁକ୍ତ କରିବା ସହିତ କର୍ମଚାରୀମାନଙ୍କୁ ନିଜ ଜିଲା ଏବଂ ଆବଶ୍ୟକସ୍ଥଳେ ନିକଟସ୍ଥ ଜିଲାରେ ନିଯୁକ୍ତି କରିବା, ଓଡିଶା ଅଗ୍ନିଶମ ସେବା ସଂସ୍ଥାରୁ ଅବସର ଗ୍ରହଣ କରିଥିବା କର୍ମଚାରୀମାନଙ୍କୁ ତୁରନ୍ତ ପେନସନ ଓ ଅବସରକାଳୀନ ପ୍ରାପ୍ୟ ପ୍ରଦାନ, ରାଜ୍ୟର ଅନ୍ୟ ସରକାରୀ କର୍ମଚାରୀମାଙ୍କ ଭଳି ଅଗ୍ନିଶମ କର୍ମଚାରୀଙ୍କୁ ୮ଘଣ୍ଟା ଡ୍ୟୁଟିରେ ମୁତୟନ କରିବା ସହିତ କେଉଁ କେଉଁ କାର୍ଯ୍ୟରେ ନିୟୋଜିତ ରହିବେ ସରକାର ତାହାର ଏକ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରିବା, ଓଡିଶା ଅଗ୍ନିଶମ ସେବା ସଂସ୍ଥାରେ ଖାଲିପଡିଥିବା ପଦବୀଗୁଡିକୁ ତୁରନ୍ତ ପୂରଣ କରିବା ଦାବି ନେଇ ଆନ୍ଦୋଳନରେ ବସିଛନ୍ତି। ଦାବିଗୁଡିକ ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି ଆନ୍ଦୋଳନରେ ବାଲିଶଙ୍କରା କର୍ମଚାରୀମାନଙ୍କ ମଧ୍ୟରେ କାମେଶ୍ରୀ ବେହେରା, ବୁଧୁ ଓରାମ, କୃପାସିନ୍ଧୁ ମିର୍ଦ୍ଧା, ପ୍ରଶାନ୍ତ ରଣା, ମାୟାଧର ବେହେରା, ଦେବବ୍ରତ ନାଏକ, ସତ୍ୟନାରାୟଣ ମାଝି, ଗଦାଧର ମାଝି, ବିଷ୍ଣୁ ପ୍ରସାଦ ବିଶି, ଉଦୟ ବାସ୍କେ, ଭରତ ମାଝି ଓ ମଙ୍ଗଳ ନାଏକ ପ୍ରମୁଖ ସାମିଲ ଅଛନ୍ତି। ବଡଗାଁ ଅଗ୍ନିଶମ ବିଭାଗର ମୁଖ୍ୟ ଆଗ୍ନିକ, ଆଗ୍ନିକ ଓ ଗାଡି ଚାଳକମାନେ ଅଗ୍ନିଶମ କାର୍ଯ୍ୟାଳୟ ପରିସରରେ ଆନ୍ଦୋଳନ ଆରମ୍ଭ କରିଛନ୍ତି।



ବାଲିଶଙ୍କରାରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି।



ବଡ଼ଗାଁରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି।

# ପୋଖରୀରେ ବୁଡି ଯୁବକଙ୍କ ମୃତ୍ୟୁ

ବେଦବ୍ୟାସ, ୨୪।୯ (ଡି.ଏନ.ଏ)

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଲୁଙ୍ଗେଇ ଅଙ୍ଗନୱାଡି କେନ୍ଦ୍ର ପଛ ପାର୍ଶ୍ୱରେ ଥିବା ପୋଖରୀରେ ବୁଡି ରବିବାର ଅପରାହ୍ନରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଏନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତ ଯୁବକଙ୍କ ନାମ ରମେଶ ଖାଲଖୋ (୨୨)। ପୋଲିସ ସୂଚନାନୁଯାଇ ରବିବାର ରମେଶ ପୋଖରୀକୁ ଗାଧୋଇବା ପାଇଁ ଯାଇ ଆଉ ଘରକୁ ଫେରି ନ ଥିଲେ। ବିଳମ୍ୱ ହେବାରୁ ଘର ଲୋକ ଖୋଜାଖୋଜି କରୁଥିବାବେଳେ ରମେଶ ପୋଖରୀ ଜଳରେ ଭାସୁଥିବାର ଦେଖିବାକୁ ପାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ରାଉରକେଲା ସରକାରୀ ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କଲା ପରେ ଆରଜିଏଚର ମର୍ଗ ହାଉସରେ ମୃତଶରୀର ରଖାଯାଇଥିଲା। ସୋମବାର ପୋଲିସ ମୃତଦେହ ବ୍ୟବଚ୍ଛେଦ କଲା ପରେ ଘର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅଧିକ ତଦନ୍ତ ଚାଲିଥିବା ଥାନା ଭାରପ୍ରାପ୍ତ ଅଧିକାରୀ ମାନସରଞ୍ଜନ ସ୍ୱାଇଁ କହିଛନ୍ତି।

# ଏସିଡ୍ ଆକ୍ରମଣ ସମ୍ପର୍କିତ ସଚେତନତା ଶିବିର

ସୁନ୍ଦରଗଡ଼, ୨୪।୯ (ଡି.ଏନ୍.ଏ)

ଜିଲା ମୁଖ୍ୟ ଚିକିତ୍ସାଳୟ ଠାରେ ଏସିଡ୍ ଆକ୍ରମଣ ସମ୍ପର୍କିତ ସଚେତନତା ଶିବିର ଅତିରିକ୍ତ ଜିଲା ଜଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବିଚାର ବିଭାଗର ବିଚାରପତି ଓ ଡାକ୍ତରମାନେ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲା ଜଜ୍ ଦୋଳଗୋବିନ୍ଦ ବାରିକ, ମୁଖ୍ୟ ବିଚାରପତି ଲକ୍ଷ୍ମୀନାରାୟଣ ରାୟ ଚୌଧୁରୀ, ଏସ୍‌ଡିଜେଏମ୍ ଚିନ୍ମୟୀ ପଣ୍ଡା ପ୍ରମୁଖ ଯୋଗଦେଇ ଏସିଡ ଆକ୍ରମଣର ଭୟାବହତା, ଏହାର ଦଣ୍ଡବିଧାନ ଏବଂ ମାଗଣା ଚିକିତ୍ସା ସୁବିଧା ସହ ପୀଡିତାଙ୍କୁ କଣ କଣ ସହାୟତା ସୁବିଧା ରହିଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ଆକ୍ରମଣକାରୀଙ୍କ ଠାରୁ କିଭଳି ଦୂରେଇ ରହିବେ ସେ ନେଇ ସଚେତନ କରିଥିଲେ। ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପଙ୍କଜ କୁମାର ପଟେଲ ଏସିଡ୍ ଆକ୍ରମଣରେ ଶିକାର ହେଉଥିବା ପୀଡିତାଙ୍କ ସକାଶେ ଚିକିତ୍ସାଳୟରେ ଉପଲବ୍ଧ ବିଭିନ୍ନ ପ୍ରକାର ମାଗଣା ଚିକିତ୍ସା ବ୍ୟବସ୍ଥା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ସଚେତନତା ଶିବିରରେ ଶିକ୍ଷାନବୀସ ବିଚାରପତି ଏବଂ ଡାକ୍ତର ଓ ନର୍ସିଂ ଛାତ୍ରୀ ଛାତ୍ରମାନେ ଉପସ୍ଥିତ ଥିଲେ। ଏସିଡ ଆକ୍ରମଣରେ ପୀଡିତାମାନଙ୍କୁ ଚିକିତ୍ସା ସେବା ପ୍ରଦାନ ବେଳେ ଡାକ୍ତର ଓ ନର୍ସମାନେ ସେମାନଙ୍କ ପ୍ରତି ସହାନୁଭୂତି ସହ ଉତ୍ତମ ବ୍ୟବହାର ପ୍ରଦର୍ଶନ ନିମନ୍ତେ ପରାମର୍ଶ ଦିଆଯାଇଥିଲା। ଜିଲା ଆଇନ ସେବା ପ୍ରାଧିକରଣର ମୀନାକ୍ଷୀ ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଏସିଡ୍ ଆକ୍ରମଣ ସମ୍ପର୍କିତ ସଚେତନତା ଶିବିରରେ ଉପସ୍ଥିତ ବିଚାରପତି ଓ ଡାକ୍ତର।

# ‘ସ୍ୱଚ୍ଛତା ହିଁ ସେବା’ ସଚେତନତା କାର୍ଯ୍ୟକ୍ରମ

କୁଆଁରମୁଣ୍ଡା,୨୪।୯(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ସଭା ଗୃହରେ ସୋମବାର ‘ସ୍ୱଛତା ହିଁ ସେବା’ ବ୍ଲକସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏଥିରେ ମୁଖ୍ୟ ଅତିଥିଭାବେ କୁଆଁରମୁଣ୍ଡା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭବାନୀଶଙ୍କର ପାଢୀ ଯୋଗ ଦେଇ ପ୍ରତ୍ୟେକ ବ୍ୟକ୍ତି ନିଜ ପରିବେଶକୁ ସ୍ୱଛ ଓ ପରିଷ୍କାର ରଖିଲେ ସମଗ୍ର ଅଞ୍ଚଳର ପରିବେଶ ସ୍ୱଛ ଓ ପରିଷ୍କାର ରହିବ। ଏଥିପାଇଁ ବିଶେଷ କରି ଲୋକମାନେ ଖୋଲା ସ୍ଥାନରେ ମଳ, ମୂତ୍ର ତ୍ୟାଗ ନ କରି ଶୌଚାଳୟ ବ୍ୟବହାର କରିବା ଉଚିତ୍ ବୋଲି ଏବିଡିଓ ପାଢୀ ନିଜ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ନିଜ ଅଞ୍ଚଳରେ ଥିବା ନାଳ, ନର୍ଦ୍ଦମା, ପୋଖରୀ ଇତ୍ୟାଦିକୁ ସଫାସୁତୁରା ରଖିଲେ ମଶା, ମାଛିଙ୍କ ବଂଶବୃଦ୍ଧି ହୋଇପାରିବ ନାହିଁ ବୋଲି ଅନ୍ୟତମ ଅତିଥି ଜଳ ଓ ପରିମଳ ବିଭାଗ ଜିଲା ସଂଯୋଜକ ସୁଶାନ୍ତ କୁମାର ବେସନ ନିଜ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ବ୍ଲକ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଖିଲାର ବାବୁ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସଞ୍ଚାଳନ କରିଥିଲେ। ଏହି ଅବସରରେ କୁଆଁରମୁଣ୍ଡା ବ୍ଲକର ୨୦ଟି ପଞ୍ଚାୟତରେ ଗ୍ରାମ୍ୟ ଜଳ ଓ ପରିମଳ ଯୋଜନାରେ କାର୍ଯ୍ୟରତ ମହିଳା କର୍ମୀମାନେ ଉପସ୍ଥିତ ଥିଲେ।




କୁଆଁରମୁଣ୍ଡା ବ୍ଲକ ସଭାଗୃହରେ ‘ସ୍ୱଚ୍ଛତା ହିଁ ସେବା’ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଖୋଖୋ ପ୍ରତିଯୋଗିତା ଉଦ୍‌ଘାଟିତ

# ୧୭ ବ୍ଲକ୍‌ର ୬୧୨ ପ୍ରତିଯୋଗୀଙ୍କ ଅଂଶଗ୍ରହଣ

ଲେଫ୍ରିପଡା, ୨୪।୯(ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ଗିରିଙ୍ଗକେଲା କେଶବ ଚନ୍ଦ୍ର ପୃଷେଠ୍ ପଞ୍ଚାୟତ ହାଇସ୍କୁଲର ଖେଳପଡିଆରେ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଖୋଖୋ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରାଙ୍କ ସଭାପତିତ୍ୱ କରିଥିଲେ। ସୁନ୍ଦରଗଡ ଉପଜିଲାପାଳ ବୀରସେନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। କ୍ରୀଡାଜଗତରେ ରାଜ୍ୟ ପାଇଁ ସୁନାମଅର୍ଜନ କରିଥିବା ଦୂତିଚାନ୍ଦ୍ ଏବଂ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନିଙ୍କ ଭଳି ପ୍ରତ୍ୟେକ ଛାତ୍ରୀଛାତ୍ର କ୍ରୀଡା କ୍ଷେତ୍ରରେ ଅଭ୍ୟାସ ରଖି ନିଜର ତଥା ରାଜ୍ୟର ସମ୍ମାନ ରଖିବାକୁ ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଦର୍ଲିପାଲି ଏନଟିପିସି ଏଜିଏମ୍ ଏମ.ପି ଗୁରୁ, ଆସିଷ୍ଟାଣ୍ଟ ମ୍ୟାନେଜର ଏଚ.ଏନ.ଶର୍ମା, ଲେଫ୍ରିପଡା ବ୍ଲକ୍ ଉପାଧ୍ୟକ୍ଷ ଅମୀର କୁମାର ନାଏକ, ହେମଗିର ବ୍ଲକ୍ ଅଧ୍ୟକ୍ଷା ସୌଦାମିନୀ ରଉତିଆ, ଏସିଡିସି ମେମ୍ବର ମୈଥିଳୀ ବେହେରା, ଲେଫ୍ରିପଡା ବିଇଓ ହରେକୃଷ୍ଣ ପୁରୋହିତ ଯୋଗଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶତ୍ରୁଘ୍ନ ମିଶ୍ର ସ୍ୱାଗତ ଭାଷଣ ସମେତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ବିଦ୍ୟାଧର ପ୍ରଧାନ ବିବରଣୀ ପଠନ କରିଥିଲେ। କେସିପି ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଅନିଲ କୁମାର ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। କ୍ରୀଡା ପ୍ରତିଯୋଗିତାରେ ସୁନ୍ଦରଗଡ ଜିଲାର ୧୭ଟି ବ୍ଲକ୍‌ର ୫୫ଟି ଟିମ୍‌ରେ ୬୧୨ଜଣ ପ୍ରତିଯୋଗୀ ଭାଗ ନେଇଛନ୍ତି। ୯୦ଜଣ ଶିକ୍ଷକ କ୍ରୀଡା ପରିଚାଳନା ଦିଗରେ ସାମିଲ ହୋଇଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମର ପରିଶେଷରେ କେସିପି ପଞ୍ଚାୟତ ବିଦ୍ୟାଳୟର ଛାତ୍ରୀଛାତ୍ର ଅତି ସୁନ୍ଦର ଭାବେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରିଶେଷରେ ଶିକ୍ଷକ ଶରତ ଚନ୍ଦ୍ର ନାଏକ ଧନ୍ୟବାଦ ପ୍ରଦାନ କରିଥିଲେ।



ଗିରିଙ୍ଗକେଲା କେଶବ ଚନ୍ଦ୍ର ପୃଷେଠ୍ ପଞ୍ଚାୟତ ହାଇସ୍କୁଲରେ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଖୋଖୋ ପ୍ରତିଯୋଗିତାର ଉଦ୍‌ଘାଟନୀ ମୁହୂର୍ତ୍ତ।

## ସଂକ୍ଷେପରେ

### ଅଗ୍ନିଶମ ବିଭାଗ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଲହୁଣୀପଡା, ୨୪।୯ (ଡି.ଏନ.ଏ)- ସୁନ୍ଦରଗଡ଼ ଜିଲା ଲହୁଣୀପଡା ଅଗ୍ନିଶମ ବିଭାଗର କର୍ମଚାରୀମାନେ ସୋମବାରଠାରୁ ୬ଦଫା ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିବା ଜଣାଯାଇଛି। ପୋଲିସମାନଙ୍କ ସହିତ ସମାନବେତନ, ୮ଘଣ୍ଟିଆ ଡ୍ୟୁଟି, ଅସ୍ଥାୟୀମାନଙ୍କୁ ସ୍ଥାୟୀ ନିଯୁକ୍ତି, ନିଜ ଜିଲା କିମ୍ବା ନିକଟସ୍ଥ ଜିଲାରେ ନିଯୁକ୍ତି, ବାକିଆ ପାଉଣା, ନିୟମିତ ପେନସନ ଏବଂ ପୋଲିସମାନଙ୍କ ଭଳି ହାବିଲଦାର ଓ ଫାୟାର ମେନ୍ ସଂଘର ସରକାରୀ ପଞ୍ଜିକରଣ ଇତ୍ୟାଦି ଦାବିରେ ଅଗ୍ନିଶମ ବିଭାଗର ମୁଖ୍ୟ ଆଗ୍ନିକ ହାବିଲଦାର, ଡ୍ରାଇଭର, ଫାୟାର ମେନମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି।

### ଡଙ୍ଗାବୁଡି ଘଟଣା: ନିଖୋଜ ମହିଳାଙ୍କ ମିଳିନି ସନ୍ଧାନ

ଲହୁଣୀପଡା, ୨୪।୯ (ଡି.ଏନ.ଏ)- ଲହୁଣୀପଡା ବ୍ଲକ ଦର୍ଜିଂ ପଞ୍ଚାୟତ ଲୁଧୁଣୀ ନିକଟ ବ୍ରାହ୍ମଣୀ ନଦୀରେ ରବିବାର ଅପରାହ୍ନରେ ଡଙ୍ଗାବୁଡି ଘଟଣାରେ ନିଖୋଜ ଥିବା ମହିଳାଙ୍କ ସୋମବାର ସନ୍ଧ୍ୟା ସୁଦ୍ଧା ପତ୍ତା ମିଳିନାହିଁ। ନିଖୋଜ ଥିବା ବାସନ୍ତୀ ମାହାନ୍ତ (୪୨)ଙ୍କ ପରିବାର ଲୋକେ ଆଶଙ୍କା ମଧ୍ୟରେ ଅଛନ୍ତି। ୨୪ଘଣ୍ଟା ପୁରି ଯାଇଥିଲେ ମଧ କୌଣସି ସନ୍ଧାନ ମିଳିପାରି ନାହିଁ। ସୋମବାର ସକାଳୁ ପରିବାର ବର୍ଗଙ୍କ ସହିତ ପୋଲିସ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଖୋଜାଖୋଜି କରିଥିଲେ ମଧ ତାଙ୍କର କୌଣସି ସନ୍ଧାନ ମିଳି ପାରି ନ ଥିଲା।

ନୂଆଗାଁରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

# ଜିଲାପାଳଙ୍କ ଅନୁପସ୍ଥିତିରେ ଏଡିଏମ କଲେ ଶୁଣାଣି

ନୂଆଗାଁ, ୨୪।୯ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ପରିସରରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତେବେ ସୁନ୍ଦରଗଡ଼ ଜିଲାପାଳଙ୍କ ଅନୁପସ୍ଥିତିରେ ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ (ଏଡିଏମ) ଭାସ୍କୋର ଚନ୍ଦ୍ର ତୁରକ ଶିବିରରେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଉପରେ ଶୁଣାଣି କରିଥିଲେ। ବ୍ଲକରେ ପାନୀୟ ଜଳ ବ୍ୟବସ୍ଥା, ରାସ୍ତାଘାଟ ତଥା ବିଦ୍ୟୁତ ସମସ୍ୟା ଉପରେ ବିଭିନ୍ନ ପଞ୍ଚାୟତର ଲୋକ ଅଭିଯୋଗ ଗୁଡିକ କରିଥିଲେ। ବିଶେଷକରି ନୂଆଗାଁ ବ୍ଲକ ଅଞ୍ଚଳରେ ବିଦ୍ୟୁତ ସମସ୍ୟା ଦିନକୁ ଦିନ ବଢ଼ିବାକୁ ଲାଗିଥିବା ବେଳେ ବାରମ୍ବାର ବିଦ୍ୟୁତ କାଟ, ଦିନକୁ ଅନେକ ଥର ବିଦ୍ୟୁତର ଲୁଚକାଳି ଖେଳ ଚାଲିଥିଲେ ହେଁ ବିଭାଗୀୟ ଅଧିକାରୀମାନେ ଏଦିଗରେ ପଦକ୍ଷେପ ନେଇନାହାନ୍ତି। ବିଶେଷ କରି ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ ଚୋରି ବୃଦ୍ଧି ପାଇବା, ଦିନ ଦ୍ୱିପ୍ରହରରେ ହୁକ ପକାଇ ବିଦ୍ୟୁତ ବ୍ୟବହାର କରିବା ଯୋଗୁଁ ଏ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ ସମସ୍ୟା ଉପୁଜୁଛି। ଆବଶ୍ୟକ ହିତାଧିକାରୀଙ୍କ ଯେତିକି ବିଦ୍ୟୁତ ଆବଶ୍ୟକ ତାଠାରୁ ବେଶି ବିଦ୍ୟୁତ ଚୋରାରେ ବ୍ୟବହାର ହେଉଛି। ଫଳରେ ଅନେକ ସମୟରେ ବିଦ୍ୟୁତ ଜନିତ ସମସ୍ୟା ଲାଗିରହୁଛି। ବିଶେଷକରି ସୋରଡା, ଚିତାପେଡି, ଉର୍ମେଇ, ବାରିଲେପଟା, ବାଗଡେଗା ଆଦି ପଞ୍ଚାୟତଗୁଡିକର ଏହି ସମସ୍ୟା ବେଶି ଦେଖାଦେଉଛି। ତେଣୁ ସୋରଡାଠାରେ ଏକ ବିଦ୍ୟୁତ ସବ୍‌ଷ୍ଟେସନ ନିର୍ମାଣ ପାଇଁ ଲୋକେ ସୋମବାର ଦାବି କରିବା ସହ ବିଦ୍ୟୁତ୍ ସମସ୍ୟାର ସମାଧାନ ପାଇଁ ଜିଲାପାଳଙ୍କ ଅଭିଯୋଗ ପ୍ରକଳ୍ପରେ ଲିଖିତ ଭାବରେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ନୂଆଗାଁ ଅଞ୍ଚଳର ଅନେକ ଆର୍‌ଡି (ଗ୍ରାମ୍ୟ ଉନ୍ନୟନ) ଅଧିନସ୍ଥ ରାସ୍ତା ଗୁଡିକ ଶୋଚନୀୟ ହୋଇପଡିଥିବାରୁ ସେଗୁଡିକୁ ମରାମତି ପାଇଁ ମଧ ଦାବି ହୋଇଛି। ମୋଟ ୨୮ଟି ଅଭିଯୋଗ ମଧ୍ୟରୁ କେତେକ ବ୍ୟକ୍ତିଗତ ଅଭିଯୋଗ ମଧ୍ୟ ଆଗତ ହୋଇଥିଲା। ଏହି ଜନଶୁଣାଣି ଶିବିରରେ ଜିଲାପଞ୍ଚାୟତ ଅଧିକାରୀ ଗୁରୁଭା ସିଂ, ପିଡି ଡିଆରଡିଏ ଭୁମେଶ ଚନ୍ଦ୍ର ବେହେରା, ନୂଆଗାଁ ବିଡିଓ ତୃପ୍ତିବରାଇ ତଥା ବିଭିନ୍ନ ବିଭାଗର ପଦାଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ, ଦାବି ଶୁଣିଥିଲେ।


ନୂଆଗାଁରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ।

- ଆସିଲା ୨୮ ଅଭିଯୋଗ
- ବ୍ୟକ୍ତିଗତ ଅଭିଯୋଗ ବି ଥିଲା
- ବିଦ୍ୟୁତ୍ ସମସ୍ୟା ଆଲୋଚନା

# ଗୋଟିଏ ଦିନରେ ୧୧ପ୍ରକଳ୍ପ ଶିଳାନ୍ୟାସ, ଉଦ୍‌ଘାଟନ

ଲଖନପୁର, ୨୪।୯(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ସୋମବାର ପଶ୍ଚିମ ଓଡିଶା ବିକାଶ ପରିଷଦ(ଡବ୍ଲୁଡିସି)ପାଣ୍ଠିରୁ ୬୭ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସମୁଦାୟ ୧୧ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୫ଲକ୍ଷ ଟଙ୍କା ବ୍ୟୟରେ ରେମତା ପଞ୍ଚାୟତର ସେମିଲିଆ ଜଗନ୍ନାଥ ମନ୍ଦିର, ୧୦ଲକ୍ଷ ଟଙ୍କା ବ୍ୟୟରେ ମୁରଲିପାଲି ଆଞ୍ଚଳିକ ହାଇସ୍କୁଲ୍ ମିଟିଂ ହଲ୍, ୫ଲକ୍ଷ ଟଙ୍କା ବ୍ୟୟରେ ଚାଣ୍ଡି ପାଲି ଗ୍ରାମର କମ୍ୟୁନିଟ୍ ସେଣ୍ଟର, ୧୦ଲକ୍ଷ ଟଙ୍କା ବ୍ୟୟରେ ଧୁଲୁଣ୍ଡା ହାଇସ୍କୁଲ୍ କୋଠା, ୫ଲକ୍ଷ ଟଙ୍କା ବ୍ୟୟରେ ପଞ୍ଚଗାଁ କୁଲ୍‌ବଏଜ୍ କ୍ଲବ୍ କମ୍ୟୁନିଟ୍ ସେଣ୍ଟର, ୭ଲକ୍ଷ ଟଙ୍କା ବ୍ୟୟରେ ପଞ୍ଚଗାଁ ଭାଗବତ ଟୁଙ୍ଗି, ୫ଲକ୍ଷ ଟଙ୍କା ବ୍ୟୟରେ ଝାରୁପଡା ଗ୍ରାମର କ୍ଲବ୍ ଘର, ୫ଲକ୍ଷ ଟଙ୍କା ବ୍ୟୟରେ ଦେଓପାଲି ପୁରୁଣା କଟା ପୁନରୁଦ୍ଧାର, ୫ଲକ୍ଷ ଟଙ୍କା ବ୍ୟୟରେ ଦେଓପାଲି ଗ୍ରାମର ଶିବମନ୍ଦିର, ୨ଲକ୍ଷ ଟଙ୍କା ବ୍ୟୟରେ କୁମର ଗ୍ରାମର ହନୁମାନ ମନ୍ଦିର ଆଦି ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଛି। ୮ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା କୁମର ଗ୍ରାମରେ ଏକ ଯଜ୍ଞମଣ୍ଡପ ଉଦ୍‌ଘାଟିତ ହୋଇଛି। ଏହି ଉତ୍ସବରେ ଡବ୍ଲୁଡିସି ଅଧ୍ୟକ୍ଷ କିଶୋର ମହାନ୍ତି ମୁଖ୍ୟଅତିଥିଭାବେ ଯୋଗଦେଇ ପ୍ରକଳ୍ପଗୁଡିକର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଥିଲେ। ଏଥିରେ ବିଜେଡି ବ୍ଲକ୍ ସଭାପତି ରାଜେନ୍ଦ୍ର ପ୍ରସାଦ ସାହୁ, ପ୍ରମୋଦ ଗଡତିଆ, ପ୍ରଦୀପ ବିଶ୍ୱାଳ, ସୁରେନ୍ଦ୍ର ବେହେରା, ଶମ୍ଭୁ ମହାନ୍ତି, ବିଶ୍ୱନାଥ ନାୟକ, ସଞ୍ଜିତ ପ୍ରଧାନ, ରବିରତ୍ନ ପ୍ରଧାନ, ଅଖିଳ ସ୍ୱାଇଁ, ସୁବାସ ରାଏ, ଚନ୍ଦ୍ରଶେଖର ବେହେରା ପ୍ରମୁଖ ବହୁବିଜେଡି କର୍ମୀ ଉପସ୍ଥିତଥିଲେ।


ମିଟିଂହଲ୍ ପାଇଁ ଡବ୍ଲୁଡିସି ଅଧ୍ୟକ୍ଷ କିଶୋର ମହାନ୍ତି ଶିଳାନ୍ୟାସ କରୁଛନ୍ତି।

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# ନିଜ ଆଭିମୁଖ୍ୟ ସ୍ପଷ୍ଟ କରୁ ସିଏସି

ଝାରସୁଗୁଡ଼ା ଅଫିସ, ୨୪।୯

ପଶ୍ଚିମ ଓଡ଼ିଶାର ଯେକୌଣସି ସ୍ଥାନରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ଆପତ୍ତି ନ ଥିବା ସିଏସିର ସ୍ପଷ୍ଟ କରୁ। ସିଏସି ମତ ଆଧାରରେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବା ସହଜ ହେବ। ତେଣୁ ବେଞ୍ଚ ସ୍ଥାପନ ବାବଦରେ ସିଏସିର ସ୍ପଷ୍ଟ ଆଭିମୁଖ୍ୟ ପାଇଁ ଝାରସୁଗୁଡ଼ା ବାର ଅନୁରୋଧ କରିବ ଏବଂ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବାକୁ ସିଏସି କୋର କମିଟି ବୈଠକରେ ମତ ରଖିବ ବୋଲି ଝାରସୁଗୁଡ଼ା ବାର ସଭାପତି ରଘୁମଣି ପଟେଲ କହିଛନ୍ତି। ସୋମବାର ଝାରସୁଗୁଡ଼ା ବାରର କାର୍ଯ୍ୟକାରିଣୀ ବୈଠକରେ ଉପରୋକ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସେପ୍ଟେମ୍ବର ୨୯ ତାରିଖରେ ରାଜଗାଙ୍ଗପୁରଠାରେ ହେବାକୁ ଥିବା ସିଏସିର କୋର କମିଟି ବୈଠକରେ ଝାରସୁଗୁଡ଼ା ବାରର ଏହି ନିଷ୍ପତ୍ତି ଉପସ୍ଥାପନ କରାଯିବ। ଏଥିସହିତ ସିଏସି ନିଜର ସ୍ପଷ୍ଟ ମତ ଉପସ୍ଥାପନା କରି ରାଜ୍ୟ ସରକାରଙ୍କୁ ପଦକ୍ଷେପ ଗ୍ରହଣ କରିବା ଦିଗରେ ସହଯୋଗ କରୁ ବୋଲି ସଭାପତି ପଟେଲ କହିଛନ୍ତି। ହାଇକୋର୍ଟ ବେଞ୍ଚ ସ୍ଥାପନ ପାଇଁ କେବଳ ଚିଠି ଲେଖା ଚାଲିଛି। ରାଜ୍ୟ ସରକାର କେନ୍ଦ୍ରକୁ ଚିଠି ଲେଖୁଛନ୍ତି, କେନ୍ଦ୍ର ସରକାର ରାଜ୍ୟକୁ ଚିଠି ଲେଖୁଛନ୍ତି। କେବଳ ଚିଠି ଲେଖାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ସୀମିତ ରହିଛି। ସେପ୍ଟେମ୍ବର ୯ ତାରିଖରେ ସିଏସି କୋର କମିଟି ବୈଠକରେ ହୋଇଥିବା ନିଷ୍ପତ୍ତି ମୁତାବକ, ସରକାର ହାଇକୋର୍ଟ ବେଞ୍ଚ ସ୍ଥାପନ ନେଇ ଘୋଷଣା କଲେ ସିଏସି ୨୪ ଘଣ୍ଟା ମଧ୍ୟରେ ସ୍ଥାନ ନିରୂପଣ କରି ଘୋଷଣା କରାଯିବ। କିନ୍ତୁ ସେ ବାବଦରେ ସରକାର ଆଗକୁ ଆସୁନାହାନ୍ତି। ତେଣୁ ପଶ୍ଚିମ ଓଡ଼ିଶାର ଯେକୌଣସି ସ୍ଥାନରେ ସ୍ଥାୟୀ ବେଞ୍ଚ ସ୍ଥାପନ ହେଲେ ସିଏସିର ଆପତ୍ତି ନ ଥିବା ସ୍ପଷ୍ଟ କରୁ। ଆଗାମୀ କୋର କମିଟି ବୈଠକରେ ଝାରସୁଗୁଡା ବାର ମତ ଉପସ୍ଥାପନ କରିବ। ଏହି ବୈଠକରେ ବାରର ପଦ୍ମନାଭ ମାଲି, ନରେଶ ନାଏକ, ତ୍ରିନାଥ ଗୁଆଲ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

### ବିଜୁ ଯୁବ ବାହିନୀର ନୂଆଁଖାଇ ଭେଟଘାଟ

ବ୍ରଜରାଜନଗର, ୨୪।୯ (ଡି.ଏନ.ଏ)

ବ୍ରଜରାଜନଗର ସହର ସ୍ଥିତ କଲ୍ୟାଣ ମଣ୍ଡପରେ ବିଜୁ ଯୁବ ବାହିନୀ ଦ୍ୱାରା ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାରସୁଗୁଡ଼ା ଜିଲା ପର୍ଯ୍ୟବେକ୍ଷକ ରବି ପାଣି ମୁଖ୍ୟଅତିଥି ଭାବେ ଯୋଗ ଦେଇ କେନ୍ଦ୍ରରେ ଥିବା ଭାଜପା ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଅନୁପ ସାଏ, ପୌରାଧ୍ୟକ୍ଷ ନନ୍ଦ କିଶୋର ଅଗ୍ରୱାଲ ଯୋଗଦେଇ ନବୀନ ପଟ୍ଟନାୟକଙ୍କର ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ବନ୍ଧରେ ଉପସ୍ଥିତ ଜନତାଙ୍କୁ ଅବଗତ କରାଇଥିଲେ। ଚଣ୍ଡୀ ମନ୍ଦିରରେ ପୌର ପ୍ରଶାସନ ଯେଉଁ ୨କୋଟି ୭୦ ଲକ୍ଷ ବ୍ୟୟ କରିଛି ତାକୁ ପରିବେଶ ମଞ୍ଜୁରୀ ମିଳିଛି କି ନାହିଁ ସେଥିପାଇଁ ବିଧାନସଭାରେ ବିଧାୟିକା ରାଧାରାଣୀ ପଣ୍ଡା ଯେଉଁ ପ୍ରଶ୍ନ କରିଥିଲେ ତାର ଘୋର ନିନ୍ଦା କରାଯାଇଥିଲା। ବିଧାୟିକା ବ୍ରଜରାଜନଗର ବିକାଶରେ ବାଧକ ସାଜିଥିବା ବିଜେଡି ସ୍ଥାନୀୟ ସଭାପତି ଜୟନ୍ତ ଦିକ୍ଷିତ ଅଭିଯୋଗ କରିଥିଲେ। ପରେ ସାଂସ୍କୃତି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମାନସ ସାହୁ ଧନ୍ୟବାଦ ଦେଇଥିଲେ।

# କିର୍ମିରା ବ୍ଲକସ୍ତରୀୟ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ

କିର୍ମିରା, ୨୪।୯(ଡି.ଏନ.ଏ.)

କିର୍ମିରା ବ୍ଲକସ୍ତରୀୟ ବିଜୁ ଯୁବ ବାହିନୀ ପକ୍ଷରୁ କିର୍ମିରା ଏସଏମପି କଲେଜ ପରିସରରେ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ତେଜରାଜ ସାହୁ ଯୋଗ ଦେଇଥିଲେ। ସମ୍ମାନୀୟ ଅତିଥି ବିଡିଓ ଜୟନ୍ଦ୍ର ସେଠ, ଜିଲା କ୍ରୀଡା ଅଧିକାରୀ ସୁଶୀଳ ମିଶ୍ର, ଡମ୍ବରୁ ପୂଜାରୀ, ନିର୍ମଳ ସାହୁ ଓ କଲେଜ ଅଧ୍ୟକ୍ଷ ଦ୍ୱୟ ଅଶୋକ କୁମାର ଦାସ, ଅରୁଣ କୁମାର ପ୍ରମୁଖ ଯୋଗ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଜୁ ଯୁବ ବାହିନ ସଂଯୋଜକ ଟିକେଶ୍ୱର ବେହେରା, ବ୍ଲକ ସଂଯୋଜିକା ମେଘନାଦ ପଟେଲ ପରିଚାଳନା କରିଥିଲେ। ଏଥିରେ କଲେଜ ଛାତ୍ରୀଛାତ୍ରଙ୍କ ସହିତ ବ୍ଲକର ସମସ୍ତ ପଞ୍ଚାୟତର ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଅଗ୍ନିଶମ ବିଭାଗ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ବାଲିଶଙ୍କରା/ବଡ଼ଗାଁ, ୨୪।୯(ଡି.ଏନ.ଏ)

ରାଜ୍ୟ ବ୍ୟାପି ଅଗ୍ନିଶମ ବିଭାଗ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ କାର୍ଯ୍ୟବନ୍ଦ ଆନ୍ଦୋଳନରେ ବସିଥିବାବେଳେ ବାଲିଶଙ୍କରା ଓ ବଡ଼ଗାଁ ବ୍ଲକ ଅଗ୍ନିଶମ ବିଭାଗ କର୍ମଚାରୀମାନେ ମଧ୍ୟ କାର୍ଯ୍ୟବନ୍ଦ କରି ବସିଛନ୍ତି। ଓଡ଼ିଶା ଅଗ୍ନିଶମ କର୍ମଚାରୀମାନଙ୍କୁ ପୋଲିସ କର୍ମଚାରୀମାନଙ୍କ ସହିତ ସମାନ ଦରମା ଓ ଭତ୍ତା ପ୍ରଦାନ, ଓଡ଼ିଶା ଅଗ୍ନିଶମ ସେବା ସଂସ୍ଥାର ହାବିଲଦାର ଓ ଫାୟାରମ୍ୟାନସଂଘଙ୍କୁ ତୁରନ୍ତ ସରକାରୀ ପଞ୍ଜୀକରଣ ଭୁକ୍ତ କରିବାକୁ ସେମାନେ ଦାବି କରିଛନ୍ତି। ଏହା ସହ ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କୁ ନିୟମିତ ଦରମା ଭୁକ୍ତ କରିବା ସହିତ କର୍ମଚାରୀମାନଙ୍କୁ ନିଜ ଜିଲା ଏବଂ ଆବଶ୍ୟକସ୍ଥଳେ ନିକଟସ୍ଥ ଜିଲାରେ ନିଯୁକ୍ତି କରିବା, ଓଡିଶା ଅଗ୍ନିଶମ ସେବା ସଂସ୍ଥାରୁ ଅବସର ଗ୍ରହଣ କରିଥିବା କର୍ମଚାରୀମାନଙ୍କୁ ତୁରନ୍ତ ପେନସନ ଓ ଅବସରକାଳୀନ ପ୍ରାପ୍ୟ ପ୍ରଦାନ, ରାଜ୍ୟର ଅନ୍ୟ ସରକାରୀ କର୍ମଚାରୀମାଙ୍କ ଭଳି ଅଗ୍ନିଶମ କର୍ମଚାରୀଙ୍କୁ ୮ଘଣ୍ଟା ଡ୍ୟୁଟିରେ ମୁତୟନ କରିବା ସହିତ କେଉଁ କେଉଁ କାର୍ଯ୍ୟରେ ନିୟୋଜିତ ରହିବେ ସରକାର ତାହାର ଏକ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରିବା, ଓଡିଶା ଅଗ୍ନିଶମ ସେବା ସଂସ୍ଥାରେ ଖାଲିପଡିଥିବା ପଦବୀଗୁଡିକୁ ତୁରନ୍ତ ପୂରଣ କରିବା ଦାବି ନେଇ ଆନ୍ଦୋଳନରେ ବସିଛନ୍ତି। ଦାବିଗୁଡିକ ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି ଆନ୍ଦୋଳନରେ ବାଲିଶଙ୍କରା କର୍ମଚାରୀମାନଙ୍କ ମଧ୍ୟରେ କାମେଶ୍ରୀ ବେହେରା, ବୁଧୁ ଓରାମ, କୃପାସିନ୍ଧୁ ମିର୍ଦ୍ଧା, ପ୍ରଶାନ୍ତ ରଣା, ମାୟାଧର ବେହେରା, ଦେବବ୍ରତ ନାଏକ, ସତ୍ୟନାରାୟଣ ମାଝି, ଗଦାଧର ମାଝି, ବିଷ୍ଣୁ ପ୍ରସାଦ ବିଶି, ଉଦୟ ବାସ୍କେ, ଭରତ ମାଝି ଓ ମଙ୍ଗଳ ନାଏକ ପ୍ରମୁଖ ସାମିଲ ଅଛନ୍ତି। ବଡଗାଁ ଅଗ୍ନିଶମ ବିଭାଗର ମୁଖ୍ୟ ଆଗ୍ନିକ, ଆଗ୍ନିକ ଓ ଗାଡି ଚାଳକମାନେ ଅଗ୍ନିଶମ କାର୍ଯ୍ୟାଳୟ ପରିସରରେ ଆନ୍ଦୋଳନ ଆରମ୍ଭ କରିଛନ୍ତି।

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି

କିର୍ମିରା, ୨୪।୯(ଡି.ଏନ.ଏ.)- କିର୍ମିରା ବ୍ଲକର ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ବିଡିଓ ଜୟନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଝାରସୁଗୁଡ଼ା ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକଙ୍କ ଦ୍ୱାରା ଅଭିଯୋଗ ଶୁଣାଣି ହୋଇଯାଇଛି। ଏଥିରେ ପିଡି ସତ୍ୟ ନାରାୟଣ ଦାସ, ଏସପି ଅଶ୍ୱିନୀ ମହାନ୍ତି, ବ୍ଲକ ଅଧ୍ୟକ୍ଷ ତେଜରାଜ ସାହୁ, ଜିଲା ପରିଷଦ ସ୍ୱପ୍ନମୟୀ ପଟେଲ, ତହସିଲଦାର ରବିନ୍ଦ୍ର ପଟେଲ, ବିଇଓ ରବିନ୍ଦ୍ର ସିଂ ଯୋଗଦେଇ ଅଭିଯୋଗ ଶୁଣାଣି କରିଥିଲେ। ଏହି ଅଭିଯୋଗରେ ୪ଟି ସାମୁହିକ ୩୧ଟି ବ୍ୟକ୍ତିଗତ ଅଭିଯୋଗ ଉପସ୍ଥାପନ କରାଯାଇଥିଲା।


ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରକୁ ଆସିଥିବା ଲୋକମାନେ।

### ଡ୍ରାଇଭର, ଶ୍ରମିକଙ୍କ ଦରମା ବୃଦ୍ଧି ପାଇଁ ଜିଏମଙ୍କୁ ଦାବିପତ୍ର

ବ୍ରଜରାଜନଗର, ୨୪।୯ (ଡି.ଏନ.ଏ)

ବ୍ରଜରାଜନଗର ଅଞ୍ଚଳରେ ଏମସିଏଲ ଓ ବିଭିନ୍ନ ଖଣି ଖାଦାନରେ ଠିକା କମ୍ପାନୀ ଅଧୀନରେ କାମ କରି ଆସୁଥିବା ଡ୍ରାଇଭର ଏବଂ ଶ୍ରମିକମାନଙ୍କ ସମସ୍ୟାକୁ ନେଇ ଆଜି ପୂର୍ବାହ୍ନରେ ଓରିଏଣ୍ଟ ଜିଏମ ଓ ଇବ୍ କ୍ଷେତ୍ର ଜିଏମଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଓରିଏଣ୍ଟ କ୍ଷେତ୍ର ଜିଏମଙ୍କୁ ଶ୍ରମିକ ସଙ୍ଗଠନର ନେତା ପ୍ରମୋଦ ପରିଡାଙ୍କ ନେତୃତ୍ୱରେ ଶତାଧିକ ଶ୍ରମିକ ଦାବିପତ୍ର ପ୍ରଦାନ କରିଥିବା ବେଳେ ଇବ୍ କ୍ଷେତ୍ର ଜିଏମଙ୍କୁ ଅମିତ ଧଳ ଓ ଚନ୍ଦନ ସିଂଙ୍କ ନେତୃତ୍ୱରେ ଶତାଧିକ ଡ୍ରାଇଭର ଦାବିପତ୍ର ପ୍ରଦାନ କରିଥିଲେ। ଖୁବ କମ୍ ଦିନ ମଧ୍ୟରେ ଉଭୟ ସଙ୍ଗଠନର ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

### ପୋଖରୀରେ ବୁଡି ଯୁବକଙ୍କ ମୃତ୍ୟୁ

ବେଦବ୍ୟାସ, ୨୪।୯ (ଡି.ଏନ.ଏ)

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଲୁଙ୍ଗେଇ ଅଙ୍ଗନୱାଡି କେନ୍ଦ୍ର ପଛ ପାର୍ଶ୍ୱରେ ଥିବା ପୋଖରୀରେ ବୁଡି ରବିବାର ଅପରାହ୍ନରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଏନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତ ଯୁବକଙ୍କ ନାମ ରମେଶ ଖାଲଖୋ (୨୨)। ବ୍ୟବଚ୍ଛେଦ କଲା ପରେ ଘର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

■ ବେଲପାହାଡ଼ ମେହେର ସମାଜର ନୂଆଁଖାଇ ଭେଟଘାଟ୍

# ଏକତା, ସୁସମ୍ପର୍କ ବଜାୟ ରଖିବାକୁ ଆହ୍ୱାନ

ବେଲପାହାଡ଼, ୨୪।୯(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ରେ ଗତ ରବିବାର ମେହେର ସମାଜର ନୂଆଁଖାଇ ଭେଟଘାଟ୍ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବ ପ୍ରାରମ୍ଭରେ କୁନାଡ଼ିହି ସ୍ଥିତ ତ୍ରିନାଥ ମନ୍ଦିରରୁ ଗଙ୍ଗାଧର ଭବନ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ବାହାରିଥିଲା। ଏଥିରେ ସମାଜର ସମସ୍ତ ପରିବାରର ସଦସ୍ୟ ଯୋଗ ଦେଇଥିଲେ। ପୂର୍ବାହ୍ନରେ ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇ ନୂଆଁ ଭୋଗ ଲାଗି ହୋଇଥିଲା। ଏହାପରେ ସମସ୍ତ ସଦସ୍ୟଙ୍କୁ ଭୋଗ ବଣ୍ଟନ କରାଯାଇଥିଲା। ମଧ୍ୟାହ୍ନରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାରେ ପୁଷ୍ପା ମେହେର ମା' ସମଲେଶ୍ୱରୀଙ୍କ ବନ୍ଦନା ଗାନ କରିଥିଲେ। ମେହେର ସମାଜର ସଭାପତି ଗୋପାଳ ମେହେର ସ୍ୱାଗତ ଅଭିଭାଷଣ ଦେଇଥିଲେ ଏବଂ ସମସ୍ତ ପରିବାର ମଧ୍ୟରେ ଏକତା ଓ ସୁସମ୍ପର୍କ ବଜାୟ ରହିଲେ ସଙ୍ଗଠନ ମାଧ୍ୟମରେ ମେହେର ସମାଜ ପାଇଁ ଅନେକ ଗଠନମୂଳକ କାର୍ଯ୍ୟ କରାଯାଇପାରିବ ବୋଲି ପ୍ରକାଶ କରିଥିଲେ। ଅତିଥି ଭାବେ ଯୋଗ ଦେଇଥିବା ପଲସଦା, ପଣ୍ଡରୀ ଓ ବେଲପାହାଡ଼ ସଙ୍ଗଠନର ବରିଷ୍ଠ ସଦସ୍ୟ ପଞ୍ଚାନନ ମେହେର, ଶଶୀଭୂଷଣ ମେହେର, ଗଙ୍ଗାଧର ମେହେର ଓ ରାମଚନ୍ଦ୍ର ମେହେର ନୂଆଁଖାଇ ଭେଟଘାଟ ଉତ୍ସବର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବେଲପାହାଡ଼ ମେହେର ସମାଜର ସମ୍ପାଦକ ମୋତିରାମ ମେହେର ସଭା ସଞ୍ଚାଳନ କରିଥିଲେ। ଉପସଭାପତି ନିତ୍ୟାନନ୍ଦ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ବଂଶୀଧର ମେହେର, ବିଷ୍ଣୁଦେବ ମେହେର, ନିରଜ ମେହେର, କେଶବ ମେହେର, ପଦ୍ମଲୋଚନ ମେହେର ଓ ନିରାକାର ମେହେର କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।


ନୂଆଁଖାଇ ଭେଟଘାଟ ଉତ୍ସବରେ ଜଣେ ଯୁବତୀ ମା' ସମଲେଶ୍ୱରୀଙ୍କ ବନ୍ଦନା ଗାନ କରୁଛନ୍ତି।



"ରୋଗ, ଶତ୍ରୁ ଓ ରଣ ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବା। ପାପୀ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବା।
- ତୁଳସୀ ଦାସ



**ସଂକ୍ଷେପରେ**

## ଆବର୍ଜନା ସଫେଇ ଦାବି କଲା ଆମ୍ ଆଦ୍‌ମୀ ପାର୍ଟି

**ରାଉରକେଲା ଅଫିସ,୨୪। ୯-** ଆରଏମ୍‌ସି ଅଧୀନସ୍ଥ ବିଭିନ୍ନ ୱାର୍ଡରେ ଜମା ହୋଇ ରହିଥିବା ଆବର୍ଜନା ଉଠା ଯାଉନି। ଏନେଇ ଅଭିଯୋଗ କଲେ ବି କେହି ପଦକ୍ଷେପ ଗ୍ରହଣ କରୁ ନାହାଁନ୍ତି। ୱାର୍ଡ ନଂ. ୬ ଅନ୍ତର୍ଗତ ଶାନ୍ତି ନଗର ସ୍କୁଲ ସମ୍ମୁଖରେ ଦୀର୍ଘ ଦିନ ହେବ ଏଭଳି ଆବର୍ଜନା ପଡି ରହିଥିବା ଆମ ଆଦମୀ ପାର୍ଟି କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। କେବଳ ଏତିକି ନୁହେଁ ଏଥିର ଦୁର୍ଗନ୍ଧ ବାହାରୁ ଥିବାରୁ ପଥଚାରୀ ନାକେଦମ ହେଉଛନ୍ତି। ଏ ନେଇ ସୋମବାର ଆରଏମସି ଉପାୟୁକ୍ତ ସୀତାଦେବୀ ମାଝିଙ୍କୁ ଭେଟି ପାର୍ଟି ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ପ୍ରତିନିଧି ମଣ୍ଡଳୀ ପକ୍ଷରୁ ଦାବି କରାଯାଇଛି। ଏଥିରେ ପାର୍ଟି ନେତା ବିନୟ ତିୱାରିଙ୍କ ସମେତ ଚମନଦୀପ ସିଂ, ଲୀନା ଲୋହାର, ରାଜକୁମାର ସିଂ, ସୁରେଶ ପ୍ରସାଦ ଓ ଅଞ୍ଜନ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ତୁରନ୍ତ ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କର୍ମୀମାନେ ଦାବି କରିଥିଲେ।



ଆରଏମସି ଉପାୟୁକ୍ତ ସୀତାଦେବୀ ମାଝିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।




ବିଏମ୍‌ଏସ୍ ପକ୍ଷରୁ ବିର୍ସା ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

■ ବିଏମ୍‌ଏସ୍ ପକ୍ଷରୁ ବିର୍ସା ଛକରେ ଗଣ ବିକ୍ଷୋଭ

# ପୂଜା ପୂର୍ବରୁ ବୋନସ ଦିଅ

**ରାଉରକେଲା ଅଫିସ,୨୪।୯**

■ **ଲାଭ ହୋଇଛି, ବୋନସ ପ୍ରଦାନ ଦାବି ଜୋରଦାର**

■ **ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଲାଭ ୫୪୦ କୋଟି**

ଆଉ ୨୦ ଦିନ ପରେ ସାର୍ବଜନୀନ ଦୁର୍ଗା ପୂଜା। ସାରା ଇସ୍ପାତ୍ ସହରରେ ଏନେଇ ପ୍ରସ୍ତୁତି ଜୋର ଧରିଲାଣି। ଏପରି ଅବସ୍ଥାରେ ସେଲ୍ କର୍ତ୍ତୃପକ୍ଷ ଭୁଲିଯାଇଛନ୍ତି ଯେ, ଦୁର୍ଗାପୂଜାରେ ବୋନସ ପ୍ରଦାନ ଏକ ସମ୍ବେଦନଶୀଳ ପ୍ରସଙ୍ଗ। ବୋନସ ପାଇବା ପ୍ରତ୍ୟେକ ଶ୍ରମିକଙ୍କ ହକ୍। ଏହା ପାଇବାକୁ ଶ୍ରମିକମାନେ ଚାତକ ପରି ଅନାଇ ରହିଛନ୍ତି। ଏହା ସତ୍ତ୍ୱେ ସରକାର ନିଦା ବିଷ୍ଣୁ ସାଜି ଥିବାରୁ ସୋମବାର ସକାଳେ ଭାରତୀୟ ମଜଦୁର ସଂଘ ସହବନ୍ଧିତ ରାଉରକେଲା ଇସ୍ପାତ୍ କାରଖାନା କର୍ମଚାରୀ ସଂଘ(ଆରଆଇକେକେଏସ୍) ପକ୍ଷରୁ ବିର୍ସା ଛକରେ ଗଣ ବିକ୍ଷୋଭ କରାଯାଇଥିଲା। ତୁରନ୍ତ ଶ୍ରମିକ ପ୍ରତିନିଧିଙ୍କ ବୈଠକ ଡକାଯାଇ ବୋନସ ଘୋଷଣା କରିବାକୁ ଏଥିରେ ଦାବି କରାଯାଇଥିଲା।

ଉତ୍ପାଦନ ଅଭିବୃଦ୍ଧିରେ କର୍ମଚାରୀଙ୍କ ଉଲ୍ଲେଖନୀୟ ଅବଦାନ ସଂପ୍ରତି ପୂର୍ବାପେକ୍ଷା ବୃଦ୍ଧି ପାଇଛି। ଆର୍ଥିକ ବର୍ଷ ୨୦୧୭-୧୮ରେ ମୋଟ କାରବାର ୨୦ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ଅପରେଟିଂ ପ୍ରଫିଟ ମଧ୍ୟ ବୃଦ୍ଧି ପାଇଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ସେଲ ୫୪୦ କୋଟି ଟଙ୍କା ଲାଭ କରିଛି। ଏପରି ଅବସ୍ଥାରେ ବୋନସ ଆଇନ ୧୯୬୫ର ଧାରା ୩ ଅନୁଯାୟୀ କର୍ମଚାରୀମାନେ ଉତ୍ପାଦନ ଏବଂ ଉତ୍ପାଦକତା ଭିତ୍ତିରେ ବୋନସ ପାଇବାକୁ ହକଦାର। ସେଲ କର୍ମଚାରୀ ଗତ ୨୦୧୦-୧୧ରୁ ପରଫରମାନ୍ସ ଇନସେଣ୍ଟିଭ ସ୍କିମ ମାଧ୍ୟମରେ ବାର୍ଷିକ ବୋନସ ପ୍ରଦାନ କରାଯାଉଛି। ସେହି ସ୍କିମର ନବୀକରଣ କରାଯାଇ ସର୍ବନିମ୍ନ ଅର୍ଥ ରାଶିର ୨ଗୁଣ କରାଯାଇ ବୋନସ ହିସାବ କରିବାକୁ ବିଏମ୍‌ଏସ୍ ପକ୍ଷରୁ ଏଥିରେ ଦାବି କରାଯାଇଥିଲା। ଏପରି ଅବସ୍ଥାରେ ତୁରନ୍ତ ବୋନସ ଘୋଷଣା କରିବାକୁ ଦାବି କରିଥିଲେ ଆରଆଇକେକେଏସ୍‌ର ସାଧାରଣ ସମ୍ପାଦକ ହିମାଂଶୁ ବଳ ଦାବି କରିଛନ୍ତି। ଏହି ଗଣ ବିକ୍ଷୋଭରେ ରାଜେନ୍ଦ୍ର ମହାନ୍ତ, ବି.କେ.ମହାନ୍ତ, ସତ୍ୟାନନ୍ଦ ଦାସ, ତ୍ରିଲୋଚନ ନାୟକ, ବିକାଶ ହାଲଦାର, ମଙ୍ଗଳ ବଡାଇକ, ଗଙ୍ଗା ବେହେରା, ମହେଶ୍ୱର ସାହୁ, ମାନସ ଦାସ, ଦିଲ୍ଲୀପ ଦାସ, ସରୋଜ ପ୍ରଧାନ, ଉମାକାନ୍ତ ସାମଲ, ଜନକର ସେଠୀ, ଲଳିତ ଜେନା ଓ ସମାଇ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।

## ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ

**ରାଉରକେଲା ଅଫିସ,୨୪। ୯**

୬ ଦଫା ଦାବି ନେଇ ସୋମବାର ଅଗ୍ନିଶମ କର୍ମଚାରୀ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଏନେଇ ମହତାବ ରୋଡସ୍ଥିତ ରାଉରକେଲା ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀମାନେ ଧାରଣା ଦେଇଥିଲେ । ଏଥିରେ ଯୋଗ ଦେଇଥିବା କର୍ମଚାରୀ ନେତା କହିଲେ, ଓଡିଶା ପୋଲିସ ସହ ସମାନ ଦରମା ଓ ଭତ୍ତା ପ୍ରଦାନ ଦାବିରେ ଆମେ ବାରମ୍ବାର ନିବେଦନ କରି ଆସୁଥିଲେ ବି ସରକାର ଆମ କଥା ଶୁଣୁ ନାହାଁନ୍ତି। ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ସ୍ଥାୟୀ କରାଯାଉନି। ଅବସର କର୍ମଚାରୀଙ୍କୁ ପେନସନ ଓ ଅବସରକାଳୀନ ପ୍ରାପ୍ୟ ପ୍ରଦାନ ନେଇ ସଂଘ ଦାବି କରିଛି । ଏହି ଆନ୍ଦୋଳନରେ ବିଦେଶୀ ନାୟକ, ବୋଷ କୁଜୁର, ରଞ୍ଜିତ ସେଠୀ, ବିଶିକେଶନ ସାହୁ, ପୀତାମ୍ବର ପ୍ରଧାନ, ହେମନ୍ତ ସା, ଶଙ୍କର ବେହେରା, ଅଶୋକ ବେହେରା, ପ୍ରେମାନନ୍ଦ ଭିତିରିଆ ପ୍ରମୁଖ ଉପସ୍ଥିତ ଥିଲେ।



ଧାରଣାରେ ବସିଥିବା ଅଗ୍ନିଶମ କର୍ମଚାରୀ।

ଜଲଦା ଶିଶୁ ପଞ୍ଚାୟତ ପକ୍ଷରୁ ଅଭିଯୋଗ

## ପାନୀୟ ଜଳ, ବିଦ୍ୟୁତ୍ ସମସ୍ୟା ଲାଗି ରହିଛି

**ରାଉରକେଲା ଅଫିସ,୨୪। ୯**

ଜଲଦା ଗ୍ରାମ ପଞ୍ଚାୟତର ବିଭିନ୍ନ ସମସ୍ୟା ନେଇ ସ୍ଥାନୀୟ ଶିଶୁ ପଞ୍ଚାୟତ ସଦସ୍ୟ(ସିକ୍ଲକ) ଅଭିଯୋଗ କରିଛନ୍ତି। ଏନେଇ ସଙ୍ଗଠନ ପକ୍ଷରୁ କୁହାଯାଇଛି, ଜଲଦା ଅଞ୍ଚଳର ବହୁ ସ୍ଥାନରେ ଡ୍ରେନେଜ ବ୍ୟବସ୍ଥା ଠିକ୍ ନ ଥିବାରୁ ବର୍ଷାରେ ଆମେ ନାନା ସମସ୍ୟାର ସମ୍ମୁଖୀନ ହେଉଛୁ। ଏଥିସହ ରାସ୍ତାଘାଟ, ପାନୀୟ ଜଳ ଓ ବିଜୁଳି ସମସ୍ୟା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ଗାଁ ପରିମଳ ଅବସ୍ଥା ଠିକ୍ ନାହିଁ। ବାରମ୍ବାର ବିଦ୍ୟୁତ ସରବରାହ ବ୍ୟାହତ ହେଉଥିବାରୁ ପିଲାମାନେ ଭଲ ଭାବେ ପାଠ ପଢି ପାରୁନାହାଁନ୍ତି। ଏ ଦିଗରେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି । ତୁରନ୍ତ ଏ ସଂକ୍ରାନ୍ତରେ ପଦକ୍ଷେପ ନେବାକୁ ସଙ୍ଗଠନ ପକ୍ଷରୁ ନିବେଦନ କରାଯାଇଛି। ନନ୍ଦିତା ପଶାୟତ, ରାଧିକା ସମାସୀ, ମୁସ୍କାନ ଲୋହା, କୁନାଲ ସମାସୀ, ବର୍ଷା ଭୂମିଜ ଓ ଆଲିଶା ସମାସୀ ପ୍ରମୁଖ ଉପସ୍ଥିତ ଥିଲେ।

■ ଆଶ୍ରା ପକ୍ଷରୁ ନୂଆଁଖାଇ ଭେଟଘାଟ

## ସୁଖ,ଶାନ୍ତି,ଏକତାର ବାର୍ତ୍ତା ବହନ କରେ ନୂଆଁଖାଇ

**ରାଉରକେଲା ଅଫିସ,୨୪। ୯**

ସାମାଜିକ ଅନୁଷ୍ଠାନ ଆଶ୍ରା ପକ୍ଷରୁ ନୂଆଁଖାଇ ଭେଟଘାଟ ଧୂମଧାମରେ ପାଳିତ ହୋଇଯାଇଛି। ଗତ ରବିବାର ରେଲୱେ କଲୋନୀରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦିକା ତଥା ସମାଜିକ କର୍ମୀ ମିନତୀ ଦେବତା କହିଥିଲେ, ଗଣ ପର୍ବ ନୂଆଁଖାଇ ଏକ କୃଷି ଭିତ୍ତିକ ପର୍ବ। ଏଥିରେ ପଶ୍ଚିମ ଓଡିଶାର ପୁରପଲ୍ଲୀ ବାସିନ୍ଦା ଏକତ୍ରିତ ହୋଇଥାନ୍ତି। ଏଭଳି ଭେଟଘାଟ ଖୁବ ନିଆରା ହୋଇଥିବା ବେଳେ ଏହା ସୁଖ ଶାନ୍ତି ଓ ଏକତାର ବାର୍ତ୍ତା ବହନ କରିଥାଏ ବୋଲି ଦେବତା କହିଥିଲେ। ଏଥିରେ ପଶ୍ଚିମ ଓଡିଶାର ଅନେକ ଭାଇ ଭଉଣୀ ଉପସ୍ଥିତ ରହି ଭେଟଘାଟର ନିଆରା ଅନୁଭୂତି ବର୍ଣ୍ଣନା କରିଥିଲେ। ଏହି ଅବସରରେ ପ୍ରତିଭା ଦାସ, ଧୀରେନ ସେନାପତି, ନିରଞ୍ଜନ ରାଉତ, ଆନନ୍ଦ ମହାନ୍ତି, ସୁଦାମ ଦାସ, ବି.ନାଗେଶ୍ୱର ରାଓ, ଏଲ.ମୁରଲୀମୋହନ, ଆଫ୍ରୋଜ ଅହମ୍ମଦ, ରବିନ ସିଂ, ବାସନ୍ତୀ ଦାସ, କବିତା ରାୟ, ଅଶୋକ ମହାତ. ନିହାର ରାୟ, ଅଭୟ ମହାପାତ୍ର, ମାୟା ତିୱାରୀ, ଆକାଶ ନାୟକ, ପ୍ରେମଲତା ମହାନ୍ତି, ଦୁର୍ଗୀ ସାହୁ, ନୂତନ ଦୀପ, ଅର୍ଚ୍ଚନା ସିଂ ଓ ସରସ୍ୱତୀ ବେହେରା ଓ ରେଖା କୋଠାରୀ ପ୍ରମୁଖଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।



ନୂଆଁଖାଇ ଭେଟଘାଟ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।



ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ଶିଶୁ ପଞ୍ଚାୟତର ସଦସ୍ୟମାନେ।

■ ମାନବ ସେବା ପ୍ରତିଷ୍ଠାନ ପକ୍ଷରୁ ଆଲୋଚନାଚକ୍ର

## ନିର୍ଦ୍ଦିଷ୍ଟ ଧର୍ମକୁ ନେଇ ଶିକ୍ଷା ପ୍ରଦାନ କରା ନ ଯାଉ

**ରାଉରକେଲା ଅଫିସ,୨୪।୯**

ଜଗଦାରେ ଥିବା ମାନବ ସେବା ଦାତବ୍ୟ ସେବା ପ୍ରତିଷ୍ଠାନ ପକ୍ଷରୁ ରବିବାର ଧର୍ମ ନିରପେକ୍ଷତା ଓ ବୈଜ୍ଞାନିକ ଶିକ୍ଷା ସମ୍ପୂର୍ଣ୍ଣ ଭାବେ ଆବଶ୍ୟକ କି ପ୍ରସଙ୍ଗକୁ ନେଇ ଏକ ଆଲୋଚନା ଚକ୍ର ଆୟୋଜନ କରାଯାଇଥିଲା। ଏଥିରେ ଡା. ଶଶୀକାନ୍ତ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସେ କହିଲେ, ଭାରତରେ ବିଭିନ୍ନ ସଂପ୍ରଦାୟ ଓ ଭାଷାଭାଷୀର ଲୋକେ ବସବାସ କରୁଛନ୍ତି। ଏଣୁ ଶିକ୍ଷାକୁ ସାର୍ବଜନୀନ ଓ ଧର୍ମ ନିରପେକ୍ଷ କରାଯିବା ଉଚିତ। ଫଳରେ ସମସ୍ତ ଶିକ୍ଷାର୍ଥୀ ସମାନ ପ୍ରକାର ଶିକ୍ଷାଲାଭ କରିବା ସୁଯୋଗ ପାଇ ପାରିବେ। ଦୁଇଟି ଭାଷା ଯଥା ଇଂଲିଶ ଏବଂ ମାତୃଭାଷା ପ୍ରତ୍ୟେକ ବିଦ୍ୟାଳୟରେ ପଢା ଯିବା ଉଚିତ। ବିଜ୍ଞାନ ଶିକ୍ଷା ଓ ସାମାଜିକ ବିଜ୍ଞାନକୁ ବିଶେଷ ଧ୍ୟାନ ଦିଆଗଲେ ପିଲାମାନେ ବିଶେଷ ଉପକୃତ ହେବେ । ସାମାଜିକ କର୍ମୀ ଗଗନ ଧଳ କହିଲେ, ଶିଶୁ ସମୟରେ ପିଲାକୁ ଯେଉଁ ଶିକ୍ଷା ପ୍ରଦାନ କରାଯାଏ ତାହା ବଡ ହେଲେ ପ୍ରତିଫଳିତ ହୋଇଥାଏ। ଏଣୁ ପିଲାଙ୍କୁ କୌଣସି ନିର୍ଦ୍ଦିଷ୍ଟ ଧର୍ମକୁ ନେଇ ଶିକ୍ଷା ପ୍ରଦାନ କରାଯିବା ଅନୁଚିତ। ଚନ୍ଦ୍ର ଗ୍ରହଣ ଓ ସୂର୍ଯ୍ୟୋପରାଗ ଉପରେ ରହିଥିବା ପାରମ୍ପରିକ ଅନ୍ଧ ବିଶ୍ୱାସ ପିଲାଙ୍କ ମନରେ ପୂରାଇବା ଅନୁଚିତ ବୋଲି ସେ କହିଥିଲେ। ପ୍ରଫେସର ଅଜିତ ବେହେରା କହିଲେ, ଧାର୍ମିକ ଅନ୍ଧ ବିଶ୍ୱାସ କିପରି ପିଲାଙ୍କ ମନରୁ ଦୂର କରାଯିବ ସେ ନେଇ ପ୍ରୟାସ କରାଯିବା ଉଚିତ। ଏନଆଇଟିର ଅନ୍ୟତମ ପ୍ରଫେସର କୈଳାସ ବେହେରା ଗାଲିଲିଓଙ୍କ ଜୀବନରେ ଘଟିଥିବା ନାନା ଘଟଣା ବର୍ଣ୍ଣନା କରିଥିଲେ। ପ୍ରଫେସର ରାମକୃଷ୍ଣ ବିଶ୍ୱାଳ କହିଲେ, ଶିକ୍ଷକମାନଙ୍କ ଶିକ୍ଷକତା, ପେସା ଏବଂ ନିଶା ହେବା ଉଚିତ। ଯାହା ଆମ ଦେଶରେ ଅଭାବ ରହିଛି। ବୈଜ୍ଞାନିକ ମନୋଭାବ ଉପରେ ପର୍ଯ୍ୟବେସିତ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରିବାକୁ ସେ ପରାମର୍ଶ ପ୍ରଦାନ କରିଥିଲେ। ଜର୍ମାନରୁ ଆସିଥିବା ମନସ୍ତତ୍ତ୍ୱ ଇଂଲିଶ ଶିକ୍ଷୟିତ୍ରୀ ନାଟିଆ କେଭେଲାର୍ଜେ କହିଲେ, ଶିଶୁ କୈନ୍ଦ୍ରିକ ଶିକ୍ଷା ପ୍ରତି ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯିବା ଆବଶ୍ୟକ। ଏଥିରେ ନରେନ୍ଦ୍ର ଗୋପ. ବିନୟ ବଙ୍କର, ନାମାନ ବାଗେ, ଆଦିତ୍ୟ ନାୟକ, ଜାସମାନୀ ଲୁଗୁନ, ଦୁଜା କିଶାନ, ପ୍ରକାଶ ଭେଙ୍ଗ୍ରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ହେମନ୍ତା ତାଣ୍ଡିଆ ଧନ୍ୟବାଦ ପ୍ରଦାନ କରିଥିଲେ।




ମାନବ ସେବା ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

■ ସ୍କ୍ରାପ୍ କାରବାରରେ ସ୍ୱଚ୍ଛତା ଆଣିବାକୁ ବ୍ୟବସାୟୀମାନେ ରାଜି

## ଏକକ ନୀତି ନିର୍ଦ୍ଧାରଣ କରୁ ପ୍ରଶାସନ



ଏଡିଏମ୍‌ଙ୍କ କାର୍ଯ୍ୟାଳୟକୁ ଆସିଥିବା ସ୍କ୍ରାପ୍ ବ୍ୟବସାୟୀମାନେ।

**ରାଉରକେଲା ଅଫିସ,୨୪।୯**

ସହରରେ ଚୋରା ସ୍କ୍ରାପ କାରବାର ନେଇ ବିଭିନ୍ନ ସମୟରେ ଗାଡି ଜବତ ସାଙ୍ଗକୁ ଗିରଫଦାରି ଏବେ ସମ୍ପୃକ୍ତ ବ୍ୟବସାୟୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ବର୍ଜ୍ୟ କଣ୍ଟା(ମଳ ଲୁହା) ଓ ପ୍ଲାଷ୍ଟିକ ଆଦି ସଂଗ୍ରହ କରି ୫ଶହରୁ ଉର୍ଦ୍ଧ୍ୱ ପରିବାର ଗୁଜୁରାଣ ମେଣ୍ଟାଉଥିବା ବେଳେ ଏହା ଉପରେ ପୋଲିସ ଦାଉ ସାଧୁଛି। ଏବେ ନିରୁପାୟ ସ୍କ୍ରାପ ବ୍ୟବସାୟୀ ପ୍ରଶାସନର ଦ୍ୱାରସ୍ଥ ହେବାକୁ ବାଧ୍ୟ ହୋଇଛନ୍ତି।

ଏନେଇ ସୋମବାର ଏକ ପ୍ରତିନିଧି ମଣ୍ଡଳୀ ରାଉରକେଲା ଏସ୍‌ପି ଡ. ଉମାଶଙ୍କର ଦାସ ଓ ଏଡିଏମ୍ ମନୀଷା ବାନାର୍ଜୀଙ୍କୁ ଭେଟି ନିଜ ସଚ୍ଚୋଟ ପଣିଆ ପ୍ରମାଣ କରିବାକୁ ଚେଷ୍ଟା କରିଛନ୍ତି। ସ୍କ୍ରାପ କାରବାର ଉପରେ ନିର୍ଭର କରୁଥିବା ସମ୍ପୃକ୍ତ ବ୍ୟବସାୟୀଙ୍କ କହିବାନୁସାରେ ଆମେ ଆଦୌ ଚୋରା କାରବାରରେ ଲିପ୍ତ ନୋହୁଁ। ଯିଏ କରୁଛି ପୋଲିସ ତାକୁ ଧରୁ। ଦଣ୍ଡ ବିଧାନ କରୁ। ସହରରୁ ପ୍ରତ୍ୟେକ ଦିନ ଯେଉଁ ବର୍ଜ୍ୟ ସ୍କ୍ରାପ, ପ୍ଲାଷ୍ଟିକ ସାମଗ୍ରୀ ବାହାରୁଛି ତାକୁ ଆମେ ବୁଲା ବିକାଳିଙ୍କ ଠାରୁ ସଂଗ୍ରହ କରୁଛୁ। ଏଥିରେ ଆମର କିଛି ଦୋଷ ନାହିଁ। ଏପରି ଅବସ୍ଥାରେ ଆମ ଗାଡିକୁ ପୋଲିସ ରାସ୍ତାରେ ରୋକି ହଇରାଣ କରୁଛି। ଅଧିକାଂଶ ସମୟରେ ଗାଡି ଜବତ କରାଯିବା ସହ ଡ୍ରାଇଭରଙ୍କୁ ଗିରଫ କରାଯାଉଛି। ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଜିଏସଟି ବିଲ ପୈଠ କରି ଏହି କାରବାର କରିବାକୁ ଆମେ ପ୍ରସ୍ତୁତ ଥିଲା ବେଳେ ସହଯୋଗ ମିଳୁନି ବୋଲି କହିଥିଲେ ପ୍ରତିନିଧି ମଣ୍ଡଳୀ। ରାଉରକେଲା ସହରରେ ୨୫ରୁ ୩୦ଟି କଣ୍ଟା ବା ଗୋଦାମ ରହିଛି। ଏସବୁକୁ ବନ୍ଦ କରାଯାଇ ଏକକ ନୀତି ଅନୁଯାୟୀ ଗୋଟିଏ ସ୍ଥାନରେ ଷ୍ଟକ ୟାର୍ଡ କରାଯାଉ। ସକାଳ ୮ରୁ ନେଇ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସ୍ୱଚ୍ଛତା ରକ୍ଷା ପୂର୍ବକ ସ୍କ୍ରାପ ସଂଗ୍ରହ କରାଯାଉ। ଷ୍ଟକ ୟାର୍ଡକୁ ତାରବାଡ କିମ୍ବା ଟିଣ ଚଦର ଦ୍ୱାରା ଘେରାଯାଉ। ଆବଶ୍ୟକ ସ୍ଥଳେ ପୋଲିସ ମୁତୟନ କରାଯାଉ। ସ୍କ୍ରାପ କିଣା ବିକା ନେଇ ଠିକ ତଥ୍ୟ ସଂଗ୍ରହ କରାଯାଉ। ଏନେଇ ପ୍ରଶାସନ ଜାଗା ଚିହ୍ନଟ କରୁ। ଏହାଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୫ଶହରୁ ଉର୍ଦ୍ଧ୍ୱ ଲୋକ ଉପକୃତ ହେବେ ଓ ସରକାର ଟ୍ୟାକ୍ସ ପାଇବେ ବୋଲି କହିଛି ପ୍ରତିନିଧି ମଣ୍ଡଳୀ। ତେବେ ଏସ୍‌ପି ଓ ଏଡିଏମ୍‌ଙ୍କ କହିବାନୁସାରେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସମସ୍ତ ନୀତି ନିୟମ ମାନି ବ୍ୟବସାୟ କଲେ କାହାର ଆପତ୍ତି ରହିବ ନାହିଁ। ଅନ୍ୟଥା ବେଆଇନ ଚୋରା କଣ୍ଟା କାରବାରରେ ଲିପ୍ତ ବ୍ୟବସାୟୀଙ୍କ ଉପରେ ପୂର୍ବପରି କାର୍ଯ୍ୟାନୁଷ୍ଠାନ ଜାରି ରହିବ।



“ଜନସାଧାରଣଙ୍କର ନେତୃତ୍ୱ ଓ ଦାୟିତ୍ୱ ନେଉଥିବା ଲୋକ ସଦାଚାରୀ ଓ ସଚ୍ଚୋଟ ହେବା ଉଚିତ୍
- ଚରଣ ସିଂ



## ସଂକ୍ଷେପରେ

### ଔଷଧ ଦୋକାନରୁ ଚୋରି

**ଝାରସୁଗୁଡ଼ା ଅଫିସ,୨୪।୯-** ଝାରସୁଗୁଡ଼ା ମୁଖ୍ୟ ରାସ୍ତାରେ ରହିଥିବା ଏକ ଔଷଧ ଦୋକାନରୁ ରବିବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଦୋକାନର ୪ଟି ତାଲା କାଟି ଦୋକାନ ଭିତରୁ ଚୋରି କରିଛନ୍ତି। ଦୋକାନ ମାଲିକ ମନୋରଞ୍ଜନ ମହାପାତ୍ର ଟାଉନଥାନାରେ ଦେଇଥିବା ଏତଲାକ୍ରମେ ପ୍ରାୟ ୩୪ ହଜାର ଟଙ୍କା, ୨୨୫୦୦ ଟଙ୍କା ମୂଲ୍ୟର ଏକ ସୁନା ଚେନ୍ ଏବଂ ୪ଟି ଏଟିଏମ୍ କାର୍ଡ ଚୋରି ହୋଇଛି। ଏହାସହ ଚୋରମାନେ କିଛି ଯୌନ ଉଦ୍ଦୀପକ ଔଷଧ, ତୈଳ ଚୋରି କରି ନେଇଛନ୍ତି ।

### ଅବସରପ୍ରାପ୍ତ ବରିଷ୍ଠ କିରାଣୀଙ୍କ ପରଲୋକ

**କୋଲାବିରା,୨୪।୯ (ଡି.ଏନ୍.ଏ.)-** କୋଲାବିରାର ନୂଆପଡା ବସ୍ତିର ଅବସରପ୍ରାପ୍ତ ବରିଷ୍ଠ କିରାଣୀ ଗୋବର୍ଦ୍ଧନ ରାୟଙ୍କ ଶନିବାର ରାତିରେ ପରଲୋକ ହୋଇଛି। ତାଙ୍କୁ ୬୧ ବର୍ଷ ବୟସ ହେଉଥିଲା । ସେ ଯକୃତଜନିତ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ରବିବାର ସକାଳେ କୋଲାବିରାରେ ତାଙ୍କ ମରଶରୀର ପହଞ୍ଚିବା ପରେ ତାଙ୍କ ଶେଷକୃତ୍ୟ କରାଯାଇଛି ।



କୋର୍ଟ ବନ୍ଦ କରିବା ପରେ ଆଇନଜୀବୀମାନେ କୋର୍ଟ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

■ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# ସରକାରୀ ଅଫିସ ବନ୍ଦ କଲେ ଆଇନଜୀବୀ

**ଝାରସୁଗୁଡ଼ା ଅଫିସ,୨୪।୯**

**୩୦ ଯାଏ ନ୍ୟାୟିକ, ରାଜସ୍ୱ ଅଦାଲତ ବନ୍ଦ**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ସୋମବାର ଝାରସୁଗୁଡା ବାର ଆସୋସିଏଶନ୍ ତରଫରୁ ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ଆନ୍ଦୋଳନ ସ୍ଥଗିତ ରହିଥିଲା । ସୋମବାରଠାରୁ ପୁଣିଥରେ ଆନ୍ଦୋଳନକୁ ଜୋରଦାର କରାଯାଇଛି। ଆଇନଜୀବୀମାନେ ପୂର୍ବାହ୍ନରେ ପିକେଟିଂ କରିବା ସହ ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ କରିଥିଲେ। ପଶ୍ଚିମ ଓଡ଼ିଶା ବାର ସମୂହକୁ ନେଇ ଗଠିତ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କୋର କମିଟି ବୈଠକର ନିଷ୍ପତ୍ତିକ୍ରମେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ବାର ସଭାପତି ରଘୁମଣି ପଟେଲ ଏବଂ ପଦ୍ମନାଭ ମାଳି କହିଛନ୍ତି। ଏହା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ୨୯ ତାରିଖରେ ସିଏସି କୋର କମିଟିର ବୈଠକ ହେବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ ପୁଣିଥରେ ଓକିଲ ସଂଘ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରିବ।

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ନେଇ ସିଏସି ତରଫରୁ ଆନ୍ଦୋଳନ ଜାରି ରହିଛି। ସମ୍ବଲପୁର ବାର ଆସୋସିଏଶନ ଏହି ଦାବିରେ ଦୀର୍ଘଦିନ ହେବ ଆନ୍ଦୋଳନ କରି ଆସୁଛି। ହେଲେ ସେପ୍ଟେମ୍ବର ୯ ତାରିଖରେ ସିଏସି କୋର କମିଟି ବୈଠକରେ ଝାରସୁଗୁଡ଼ାରେ ଅନୁଷ୍ଠିତ ହୋଇଥିଲା। ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବିରେ ସେପ୍ଟେମ୍ବର ୧୭ରୁ ୨୬ ତାରିଖ ପର୍ଯ୍ୟନ୍ତ ପଶ୍ଚିମ ଓଡ଼ିଶାର ସମସ୍ତ ଜିଲାର ନ୍ୟାୟାଳୟ ଏବଂ ରାଜସ୍ୱ ନ୍ୟାୟାଳୟ ବନ୍ଦ କରାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା। କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଝାରସୁଗୁଡ଼ା ଗସ୍ତକୁ ଦୃଷ୍ଟିରେ ରଖି ବନ୍ଦ କରାଯାଇ ନ ଥିଲା। ଏହାପରେ ସେପ୍ଟେମ୍ବର ୧୯ ତାରିଖରେ ସମ୍ବଲପୁରରେ ସିଏସି କୋର କମିଟି ବୈଠକ ହୋଇ ବନ୍ଦ କାର୍ଯ୍ୟକ୍ରମ ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ୨୨ ତାରିଖରେ ଝାରସୁଗୁଡ଼ାରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଶେଷ ହେବା ଏବଂ ୨୩ ତାରିଖ ରବିବାର ଥିବାରୁ ୨୪ ତାରିଖ ଅର୍ଥାତ୍ ସୋମବାରଠାରୁ ଆଇନଜୀବୀମାନେ ସରକାରୀ କାର୍ଯ୍ୟାଳୟ ବନ୍ଦ କରିଥିଲେ। ବାର କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟମାନେ ଏହି ବନ୍ଦରେ ସାମିଲ ଥିଲେ।

# କୋଲାବିରା ବ୍ଲକରେ ବିଦ୍ୟାଳୟ ମିଶ୍ରଣ ପର୍ବ

**କୋଲାବିରା,୨୪।୯(ଡି.ଏନ୍.ଏ.)**

ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ସୋମବାର ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକର ସମାସିଂହା, ରଘୁନାଥପାଲି, ପରମାଣପୁର ଏବଂ ସିଂହିବାହାଲଠାରେ ୧ଶହ ମିଟର ଅଞ୍ଚଳରେ ଥିବା ୪ ସ୍କୁଲକୁ ମିଶ୍ରଣ କରାଯାଇଛି। ରଘୁନାଥପାଲିସ୍ଥିତ ପ୍ରାଥମିକ ବିଦ୍ୟାଳୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହିତ ମିଶ୍ରଣ ହୋଇଛି। ଏଇ ଅବସରରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସ୍ୱାଗତ କରିଥିଲେ। ପୂର୍ବରୁ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ୧୩୦ ଛାତ୍ରଛାତ୍ରୀ ଏବଂ ୪ ଶିକ୍ଷକ ଥିଲେ। ପ୍ରାଥମିକ ବିଦ୍ୟାଳୟର ୮୬ ଛାତ୍ରୀଛାତ୍ର ଏବଂ ୪ ଶିକ୍ଷୟିତ୍ରୀ ଶିକ୍ଷକ ସେମାନଙ୍କ ସହ ସାମିଲ ହୋଇଛନ୍ତି । ରଘୁନାଥପାଲି ସରପଞ୍ଚ ନନ୍ଦିତା ସରାଫ, ସିଆରସିସି ରମେଶ୍ୱର ପଟେଲ,ବିଦ୍ୟାଳୟର ପୂର୍ବତନ ସମ୍ପାଦକ ଶଶୀଭୂଷଣ ସରାଫ, ଚନ୍ଦ୍ରଭାନୁ ସରାଫ, କରଞ୍ଜ ପଧାନ, ଉଦ୍ଧବ ବାରିକ, ୱାର୍ଡସଭ୍ୟ ଲାଲବିହାରୀ ସରାଫ, ପରିଚାଳନା କମିଟିର ସଭାପତି ଡିଲେଶ୍ୱର ମେହେର, ଅବସରପ୍ରାପ୍ତ ଶିକ୍ଷକ ଅନାଦି ପଧାନ, ଶିବଶଙ୍କର ମେହେର ପ୍ରମୁଖ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ପଧାନ ଏହି ମିଶ୍ରଣ ପର୍ବକୁ ପରିଚାଳନା କରିଥିଲେ ।

ସେହିପରି ସମାସିଂହା ପ୍ରାଥମିକ ବିଦ୍ୟାଳୟର ୩୯ ଛାତ୍ରୀଛାତ୍ର ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମିଶ୍ରଣ ସମାସିଂହା ବାଳିକା ପିୟୁପିଏସ୍ ସହିତ ହୋଇଛି। ସମାସିଂହା ସରପଞ୍ଚ ହେମନ୍ତ କୁମାର ସାହୁଙ୍କ ଉପସ୍ଥିତିରେ ଏଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାଳିକା ବିଦ୍ୟାଳୟର ସମସ୍ତ ଶିକ୍ଷକ ଛାତ୍ରୀଛାତ୍ର ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଉପସ୍ଥିତ ରହି ସମସ୍ତଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିଲେ। ପରମାଣପୁର ପ୍ରାଥମିକ ବିଦ୍ୟାଳୟ ନୋଡାଲ ହାଇସ୍କୁଲ ଏବଂ ସିଂହିବାହାଲା ଉଚ୍ଚପ୍ରାଥମିକ ବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟରେ ସାମିଲ ହୋଇଥିବା କୋଲାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗିରିଧାରୀ ଭୋଇ ସୂଚନା ଦେଇଛନ୍ତି ।

# ଉଡାନ୍‌ର ମଜା ନେଲେ ୪ ଯାତ୍ରୀ

■ଅଫ୍‌ଲାଇନରେ ଟିକଟ୍ ବୁକିଂ
■ସପ୍ତାହରେ ଉଡ଼ିବ ୬ ଦିନ, ରବିବାର ବନ୍ଦ




**ଝାରସୁଗୁଡ଼ା ଅଫିସ,୨୪।୯**

ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ ଉଡାନ୍ ଯୋଜନାରେ ବ୍ୟବସାୟିକ ଭିତ୍ତିରେ ପ୍ରଥମ ବିମାନ ସୋମବାର ପହଞ୍ଚି ଥିଲା। ସକାଳ ୭ଟାରେ ଭୁବନେଶ୍ୱରରୁ ବାହାରିଥିବା ଏହି ବିମାନ ଝାରସୁଗୁଡ଼ାରେ ସକାଳ ୭.୫୫ରେ ପହଞ୍ଚିଥିଲା। ୪ ଜଣ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱରରୁ ବାହାରିଥିବା ଏୟାର ଓଡ଼ିଶାର ବିମାନ ଝାରସୁଗୁଡ଼ା ବିମାନ ବନ୍ଦରରେ ଅବତରଣ କରିଥିଲା। କିନ୍ତୁ ପ୍ରଥମ ବ୍ୟବସାୟିକ ଉଡାନ ଯାତ୍ରାରେ ଝାରସୁଗୁଡ଼ାରୁ କୌଣସି ଯାତ୍ରୀ ରାୟପୁର ଯାଇ ନ ଥିଲେ। ବିମାନରେ ବସିଥିବା ୪ ଜଣ ଯାତ୍ରୀ ରାୟପୁର ଯାତ୍ରା ପାଇଁ ଟିକଟ୍ କରିଥିଲେ। ସେଥିପାଇଁ ଭୁବନେଶ୍ୱରୁ ଆସିଥିବା ସେହି ୪ ଜଣ ଯାତ୍ରୀଙ୍କୁ ନେଇ ବିମାନ ରାୟପୁର ଅଭିମୁଖେ ଉଡିଥିଲା। ସୋମବାର ଦିନ ରାୟପୁରରୁ ପୁନଶ୍ଚ ସେହି ବିମାନ ଝାରସୁଗୁଡ଼ା ଏବଂ ଝାରସୁଗୁଡ଼ାରୁ ଭୁବନେଶ୍ୱର ଫେରିବାର ଥିଲା। ହେଲେ ଯାତ୍ରୀ ନ ଥିବା କାରଣରୁ ସୋମବାର ବିମାନ ରାୟପୁରରୁ ଆସି ନ ଥିବା ଅନୁମାନ କରାଯାଉଛି।

ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ବିମାନବନ୍ଦର ଏବଂ ଉଡାନ୍ ଯୋଜନା ଲୋକାର୍ପଣ ପରେ ପ୍ରଥମେ ଆଶ୍ରମ ସ୍କୁଲର ଛାତ୍ରୀଛାତ୍ର ବିମାନରେ ରାୟପୁର ଯାତ୍ରା କରିଥିଲେ। କିନ୍ତୁ ସେହି ଯାତ୍ରା ବିନା ମୂଲ୍ୟର ଥିଲା। ଉଡାନ୍ ଯୋଜନାରେ ସୋମବାର ଠାରୁ ଶନିବାର ଯାଏଁ ବିମାନ ଚଳାଚଳ ହେବ ଏବଂ ରବିବାର ବନ୍ଦ ରହିବ। ସେଥିପାଇଁ ରବିବାର ବିମାନ ଚଳାଚଳ ବନ୍ଦ ରହିଥିଲା। ବର୍ତ୍ତମାନ ସୁଦ୍ଧା ଏୟାର ଓଡ଼ିଶା ୱେବସାଇଟ୍‌ରୁ ଅନଲାଇନ୍ ଟିକ୍‌ଟ୍ ବୁକିଂ ହୋଇପାରୁ ନ ଥିବା ବେଳେ ମାନୁଆଲ ପଦ୍ଧତିରେ ବିମାନବନ୍ଦର କାଉଣ୍ଟରରେ ଟିକେଟ୍ ବୁକିଂ କରାଯାଥିବା ବିମାନବନ୍ଦର ତରଫରୁ ସୂଚନା ମିଳିଛି।

# ରେଳ ଷ୍ଟେଶନରେ ସ୍ୱଚ୍ଛତା ପକ୍ଷ ପାଳିତ

**ଝାରସୁଗୁଡ଼ା ଅଫିସ,୨୪।୯**

ସେପ୍ଟେମ୍ବର ୧୫ରୁ ଅକ୍ଟୋବର ୨ ଯାଏଁ ପାଳନ ହେବ ସ୍ୱଚ୍ଛତା ପକ୍ଷ। ଏହି ଅବସରରେ ରବିବାର ଏବଂ ସୋମବାର ଦୁଇଦିନ ଧରି ଝାରସୁଗୁଡ଼ା ରେଳ ଷ୍ଟେଶନ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରବିବାର ଷ୍ଟେଶନ କର୍ମଚାରୀ ଏବଂ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀଛାତ୍ର ନିଜର ସଫେଇ କାର୍ଯ୍ୟକ୍ରମ ସହ ସ୍ୱଚ୍ଛ ଭାରତ ଅଭିଯାନ ଜରିଆରେ ଶ୍ରମ ଦାନ କରିଥିଲେ। ସେହିପରି ସୋମବାର ସେଣ୍ଟ ଆର୍ଣ୍ଣୋଲ୍ଡ ସ୍କୁଲର ଛାତ୍ରୀଛାତ୍ର ଏକ ନାଟକ ମଞ୍ଚସ୍ଥ କରିଥିଲେ। ଏହି ନାଟକ ଜରିଆରେ ରେଳଯାତ୍ରୀଙ୍କୁ ସ୍ୱଚ୍ଛତାର ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ଝାରସୁଗୁଡ଼ା ଷ୍ଟେଶନ ମ୍ୟାନେଜର ଏ.କେ. ପଟେଲ, ମୁଖ୍ୟ ବାଣିଜ୍ୟ ନିରୀକ୍ଷକ ଦେବେଶ ପ୍ରସାଦ କିଶାନ, ସନ୍ତୋଷ କୁମାର ପ୍ରସାଦ, ସ୍ୱାସ୍ଥ୍ୟ ନିରୀକ୍ଷକ ରାଜେଶ କୁମାର, କେଶବ କୁମାର ଏବଂ ଅନ୍ୟାନ୍ୟ ରେଳ କର୍ମଚାରୀ ଉପସ୍ଥିତ ଥିଲେ।




ଝାରସୁଗୁଡ଼ା ରେଳ ଷ୍ଟେଶନ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ସାମିଲ ଛାତ୍ରୀଛାତ୍ରମାନେ।

# ମରୁଡ଼ି ସହାୟତା ରାଶି ନ ମିଳିଲେ ଭୋଟ ବର୍ଜନ ଚେତାବନୀ

**କୋଲାବିରା,୨୪।୯ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ସୋଢାମାଲ ପଞ୍ଚାୟତର ଚାଷୀମାନେ ୨୦୧୬ ଆର୍ଥିକ ବର୍ଷରେ ମରୁଡି ସହାୟତା ରାଶି ଏ ପର୍ଯ୍ୟନ୍ତ ପାଇ ନାହାନ୍ତି। ଏହାକୁ ନେଇ ଚାଷୀମାନେ କ୍ଷୋଭ ପ୍ରକାଶ କରିବା ସହିତ ସହାୟତା ରାଶି ନ ପାଇଲେ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଚେତାବନୀ ଚାଷୀମାନେ ସୋମବାର ଜିଲାପାଙ୍କ ଅଭିଯୋଗ ଶୁଣାଣି ସମୟରେ ଏ ନେଇ ଅଭିଯୋଗ କରିଛନ୍ତି । ସହିତ ଆସନ୍ତା ଏକ ମାସ ମଧ୍ୟରେ ଯଦି ଏହାର କୌଣସି ପଦକ୍ଷେପ ଗ୍ରହଣ କରା ନ ଯାଏ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ ଏବଂ ଦରକାର ହେଲେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତୀ । ସୋମବାର କିର୍ମିରା ବ୍ଲକ ପରିସରରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । ସୋଢାମାଲ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଆସିଥିବା ଚାଷୀ କେଶବ ପଟେଲ, ରାଜ କୁମାର ପଟେଲ, ଶିନାରାୟଣ ନାଏକ, ସଞ୍ଜୀବ ମନ୍ଦାର, କିଶୋର ପଟେଲ ,ଅରୁଣ ବାହୁକ, ମନୋଜ ପଟେଲ, ବିପିନ ବିହାରୀ ପାଣ୍ଡେ, ବଲରାମ ପାଣ୍ଡେ ପ୍ରମୁଖ ଚାଷୀ ଜିଲାପାଳଙ୍କୁ ଏ ନେଇ ଲିଖିତ ଅଭିଯୋଗ କରିଛନ୍ତି । ମରୁଡି ଜନିତ ସହାୟତା ରାଶି ନିମନ୍ତେ ରାଜସ୍ୱ ନିରୀକ୍ଷକଙ୍କଠାରୁ ଆରମ୍ଭ କରି ତହସିଲଦାର,ବିଡିଏ, ଜିଲାପାଳ, କୃଷିବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଏ ନେଇ ତା୧୦।୮।୨୦୧୭ରିଖରେ ଜାତୀୟ ରାଜପଥ ରାଞ୍ଚି ମୁଖ୍ୟ ରାସ୍ତା ଅବରୋଧ କରାଯାଇଥିଲା। ସେ ସମୟରେ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଆଜି ପର୍ଯ୍ୟନ୍ତ ସେ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

# ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଝାରସୁଗୁଡ଼ା ଅଫିସ,୨୪।୯**

ଓଡ଼ିଶା ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରାରେ ଝାରସୁଗୁଡ଼ା କର୍ମଚାରୀମାନେ ସୋମବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହି ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ଚାଲିବ ବୋଲି ସେମାନେ କହିଛନ୍ତି। ଅଗ୍ନିଶମ କର୍ମଚାରୀଙ୍କୁ ପୋଲିସ କର୍ମଚାରୀଙ୍କ ଭଳି ସମାନ ଦରମା ଓ ଭତ୍ତା ପ୍ରଦାନ, ଅଗ୍ନିଶମ ସେବା ସଂସ୍ଥାର ହାବିଲଦାର ଓ ଫାୟାରମ୍ୟାନ୍ ସଂଘକୁ ସରକାରୀ ପଞ୍ଜୀକରଣ ଭୁକ୍ତ କରିବା, ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ନିୟମିତ କରିବା, କର୍ମଚାରୀଙ୍କ ନିଜ ଜିଲାରେ ନିଯୁକ୍ତି ଦେବା, ଅବସରପ୍ରାପ୍ତ କର୍ମଚାରୀଙ୍କୁ ତୁରନ୍ତ ପେନସନ୍ ପ୍ରଦାନ କରିବା, ଖାଲି ପଦବୀ ପୂରଣ କରିବା ଦାବିରେ ଅଗ୍ନିଶମ କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଝାରସୁଗୁଡ଼ା ଅଗ୍ନିଶମ କେନ୍ଦ୍ରର ଏଲ୍ଏଫ୍ଏମ୍ ତପନ କୁମାର ମିଶ୍ର, ବିଜୟ କୁମାର ବିଲୁଙ୍ଗ, ପିଏସ୍‌ପି ସ୍ୱର୍ଣ୍ଣକାର, ରଘୁବୀର ମିର୍ଦ୍ଧା, ମାଙ୍ଗା ବାର୍ଲା, ରାଜେଶ ସାହୁ, ଦେବାର୍ଚ୍ଚନ ମହାନନ୍ଦ, କପିଳେନ୍ଦ୍ର ପାତ୍ର, ଭାନୁପ୍ରତାପ ବିଶ୍ୱାଳ, ଜୀବନ ଜେନା, ମଙ୍ଗୁଲୁ କିଶାନ, ଅଶୋକ କିଶାନ, ଟିକନାଥ କିଶାନ, ମୀନକେତନ ନାୟକ, ଗଗନ ବିହାରୀ ନାଏକ, ଶୁଭେନ୍ଦୁ ମାଝୀ, ହାଡିବନ୍ଧୁ ଭୁଏ, ସଦାନନ୍ଦ ଭୁଏ, ପ୍ରଶାନ୍ତ ସିଦାର, ଜାକଲିନ୍ ବାର୍ଜୋ, ଅଜିତ କୁମାର ନାୟକ ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ।




କର୍ମଚାରୀମାନେ ଅଗ୍ନିଶମ ଅଫିସ ସାମ୍ନାରେ ବିକ୍ଷୋଭ କରୁଛନ୍ତି।

# ବିସ୍ଥାପିତଙ୍କ ପ୍ରତୀକ ଧର୍ମଘଟ

## ତ୍ରିପାକ୍ଷିକ ଆଲୋଚନା ବିଫଳ

**ଲଖନପୁର,୨୪।୯(ଡି.ଏନ୍.ଏ**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍)ଲଖନପୁର ଜିଏମ୍ ଅଫିସ୍ ସମ୍ମୁଖରେ ସୋମବାର ସକାଳ ୧୦ଟାରୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ) ସହଯୋଗରେ ବିସ୍ଥାପିତ ଗ୍ରାମବାସୀ ପ୍ରତୀକ ଧର୍ମଘଟ ଆରମ୍ଭ କରିଛନ୍ତି । ଏହି ଧର୍ମଘଟ ଆସନ୍ତା ଅକ୍ଟୋବର ମାସ ୨ତାରିଖ ଗାନ୍ଧୀଜୟନ୍ତୀ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଛି । ଭାରତୀୟ କମ୍ୟୁନିଷ୍ଟ ପାର୍ଟି ନେତା ବାସୁଦେବ ଭୋଇଙ୍କ ଅଧ୍ୟକ୍ଷତାରେ କମ୍ପାନୀ ବିରୋଧରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ପାର୍ଟିର ବହୁ କର୍ମକର୍ତ୍ତାମାନେ କମ୍ପାନୀ ବିରୋଧରେ ବର୍ଷିଥିଲେ । ଏହି ସଭାରେ ଶତାଧିକ ବିସ୍ଥାପିତ ଗ୍ରାମବାସୀ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ । ଏଥିମଧ୍ୟରେ ଯଦି କମ୍ପାନୀ କର୍ତ୍ତୃପକ୍ଷ ସମାଧାନ ନ କରନ୍ତି ତା’ହେଲେ ଆଗାମୀ ଦିନରେ ବିସ୍ଥାପିତମାନେ ଆମରଣ ଅନଶନରେ ବସିବେ ବୋଲି ବୈଠକରେ ଚେତାବନୀ ଦିଆଯାଇଛି । ଖାଲି ଆମରଣ ଅନଶନ ନୁହେଁ ବିସ୍ଥାପିତମାନେ ଖଣି ଅଞ୍ଚଳକୁ ଯାଇ କୋଇଲା ଉତ୍ପାଦନ ବନ୍ଦ କରିବେ ବୋଲି ଚେତାବନୀ ଦେଇଛନ୍ତି । ବିସ୍ଥାପିତଙ୍କ ଏଭଳି କଠୋର ନିଷ୍ପତ୍ତିକୁ ଆଖି ଆଗରେ ରଖି ଖଣି କର୍ତ୍ତୃପକ୍ଷ ଆନ୍ଦୋଳନକାରୀଙ୍କୁ ଦିନ ସାଢେ ୧୨ଟାରେ ଆଲୋଚନା ପାଇଁ ଡାକିଥିଲେ । ଜିଏମ୍ ଅଫିସ୍ ସମ୍ମିଳନୀ କକ୍ଷରେ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା । ଏଥିରେ ଏମ୍‌ସିଏଲ୍ ତରଫରୁ ଜିଏମ୍(ଅପରେଶନ)ଏ.କେ. ସ୍ୱର୍ଣ୍ଣକର, ଏଲ୍ଆଣ୍ଡଆର୍ ଅଫିସ୍‌ର ଏସ୍‌ଜେ ଜେନୋ,ଏପିଏମ୍ ଏସ୍‌କେ ଶତପଥୀ,ଦଶରଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଭାରତୀୟ କମ୍ୟୁନିଷ୍ଟ ପାର୍ଟି ତରଫରୁ ରମେଶ ତ୍ରିପାଠୀ,ବାସୁଦେବ ଭୋଇ,ଅନିତ ଚକ୍ରବର୍ତ୍ତୀ,ଇନ୍ଦ୍ର ବିଳାଶ ସା,ଜୟାନନ୍ଦ ପଶାୟତ,ଗୌରଚନ୍ଦ୍ର କାଲୋ ପ୍ରମୁଖ ରହିଥିଲେ । ବିସ୍ଥାପିତଙ୍କ ତରଫରୁ ଗୋବିନ୍ଦ କରାଳୀ, ରବି ସାହୁ, ରାଜୁ ରୋହିଦାସ, ରମେଶ ପ୍ରଧାନ, ଗୋକୁଳା ସିଂହ, ଅର୍ଜ୍ଜୁନ ଜଗଦଳା ପ୍ରମୁଖ ସାମିଲ ହୋଇଥିଲେ । ପ୍ରଥମେ ବୈଠକରେ କମ୍ପାନୀ ଅଧିକାରୀମାନେ ବିସ୍ଥାପିତଙ୍କ ଦାବିକୁ ବିଚାରକୁ ନିଆଯିବ । ଆନ୍ଦୋଳନ ନ କରିବା ପାଇଁ ଅନୁରୋଧ କରିଥିଲେ । ଏନେଇ ବିସ୍ଥାପିତମାନେ କହିଥିଲେ ଦୀର୍ଘଦିନ ହେଲାଣି ଏଭଳି ଅନେକ ପ୍ରତିଶ୍ରୁତି ପାଇଛୁ । କିନ୍ତୁ କିଛି ଫଳ ହୋଇନାହିଁ । ବିସ୍ଥାପିତଙ୍କ ବହୁବିଧ ସମସ୍ୟାକୁ ନେଇ କମ୍ପାନୀ ତଳସ୍ତରରେ ଆଲୋଚନା ନ କରି ଉଚ୍ଚକର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବା ପାଇଁ ଦାବି କରାଯାଇଛି । ଫଳରେ ତ୍ରିପାକ୍ଷୀକ ଆଲୋଚନା ବିଫଳ ହୋଇଛି । ଆନ୍ଦୋଳନ ପ୍ରଥମ ଦିନରେ ଦର୍ଲିପାଲି ଗ୍ରାମର ୧୧ଜଣ ପ୍ରତୀକ ଧର୍ମଘଟରେ ବସିଛନ୍ତି । ଏମାନଙ୍କ ମଧ୍ୟରେ ଅମତ ଓରାମ, ଚଇନୁ କିଷାନ, ଗଣେଶ ଥାପା, ବିଜୟ ରୋହିଦାସ,ଫାଲୁଗ୍ନ ସିଂ,ସୀତାରାମ ଓରାମ,ଅରୁଣ ଓରାମ,ଗଣେଶ ଓରାମ, ଲବ ବୁଡା, ସୁରେଶ ସିଂ ପ୍ରମୁଖ ରହିଛନ୍ତି । ପ୍ରତ୍ୟେକ ବିସ୍ଥାପିତ ଗ୍ରାମବାସୀ ୨୪ ଘଣ୍ଟା ଲେଖା ଧର୍ମଘଟରେ ବସିବେ । ଏହିଭଳି ଆସନ୍ତା ୨ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ କୁଡାଲୋଇ, ଉବୁଡା, ଛର୍ଲା, ଖଇରକୁନୀ, ଟିଙ୍ଗିସ୍‌ମାଲ୍, ଦର୍ଲିପାଲି, ବନ୍ଧବାହାଲ ଆଦି ଗ୍ରାମବାସୀ ସାମିଲ ହେବେ । ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଭାରତୀୟ କମ୍ୟୁନିଷ୍ଟ ପାର୍ଟି ନେତା ରମେଶ ତ୍ରିପାଠୀ ଚେତାବନୀ ଦେଇଛନ୍ତି ।



ପ୍ରତୀକ ଧର୍ମଘଟ ସଭାସ୍ଥଳରେ ଉପସ୍ଥିତ ଥିବା ବିସ୍ଥାପିତ ଗ୍ରାମବାସୀ।



ପ୍ରଥମେ ବିହନ ଫୋପାଡ଼ି ଦେଇ ପରେ ଶସ୍ୟ ସଂଗ୍ରହ କଲାପରି, ପ୍ରଥମେ ପରର ଉପକାର କରିଗଲେ ଶେଷରେ ନିଜର ଉପକାର ହୁଏ।
- ସେନେକା



## ସଂକ୍ଷେପରେ

### ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ

**କୋଲାବିରା,୨୪।୯ (ଡି.ଏନ୍.ଏ.)-** ସମାସିଂହା ପଞ୍ଚାୟତ ଅନ୍ତର୍ଗତ ଜଳଡିହି ଏବଂ କୁମ୍ଭାରମାଲ ଗ୍ରାମର ୨୮ ହିତାଧିକାରୀଙ୍କୁ ବିଜୁ ପକ୍କା ଘର ଯୋଜନା ଅନ୍ତର୍ଗତ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ସମାସିଂହା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ହେମନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋଲାବିରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସୋଏ ଯୋଗଦେଇ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଏଇ ଅବସରରେ ହିତାଧିକାରୀଙ୍କୁ ସରକାରଙ୍କ ଜନହିତକର ଯୋଜନାର ଲାଭ ନେବା ସହ ଅନୁମୋଦିତ ସମୟସୀମା ମଧ୍ୟରେ ଗୃହ ନିର୍ମାଣକାର୍ଯ୍ୟ ସମ୍ପୂର୍ଣ୍ଣ କରି ପ୍ରୋତ୍ସାହନ ରାଶିର ଅଧିକାରୀ ହୁଅନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଜେଶ କୁମାର ପାଢୀଙ୍କ ସମେତ କୁମ୍ଭାରମାଲ ଏବଂ ଜଳଡାର ଗ୍ରାମବାସୀ ଯୋଗ ଦେଇଥିଲେ।

# ୬୫୧ ଆରଏସ୍‌ପି କର୍ମଚାରୀଙ୍କୁ ନୋଟିସ

- ଏଡିଏମ୍ କାର୍ଯ୍ୟାଳୟରେ କାଗଜ ପତ୍ର ଯାଞ୍ଚ ଆରମ୍ଭ
- ବିଧାୟକ ଜର୍ଜ ତିର୍କୀ କହିଲେ ପ୍ରସଙ୍ଗରୁ ମୁହଁ ଫେରାଇବାକୁ ଫାର୍ସ

**ରାଉରକେଲା ଅଫିସ,୨୪।୯**

ଦୀର୍ଘ ୨୩ ବର୍ଷ ପୂର୍ବେ ଆରଏସ୍‌ପି ବିସ୍ଥାପିତ କୋଟାରେ ଚାକିରୀ ପାଇଥିବା କେତେଜଣ ଜମିହରାଙ୍କ ଉପରେ ଏବେ ସଙ୍ଗୀନ ଅଭିଯୋଗ ଆସିଛି। ପ୍ରାୟ ୬୫୧କର୍ମଚାରୀ କାଗଜ ପତ୍ର ନକଲ କରି ଆରଏସ୍‌ପି ଚାକିରୀ ପାଇଛନ୍ତି। ସେମାନଙ୍କୁ ତଦନ୍ତର ସମ୍ମୁଖୀନ ହେବାକୁ କେନ୍ଦ୍ର ଅନୁସୂଚୀତ ଜନଜାତି ଆୟୋଗଙ୍କ ନିର୍ଦ୍ଦେଶ ଅନୁସାରେ ଆରଏସ୍‌ପି କର୍ତ୍ତୃପକ୍ଷ ନୋଟିସ ଜାରି କରିଛନ୍ତି। ଏପରି ଅବସ୍ଥାରେ ସୋମବାର କେତେଜଣ କର୍ମଚାରୀ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ମନିଷା ବାନାର୍ଜୀଙ୍କୁ ଭେଟି ଆପତ୍ତି କରିଛନ୍ତି। ସେମାନଙ୍କ କହିବାନୁସାରେ ଦୀର୍ଘ ଦୁଇ ଦଶନ୍ଧି ପୂର୍ବେ ଏହି କାର୍ଯ୍ୟାଳୟ ପକ୍ଷରୁ ଆମ କାଗଜ ପତ୍ର ଯାଞ୍ଚ ପରେ ଚାକିରୀ ପ୍ରଦାନ କରାଯାଇଥିଲା। ଏନେଇ କେହି କେବେ ଆପତ୍ତି କରିବା କିମ୍ବା ତଦନ୍ତ ଦାବି କରିବା ଶୁଣାଯାଇ ନାହିଁ। ଏବେ ଯେଉଁ ବ୍ୟକ୍ତି ଆମ ନାଁରେ ଏଭଳି ସଙ୍ଗୀନ ଅଭିଯୋଗ କରିଛନ୍ତି ଅନ୍ତତଃ ତଦନ୍ତ ସମୟରେ ସେ ଉପସ୍ଥିତ ରହିବା ଆବଶ୍ୟକ। ଅନ୍ୟଥା ଏଭଳି ମିଥ୍ୟା ଅଭିଯୋଗର କିଛି ମାନେ ନାହିଁ। ଖୋଦ ଆରଏସ୍‌ପି କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ ପରେ ଆମକୁ ନିଯୁକ୍ତି ପ୍ରଦାନ କରାଯାଇଥିଲା। ଏବେ ହଠାତ କାହା ଇଙ୍ଗୀତ ଓ ପ୍ରେରଣାରେ ଆମକୁ ପୁନଃ ତଦନ୍ତର ସମ୍ମୁଖୀନ ହେବାକୁ ଡକାଯାଉଛି ସେନେଇ ସ୍ୱଷ୍ଟ କରାଯାଉ। ଏହାଛଡା କିଏ ଅସଲରେ ନିଯୁକ୍ତି ପାଇଛନ୍ତି ଓ ଆଉ କିଏ ଚଞ୍ଚକତା କରି ଚାକିରୀ ପାଇଛି ସେକଥା ଆରଏସ୍‌ପି ଓ ଜିଲା ପ୍ରଶାସନକୁ ଆମଠୁ ଅଧିକ ଜଣା। ଏପରି ଅବସ୍ଥାରେ ଏତେ ବଡ ଅଭିଯୋଗ ପଛରେ ନିଶ୍ଚିତ ଷଡଯନ୍ତ୍ର ରହିଛି ବୋଲି ଅଭିଯୋଗକାରୀ କହିଛନ୍ତି।



ବିଧାୟକ ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଆସିଥିବା ନୋଟିସ ପାଇଥିବା କର୍ମଚାରୀ।

ଏନଇ ବୀରମିତ୍ରପୁର ବିଧାୟକ ତଥା କଂଗ୍ରେସ ନେତା ଜର୍ଜ ତିର୍କୀ ଓ ଶ୍ରମିକ ନେତା ଗୋପାଳ ଦାସ ଏହାକୁ ଏକ ଫାର୍ସ ବୋଲି ଅଭିହିତ କରିଛନ୍ତି। ତିର୍କୀ କହିଛନ୍ତି, ଦୀର୍ଘ ୨୦ ବର୍ଷ ପରେ ଏଭଳି ଅବାନ୍ତର ଓ ଅଯୌକ୍ତିକ ପ୍ରସଙ୍ଗର କିଛି ମାନେ ନାହିଁ। ଯଦି ଏପରି ଅଭିଯୋଗ ହେଉଛି ତା'ହେଲେ ଯେଉଁ ଅଧିକାରୀ ନକଲି ବିସ୍ଥାପିତଙ୍କୁ ଚାକିରି ଦେବାକୁ ନିଷ୍ପତ୍ତି ନେଇଥିଲେ ପ୍ରଥମେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଜଣେ କି ଦୁଇ ଜଣ କିଏ ଏମିତି ଚାକିରି କରିଥିଲେ ତାହା ଭିନ୍ନ ହୋଇଥାନ୍ତା। ଏତେ କେମିତି ନକଲି ହେଲେ ତାହା ବୁଝା ପଡୁନି ବୋଲି ତିର୍କୀ ଓ ଗୋପାଳ ଦାସ କହିଛନ୍ତି। ରାଜନୈତିକ ଉଦ୍ଦେଶ୍ୟ ଓ ପ୍ରକୃତ ବାସଚ୍ୟୁତଙ୍କ ଦାବିରୁ ନଜର ହଟାଇବାକୁ ଏଭଳି ଅଭିଯୋଗ ଉଦ୍ଦେଶ୍ୟ ମୂଳକ ଭାବେ କରାଯାଉଛି ବୋଲି ଜର୍ଜ ସନ୍ଦେହ ବ୍ୟକ୍ତ କରିଛନ୍ତି। ଗତ ୬ଦଶନ୍ଧି ପରେ ବିସ୍ଥାପିତଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ବାସ୍ତବ ସ୍ଥିତିରୁ ମୁହଁ ଫେରାଇବାକୁ ଏଭଳି ଷଡଯନ୍ତ୍ର ରଚାଯାଇଛି। ଏହାକୁ ବରଦାସ୍ତ କରାଯିବ ନାହିଁ। ଆବଶ୍ୟକ ହେଲେ ୬ ଶହ ଚାକିରିଆ ପରିବାର ଏଡିଏମଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ବାଧ୍ୟ ହେବେ ବୋଲି ସେ କହିଛନ୍ତି। ଏଡିଏମ ମନିଷା ବାନାର୍ଜୀ ଅଭିଯୋଗକାରୀଙ୍କୁ କହିଛନ୍ତି, କେନ୍ଦ୍ର ଅନୁସୂଚୀତ ଜନଜାତି କମିଶନଙ୍କ ନିର୍ଦ୍ଦେଶ କ୍ରମେ ଏଭଳି ଯାଞ୍ଚ କରାଯାଉଛି।



ଟୁର୍ନାମେଣ୍ଟ ପୂର୍ବରୁ ଦୁଇଦଳର ଖେଳାଳି।

ଆନ୍ତଃ ଏକାଡେମୀ ହକି ଟୁର୍ନାମେଣ୍ଟ

# ପାନପୋଷ କ୍ରୀଡ଼ା ଛାତ୍ରାବାସ ବିଜୟୀ

**ରାଉରକେଲା ଅଫିସ,୨୪।୯**

ପାନପୋଷ କ୍ରୀଡା ଛାତ୍ରାବାସ ପରିସରରେ ଆୟୋଜିତ ଆନ୍ତଃ ଏକାଡେମୀ ହକି ଲିଗ୍ ପ୍ରତିଯୋଗିତାର ୪ର୍ଥ ଦିନରେ ୨ଟି ଖେଳ ଅନୁଷ୍ଠିତ ହୋଇଥିଲା। ୨ୟ ଦିନରେ ପାନପୋଷ କ୍ରୀଡା ଛାତ୍ରାବାସ ଓ ଭୋପାଳସ୍ଥିତ ହକି ଏକାଡେମୀ ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ପାନପୋଷ କ୍ରୀଡା ଛାତ୍ରାବାସ ଦଳ ୨-୧ ଗୋଲରେ ଭୋପାଳକୁ ପରାସ୍ତ କରିଥିଲା। ସେହିପରି ୨ୟ ମ୍ୟାଚ୍ ସ୍ପୋର୍ଟର୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ) ଓ କ୍ରୀଡା ଛାତ୍ରାବାସ ସୁନ୍ଦରଗଡ଼ର ସେଲ ହକି ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମରୁ ଶେଷ ଯାଏ ସଂଘର୍ଷପୂର୍ଣ୍ଣ ରହିଥିବା ଏହି ଖେଳ ଶେଷରେ ୧-୧ ଗୋଲରେ ଅମୀମାଂସିତ ରହିଥିବା ଆୟୋଜକ କମିଟି ପକ୍ଷରୁ କୁହାଯାଇଛି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT
7749095348, 8249919890

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527
+91 8126673652
ଠକମାନଙ୍କ ପ୍ରତି ସାବଧାନ

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ। (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

ମୋବାଇଲ ଉପକରଣ
ଆମ୍ବନୀ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odi577407)। ଖାଲି ଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ 70,000,00 ଭଡ଼ା 50,000 + ଏକ ବାଇକ୍ + 1 ଲାପ୍‌ଟପ୍ ଫ୍ରି + ମାସିକ 60,000ର ଅନ୍ୟାନ୍ୟ ସୁବିଧା। (ଇଚ୍ଛୁକ ବ୍ୟକ୍ତି ନାମ-ଠିକଣା ଏସ୍ଏମ୍ଏସ୍/ଫୋନ୍ କରନ୍ତୁ)
9634734514
23/315, Block-23, Trilok Puri, Delhi

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

ଇନ୍‌ଫ୍ରା ଟେଲିକମ୍ ନେଟ୍‌ୱର୍କ କମ୍ପାନୀ
ଖାଲି ଜମି, ଚାଷଜମି, ଛାତ ଯେକୌଣସି ସ୍ଥାନରେ ନେଟ୍‌ୱର୍କ ଉପକରଣ ସ୍ଥାପନ କରନ୍ତୁ। ଅଗ୍ରିମ 30-90 ଲକ୍ଷ। ଭଡ଼ା - 30ରୁ 90 ହଜାର। ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଏବଂ ନେଟ୍‌ୱର୍କ ଉପକରଣ ସ୍ଥାପନ + ମାଗଣା ମୋବାଇଲ, ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧାସୁଯୋଗ।
ନାମ ଓ ଠିକଣା ଦିଅନ୍ତୁ ତା'ପରେ ଆମେ ଆପଣଙ୍କୁ ସର୍ଭେ ଫଳାଫଳ ଦେବୁ।
Address:- Head Office
G-79 Aadrsh Nagar Krolbagh Delhi
Contact: 8009586581, 8881393751

DOORSANCHAR YOJNA
(A GOVT. APPROVED)
ସରକାରୀ ଯୋଜନାରେ ଅନ୍ତର୍ଗତ ଯାନ୍ତ୍ରିକ ଉପକରଣ ଗୁଡିକ ନିଜର ପ୍ଲଟ୍, କ୍ଷେତ, ଛାତ ଉପରେ ଶତ ପ୍ରତିଶତ ଗ୍ୟାରେଣ୍ଟେଡ୍ ଶୀଘ୍ର ଲଗାନ୍ତୁ
ଭଡା- ୧୨୦୦୦୦/- + ଆଡଭାନ୍‌ସ- ୧ କୋଟି ୨୦ ଲକ୍ଷ + କୋର୍ଟ ଏଗ୍ରିମେଣ୍ଟ
୨ ଚାକିରୀ + ରହିବା + ଖାଇବା Free
Office No.413, Commercial Complex, Paschim Vihar, New Delhi-64
08076675193
08700152155

ASHOKA FINANCE
ଫାଇନାନ୍ସ
ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୧୩୮୦ରେ (୧-୯୦ ଲକ୍ଷ) ପର୍ଯ୍ୟନ୍ତ 0% ସୁଧ, ୬୦% ରିହାତି। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍‌ଚର, ରାଶନକାର୍ଡ, ଆଧାର କାର୍ଡ ସମସ୍ତ ଋଣ ୪୮ ଘଣ୍ଟାରେ।
H-33, Aroda, G. Noida, Delhi
8743042068
7900883466

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠ୍‌କରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

FINANCE
ନବରାତ୍ର ଋଣ ଧମାକା। ଭାରତର ସବୁଠାରୁ ବଡ କମ୍ପାନୀ Kuber Finance ୧୨ଘଣ୍ଟା ମଧ୍ୟରେ ଯୋଗାଇ ଦେଉଛି 2% ବାର୍ଷିକ ସୁଧରେ ମାର୍କଶିଟ, ଆଧାରକାର୍ଡ, ପ୍ରପର୍ଟି, ବ୍ୟବସାୟ, ପ୍ରୋଜେକ୍ଟ ଋଣ। ମହିଳା ଓ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର 50% ରିହାତି। ଅନଲାଇନ ଠକେଇ ପ୍ରତି ସାବଧାନ।
9634685376
7895118679

ଫାଇନାନ୍ସ
ଓଡ଼ିଶା ଫାଇନାନ୍ସ ଭାରତୀୟ ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ସରକାରୀ ଜନକଲ୍ୟାଣ ଯୋଜନା ଦ୍ୱାରା ସବୁ ପ୍ରକାର ଋଣ ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ, କୃଷି, ରାଶନକାର୍ଡ ସମସ୍ତ ଋଣ ୪୦% ସବ୍‌ସିଡି, ୨% ସୁଧ। (ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ)
9193648143
9193648156
Koharaulia, Liladewa, Sonbhadra Yogichaura, Uttar Pradesh, 231222

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ।
Stockist-Odisha Drug Distributor
Cell: 7873239883

ଠକମାନଙ୍କ ପ୍ରତି ସାବଧାନ
ନଂ.1 Govt. Approved Vision Group ଦ୍ୱାରା ଆପଣଙ୍କ ଖାଲି ଜମି, ପ୍ଲଟ୍‌ରେ ଡିଜିଟାଲ ଉପକରଣ ଲଗାନ୍ତୁ ମାତ୍ର 7 ଦିନରେ ଏବଂ ପାଆନ୍ତୁ: ଭଡ଼ା- 60,000/-, ଅଗ୍ରିମ- 45 ଲକ୍ଷ। ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ।
ପୂଜା ବର୍ମା
7526990563
A-65 - Anoop Nagar, Block-A, Bindapur, Indore

Ambujha Group
Govt. Registered Gold Medalist
କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, ପ୍ଲଟ୍‌ରେ ସବୁ କମ୍ପାନୀର ଡିଜିଟାଲ୍ ଉପକରଣ ଲଗାନ୍ତୁ। ଅଗ୍ରିମ ୨୦ ଲକ୍ଷ, ଭଡ଼ା - 45,000/- + ବାଇକ୍ ଓ ଅନ୍ୟାନ୍ୟ ସୁବିଧା ପାଆନ୍ତୁ।
9671892171
7060089488
WZ-94B, TF, Gali No.3, Guru Nanak Nagar, Delhi

FINANCE
କମ ସୁଧ ଆକର୍ଷଣୀୟ ଛାଡ
Maa mangalam Finance
ସମସ୍ତ ଋଣ ୩ରୁ ୬ ଦିନ ମଧ୍ୟରେ ଘରେ ବସି ପାଆନ୍ତୁ। ଉଦ୍ୟୋଗ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ ଋଣ ଉପଲବ୍ଧ। ୩୦ହଜାର ପର୍ଯ୍ୟନ୍ତ ମହିଳାଙ୍କ ଗ୍ରାହକଙ୍କ ପାଇଁ ବିଶେଷ ଛାଡ। (ସର୍ତ୍ତାବଳୀ ଲାଗୁ)
E-36, Ground Floor, Krishna Apartment Boring Rd, Patna-24
9546657102

SMS JOB
କମ୍ପାନୀରେ SMS JOB କରି Part/Full Time ଘରେବସି ଶିକ୍ଷିତ ବେରୋଜଗାର ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
କମ୍ପାନୀ ଦ୍ୱାରା Mobile+Laptop+ Bike + ୫୦୦୦୦ର ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
09631847145
09006905977

FINANCE
ଭାରତ ସରକାର ରେଜିଷ୍ଟର୍ଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ୍, ବିଜ୍‌ନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି ବିଦ୍ୟାର୍ଥୀ ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର।
ଅଧିକ ବିବରଣୀ ପାଇଁ ସମ୍ପର୍କ କରନ୍ତୁ
31 UA, Bangalow Road, Kamla Nagar, New Delhi
7751976559

FINANCE
P.M.J.S.Y ସମସ୍ତ ଆଧାରକାର୍ଡ ଧାରକମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ ସୁଧରେ ସବୁ ପ୍ରକାର ଋଣ ଯୋଗାଇ ଦେଉଛି। ଋଣ ପଇସା ୪୮ ଘଣ୍ଟା ଭିତରେ ବ୍ୟାଙ୍କ ଆଉଣ୍ଟ ଖାତାରେ ଟ୍ରାନ୍ସଫର ହେବ। 30% ସବସିଡି।
Ameerpt, Hyderabad
Pin- 5000106 (Telengana)
7787922501
7787907927
pmjansamridhi@gmail.com

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

| TARIFF | For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|---|
| | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

MORE SPACE • SAME PRICE
*GST 5% Extra

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପକୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7750921669
8337956019

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ।
ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ୍, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ।
DHANLAXMI FINANCE
Ram Nagar, Narnel, Haryana
7310612716
7310613702

!! ବିନା ଗ୍ୟାରେଣ୍ଟର!!
ମହାବୀର ଫାଇନାନ୍ସ
ସ୍ୱରୋଜଗାର ପାଇଁ ଅଷ୍ଟମ/ଦଶମ ପାସ୍ ମହିଳା / ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ, 25% ରିହାତି
20 ବର୍ଷରେ ଫେରସ୍ତ
7292015349
8447083534
41/14, SECTOR-1, PUSHP VIHAR, DELHI-110017


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ**

ନୂଆପଡ଼ା ଜିଲା ଖଡିଆଳ ସହର ଲକ୍ଷ୍ମିଚୌକଠାରେ ଗଜଲକ୍ଷ୍ମୀ ପୂଜା ଆସନ୍ତା ଅକ୍ଟୋବର ୨୩ରୁ ୨୮ ତାରିଖ ୬ଦିନ ବ୍ୟାପି ଅନୁଷ୍ଠିତ ହେବ । ଏ ନେଇ ସୋମବାର ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି ।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

**ସିନାପାଲି,୨୪।୯(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ନିକଟସ୍ଥ ଉଦନ୍ତୀ ନଦୀ ଧୋବାଘାଟ ପୋଲ ନିକଟରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ମୃତ୍ୟୁ ହୋଇଥିବା ଖବର ମିଳିଛି । ମୃତ ଯୁବକ ହେଲେ ହେମନ୍ତ ରଣା (୩୫) । ପ୍ରାପ୍ତ ଖବର ଅନୁସାରେ ସିନାପାଲି ବ୍ଲକ ଅନ୍ତର୍ଗତ ମଖାପଦର ଗ୍ରାମପଞ୍ଚାୟତ ଲିଆଡ ଗ୍ରାମର ହେମନ୍ତ ସୋମବାର ସକାଳୁ ପେଟ୍ରୋଲ ନେବାକୁ ବାଇକରେ (ନଂ.ଓଡି୨୬ଏ୮୩୬୬) ସିନାପାଲି ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି । ଘଟଣାସ୍ଥଳରେ ସିନାପାଲି ପୋଲିସ ପହଞ୍ଚି ଶବ ଜବତ କରି ଘଟଣାର ତଦନ୍ତ କରିଛି । ଘଟଣାର ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ଯୋଜନା ବଦ୍ଧ ହତ୍ୟାକାଣ୍ଡ ବୋଲି ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି ।

### ୟୁରିଆ ସାର ମିଳୁନି, ଚିନ୍ତାରେ ଚାଷୀ

**ଖଡିଆଳ,୨୪।୯(ଡି.ଏନ.ଏ.)**

ସରକାର କୃଷି ଓ କୃଷକଙ୍କ ବିକାଶ ପାଇଁ ସୁଲଭ ଓ ରିହାତି ମୂଲ୍ୟରେ ବିହନଠାରୁ ଆରମ୍ଭ କରି ସାର, କୀଟନାଶକ ଔଷଧ ଆଦି ଯୋଗାଇ ଦିଆଯାଉଥିବା ନେଇ ପ୍ରଚାର ପ୍ରସାର କରୁଛନ୍ତି । ବାସ୍ତବରେ ଏହା ପ୍ରହସନରେ ପାଲଟିଛି । ଯାହାର ନଜିର ଦେଖିବାକୁ ମିଳିଛି ନୂଆପଡା ଜିଲାର ଖଡିଆଳ ଅଞ୍ଚଳରେ ।

ବର୍ଷା ଅଭାବରୁ ଖଡିଆଳ ବ୍ଲକରେ ମରୁଡି ପରିସ୍ଥିତି ଦେଖାଦେଇଛି । ଏହାକୁ ନେଇ ଚାଷୀ ଚିନ୍ତାରେ ପଡ଼ିଛନ୍ତି । ଏହା ସତ୍ତ୍ୱେ ମଧ ଚଳିତବର୍ଷ ଚାଷୀ ଘରେ ଥିବା ସୁନାଗହଣା ବନ୍ଧକ ରଖିବା ସହ ଧାରଉଧାର କରି ଚାଷ କରିଥିଲେ। ଚାଷ ମଧ କିଛି କାଂଶରେ ଭଲ ହୋଇଛି । ଆଉ କିଛି ଦିନ ଅପେକ୍ଷା ପରେ ଧାନ କେଣ୍ଡା ବାହାରିବ । ଏହିପରି ସ୍ଥିତିରେ ଚାଷ ଜମିରେ ୟୁରିଆ ସାର ଦେବା କଥା । ହେଲେ ବର୍ତ୍ତମାନ ଖଡିଆଳ ଅଞ୍ଚଳରେ ୟୁରିଆ ସାରର ଅଭାବ ପରିଲକ୍ଷିତ ହେଉଅଛି । ରାଜ୍ୟ ସରକାର କହୁଛନ୍ତି ସେବା ସମବାୟ ଆପଣଙ୍କ ଦ୍ୱାରରେ ଏବଂ ସମବାୟ ମାଧମରେ ରିହାତି ଦରରେ ସାର ଯୋଗାଉଥିବା ମଧ କହୁଛନ୍ତି । ହେଲେ ଖଡିଆଳ ବ୍ଲକରେ ଥିବା ସେବା ସମବାୟ ସମିତିଗୁଡିକରେ ତାଲା ଝୁଲୁଛି । ଚାଷୀ ସାର ଆଣିବାକୁ ଆସି ନିରାଶରେ ଖାଲି ହାତରେ ଫେରି ଯାଉଛନ୍ତି। କେବଳ ସେତିକି ନୁହେଁ ସରକାର ୟୁରିଆ ସାର ୫୦ କେଜି ପ୍ୟାକେଟ୍ ପ୍ରତି ୨୭୦ ଟଙ୍କା ରିହାତି ମୂଲ୍ୟରେ ସାର ଯୋଗାଉଥିବା କହୁଥିବା ବେଳେ ୟୁରିଆ ମିଳୁ ନ ଥିବାରୁ ପ୍ୟାକେଟ ପ୍ରତି ୩୮୦ରୁ ୪୦୦ ଟଙ୍କା ଚଢ଼ା ଦରରେ ଚାଷୀ କିଣୁଥିବା ଅଭିଯୋଗ ହୋଇଛି । ଏ ନେଇ ଜିଲା କୃଷି ଅଧିକାରୀ ନରୋତ୍ତମ ବେହେରାଙ୍କୁ ପଚାରିବାରେ ମୁଁ ଏ ବିଷୟରେ କିଛି କହି ପାରିବି ନାହିଁ ଏଡାଇ ଦେଇଥିଲେ । ଏଥିରେ ସ୍ପଷ୍ଟ ଅନୁମେୟ ଯେ, କୃଷି ଓ କୃଷକର ବିକାଶ ପାଇଁ କୃଷି ବିଭାଗ କେତେ ତତ୍ପର ।

### କୋଶଲ ଭାଷାର ଗବେଷଣା କେନ୍ଦ୍ରର ନୂଆଁଖାଇ ଭେଟ

# ନୂଆଁଖାଇ ବସୁଧୈବ କୁଟୁମ୍ବକମ୍‌ର ବାର୍ତ୍ତା ଦେଇଥାଏ

**ନୂଆପଡା ଅଫିସ,୨୪।୯**

ନୂଆଁଖାଇ ଏକ ପର୍ବ ନୁହେଁ । ଏହା ବରଂ ଏକ ଅଭିଯାନ । ଏହାର କଳେବର ବର୍ତ୍ତମାନ କେବଳ ପଶ୍ଚିମ ଓଡିଶା ଭିତରେ ସୀମିତ ହୋଇ ରହିନାହିଁ । ଏହା ବିଶ୍ୱର କୋଣ ଅନୁକୋଣରେ ପାଳନ କରାଯାଉଛି। ଏହା ଏକ ବସୁଧୈବ କୁଟୁମ୍ବକମର ବାର୍ତ୍ତା ଦେଇଥାଏ ବୋଲି ସ୍ଥାନୀୟ କୋଶଲୀ ଭାଷାର ଗବେଷଣା କେନ୍ଦ୍ର ତରଫରୁ ଅନୁଷ୍ଠିତ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଏହି ମତ ପ୍ରକାଶ ପାଇଛି । ସୋମବାର ରାତିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନ ସଭାପତି ତଥା ବାର ଆସୋସିଏଶନ ସଭାପତି ପ୍ରସନ୍ନ କୁମାର ପାଢୀ ସଭାପତିତ୍ୱ କରିଥିବାବେଳେ କୋମନା ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର ମୁଖ୍ୟଅତିଥି, କଳାହାଣ୍ଡି ନର୍ଲାର ସୁଶାନ୍ତ କୁମାର ମିଶ୍ର, ସଂଗ୍ରାମ କେଶରୀ ସାମନ୍ତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କୋଶଳ ରତ୍ନ ପ୍ରୟାଗ ଦତ ଯୋଷୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରାଯାଇଥିଲା। ଏହା ପରେ ପରସ୍ପର ମଧ୍ୟରେ ନୂଆଁଖାଇ ଜୁହାର ଭେଟ ହୋଇଥିଲା । ଏହି ଅବସରରେ ସଙ୍ଗଠନ ସମ୍ପାଦକ ସୁରଜିତ ସିଂ ମହାରଥା ଅନୁଷ୍ଠାନ କିପରି କୋଶଳାଞ୍ଚଳର ମୁଖ୍ୟ ପର୍ବ ନୂଆଁଖାଇକୁ ପାରମ୍ପରିକ ରୀତିରେ ପାଳନ କରୁଛି। ଏଥିରେ କୋଶଳ ଭାଷା ଏବଂ ସଂସ୍କୃତିକୁ କିପରି କୋଣ ଅନୁକୋଣରେ ପହଞ୍ଚାଯାଇ ପାରିବ ସେଥିପାଇଁ ପ୍ରୟାସ କରି ଆସୁଛି । ଏହି ଅନୁଷ୍ଠାନ କୋଶଳ ଭାଷା ଏବଂ ସଂସ୍କୃତିର ଅଗ୍ରଧୂତ ଭାବେ କାର୍ଯ୍ୟ କରୁଥିବା କହିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତାମାନ ହୋଇଥିଲା।



କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି ।

- ଯୋଗଦେଲେ କୋଶଳୀ ନେତୃବର୍ଗ
- ବିଭିନ୍ନ ପ୍ରତିଯୋଗୀତା ସମ୍ପନ୍ନ

ଏଥିରେ ଜିଲାର ବିଭିନ୍ନ ପ୍ରାନ୍ତରୁ ୩୬ଟି ଦଳ ଏବଂ ଏକକ ନୃତ୍ୟ ପ୍ରତିଯୋଗୀତା ହୋଇଥିଲା । ଏଥିରେ ସ୍ନେହା ସ୍ନିଗ୍ଧା ଓ ଗ୍ରୁପ ପ୍ରଥମ, ହଂସୁଜା ଜେନା ଦ୍ୱିତୀୟ ଏବଂ ସାନଭି ବେଜୋ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଶିକ୍ଷାବିତ ଶଙ୍କର୍ଷଣ ପୁରୋହିତ ମଞ୍ଚ ପରିଚାଳନା କରିଥିବା ବେଳେ ମଳୟ ରଞ୍ଜନ ମଣ୍ଡଳ ନୃତ୍ୟ ପ୍ରତିଯୋଗୀତା ପରିଚାଳନା କରିଥିଲେ । ସଞ୍ଜୟ କୁମାର ପାଢୀ ଧନ୍ୟବାଦ ଦେଇଥିଲେ । ଜୁହାର ଭେଟ କାର୍ଯ୍ୟକ୍ରମକୁ ପରିଚାଳନାରେ ଲୋକନାଥ ରଥ, ଫକୀର ପାଢୀ, ବିଭୁ ମିଶ୍ର, ଅବନୀ ଯୋଷୀ, ପ୍ରବୋଧ କୁମାର ହୋତା ପ୍ରମୁଖ ସହଯୋଗ କରିଥିଲେ।

# ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ

**ଖଡିଆଳ,୨୪।୯(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡିଆଳ ସହର ଲକ୍ଷ୍ମିଚୌକଠାରେ ଗଜଲକ୍ଷ୍ମୀ ପୂଜା ଆସନ୍ତା ଅକ୍ଟୋବର ୨୩ରୁ ୨୮ ତାରିଖ ୬ଦିନ ବ୍ୟାପି ଅନୁଷ୍ଠିତ ହେବ। ଏ ନେଇ ସୋମବାର ଅନୁଷ୍ଠିତ ଏକ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଚଳିତବର୍ଷ ଏହା ୩୫ ବର୍ଷରେ ପଦାର୍ପଣ କରିଛି । ପ୍ରତିବର୍ଷ ସ୍ୱତନ୍ତ୍ର ରୀତିନୀତି ଅନୁସାରେ ଧୁମଧାମରେ ପୂଜା ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଚଳିତବର୍ଷ ମଧ ଧୁମଧାମରେ ମା' ଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି । ଚଳିତବର୍ଷ ଆକର୍ଷଣୀୟ ମେଢ଼ ସାଙ୍ଗକୁ ସୁସଜ୍ଜିତ ଆଲୋକ ସଜ୍ଜାରେ ସଜ୍ଜିତ କରିବା ନେଇ ନିଷ୍ପତ୍ତି ନିଆଯାଇଛି । ପୂଜାକୁ ଆକର୍ଷଣୀୟ କରିବା ପାଇଁ ୫ ଦିନ ଧରି ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ପୂଜା ପାଇଁ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା ହେବା ସହ ଚଳିତବର୍ଷର ପୂଜା ପାଇଁ ଏକ କମିଟି ଗଠନ ହୋଇଥିଲା । ଏଥିରେ ଅଧିରାଜ ପାଣିଗ୍ରାହୀ ସଭାପତି, ସୁନୀଲ ନାଗ ସମ୍ପାଦକ, ନିର୍ମଳ ଦଣ୍ଡସେନାଙ୍କୁ କୋଷାଧ୍ୟକ୍ଷ ଭାବରେ ମନୋନୀତ କରାଯାଇଥିଲା । ବୈଠକରେ ଆହ୍ୱାନ ଯୋଶୀ, ଦେବଦତ୍ତ ଯୋଶୀ, ପ୍ରଦୀପ ମହାନା, ଆଶୁତୋଷ ଯୋଶୀ, ମିନା ମୁଣ୍ଡ, ଦୁର୍ବାଦଳ ଖମାରୀ, ଶୈଳେନ୍ଦ୍ର ପାଣିଗ୍ରାହୀ, ସୁମନ ମହାଉତିଙ୍କ ସମେତ କମିଟିର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।



ଖଡିଆଳ ସହର ଲକ୍ଷ୍ମିଚୌକଠାରେ ଗଜଲକ୍ଷ୍ମୀ ପୂଜା ପାଇଁ ଆଲୋଚନା କରାଯାଉଛି ।

# କଂଗ୍ରେସର ମୋ ବୁଥ୍, ମୋ ଗୌରବ କାର୍ଯ୍ୟକ୍ରମ

**ଜୁନାଗଡ,୨୪।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଗୌଡଛେଣ୍ଡିଆ ପଞ୍ଚାୟତ କାନ୍ଦୁଲବନ୍ଦ ଓ ଚିକିଲିଠାରେ ରବିବାର କଂଗ୍ରେସର ମୋ ବୁଥ, ମୋ ଗୌରବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜୋନ ସଭାପତି ତଥା ଯୁବ ଆଇନଜୀବୀ ଚିତ୍ତ ରଞ୍ଜନ ନିଆଲଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ନିଳମଣି ପୁଞ୍ଜି, ଗୋକୁଳ ନାଗ, ଗଗନେଶ୍ୱର ଠାକୁର, ଦୁର୍ବଳ ବାଗ, ବସନ୍ତ ଛତ୍ରିଆ, ଦେବୀ ପ୍ରସାଦ ମୁଣ୍ଡ, ଦୁର୍ଯ୍ୟନ ନାଗ, ଦୁର୍ବାସ ଦୁର୍ଗା, ପଙ୍କଜ ନାଗ, ସନ୍ତୋଷ ମୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ। ତୃଣମୂଳ ସ୍ତରରେ କଂଗ୍ରେସର ସଙ୍ଗଠନ କିପରି ମଜଭୁତ ହୋଇ ପାରିବ ସେ ନେଇ ଆଲୋଚନା କରାଯାଇଥିଲା। ଏହା ସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଫଳତା ଉପରେ ସମାଲୋଚନା କରାଯାଇଥିଲା। ସେହିପରି କାନ୍ଦୁଲବନ୍ଦର ନୂତନ ବୁଥ ସଭାପତି ଭାବେ ରୁଗଧର ମାଝି ଓ ଚକିଲି ପାଇଁ ଅମରସିଂ ମାଝିଙ୍କୁ ମନୋନୀତ କରାଯାଇଛି।



ମୋ ବୁଥ୍, ମୋ ଗୌରବ କାର୍ଯ୍ୟକ୍ରମରେ ମଞ୍ଚାସୀନ କଂଗ୍ରେସ କର୍ମୀମାନେ ।

## ଏସିଆନ ସ୍କୁଲ ଫୁଟବଲ ଚାମ୍ପିୟନଶିପ୍ ପାଇଁ ନବୀନ ନାଏକ ରେଫରି ମନୋନୀତ

**ଭବାନୀପାଟଣା,୨୪।୯(ଡି.ଏନ.ଏ.)**

ଆଗ୍ରାଠାରେ ଚାଲିଥିବା ୪୬ତମ ଏସିଆନ ସ୍କୁଲ ଅଣ୍ଡର ୧୮ ଫୁଟବଲ ଚାମ୍ପିୟନଶିପ୍‌ରେ ରେଫରି ପାଇଁ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ନବୀନ ନାଏକ ମନୋନୀତ ହୋଇଛନ୍ତି। ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଚାମ୍ପିୟନ୍‌ଶିପ୍‌ରେ କେସିଙ୍ଗା ଭଳି ଏକ ସହରର ସେ ମନୋନୀତ ହୋଇଥିବାରୁ ଜିଲା କ୍ରିଡା ସଂସ୍ଥା, ମହାବୀର ସାଂସ୍କୃତିକ ଅନୁଷ୍ଠାନ, ଲେଖକ କଳା ପରିଷଦ, ଜିଲା କଳାକାର ସଂଘ ଓ କ୍ରିଡାବିତ୍ ମହଲରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି । କେସିଙ୍ଗା ବିଦ୍ୟାପିଠରେ କ୍ରିଡା ଶିକ୍ଷକ ଭାବେ କାର୍ଯ୍ୟରତ ନାଏକ ୨୦୧୬ରେ କୋରିଆ, ୨୦୧୭ରେ ଇରାନ୍ ଓ ୨୦୧୮ ଭାରତର ବିଭିନ୍ନ ସ୍ଥାନରେ ରେଫରି ଭାବେ କାର୍ଯ୍ୟ ତୁଲାଇଛନ୍ତି ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ ସାମାଜିକ ସମୀକ୍ଷା

**ସେରଗଡ଼,୨୪।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ସେରଗଡ଼ ପଞ୍ଚାୟତଠାରେ ୨୦୧୭-୧୮ବର୍ଷର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସାମାଜିକ ସମୀକ୍ଷା ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବ୍ଲକ ସାମାଜିକ ସମୀକ୍ଷକ ଉତ୍ତମ କୁମାର ସାହୁ, ରୁପ୍ରା ଓ ଘୋଡ଼ାବନ୍ଧ ଗ୍ରାମପଞ୍ଚାୟତ ଗ୍ରାମ ସାଧନ କର୍ମୀ ସୁଜାତା ବିହାରୀ ଓ ନଳିନୀ ଦୀପ ଯୋଗଦେଇ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ୧୦ଟି ପ୍ରମୁଖ ଧାରା ବିଷୟରେ ହିତାଧିକାରୀଙ୍କୁ ଅବଗତ କରାଇଥିଲେ। ବୈଠକରେ ବହୁ ହିତାଧିକାରୀ, ଜବ୍ କାର୍ଡ଼ଧାରୀ ଶ୍ରମିକମାନେ ପ୍ରଧାନମନ୍ତ୍ରୀ ବାସଗୃହ, ଗାଈ ଗୁହାଳ, ଛେଳି ଗୁହାଳ ଏବଂ ମୃତ୍ତିକା ସଂରକ୍ଷଣ ବିଭାଗ ବିଭିନ୍ନ କାର୍ଯ୍ୟରେ କାମ କରିଥିଲେ ଶୁଦ୍ଧା




ସମୀକ୍ଷା ବୈଠକରେ ଯୋଗଦେଇଥିବା ସାମାଜିକ ସମୀକ୍ଷକ, ଗ୍ରାମ ସାଧନ କର୍ମୀ ।

ବର୍ଷବର୍ଷ ଧରି ଟଙ୍କା ପାଇପାରୁ ନ ଥିବା ସମୀକ୍ଷା ବୈଠକରେ ଅଭିଯୋଗ ଆଣିଥିଲେ । ବୈଠକରେ ବ୍ରଜବନ୍ଧୁ ବାଗ୍ ସଭପତିତ୍ୱ କରିଥିବା ବେଳେ ଲେଖକ ଭାବେ ୱାର୍ଡ଼ମେମ୍ବର କହ୍ନେଇ ପଧାନ, ସରପଞ୍ଚ ପ୍ରହଲ୍ଲାଦ ସାହୁ, ପି.ଇ.ଓ. ଦେବରାଜ ରଣା ଓ ସମସ୍ତ ୱାର୍ଡ଼ମେମ୍ବର ଉପସ୍ଥିତ ଥିଲେ ।

# ଅଙ୍ଗନୱାଡ଼ି କେନ୍ଦ୍ରରେ ବଣ୍ଟନ ଛତୁଆ, ହାଲୁଆରେ ପୋକ

**ଖଡିଆଳ,୨୪।୯(ଡି.ଏନ.ଏ.)**

ସରକାର ପୃଷ୍ଟିହୀନତାକୁ ରୋକିବା ପାଇଁ ଗାଁରେ ଅଙ୍ଗନୱାଡି କେନ୍ଦ୍ର କର୍ମୀଙ୍କ ମାଧ୍ୟମରେ ନବଜାତ ଶିଶୁମାନଙ୍କଠୁ ଆରମ୍ଭ କରି ୩ବର୍ଷର ଶିଶୁମାନଙ୍କ ପର୍ଯ୍ୟନ୍ତ ଶିଶୁମାନଙ୍କୁ ପୃଷ୍ଟିସାର ଜନିତ ଖାଦ୍ୟ ସ୍ୱରୂପ ଛତୁଆ, ଗର୍ଭବତୀ ମହିଳାଙ୍କ ପାଇଁ ହଲୁଆ ବଣ୍ଟନ କରୁଛନ୍ତି । ବଣ୍ଟନ ଛତୁଆ ଓ ହାଲୁଆରେ ପୋକ ଥିବା ଘଟଣା ସାମନାକୁ ଆସିଛି । ନୂଆପଡା ଜିଲା ଖଡିଆଳ ବ୍ଲକ ଲୋହୋରାପାଲି ଗାଁରେ ଏହିପରି ଘଟଣା ଦେଖିବାକୁ ମିଳିଛି।

ଲୋହୋରାପାଲି ଗାଁର ୧ ନଂ. ଗଙ୍ଗନୱାଡି କେନ୍ଦ୍ର ପକ୍ଷରୁ ଗତ ୨୨ ତାରିଖରେ ସ୍ଥାନୀୟ ଅଙ୍ଗନୱାଡି କର୍ମୀଙ୍କ ମାଧ୍ୟମରେ ଛତୁଆ ଓ ହାଲୁଆ ବଣ୍ଟନ ହୋଇଥିଲା । ଉକ୍ତ ଛତୁଆ ଓ ହାଲୁଆକୁ ଖାଇବା ପାଇଁ ପକେଟ ଖୋଲିବାରୁ ସେଥିରେ ପୋକ ଥିବା ଦେଖିବାକୁ ମିଳିଥିଲା । ଏହାକୁ ନେଇ ଗାଁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । କେବଳ ସେତିକି ନୁହେଁ ଉକ୍ତ ଛତୁଆ ଓ ହାଲୁଆକୁ ଗାଁର କିଛି ମହିଳା ତିଆରି କରି ନିଜ ଶିଶୁକୁ ଖାଇବାକୁ ଦେଇଥିଲେ । ଉକ୍ତ ଛତୁଆକୁ ଖାଇବାରୁ ଶିଶୁମାନଙ୍କୁ ଝାଡା ହୋଇଥିବା ମଧ ଅଭିଯୋଗ ହୋଇଛି । ଏ ନେଇ ଗାଁର ମହିଳାମାନେ ସ୍ଥାନୀୟ ଅଙ୍ଗନୱାଡି କର୍ମୀଙ୍କୁ ଭେଟି ଅଭିଯୋଗ କରିବା ସହ ପୋକ ଥିବା ଛତୁଆ ଓ ହାଲୁଆକୁ ଦେଖାଇଥିଲେ । ପରେ ସଂପୃକ୍ତ ଅଙ୍ଗନୱାଡି କର୍ମୀ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆ ଯାଇ ନ ଥିବାରୁ ଗାଁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଏ ନେଇ ଖଡିଆଳ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ମାନା କୁମାରୀ ଲେମ୍ବୁଙ୍କୁ ପଚାରିବାରୁ ଲୋହୋରାପାଲି ଗାଁରେ ବଣ୍ଟନ ହୋଇଥିବା ଛତୁଆ ଓ ହାଲୁଆରେ ପୋକ ବାହାରିଥିବା ଘଟଣା ସମ୍ପର୍କରେ ମୁଁ ଅବଗତ ଅଛି । ମଙ୍ଗଳବାର ଗାଁକୁ ଯାଇ ଏହାର ତଦନ୍ତ କରି ଆଇନ ଅନୁସାରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

# ଏସିଡ୍ ପୀଡ଼ିତାଙ୍କ ପାଇଁ ଆଇନ ସଚେତନତା ଶିବିର

**ଭବାନୀପାଟଣା,୨୪।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଆଇନସେବା ପ୍ରାଧିକରଣ ତରଫରୁ ଏସିଡ୍ ଆର୍କମଣ ଶୀକାର ହେଉଥିବା ପୀଡିତାମାନଙ୍କ ଉଦ୍ଦେଶ୍ୟରେ ରବିବାର ଏକ ସଚେତନତା ଶିବିର ଭବାନୀପାଟଣାସ୍ଥିତ କଣ୍ଟାବାଞ୍ଜିଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲା ଆଇନସେବା ପ୍ରାଧିକରଣ ସଚିବ ଇନ୍ଦିରା ପ୍ରିୟଦର୍ଶୀନି ଯୋଗଦେଇ ପୀଡିତାଙ୍କ ପାଇଁ ଥିବା ସରକାରଙ୍କ ବିଭିନ୍ନ ଆଇନ ବିଷୟ ଉପରେ ଆଲୋଚନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ଶିକ୍ଷକଶିକ୍ଷୟିତ୍ରୀ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ପାରାଲିଗାଲ୍ ଭୋଲେଣ୍ଟର ସମେତ ଗ୍ରାମବାସୀ ଯୋଗଦେଇଥିଲେ ।




ଶିବିରରେ ମଞ୍ଚାସୀନ ଅତିଥି ଉଦ୍‌ବୋଧନ ଦେଉଛନ୍ତି ।

# ଶୃଙ୍ଖଳିତ ଛାତ୍ର ସବୁଥିରେ କୃତିତ୍ୱ ଆଣିପାରିବ

**ନୂଆପଡା ଅଫିସ,୨୪।୯**

ବର୍ତ୍ତମାନ ସରକାର ବିଦ୍ୟାଳୟଗୁଡିକରେ ଶିକ୍ଷାକୁ ଉନ୍ନତମାନ କରିବାକୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏଥିରେ ବିଶେଷ କରି ଅଭିଭାବକ ଏବଂ ଛାତ୍ରୀଛାତ୍ରଙ୍କ ସଦିଚ୍ଛା ଏବଂ ସହଭାଗୀତା ଦରକାର। ଛାତ୍ରୀଛାତ୍ରମାନେ ଆଗକୁ ଆସି ଶୃଙ୍ଖଳିତ ହୋଇ ସବୁ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କଲେ କୃତୀତ୍ୱ ପାଇପାରିବେ। ରାଜ୍ୟସ୍ତରୀୟ କବାଡି ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇ ଜିଲାକୁ ଫେରିଥିବାବେଳେ ଖେଳାଳିମାନଙ୍କୁ ସ୍ୱାଗତ କରିବା ଅବସରରେ ଅତିଥିମାନେ କହିଛନ୍ତି । ବରଗଡ ଜିଲା ଜର୍ଜ ହାଇସ୍କୁଲରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କବାଡି ଟୁର୍ନାମେଣ୍ଟରେ ନୂଆପଡା ଦଳ ଢେଙ୍କାନାଳ ଦଳକୁ ହରାଇ ଚାମ୍ପିୟନ ହୋଇଛି।

ନୂଆପଡାରୁ କୋଚ ମହତାବ ଆଡଜୁଆଡଙ୍କ ନେତୃତ୍ୱରେ ୧୭ ବର୍ଷରୁ କମ ବାଳକ ବର୍ଗର ଛାତ୍ର ବରଗଡ ଯାଇଥିଲେ । ଗତ ୨୧ରୁ ୨୩ ତାରିଖ ଯାଏଁ ଚାଲିଥିବା ଏହି ଖେଳର ଫାଇନାଲରେ ଢେଙ୍କାନାଳ ଦଳକୁ ୪୭-୨୮ଅଙ୍କ ବ୍ୟବଧାନରେ ହରାଇ ନୂଆପଡ଼ା ଚାମ୍ପିୟନ ହୋଇଛି । ସେହିଭଳି ବାଳିକା ବର୍ଗରେ ନୂଆପଡା ଦଳ ଭୁବନେଶ୍ୱର ଦଳଠାରୁ ୨୮-୨୧ରେ ପରାସ୍ତ ହୋଇଥିଲା । ବାଳକ ବର୍ଗରେ କୋଚ ଭାବରେ ମହତାବ ଆଡଜୁଆଡ ଏବଂ ବାଳିକା ବର୍ଗରେ ଗୌତମୀ ହୋତା,



ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଚାମ୍ପିୟନ ଖେଳାଳିମାନଙ୍କ ସହ ଶିକ୍ଷାଧିକାରୀମାନେ ।

- ରାଜ୍ୟ କବାଡିରେ ଚାମ୍ପିୟନ ଖେଳାଳିଙ୍କୁ ସ୍ୱାଗତ
- ଜିଲାର ବିଭିନ୍ନ ପ୍ରାନ୍ତରୁ ଶୁଭେଚ୍ଛା

ସଂଯୁକ୍ତା ସୁପକାର ଦାୟୀତ୍ୱ ନେଇ ଥିଲେ । ଚାମ୍ପିୟନ ବାଳକ ବର୍ଗ ଟିମରେ ଜିତେନ୍ଦ୍ର ରାଉତ (ଅଧିନାୟକ),ଭଗିରଥୀ ପାଣ୍ଡେ, ଭଜମନ ମାଝି, ଧନଞ୍ଜୟ ଖର୍ସେଲ, ଡୋଳାମଣୀ ମାଝି, ସୌମ୍ୟରଞ୍ଜନ ମାଝି, ନୀଳକଣ୍ଠ ସତନାମୀ, ମହେଶ ରଞ୍ଜନ ରାଉତ, ଗଣେଶ ଶବର, ରୂପସିଂ ନାଏକ, ଭୁପେନ ପଟେଲ, ଆଶୀଷ କୁମାର ମାଝୀ ପ୍ରମୁଖ ରହିଛନ୍ତି । ବିଜୟୀ ଟିମ ସୋମବାର ସକାଳେ ଟ୍ରେନ ଯୋଗେ ନୂଆପଡାରେ ପହଞ୍ଚିଥିଲା । ସ୍ଥାନୀୟ ଷ୍ଟେଶନରୁ ଜିଲା ଶିକ୍ଷା ବିଭାଗ କର୍ମକର୍ତ୍ତାମାନେ ସ୍ୱାଗତ କରି ପାଛୋଟି ଆଣିଥିଲେ । ପୂର୍ବାହ୍ନ ୧୦ଟାରେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ସଭା ହୋଇଥିଲା । ନୂଆପଡା ବ୍ଲକ ଶିକ୍ଷାଧିକାରୀ ରେଶମ ଲାଲ ନାଏକ ସଭାପତିତ୍ୱ କରିଥିବା ବେଳେ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଭୋଇ ମୁଖ୍ୟଅତିଥି, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଆଦି କନ୍ଦ ଦାସ, ଶାରିରୀକ ଶିକ୍ଷା ନିରୀକ୍ଷକ ମହେଶ କୁମାର ଦଣ୍ଡସେନା, ଜିଲା ବିଜ୍ଞାନ ନିରୀକ୍ଷକ ଅଶ୍ୱିନୀ କୁମାର ଭୋଇ, କିଶୋର କୁମାର ପରିଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅତିଥିମାନେ ସମସ୍ତ ଖେଳାଳିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ । ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରି ଆଗକୁ ଶୃଙ୍ଖଳିତ ହୋଇ ସବୁଥିରେ ଭାଗ ନେଲେ ନିଶ୍ଚିତ ଭାବେ କୃତୀତ୍ୱ ହାସଲ କରିବେ ବୋଲି କହିଥିଲେ । ଖେଳାଳିମାନଙ୍କ ଜୟଗାନରେ କାର୍ଯ୍ୟାଳୟ ପରିସର ପ୍ରକମ୍ପିତ ହୋଇଉଠିଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଜଣେ ମୃତ୍ୟୁ

ଭବାନୀପାଟଣା,୨୪।୯(ଡି.ଏନ.ଏ.)
ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ପାଷ୍ଟିପଡା ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ତାଙ୍କ ନାମ ସୁରେଶ ଚନ୍ଦ୍ର ଭୋଇ (୪୧) ।
ଘଟଣାରୁ ପ୍ରକାଶ ଯେ, ସୋମବାର ପାଷ୍ଟିପଡା ଗ୍ରାମର ଭୋଇଙ୍କ କପା ଜମି ଉପରେ ୧୧ କେଭି ବିଦ୍ୟୁତ୍ ତାର ଓହଳି ଯାଇଥିଲା । ଏ ସମ୍ପର୍କରେ ଗ୍ରାମବାସୀ ବିଦ୍ୟୁତ୍ ବିଭାଗକୁ ବାରମ୍ବାର ଜଣାଇଆସୁଥିଲେ ମଧ କୌଣସି ପ୍ରକାର ପ୍ରତିକାର ବ୍ୟବସ୍ଥା ଗ୍ରାହଣ କରାଯାଇ ନ ଥିଲା । ସୋମବାର ସକାଳ ୬ଟାରେ ସୁରେଶ ତାଙ୍କ କପା ଜମିକୁ ଯିବା ସମୟରେ କପା ଜମି ଉପରେ ଓହଳି ଥିବା ସେହି ୧୧ କେଭି ବିଦ୍ୟୁତ୍ ତାର ସ୍ପଂସର୍ଶରେ ଆସିଯିବାରୁ ତାଙ୍କ ମୃତ୍ୟୁ ଘଟିଥିଲା । ସଦର ଥାନା ପୋଲିସ ଖବର ପାଇଁ ଘଟଣାସ୍ଥଳରୁ ଶବ ଯବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା । ଏ ନେଇ ସଦର ଥାନାର ଏକ ମାମଲା ରୁଜୁ ହୋଇଛି ।

### ବେଙ୍ଗାଲୁରୁଠାରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ୩୦ରେ

ଧର୍ମଗଡ,୨୪।୯(ଡି.ଏନ.ଏ.)
ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ସାରିବା ପରେ ଭେଟଘାଟ କାର୍ଯ୍ୟକ୍ରମ ବେଙ୍ଗାଲୁରଠାରେ ପ୍ରବାସୀ ଓଡିଆମାନଙ୍କ ଦ୍ୱାରା ପାଳନ ହେବାକୁ ଯାଉଛି । ଏଥି ପାଇଁ କମିଟି ତରଫରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡିଆ ନୂଆଁଖାଇ ଭେଟଘାଟ ପରିବାର ତରଫରୁ ଆସନ୍ତା ୩୦ ତାରିଖରେ ବାଙ୍ଗାଲୁରୁସ୍ଥିତ ଆଲପାଇନ ଭିଭା କ୍ଲବ କାଡୁଗୋଡିଠାରେ ଧୁମଧାମ ଭେଟଘାଟ କାର୍ଯ୍ୟକ୍ରମ ପାଳନ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ଦିନ ପଶ୍ଚିମ ଓଡିଶାର ପାରମ୍ପରିକ ସମ୍ବଲପୁରୀ ନୃତ୍ୟ ସାଙ୍ଗକୁ ଓଡିଶାର ଲୋକ କଳା, ଲୋକ ନୃତ୍ୟକୁ ରାଜ୍ୟ ବାହରେ ମଞ୍ଚ ରୂପ ଦେବ ଏହି ଓଡିଆ । ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡିଶାର ବହୁ କଳାକାର ଯୋଗଦେଇ ସେଠାରେ ନୃତ୍ୟ ପରିବେଷଣ କରିବେ। ଏଥିରେ ଓଡିଶାରୁ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେବେ । ଏହା ସହିତ ଏଥିରେ ଓଡିଆ ବିଭିନ୍ନ ପ୍ରକାର ସୁସୁଆଦୁ ଖାଦ୍ୟ ପ୍ରସ୍ତୁତ କରାଯିବ ବୋଲି ନୂଆଖାଇ ଭେଟଘାଟ ପରିବାର ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମ ଦୀର୍ଘ ବର୍ଷ ହେଲା ପାଳନ ହୋଇଆସୁଥିବା ବେଳେ ଚଳିତବର୍ଷ ଆହୁରି କିଭଳି ଭିନ୍ନ ଧରଣର କରାଯାଇ ପାରିବ ସେ ନେଇ ଆମେ ସମସ୍ତେ ପ୍ରୟାସ ରତ ବୋଲି ଅନୁଷ୍ଠାନ ବରିଷ୍ଠ ରଶ୍ମି ରଞ୍ଜନ ପଣ୍ଡା, ଅଭିରାମ ପାଢୀ, ସୋହନ ପାଇଯୋଷୀ, ମୋହିତ ମିଶ୍ର, ସିବୁ ପ୍ରହରାଜ, ତୁଷାର ବେହେରା ପ୍ରମୁଖ କହିଛନ୍ତି ।

# ଭାଇଚାରା ସୃଷ୍ଟି କରେ ନୂଆଁଖାଇ ଭେଟ୍‌ଘାଟ





ଜୁନାଗଡ ବଜାର ପଡାରଠାରେ ନୂଆଁଖାଇ ଭେଟ୍‌ଘାଟ୍‌ରେ ନୃତ୍ୟ ପରିବେଷଣ କରାଯାଉଛି (ବାମ) । ରିଷିଡା ଜ୍ୟୋତି ବିକାଶ ଯୁବକ ସଂଘ ତରଫରୁ ଆୟୋଜିତ ବାଡିଘିଚା ପ୍ରତିଯୋଗୀତା (ମଝି) । କଳାହାର ସଂଘ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

**ରିଷିଡା,୨୪।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଜ୍ୟୋତି ବିକାଶ ଯୁବକ ସଂଘ ତରଫରୁ ରବିବାର ରାତିରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ମ.ରାମପୁର ଜିଲା ପରିଷଦ ସଭ୍ୟ ପୁଷ୍ପେନ୍ଦ୍ର ସିଂଦେଓ, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ମୁଖ୍ୟବକ୍ତା ଭାବେ ରସରାଜ ଅଚ୍ୟୁତ ପୁରୋହିତ, ବକ୍ତା ଭାବେ ପଦ୍ମଲୋଚନ ମିଶ୍ର, ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷକ ସଂଘ ସଭାପତି ଅଶୋକ କୁମାର ତ୍ରିପାଠୀ, ଯୁବନେତା ଶରତ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସଂଘ ସଭାପତି ଫକୀର ଚରଣ ସାହୁ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ନରୋତ୍ତମ ସେଲମା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆୟୋଜିତ ମାରାଥନ ଦୌଡରେ ପ୍ରଥମ ରାହୁଲ ଡୁଙ୍ଗୁରୀ, ଦ୍ୱିତୀୟ ଓମ୍ ପ୍ରକାଶ ଭୋଇ ଏବଂ ତୃତୀୟ ମୁକେଶ ରଣା ପୁରସ୍କାର ପାଇଛନ୍ତି। ହଳିଆ ଗୀତ ପ୍ରତିଯୋଗୀତାରେ ପ୍ରଥମ ଅମରସିଂ ରଣା, ଦ୍ୱିତୀୟ ଚନ୍ଦ୍ର ରଣା, ତୃତୀୟ ନକୁଳ ଭୋଇ ଓ ସ୍ୱାନ୍ତନା ମୂଳକ ଭାବେ ରାଧେଶ୍ୟାମ ରଣା ପୁରସ୍କାର ପାଇଥିଲେ। ସେହିପରି ବାଡିଘିଚା ପ୍ରତିଯୋଗୀତାରେ ବ୍ରଜକିଶୋର ସାହୁ ପ୍ରଥମ ଓ ଲିଙ୍ଗ ରଣା ଦ୍ୱିତୀୟ ପୁରସ୍କାର ପାଇଥିଲେ। ଏହି କାର୍ଯ୍ୟକ୍ରମରେ ପୁଚି ଖେଳ, ଚୌକି ବସା, ବସ୍ତା ଦୌଡ, ହୁଳହୁଳି ଓ ଡ୍ୟାନ୍ସ ଧମାକା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କାର୍ଯ୍ୟକ୍ରମରେ ପୀତବାସ ରଣା, ପୀତବାସ ସାହୁ, ସୁଶାନ୍ତ କୁମାର ପାତ୍ର, କୈଳାଶ ସାହୁ ପ୍ରମୁଖ ସହାୟତା କରିଥିଲେ। ଖେଳଗୁଡିକ ପିଇଟି ଲଳିତ ଗୌଡ ଓ ସୁଧୀର କୁମାର ପାତ୍ର ପରିଚାଳନା କରିଥିଲେ । ନୂଆଁଖାଇ ଭେଟ୍‌ଘାଟ୍ ଯୋଗୁ ଭାଇଚାର ସୃଷ୍ଟି ହୋଇଥାଏ ବୋଲି ମତପ୍ରକାଶ ପାଇଛି ।

ଜୁନାଗଡ,୨୪।୯(ସ୍ୱ.ପ୍ର.)
ଜୁନାଗଡ ସହର ଅଧୀନ ବଜାର ପଡାର ଜୟ ଶିବ ଶଙ୍କର କ୍ଲବ ପକ୍ଷରୁ ୨୩ତମ ଗଣେଷ ପୂଜା ଉପଲକ୍ଷେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବଲାଙ୍ଗୀର ଜିଲାର ଘୁଙ୍ଗୁରୁ କଳା ପରିଷଦ ପକ୍ଷରୁ ନୂଆଁଖାଇ ଓ ଭାଇ ଜିଉଁତିଆ ନୃତ୍ୟ ପରିବେଶଣ ହୋଇଥିଲା। ଅନୁଷ୍ଠାନର ସୁରେନ୍ଦ୍ର ଗରୁଡ ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ। ନୂଆଁଖାଇ ଭେଟ୍‌ଘାଟ୍‌ରେ ମୁଖ୍ୟଅତିଥି ଭାବରେ ଜୁନାଗଡ ବିଧାୟକ ଦିବ୍ୟ ଶଙ୍କର ମିଶ୍ର, ସମ୍ମାନିତ ଅତିଥି ଭାବରେ ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହା, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଈଶ୍ୱର ପୂଝାରୀ, ଶିକ୍ଷକ ସଂଘ ବ୍ଲକ ସଭାପତି ସରୋଜ ପଣ୍ଡା, ପ୍ରକୃତିବନ୍ଧୁ ରମେଶ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। କ୍ଲବର ସଭାପତି କାଳିଆ କନ୍ଧପାନଙ୍କ ସଭାପତିତ୍ୱରେ ବିନୟ ସାହୁ ମଞ୍ଚ ପରିଚାଳନା କରିଥିଲେ। ପରେ ଲୋଇସିଙ୍ଗା ଫୁଲ ବୋବାଲ ମେଲୋଡି ଗ୍ରୁପ ପକ୍ଷରୁ ପଶ୍ଚିମ ଓଡିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଦୁଷ୍ମନ୍ତ ସୁନା, ପ୍ରଫୁଲ୍ଲ ତାଣ୍ଡି, ରୋହିତ ଦିପ, ଅନିଲ ଓ ରୁବି ପ୍ରମୁଖ ବିଳମ୍ବିତ ରାତି ପର୍ଯ୍ୟନ୍ତ ସଙ୍ଗୀତ ପରିବେଶଣ କରିଥିଲେ।



ଉକ୍ରୋଲ ବଜାର ପଡିଆଠାରେ ଅନୁଷ୍ଠିତ ନୂଆଁଖାଇ ଭେଟ୍‌ଘାଟ୍ ମଞ୍ଚାସୀନ ଅତିଥିବୃନ୍ଦ ।



କଳାହାଣ୍ଡି ବ୍ୟାଡମିଣ୍ଟନ ଆସୋସିଏଶନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

ଭବାନୀପାଟଣା,୨୪।୯ (ଡି.ଏନ.ଏ.)
କଳାହାଣ୍ଡି ବ୍ୟାଡମିଣ୍ଟନ ଆସୋସିଏଶନ ପକ୍ଷରୁ ରବିବାର ସନ୍ଧ୍ୟାରେ ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ୟାଡମିଣ୍ଟନ ଆସୋସିଏଶନ ସଭାପତି ପ୍ରଦୀପ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଭବାନୀପାଟଣା ସଦର ବିଧାୟକ ଅନମ ନାଏକ ମୁଖ୍ୟଅତିଥି, ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ମୁଖ୍ୟବକ୍ତା, ଅତିରିକ୍ତ ଜିଲାପାଳ ଶରତ ଶ୍ରୀଚନ୍ଦନ, ଭବାନୀପାଟଣା ପୌର ପରିଷଦ ଆଦିତ୍ୟ ନନ୍ଦ, ପୂର୍ବ ରଣଜୀ କ୍ରିକେଟ ଖେଳାଳି ଭାରତ ଭୂଷଣ ଦେଓ, ଭବାନୀପାଟଣା ନଗର ବିଜେଡି ସଭାପତି ଧବଳେଶ୍ୱର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବାଞ୍ଚଳ ଜୋନ ଜୁନିୟର ବିଭାଗ ଲଙ୍ଗ ଜମ୍ପରେ ସ୍ୱର୍ଣ୍ଣ ପଦକ ପାଇଥିବା ସାରୁନ ପାୟାସିଂ ସମ୍ବର୍ଦ୍ଧନା ଦିଆଯାଇଥିଲ। ଅଧ୍ୟାପକ ସୁମନ ରଥ ମଞ୍ଚ ପରିଚାଳନା ଓ ଆସୋସିଏଶନ ସମ୍ପାଦକ ସନ୍ଦୀପ ମିଶ୍ର ଧନ୍ୟବାଦ ଦେଇଥିଲେ। ଆସୋସିଏଶନ ଉପସଭାପତି ରଞ୍ଜିତ ସାହୁ, ସହ ସମ୍ପାଦକ ସୌରଭ ସାହାଣୀ, କୋଷାଧ୍ୟକ୍ଷ ସରୋଜ ମହାରଣା, ମହେଶ କୁକ୍ରେଜା, ଦେବରାଜ ଛତ୍ରିଆ, ପ୍ରଶାନ୍ତ ପାଢୀ ଆଶୁତୋଷ ମୁନୀ, ଅରୁଣ ରଥ, ନୀଳମଣି ଦୀପ, ଆଦିତ୍ୟ ଦେଓ, କମଳ ଶର୍ମା, ପବନ ଅଗ୍ରୱାଲ, ନରେନ୍ଦ୍ର ଅଗ୍ରୱାଲ, ପରେଶ ପ୍ରଧାନ, ମାନସ ପ୍ରଧାନ ସମେତ ବହୁ ପଦାଧିକାରୀ ଓ ସଦସ୍ୟ ସହଯୋଗ କରିଥିଲେ। ସେହିପରି ଭବାନୀପାଟଣା ସହରସ୍ଥିତ କଳାକାର ସଂଘ କାର୍ଯ୍ୟାଳୟଠାରେ କଳାହାଣ୍ଡି କଳାହାର ସଂଘ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ବବି କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ କଳାକାର ସଂଘ ସଭାପତି ସତ୍ୟନାରଣ ମିଶ୍ର, ଉପସଭାପତି ସୁଶୀଲ ଚନ୍ଦ୍ର ଗହିର, ସମ୍ପାଦକ ଜୟଶଙ୍କର ପଣ୍ଡା, ସହସମ୍ପାଦକ ଭାନୁପ୍ରକାଶ ରଥ, ପ୍ରବାସ ମିଶ୍ର, କାଦିର ଖାନ, ଭୀମସେନ୍ ସାହୁ, ରିଆଜ ଖାନ, ଉମାକାନ୍ତ ବାଗ, ବିଭୁ ପଣ୍ଡା, ବାବୁଲାଲ ଶର୍ମା ପ୍ରଦୀପ ପି ମାଝି, ଭବେନ୍ଦ୍ର ପଣ୍ଡା, ବାବୁଲାଲ ଶର୍ମା, ପ୍ରଦୀପ ସିଂହ, ବିଶ୍ୱରଞ୍ଜନ ଧଙ୍ଗଡାମାଝି, ପ୍ରମୁଖ ଉଦବୋଧନ ଦେଇଥିଲେ । ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

କେସିଙ୍ଗା,୨୪।୯(ଡି.ଏନ.ଏ.)
ଭବାନୀପାଟଣା ନିର୍ବାଚନ ମଣ୍ଡଳୀର ବିଧାୟକ ଅନାମ ନାଏକଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ପକ୍ଷରୁ ବ୍ଲକସ୍ତରୀୟ ନୂଆଖାଇ ଭେଟଘାଟ ଉକ୍ରୋଲ ବଜାର ପଡିଆଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯୋଗଦେବା ପାଇଁ ଆସିଥିବା ମୁଖ୍ୟ ଅତିଥି ନଗର ଉନ୍ନୟନ ଓ ଜଳସମ୍ପଦ ମନ୍ତ୍ରୀ ତଥା ବିଜେଡିର କଳାହାଣ୍ଡିର ପର୍ଯ୍ୟବେକ୍ଷକ ନିରଞ୍ଜନ ପୂଜାରୀଙ୍କୁ ହାଇସ୍କୁଲଠାରୁ ସ୍ୱାଗତ ଜଣାଇ ସଭାସ୍ଥଳକୁ ପାଛୋଟି ନେଇଥିଲେ । ବଜାର ନିକଟରେ ଥିବା ଶିବ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ । ଉତ୍ସବରେ ଲାଞ୍ଜିଗଡ ବିଧାୟକ ବଳଭଦ୍ର ମାଝି, ବିଜେଡି ଯୁବ ସଭାପତି ଆଦିତ୍ୟ ନନ୍ଦ, ପୂର୍ବତନ ନଗର ସମ୍ପାଦକ ସୟଦ ସମିମ, ବାଲସି ଗ୍ରା.ପ.ର ପୂର୍ବତନ ସରପଞ୍ଚ ଠାକୁର ସାହୁ, ପୂର୍ବତନ ଏମ୍‌ପି ସୁବାସ ନାଏକ, ଧବଳେଶ୍ୱର ମହାପାତ୍ର, ଭବାନୀଶଙ୍କର ମିଶ୍ର, ପ୍ରାଣନାଥ ନାଏକ, ସୁଧୀର ପଟ୍ଟନାୟକ, ଭବାନୀଶଙ୍କର ନିଆଲ ପ୍ରମୁଖ ବ୍ୟକ୍ତି ଯୋଗଦେଇ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇର ଉପରେ ଆଲୋକପାତ କରିଥିଲେ । ଉତ୍ସବରେ କେସିଙ୍ଗା ବ୍ଲକର ବିଭିନ୍ନ ଅଞ୍ଚଳର ପ୍ରାୟ ୩ ହଜାରରୁ ଉର୍ଦ୍ଧ୍ୱ ଲୋକ ଅଂଶ ଗ୍ରହଣ କରିଥିଲେ । ସମ୍ବଲପୁରୀ ନାଚ, ଗୀତ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଜୁ ଜନତା ଦଳର ଜିଲା ଅନୁସୂଚିତ ଜାତି ଶାଖା ସଭାପତି ସୁରେଶ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜଗମୋହନ ପଟ୍ଟନାୟକ ଓଡ଼ିଶା ଆଥଲେଟିକ୍ସ ଆସୋସିଏଶନ୍ ସଭାପତି

**ଭବାନୀପାଟଣା,୨୪।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ତଥା ବିଶିଷ୍ଟ କ୍ରୀଡା ସଙ୍ଗଠକ ଜଗମୋହନ ପଟ୍ଟନାୟକ ତୃତୀୟ ଥର ପାଇଁ ଓଡିଶା ଆଥଲେଟିକ୍ସ ଆସୋସିଏଶନ୍ ସଭାପତି ରୂପେ ମନୋନୀତ ହୋଇଥିବା ଜଣାପଡିଛି । ଗତ ୨୩ ତାରିଖରେ କଟକ ବାରବାଟୀ ଷ୍ଟାଡିୟମରେ ଆସୋସିଏଶନ୍ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଆଥଲେଟିକ୍ସ ଆସୋସିଏଶନ୍ ସଭାପତି ଭାବେ ପ୍ରଥମ ଥର ପାଇଁ ପଟ୍ଟନାୟକ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ସାଧାରଣ ସମ୍ପାଦକ ଭାବେ ବରିଷ୍ଠ କ୍ରୀଡା ସଙ୍ଗଠକ ଆଶୀର୍ବାଦ ବେହେରା ମଧ ନିର୍ବାଚିତ ହୋଇଛନ୍ତି । ପ୍ରକାଶ ଯୋଗ୍ୟ ଯେ, ୨୦୧୦ରେ ଓଡିଶା ଆଥଲେଟିକ୍ସ ଆସୋସିଏଶନ୍ ସଭାପତି ଭାବେ ପ୍ରଥମ ଥର ପାଇଁ ପଟ୍ଟନାୟକ ସଭାପତି ହୋଇଥିଲେ । ଆସୋସିଏଶନ୍‌ର ନୀୟମ ଅନୁଯାୟୀ ପ୍ରତି ୪ ବର୍ଷରେ ଥରେ ସଭାପତି ନିର୍ବାଚିତ ହେବାର ଥିବା ବେଳେ ୨୦୧୪ରେ ମଧ ପଟ୍ଟନାୟକ ନିଜର କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରି ପୁନର୍ବାର ସଭାପତି ହୋଇଥିଲେ । ଗତ ୨୩ ତାରିଖରେ ଆସୋସିଏଶନ୍ ବାର୍ଷିକ ସାଧାରଣ ସଭାରେ ତୃତୀୟ ଥର ପାଇଁ ପଟ୍ଟନାୟକ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ତୃତିୟ ଥର ପାଇଁ ଓଡିଶା ଆଥଲେଟିକ୍ସ ଆସୋସିଏଶନ୍ ସଭାପତି ରୂପେ ଜଗମୋହନ ପଟ୍ଟନାୟକ ନିର୍ବାଚିତ ହୋଇଥିବା ଖବର ପହଞ୍ଚିବା କ୍ଷଣି ରାଜ୍ୟ ତଥା କଳାହାଣ୍ଡି ଜିଲାର କ୍ରୀଡା ପ୍ରେମୀଙ୍କ ମଧରେ ଖୁସିର ଲହରି ଖେଳି ଯାଇଛି । ନବନିର୍ବାଚିତ ସଭାପତି ପଟ୍ଟନାୟକଙ୍କୁ ମହାବିର ସଂସ୍କୃତିକ ଅନୁଷ୍ଠାନ, କଳାହାଣ୍ଡି ଲେଖକ କଳା ପରିଷଦ, କଳାହାଣ୍ଡି କଳାକାର ସଂଘ ଭଳି ଅନେକ କ୍ରିଡାସଂସ୍ଥା ପକ୍ଷରୁ ତାଙ୍କ ନିକଟକୁ ଶୁଭେଚ୍ଛା ବାର୍ତ୍ତାମାନ ପହଞ୍ଚିଛି ।




କଟକ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ବାର୍ଷିକ ସାଧାରଣ ସଭାରେ ଆଥଲେଟିକ୍ସ ଆସୋସିଏଶନ୍ ସଭାପତି ଭାବେ ମନୋନୀତ ଜଗମୋହନ ପଟ୍ଟନାୟକଙ୍କ ସହ ଅନ୍ୟମାନେ।

୬ ଦଫା ଦାବି ନେଇ ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

# ଜିଲାର ୧୩ଟି ବ୍ଲକ ଅଗ୍ନିଶମ କର୍ମଚାରୀ ସାମିଲ

**ଭବାନୀପାଟଣା/କର୍ଲାମୁଣ୍ଡା,୨୪।୯(ଡି.ଏନ.ଏ.)**

ଓଡିଶା ଅଗ୍ନିଶମ କର୍ମଚାରୀ ସଂଘ ୬ ଦଫା ଦାବି ନେଇ ସୋମବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଏଥିରେ କଳାହାଣ୍ଡି ଜିଲାର ୧୩ଟି ବ୍ଲକର ୧୫୨ ଜଣ କର୍ମଚାରୀ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି । ସେମାନଙ୍କ ବିଭିନ୍ନ ଦାବି ମଧ୍ୟରେ ଓଡିଶା ଅଗ୍ନିଶମ କର୍ମଚାରୀମାନଙ୍କୁ ଓଡିଶା ପୋଲିସ କର୍ମଚାରୀମାନଙ୍କ ସହିତ ସାମାନ ଦରମା ଓ ଭତ୍ତା ପ୍ରଦାନ, ଓଡିଶା ଅଗ୍ନିଶମ ସେବା ସଂସ୍ଥା ହାବିଲଦାର ଓ ଫେୟାରମେନ ଆସୋସିଏଶନଙ୍କୁ ତୁରନ୍ତ ସରକାରୀ ପଞ୍ଜୀକରଣ ଭୁକ୍ତ କରିବା, ଚୁକ୍ତି ଭିତ୍ତିକ କର୍ମଚାରୀଙ୍କୁ ନିୟମିତ ଦରମା ଭୁକ୍ତ କରିବା ସହିତ ଅଗ୍ନିଶମ କର୍ମଚାରୀଙ୍କୁ ନିଜ ଜିଲା ଓ ଆବଶ୍ୟକସ୍ଥଳେ ନିକଟସ୍ଥ ଜିଲାରେ ନିଯୁକ୍ତି କରିବା, ଓଡିଶା ଅଗ୍ନିଶମ ସେବା ସଂସ୍ଥାରୁ ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କୁ ୮ ଘଣ୍ଟା ଡ୍ୟୁଟିରେ ମୁତୟନ କରିବା ସହିତ କେଉଁ କେଉଁ କାର୍ଯ୍ୟରେ ନିୟୋଜିତ ରହିବେ ସରକାର ତାହାର ଏକ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରିବା, ଓଡିଶା ଅଗ୍ନିଶମ ସେବା ସଂସ୍ଥାରେ ଖାଲିପଡିଥିବା ପଦବୀଗୁଡିକ ତୁରନ୍ତ ପୂରଣ କରିବା ଭଳି ଦାବି ରହିଛି । ଏହି ସବୁ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗଦେବେ ନାହିଁ ବୋଲି ଅଗ୍ନିଶମ କର୍ମଚାରୀମାନେ କହିଛନ୍ତି।
ଅଗ୍ନିଶମ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ଜିଲାରେ ରହିଥିବା ୧୩ଟି ଅଗ୍ନିଶମ କେନ୍ଦ୍ର ଅଚଳ ହୋଇପଡିଛି । ଜିଲା ସଦର ମହକୁମା ଅଗ୍ନିସମ କେନ୍ଦ୍ରରେ ମୁଖ୍ୟ ଆଗ୍ନିକ ଜୟତିର୍ଥ ବାଗ, ଟଙ୍ଗିଲା ମଲ୍ଲିକ, ଭସ୍କାର ଗଉଡ, ଥବିର ସେଠ୍, ଶଶାଙ୍କ ଶେଖର ରାଉତ, ଜିତେନ୍ଦ୍ର, ରାମକୃଷ୍ଣ, ନଳିନୀ, ଦଶରଥ, ଉମାକାନ୍ତ କୌସିକ, ତରୁଣ, ଅର୍ଜୁନ, ପବନ, ନରେଶ, ରାଜେନ୍ଦ୍ର, ମିଥୁନ, ସରଣ, ଲାଲୁମୁଣ୍ଡା, ସୁନିଲ, ଝସକେତନ, ଭୁବନେଶ୍ୱର ପ୍ରଧାନ, ସତ୍ୟନାରାୟଣ ଓ ସଂଜିବଙ୍କ ନେତୃତ୍ୱରେ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି । ସେହିପରି କର୍ଲାମୁଣ୍ଡା ବ୍ଲକ ଅଗ୍ନିଶମ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି।




ଜିଲା ସଦର ମହକୁମା ଅଗ୍ନିସମ କେନ୍ଦ୍ରରେ ଆନ୍ଦୋଳନରତ ଅଗ୍ନିଶମ କର୍ମଚାରୀ (ବାମ) । କର୍ଲାମୁଣ୍ଡା ଅଗ୍ନିଶମ କର୍ମଚାରୀ ।

ଲଡୁଗା,୨୪।୯(ଡି.ଏନ.ଏ.)
ଏହି ପରିପେକ୍ଷୀରେ କୋକସରା ଅଗ୍ନିଶମ କାର୍ଯ୍ୟାଳୟ କର୍ମଚାରୀମାନେ ମଧ ସାମିଲ ହୋଇ ସମର୍ଥନ ଜଣାଇଛନ୍ତି। ଏହି ବନ୍ଦ ପାଳନ ବେଳେ କୌଣସି କର୍ମଚାରୀ ନିଜର ଦାୟୀତ୍ୱ ତୁଲାଇବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଫଳରେ ବ୍ଲକର ସମସ୍ତ ଜରୁରୀକାଳିନ ସେବା ବାଧାପ୍ରାପ୍ତ ହେବା ଆଶଙ୍କା କରାଯାଉଛି।




କେସିଙ୍ଗା ଦମକଳ କେନ୍ଦ୍ର ପରିସର ମଧରେ କନଷ୍ଟେବଳଙ୍କ ଧାରଣା ।

କେସିଙ୍ଗା,୨୪।୯(ଡି.ଏନ.ଏ.)
କେସିଙ୍ଗା ସହର ସ୍ଥିତ ଦମକଳ କେନ୍ଦ୍ର କାର୍ଯ୍ୟାଳୟଠାରେ ୬ଦଫା ଦାବିକୁ ନେଇ ସମସ୍ତ ଫାୟାର ମ୍ୟାନମାନେ ସୋମବାର ଧାରଣା ଦେଇଛନ୍ତି । ଏହି ଧାରଣାରେ କନଷ୍ଟେବଳ ପ୍ରେମଲାଲ ଛତ୍ରିଆ, ଦୀପକ ବେହେରା, ମୋତିଲାଲ ଦାଶ, ରାଧେଶ୍ୟାମ ପ୍ରଧାନୀ, ବ୍ୟାସଦେବ ବିଶି, ଭରତ ଚନ୍ଦ୍ର ନାଏକ, ବିଜୁ ରୋଏ, ରିଷଭ ପଟେଲ, ସଞ୍ଜୀବ କୁମାର କଅଁର, ଦଣ୍ଡପାଣି ପାତ୍ର ପ୍ରମୁଖ ସାମିଲ ରହିଛନ୍ତି । ଅଗ୍ନିଶମ ବିଭାଗ ସବ୍‌ଇନ୍ସପେକ୍ଟର ଅନୀଲ କୁମାର ମିଶ୍ର ସ୍ଥାନୀୟ ହୋମଗାର୍ଡମାନଙ୍କୁ ନିୟୋଜିତ କରି ଦମକଳ କେନ୍ଦ୍ର ପରିଚାଳନା କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି । ଏହାକୁ ଅଗ୍ନିଶମ ବିଭାଗର ଆନ୍ଦୋଳନକାରୀମାନେ ବିରୋଧ କରିଛନ୍ତି ।

## ସଂକ୍ଷେପରେ

### ପୁଣି ଜଣେ ଦାଦନ ଯୁବକଙ୍କ ରାଜ୍ୟ ବାହାରେ ମୃତ୍ୟୁ

କର୍ଲାମୁଣ୍ଡା,୨୪।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇ ଗତ କିଛି ମାସ ମଧ୍ୟରେ ୩ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ବ୍ଲକର ସାପଲହରା ପଞ୍ଚାୟତ କଣ୍ଡରେଇ ଗ୍ରାମର ପୁଣି ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ରଞ୍ଜନ ଗହୀର (୨୨) । ଉକ୍ତ ଘଟଣାକୁ ନେଇ ଏବେ ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି। ଅନ୍ୟପକ୍ଷରେ ଦାଦନ ଖଟିବାକୁ ଯାଇଥିବା ଦାଦନ ଶ୍ରମିକଙ୍କ ପରିବାରରେ ଆଶଙ୍କାର ବାତାବରଣ ସୃଷ୍ଟି ହୋଇଛି। ଏହି ବ୍ଲକର ସାପଲହରା ପଞ୍ଚାୟତ କଣ୍ଡରେଇ ଗ୍ରାମ ଖୁସିରାମ ଗହୀରଙ୍କ ଏକମାତ୍ର ପୁଅ ରଞ୍ଜନ ପରିବାର ପ୍ରତିପୋଷଣରେ ସହଭାଗୀ ପାଇଁ କିଛି ମାସ ହେଲା କର୍ଣ୍ଣାଟକ ବାଙ୍ଗାଲୋର ସହରକୁ ଦାଦନ ଖଟିବାକୁ ଯାଇଥିଲା। ସେଠାରେ ସେ ଏକ କମ୍ପାନୀରେ ଶ୍ରମିକ ଭାବେ ନିୟୋଜିତ ହୋଇଥିଲା। ତେବେ ତାଙ୍କୁ ଜ୍ୱର ହୋଇ ମୃତ୍ୟୁ ହୋଇଥିବା ଘଟଣା ଏବେ ଏ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ରବିବାର ଫୋନ ଯୋଗେ ରଞ୍ଜନଙ୍କ ବାପାଙ୍କୁ ତାଙ୍କ ପିଲା ଜ୍ୱରରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ଖବର ଦିଆଯାଇଥିଲା। ରଞ୍ଜନଙ୍କ ବାପା ଖୁସିରାମ ପୁଅର ମୃତଦେହ ଫେରାଇ ଆଣିବା ପାଇଁ ରବିବାର ରାତିରେ ଟ୍ରେନ ଯୋଗେ ବାଙ୍ଗାଲୋର ଅଭିମୁଖେ ବାହାରିଛନ୍ତି। ତେବେ କର୍ଲାମୁଣ୍ଡା ବ୍ଲକରେ ଦିନକୁ ଦିନ ଦାଦନ ଶ୍ରମିକଙ୍କ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଥିଲେ ହେଁ ଏଥିପାଇଁ ପ୍ରଶାସନ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ତ୍ରୀବ ପ୍ରତିକ୍ରିୟା ପ୍ରକାଶ ପାଇଛି।

ୟୁରିଆ ସାର ଗୋଦାମରେ ଉପଜିଲାପାଳଙ୍କ ଚଢ଼ାଉ

# ତୁରନ୍ତ ହୋଲସେଲରଙ୍କୁ ଦେବା ପାଇଁ ନିର୍ଦ୍ଦେଶ

କେସିଙ୍ଗା,୨୪।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକରେ ଚଳିତବର୍ଷ ଭଲ ଚାଷ ହୋଇଥିବାରୁ ଚାଷରେ ଉପଯୁକ୍ତ ସମୟରେ ୟୁରିଆ ସାରର ଚାହିଦା ରହିଛି। ୟୁରିଆ ସାର ଏହି ଅଞ୍ଚଳରେ ଚାଷୀଙ୍କୁ ଆବଶ୍ୟକ ମୁତାବକ ମିଳୁ ନାହିଁ । କିନ୍ତୁ ୟୁରିଆ ସାରର କଳାବଜାର ମଧ୍ୟ ଚାଲିଛି । ୟୁରିଆ ସାରର ଅଭାବ ଯୋଗୁ ଚାଷୀ ବହୁତ ହଇରାଣ ହେଉଛନ୍ତି । ଗତ ଶନିବାର ନର୍ଲା ବ୍ଲକ ରୁପ୍ରା ରୋଡରେ ମଧ୍ୟ ଗଚ୍ଛିତ ଥିବା ୟୁରିଆ ସାରକୁ ଚାଷୀଙ୍କୁ ନ ମିଳିବାରୁ ସେଠାକାର ଜଣେ କୃଷି ଓଭରସିୟରଙ୍କୁ ବାନ୍ଧି ଚାଷୀମାନେ ଅଟକ ରଖିଥିଲେ। କେସିଙ୍ଗାସ୍ଥିତ କୋଣାର୍କ ସ୍ପିନିଂ ମିଲରେ କେସିଙ୍ଗା ଟ୍ରାନ୍ସ ପୋର୍ଟ୍ସ ଏଜେନ୍ସି ୧୫ ହଜାର ବସ୍ତା ୟୁରିଆ ସାର ଗଚ୍ଛିତ ରହିଥିବା କୌଣସି ସୂତ୍ରରୁ ଖବର ପାଇ କଳାହାଣ୍ଡି ଜିଲା ଉପଜିଲାପାଳ ଟପୋ ମିର୍ଦ୍ଧା ଉକ୍ତ ଗୋଦାମରେ ଚଢ଼ାଉ କରିଥିଲେ । ଉକ୍ତ ଗୋଦାମରେ ଗଚ୍ଛିତ ଥିବା ୧୫ ହଜାର ବିଭିନ୍ନ କମ୍ପାନୀର ୟୁରିଆ ସାର ଗଚ୍ଛିତ ଥିବାର ଦେଖିଥିଲେ । କେସିଙ୍ଗାର ଟ୍ରାନ୍ସପୋର୍ଟ ଏଜେନ୍ସିକୁ ତୁରନ୍ତ ସେଲରମାନଙ୍କୁ ଦେବା ପାଇଁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ଗୋଦାମରୁ କଳାହାଣ୍ଡି, ନୂଆପଡା, ବଲାଙ୍ଗୀର ଓ ବୌଦ୍ଧ ଜିଲାରେ ଥିବା ହୋଲସେଲରମାନଙ୍କୁ ଯୋଗାଣ କରାଯାଇ ଥାଏ । କଳାହାଣ୍ଡି, ନୂଆପଡା, ବଲାଙ୍ଗୀର ଓ ବୌଦ୍ଧ ଜିଲାରେ ୨୫ଟି ହୋଲସେଲର ଅଛନ୍ତି। ଗତ ଅଗଷ୍ଟ ଓ ସେପ୍ଟେମ୍ବରରେ ଲଗାଣର ବର୍ଷା ଲାଗି ରହିଥିବାରୁ ହୋଲସେଲରମାନଙ୍କୁ ୟୁରିଆ ସାର ଯୋଗାଣରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ଏହି ତଦନ୍ତରେ ଜିଲା କୃଷି ଅଧିକାରୀ ଅଶୋକ କୁମାର ଅମାତ, କେସିଙ୍ଗା କୃଷି ବିଭାଗ ସହକାରୀ କୃଷି ଅଧିକାରୀ ବିଶ୍ୱନାଥ ମହାପାତ୍ର ଉପସ୍ଥିତ ରହି ତଦନ୍ତ ଜାରି ରଖିଥିବା ଜଣାପଡିଛି। ଉପରୋକ୍ତ ୪ଟି ଜିଲାର କେତୋଟି ହୋଲସେଲରଙ୍କ କେତେ ୟୁରିଆ ସାର ଦିଆଯାଇଛି ଏବଂ କାହାର କେତେ ୟୁରିଆ ସାର ବାକି ରହିଛି । ସେସବୁ ଖବର ଲେଖା ପର୍ଯ୍ୟନ୍ତ ତଦନ୍ତ ଜାରି ରହିଥିବାରୁ ସମ୍ପୂର୍ଣ୍ଣ ତଥ୍ୟ ମିଳି ପାରି ନ ଥିଲା । ଏ ନେଇ କେସିଙ୍ଗା କୃଷି ବିଭାଗର ସହକାରୀ କୃଷି ଅଧିକାରୀ ବିଶ୍ୱନାଥ ମହାପାତ୍ରଙ୍କୁ ପଚାରିବାରୁ ତଦନ୍ତ ଜାରି ରହିଛି ବୋଲି କହିଥିଲେ ।



ସାର ଗୋଦାମରେ ଉପଜିଲାପାଳ ଓ ଜିଲା କୃଷି ଅଧିକାରୀ ଚଢ଼ାଉ କରି ତଦନ୍ତ କରୁଛନ୍ତି।

ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# ଭବାନୀପାଟଣା ଓକିଲ ସଂଘର ସମସ୍ତ କୋର୍ଟ ବର୍ଜନ

ଭବାନୀପାଟଣା,୨୪।୯(ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ସୋମବାର ଭବାନୀପାଟଣା ଓକିଲ ସଂଘ ପକ୍ଷରୁ ସମସ୍ତ କୋର୍ଟ ବର୍ଜନ କରାଯାଇଛି । ଏଥିଯୋଗୁ ଭବାନୀପାଟଣାର ସମସ୍ତ ବିଚାର ବିଭାଗୀୟ ଅଦାଲତ କାର୍ଯ୍ୟ ପ୍ରଭାବିତ ହୋଇଛି । କୋର୍ଟ କାର୍ଯ୍ୟରେ ଯୋଗଦେବା ପାଇଁ ଆସିଥିବା ଜିଲା ଦୌରା ଜଜ୍‌ଙ୍କ ସମେତ ଅନ୍ୟାନ୍ୟ ବିଚାରପତିଙ୍କୁ ଓକିଲମାନେ କୋର୍ଟ ସମ୍ମୁଖରେ ବିକ୍ଷୋଭ କରିବା ଓ ପିକେଟିଂ କରିଥିଲେ । ଫଳରେ ଜିଲା ଦୌରାଜଜ୍ ସମେତ ଅନ୍ୟାନ୍ୟ ବିଚାରପତିମାନେ କୋର୍ଟ ଭିତରକୁ ଯାଇ ନ ପାରି ଦୀର୍ଘ ସମୟ ଧରି କୋର୍ଟ ବାହାରେ ଅପେକ୍ଷା କରି ପରେ ଫେରି ଯାଇଥିଲେ। କଳାହାଣ୍ଡି ଓକିଲ ସଂଘ ସଭାପତି ସନ୍ତୋଷ କୁମାର ପଣ୍ଡା ଓ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ସମସ୍ତ ଆଇନଜୀବୀମାନେ ଜିଲା ଦୌରାଜଜ୍ କୋର୍ଟ, ସିଭିଲ କୋର୍ଟ, ରାଜସ୍ୱ କୋର୍ଟ ସମ୍ମୁଖରେ ବିକ୍ଷୋଭ କରିବା ସହିତ କୋର୍ଟ ସମ୍ମୁଖରେ ଧାରଣା ଦେଇଥିଲେ । ଜଷ୍ଟିସ୍ ଯୋଶବନ୍ତ ସିଂହ କମିଶନ ରିପୋର୍ଟ ସମସ୍ତ ମାନବିନ୍ଦୁ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ କଳାହାଣ୍ଡି ଜିଲା ହିଁ ଏକମାତ୍ର ଯୋଗ୍ୟ ବିବେଚିତ । କଳାହାଣ୍ଡି ଜିଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ କେବିକେ ଅଞ୍ଚଳ ଥିବା କଳାହାଣ୍ଡି, ବଲାଙ୍ଗୀର, ନବରଙ୍ଗପୁର, ରାୟଗଡା, ସୋନପୁର, କୋରାପୁଟ, ମାଲକାନଗିରି, ସମେତ ବରଗଡ, ବୌଦ୍ଧ ଏବଂ ଫୁଲବାଣୀ ଏଭଳି ୧୧ଟି ଜିଲା ଉପକୃତ ହେବେ । ଯେହେତୁ କଳାହାଣ୍ଡି ଜିଲା କେବିକେ ପଶ୍ଚିମ ଓଡିଶା ଏବଂ ବ୍ରହ୍ମପୁର ଆର୍‌ଡିସି ଜୋନ ଅନ୍ତର୍ଗତ । ଏଣୁ ଏଠାରେ ହାଇକୋର୍ଟର ସ୍ଥାୟୀବେଞ୍ଚ ପ୍ରତିଷ୍ଠା ହେଲେ ପଶ୍ଚିମ ଓଡିଶା, ଦକ୍ଷିଣ ଓଡିଶା ଏବଂ କେବିକେର ସମସ୍ତ ଜନସାଧାରଣ ଉପକୃତ ହେବେ ବୋଲି ଜିଲା ଓକିଲ ସଂଘର ସଭାପତି ସନ୍ତୋଷ କୁମାର ପଣ୍ଡା କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଓକିଲ ସଂଘ ସଭାପତି ପଣ୍ଡା ଓ ସମ୍ପାଦକ ପଟ୍ଟନାୟକଙ୍କ ସହ ସମସ୍ତ ଆଇନଜୀବୀମାନେ ସାମିଲ ହୋଇଥିଲେ ।

# ବଜ୍ରପାତରେ ବିଦ୍ୟୁତ୍ ତାର ଛିଣ୍ଡିଲା

ଜୁନାଗଡ,୨୪।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କଲିଆକୁଣ୍ଡଲ ଗ୍ରାମରେ ସୋମବାର ଅପରାହ୍ନରେ ବଜ୍ରପାତ ଯୋଗୁ ଗ୍ରାମର ବିଦ୍ୟୁତ ତାର ଛିଣ୍ଡି ପଡିଥିଲା। ଫଳରେ ଗ୍ରାମରେ ସେତେବେଳଠୁ ବିଦ୍ୟୁତ ଯୋଗାଣ ବନ୍ଦ ରହିଛି। ମଙ୍ଗଳବାର ସକାଳେ ଏହାକୁ ମରାମତି କରାଯିବ ବୋଲି ବିଭାଗୀୟ ଯନ୍ତ୍ରୀ ସମୀର ସ୍ୱାଇଁ ପ୍ରକାଶ କରିଛନ୍ତି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT
7749095348, 8249919890

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527 +91 8126673652
ଠକମାନଙ୍କ ପ୍ରତି ସାବଧାନ

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580 95578-79781

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ । (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

ମୋବାଇଲ ଉପକରଣ
ଆମ୍ବନୀ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odi577407) । ଖାଲି ଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ 70,000,00 ଭଡ଼ା 50,000 + ଏକ ବାଇକ୍ + 1 ଲାପଟପ୍ ଫ୍ରି + ମାସିକ 60,000ର ଅନ୍ୟାନ୍ୟ ସୁବିଧା। (ଇଚ୍ଛୁକ ବ୍ୟକ୍ତି ନାମ-ଠିକଣା ଏସ୍‌ଏମ୍‌ଏସ୍/ଫୋନ୍ କରନ୍ତୁ)
9634734514
23/315, Block-23, Trilok Puri, Delhi

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ
ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free 18001214188 8556894339
Office Add.: 102, Dalamal House, 3rd Floor, Nariman Point, Mumbai

ଇନଫ୍ରା ଟେଲିକମ୍ ନେଟ୍‌ୱର୍କ କମ୍ପାନୀ
ଖାଲି ଜମି, ଚାଷଜମି, ଛାତ ଯେକୌଣସି ସ୍ଥାନରେ ନେଟ୍‌ୱର୍କ ଉପକରଣ ସ୍ଥାପନ କରନ୍ତୁ। ଅଗ୍ରିମ 30-90 ଲକ୍ଷ । ଭଡ଼ା - 30ରୁ 90 ହଜାର। ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଏବଂ ନେଟ୍‌ୱର୍କ ଉପକରଣ ସ୍ଥାପନ + ମାଗଣା ମୋବାଇଲ, ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧାସୁଯୋଗ।
ନାମ ଓ ଠିକଣା ଦିଅନ୍ତୁ ତା'ପରେ ଆମେ ଆପଣଙ୍କୁ ସର୍ଭେ ଫଳାଫଳ ଦେବୁ।
Address:- Head Office G-79 Aadrsh Nagar Krolbagh Delhi
Contact: 8009586581, 8881393751

DOORSANCHAR YOJNA (A GOVT. APPROVED)
ସରକାରୀ ଯୋଜନାରେ ଅନ୍ତର୍ଗତ ଯାନ୍ତ୍ରିକ ଉପକରଣ ଗୁଡିକ ନିଜର ପ୍ଲଟ୍, କ୍ଷେତ, ଛାତ ଉପରେ ଶତ ପ୍ରତିଶତ ଗ୍ୟାରେଣ୍ଟେଡ୍ ଶୀଘ୍ର ଲଗାନ୍ତୁ
ଭଡା- ୧୨୦୦୦୦/- + ଆଡଭାନ୍ସ- ୧ କୋଟି ୨୦ ଲକ୍ଷ + କୋର୍ଟ ଏଗ୍ରିମେଣ୍ଟ
୨ ଚାକିରୀ + ରହିବା + ଖାଇବା Free
Office No.413, Commercial Complex, Paschim Vihar, New Delhi-64
08076675193 08700152155

ASHOKA FINANCE
ଫାଇନାନ୍ସ
ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୧୩୮୦ରେ (୧-୯୦ ଲକ୍ଷ) ପର୍ଯ୍ୟନ୍ତ ୦% ସୁଧ, ୬୦% ରିହାତି। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ରାଶନକାର୍ଡ, ଆଧାର କାର୍ଡ ସମସ୍ତ ଋଣ ୪୮ ଘଣ୍ଟାରେ।
H-33, Aroda, G. Noida, Delhi
8743042068 7900883466

ଅଳ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠ୍‌କରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765 8512004851

FINANCE
ନବରାତ୍ର ଋଣ ଧମାକା । ଭାରତର ସବୁଠାରୁ ବଡ କମ୍ପାନୀ Kuber Finance ୧୨ଘଣ୍ଟା ମଧ୍ୟରେ ଯୋଗାଇ ଦେଉଛି 2% ବାର୍ଷିକ ସୁଧରେ ମାର୍କଶିଟ, ଆଧାରକାର୍ଡ, ପ୍ରପର୍ଟି, ବ୍ୟବସାୟ, ପ୍ରୋଜେକ୍ଟ ଋଣ । ମହିଳା ଓ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର 50% ରିହାତି । ଅନଲାଇନ ଠକେଇ ପ୍ରତି ସାବଧାନ।
9634685376 7895118679

ଫାଇନାନ୍ସ
ଓଡ଼ିଶା ଫାଇନାନ୍ସ ଭାରତୀୟ ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ସରକାରୀ ଜନକଲ୍ୟାଣ ଯୋଜନା ଦ୍ୱାରା ସବୁ ପ୍ରକାର ଋଣ ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ, କୃଷି, ରାଶନକାର୍ଡ ସମସ୍ତ ଋଣ ୪୦% ସବ୍‌ସିଡି, ୨% ସୁଧ। (ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ)
9193648143 9193648156
Koharaulia, Liladewa, Sonbhadra Yogichaura, Uttar Pradesh, 231222

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ।
Stockist-Odisha Drug Distributor
Cell: 7873239883

ଠକମାନଙ୍କ ପ୍ରତି ସାବଧାନ
ନଂ.1 Govt. Approved Vision Group ଦ୍ୱାରା ଆପଣଙ୍କ ଖାଲି ଜମି, ପ୍ଲଟ୍‌ରେ ଡିଜିଟାଲ ଉପକରଣ ଲଗାନ୍ତୁ ମାତ୍ର 7 ଦିନରେ ଏବଂ ପାଆନ୍ତୁ: ଭଡ଼ା- 60,000/-, ଅଗ୍ରିମ- 45 ଲକ୍ଷ। ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ।
ପୂଜା ବର୍ମା
7526990563
A-65 - Anoop Nagar, Block-A, Bindapur, Indore

Ambujha Group
Govt. Registered Gold Medalist
କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, ପ୍ଲଟ୍‌ରେ ସବୁ କମ୍ପାନୀର ଡିଜିଟାଲ୍ ଉପକରଣ ଲଗାନ୍ତୁ। ଅଗ୍ରିମ ୨୦ ଲକ୍ଷ, ଭଡ଼ା - 45,000/- + ବାଇକ୍ ଓ ଅନ୍ୟାନ୍ୟ ସୁବିଧା ପାଆନ୍ତୁ ।
9671892171 7060089488
WZ-94B, TF, Gali No.3, Guru Nanak Nagar, Delhi

FINANCE
କମ ସୁଧ ଆକର୍ଷଣୀୟ ଛାଡ
Maa mangalam Finance
ସମସ୍ତ ଋଣ ୩ରୁ ୬ ଦିନ ମଧ୍ୟରେ ଘରେ ବସି ପାଆନ୍ତୁ । ଉଦ୍ୟୋଗ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ ଋଣ ଉପଲବ୍ଧ । ୩୦ହଜାର ପର୍ଯ୍ୟନ୍ତ ମହିଳାଙ୍କ ଗ୍ରାହକଙ୍କ ପାଇଁ ବିଶେଷ ଛାଡ । (ସର୍ତ୍ତାବଳୀ ଲାଗୁ)
E-36, Ground Floor, Krishna Apartment Boring Rd, Patna-24
9546657102

SMS JOB
କମ୍ପାନୀରେ SMS JOB କରି Part/Full Time ଘରେବସି ଶିକ୍ଷିତ ବେରୋଜଗାର ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+Laptop+ Bike + ୫୦୦୦୦ର ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
09631847145 09006905977

FINANCE
ଭାରତ ସରକାର ରେଜିଷ୍ଟର୍ଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ୍, ବିଜ୍‌ନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି ବିଦ୍ୟାର୍ଥୀ ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର।
ଅଧିକ ବିବରଣୀ ପାଇଁ ସମ୍ପର୍କ କରନ୍ତୁ
31 UA, Bangalow Road, Kamla Nagar, New Delhi
7751976559

FINANCE
P.M.J.S.Y ସମସ୍ତ ଆଧାରକାର୍ଡ ଧାରକମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ ସୁଧରେ ସବୁ ପ୍ରକାର ଋଣ ଯୋଗାଇ ଦେଉଛି । ଋଣ ପଇସା ୪୮ ଘଣ୍ଟା ଭିତରେ ବ୍ୟାଙ୍କ ଆଉଣ୍ଟ ଖାତାରେ ଟ୍ରାନ୍ସଫର ହେବ । 30% ସବସିଡି ।
Ameerpt, Hyderabad Pin- 5000106 (Telengana)
7787922501 7787907927
pmjansamridhi@gmail.com

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ- 7991052261 7991052595


| TARIFF | For Single Day | | For 7 Days | | For 15 Days | | For 30Days | | |
|---|---|---|---|---|---|---|---|---|---|
| MORE SPACE • SAME PRICE | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | * GST 5% Extra |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |


LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603 7064382081

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7750921669 8337956019

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ। ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ୍, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ।
DHANLAXMI FINANCE
Ram Nagar, Narnel, Haryana
7310612716 7310613702

!! ବିନା ଗ୍ୟାରେଣ୍ଟର!!
ମହାବୀର ଫାଇନାନ୍ସ
ସ୍ୱରୋଜଗାର ପାଇଁ ଅଷ୍ଟମ/ଦଶମ ପାସ୍ ମହିଳା / ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ, 25% ରିହାତି
20 ବର୍ଷରେ ଫେରସ୍ତ
7292015349 8447083534
41/14, SECTOR-1, PUSHP VIHAR, DELHI-110017


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।